୫୬ତମ ବର୍ଷ ୨୪ ଏପ୍ରିଲ ୨୦୧୩ ଦ୍ୱିତୀୟ ସଂଖ୍ୟା

# ନବଜ୍ୟୋତି

ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣାଙ୍ଗ ଓ ପ୍ରଗତିଶୀଳ ଅଧ୍ୟାତ୍ମ ଜୀବନ-ଦୃଷ୍ଟି ଦ୍ୱାରା ପ୍ରେରିତ
ଯୋଗ, ସମାଜ, ଶିକ୍ଷା ଓ ସଂସ୍କୃତି ସମ୍ବନ୍ଧୀୟ ତ୍ରୈମାସିକ ପତ୍ରିକା ।

ପ୍ରେରଣା : ଶ୍ରୀ ରାମକୃଷ୍ଣ ଦାସ ପ୍ରତିଷ୍ଠାତା : ଶ୍ରୀ ପ୍ରପତ୍ତି
ସଂପାଦକ : ଶ୍ରୀ ବିଶ୍ୱମ୍ଭର ସାମନ୍ତ

**ପ୍ରତି ସଂଖ୍ୟା : ୧୫ ଟଙ୍କା, ବାର୍ଷିକ ଚାନ୍ଦା : ୬୦ ଟଙ୍କା, ଆଜୀବନ ସଭ୍ୟଚାନ୍ଦା (୨୦ ବର୍ଷ) : ୬୦୦ ଟଙ୍କା**

# ସୂଚୀପତ୍ର

[ନବଜ୍ୟୋତି • ଏପ୍ରିଲ, ୨୦୧୩]


**ଯୋଗ-ଦର୍ଶନ**

| | | | | |
|---|---|---|---|---|
| ଭାରତରେ ଶ୍ରୀମାଙ୍କ ପଦାର୍ପଣ | ... | ... | ... | ୫ |
| କର୍ମଯୋଗ | ... | ଶ୍ରୀଅରବିନ୍ଦ | ... | ୭ |
| ଆନ୍ତର ଏକାଗ୍ରତା ଓ ବାହ୍ୟ କର୍ମ | ... | ଶ୍ରୀମା | ... | ୮ |
| କର୍ମର ଆନନ୍ଦ | ... | ଶ୍ରୀଅରବିନ୍ଦ | ... | ୧୦ |
| ନିଃସ୍ୱାର୍ଥ କର୍ମ ଓ ଆରୋଗ୍ୟ | ... | ଶ୍ରୀମା | ... | ୧୩ |
| କର୍ମ, ଧ୍ୟାନ ଓ ଭକ୍ତି | ... | ଶ୍ରୀଅରବିନ୍ଦ | ... | ୧୫ |
| କର୍ମରେ ଏକାଗ୍ରତା | ... | ଶ୍ରୀମା | ... | ୧୭ |
| କର୍ମହିଁ ଅନୁଭୂତିର ପାଠଶାଳା | ... | ଶ୍ରୀମା | ... | ୧୮ |

**ସଂସ୍କୃତି-କଳା-ସାହିତ୍ୟ-ବିଜ୍ଞାନ**

| | | | | |
|---|---|---|---|---|
| ବନ୍ଦେ ମାତରମ୍ | ... | ଶ୍ରୀଅରବିନ୍ଦ | ... | ୨୧ |
| ୟୁରୋପୀୟ ଟ୍ରାଜେଡ଼ି ଓ ଭାରତୀୟ କରୁଣରସ | ... | ଶ୍ରୀ ନଳିନୀକାନ୍ତ ଗୁପ୍ତ | ... | ୨୬ |
| ସ୍ୱର୍ଗଶୁନୀ ସରମା (୧) | ... | ଶ୍ରୀଅରବିନ୍ଦ | ... | ୩୦ |
| ମାନବଜୀବନ ଓ ସମାଜରେ ପୂର୍ଣ୍ଣଯୋଗର ପୂର୍ଣ୍ଣାଙ୍ଗ ପ୍ରୟୋଗ (୨) | ... | ଶ୍ରୀପତି ଦାସ | ... | ୩୫ |
| ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣଯୋଗର ପବିତ୍ର ସାଧନାପୀଠ – ପାଠଚକ୍ର | ... | ଶ୍ରୀ ବିମଳ ପ୍ରସନ୍ନ ଦାସ | ... | ୩୮ |

**ଜୀବନୀ ଓ ସ୍ମୃତିଚାରଣ**

| | | | | |
|---|---|---|---|---|
| ପଣ୍ଡିଚେରୀ : 'ତପସ୍ୟାର ଗୁହା' | ... | ... | ... | ୪୧ |

**ସାଧନା ପରମ୍ପରା**

| | | | | |
|---|---|---|---|---|
| ରାଗାନୁଗାଭକ୍ତି ଓ ଶ୍ରୀଚୈତନ୍ୟ (୪) | ... | ... | ... | ୪୫ |

**ଅନ୍ତରାଳ ଜଗତ୍**

| | | | | |
|---|---|---|---|---|
| ବାରଟି ଇନ୍ଦ୍ରିୟ | ... | ଶ୍ରୀମା | ... | ୫୧ |

| | | | | |
|---|---|---|---|---|
| **ସମ୍ପାଦକୀୟ** | ... | ... | ... | ୫୪ |


❖

## ବିଷୟଗୁଡ଼ିକର ମୂଳଗ୍ରନ୍ଥ ସୂଚନା

ପୃ : ୭, (Bulletin, April. 2007, p. 38); ପୃ : ୮-୯, (M.C.W. Vol. 7, pp. 68 - 69); ପୃ : ୧୩ - ୧୪ (C.W.M. Vol. 15, pp.121 - 124); ପୃ : ୧୫, (Bulletin, August. 2002, p. 32); ପୃ : ୧୭ (M.C.W. Vol. 5, pp.125 - 127); ପୃ : ୧୮-୨୦, (M.C.W. Vol - 7 - page - 287 - 290); ପୃ : ୫୧-୫୩, (M.C.W.. Vol. 4, pp.234 - 239)

We must face life as a whole, with all the ugliness, falsehood and cruelty it still contains, but we must take care to discover in ourselves the source of all goodness, all beauty, all light and all truth, in order to bring this source consciously into contact with the world so as to transform it.

This is infinitely more difficult than running away or shutting our eyes so as not to see, but it is the only truly effective way – the way of those who are truly strong and pure and capable of manifesting the Truth.

(MCW. Vol. 12, p. 243) – The Mother

ଆମକୁ ସମଗ୍ରଭାବେ ଜୀବନର ସମ୍ମୁଖୀନ ହେବାକୁ ହେବ, ତାହା ଭିତରେ ତଥାପି ଯାହାକିଛି କୁତ୍ସିତତା, ମିଥ୍ୟାଚାର ଓ ନିଷ୍ଠୁରତା ରହିଛି ସେସବୁର ସମ୍ମୁଖୀନ ହେବାକୁ ହେବ, କିନ୍ତୁ ଆମ ନିଜ ଭିତରେ ସମସ୍ତ ମଙ୍ଗଳର, ସମସ୍ତ ସୁନ୍ଦରର, ସମସ୍ତ ଆଲୋକ ଓ ସତ୍ୟର ଯେଉଁ ଉତ୍ସ ରହିଛି ତାହାର ଆବିଷ୍କାର ପାଇଁ ଆମକୁ ଯତ୍ନ ନେବାକୁ ହେବ, ଯାହା ଫଳରେ ଆମେ ସଚେତ ଭାବରେ ଏହି ଉତ୍ସଟିକୁ ଜଗତ୍ ସହିତ ସମ୍ବନ୍ଧିତ କରି ରଖିପାରିବା ତା'ର ରୂପାନ୍ତର ନିମନ୍ତେ ।

ପଳାୟନ କରିବା ବା ଏଗୁଡ଼ିକୁ ନ ଦେଖିବା ପାଇଁ ଆଖି ବନ୍ଦ କରିଦେବା ଅପେକ୍ଷା ଏହା ଅନନ୍ତ ଗୁଣରେ ଅଧିକ କଷ୍ଟସାଧ, କିନ୍ତୁ ଏହା ହେଉଛି ଏକମାତ୍ର ଯଥାର୍ଥ ଫଳପ୍ରଦ ଉପାୟ – ସେହିମାନଙ୍କ ପାଇଁ ଉଦ୍ଦିଷ୍ଟ ଏକ ଉପାୟ, ଯେଉଁମାନେ ଦୃଢ଼ ଓ ଶୁଦ୍ଧ ଏବଂ ଦିବ୍ୟ-ସତ୍ୟକୁ ଅଭିବ୍ୟକ୍ତ କରିବା ପାଇଁ ସମର୍ଥ ।

– ଶ୍ରୀମା

No path of yoga is so easy and to imagine that by leaving the world and plunging inside oneself one automatically shuffles off the vital and external nature is an illusion. If I ask you to develope equanimity and egolessness by work done with opening to the Divine, it is because it is so that I did it and it is so that it can best be done and not by retiring into oneself and shutting oneself away from all that can disturb equanimity and excite the ego.

– Sri Aurobindo

ଯୋଗର କୌଣସି ପଥ ଏତେ ସହଜ ନୁହେଁ ଏବଂ କେହି ଯଦି ଏପରି କଳ୍ପନା କରେ ଯେ ପୃଥିବୀକୁ ପରିତ୍ୟାଗ କରି ନିଜ ଭିତରେ ନିମଗ୍ନ ହୋଇଯିବା ଦ୍ୱାରା ଆପଣାଛାଏଁ ପ୍ରାଣ ଓ ବାହ୍ୟ ପ୍ରକୃତିକୁ ଜଣେ ଏଡ଼ାଇ ଯାଇପାରିବ ତେବେ ତାହା ଏକ ଭ୍ରମ । ମୁଁ ଯଦି ତୁମକୁ ଭଗବାନଙ୍କ ପ୍ରତି ନିଜକୁ ଖୋଲିଦେଇ କର୍ମ କରିବା ଦ୍ୱାରା ସମତା ଓ ଅହଂଶୂନ୍ୟତାର ବିକାଶ-ସାଧନ ପାଇଁ କହୁଥାଏ, ତାହାର କାରଣ ହେଉଛି ମୁଁ ନିଜେ ତାହାହିଁ କରିଥିଲି ଓ ସେହି ବାଟରେହିଁ ଏହା ସର୍ବୋତ୍ତମ ଭାବରେ ସମ୍ପନ୍ନ ହୋଇଥାଏ । ନିଜ ଭିତରକୁ ନିଜକୁ ପ୍ରତ୍ୟାହାର କରିନେଇ ଯାହା କିଛି ସମତାରେ ବାଧା ଉପୁଜାଇପାରେ ଓ ଅହଂକୁ ଉତ୍ତେଜିତ କରିପାରେ ସେସବୁଥିରୁ ନିଜକୁ ଦୂରେଇ ନିବୁଜ କରି ରଖିବା ଏଥିପାଇଁ ବାଟ ନୁହେଁ ।

— ଶ୍ରୀଅରବିନ୍ଦ



# ଭାରତରେ ଶ୍ରୀମାଙ୍କ ପଦାର୍ପଣ

**ମାର୍ଚ୍ଚ ୨୯, ୧୯୧୪**

୧୯୧୪ ମାର୍ଚ୍ଚ ୬ ତାରିଖରେ ଶ୍ରୀମା ପଣ୍ଡିଚେରୀ ଅଭିମୁଖରେ ପାରିସ୍ ଛାଡ଼ିଲେ । ଜାପାନୀ ଜାହାଜ 'କାଗାମାରୁ'ରେ ସେ ଆସିଥିଲେ ଭାରତ । କଲମ୍ବୋରେ ଓହ୍ଲାଇ 'ତାଲୁଇମାନ୍ନାର' ପ୍ରଣାଳୀ ପାର ହୋଇ ସେ ପହଞ୍ଚିଲେ ଧନୁଷ୍କୋଟିରେ ଏବଂ ସେଠାରୁ ଟ୍ରେନ୍ ଧରି ମାର୍ଚ୍ଚ ୨୯ ତାରିଖରେ ତତ୍‌କାଳୀନ ଫରାସୀ-ଭାରତ ଅନ୍ତର୍ଗତ ପଣ୍ଡିଚେରୀରେ ପଦାର୍ପଣ କଲେ ।

*

**ମା'ଙ୍କର ଏକ ଅନୁଭୂତି :**

ପଣ୍ଡିଚେରୀ ଆସିବା ପୂର୍ବରୁ ମା' ନିଜର ଏକ ଅନୁଭୂତି ସମ୍ପର୍କରେ କହିଥିଲେ,

''ମୋର ଏଗାର ଓ ତେର ବର୍ଷ ବୟସ ଭିତରେ କ୍ରମାଗତଭାବେ କେତେକ ଚୈତ୍ୟ ଓ ଆଧ୍ୟାତ୍ମିକ ଅନୁଭୂତି ଆସି ମୋ ଆଗରେ କେବଳ ଯେ ଭଗବାନଙ୍କ ଅସ୍ତିତ୍ୱକୁ ସ୍ପଷ୍ଟଭାବରେ ପ୍ରକାଶ କରିଦେଲା ଖାଲି ସେତିକି ନୁହେଁ, ଏହା ମଧ୍ୟ ମୋ ଭିତରେ ଏହି ଉପଲବ୍ଧି ଆଣି ଦେଇଥିଲା ଯେ ମଣିଷ ଭିତରେ ଭଗବାନଙ୍କ ସଙ୍ଗେ ଯୁକ୍ତ ଓ ମିଳିତ ହେବାର, ନିଜ ଚେତନା ଓ କର୍ମରେ ତାଙ୍କୁ ପୂର୍ଣ୍ଣାଙ୍ଗରୂପେ ଉପଲବ୍ଧି କରିବାର ଓ ଏକ ଦିବ୍ୟଜୀବନ ଭିତରେ ତାଙ୍କୁ ଏହି ପୃଥିବୀପୃଷ୍ଠରେ ଅଭିବ୍ୟକ୍ତ କରିବାର ସମସ୍ତ ସମ୍ଭାବନା ରହିଛି । ମୋର ଶରୀର ନିଦ୍ରାଯିବା ସମୟରେ, ଏହି ଉପଲବ୍ଧି ଓ ଏହା ସଙ୍ଗରେ ଏହାକୁ ପୂର୍ଣ୍ଣ ଓ ସାର୍ଥକ କରିବା ପାଇଁ ଏକ ବାସ୍ତବ ସାଧନାର ଧାରା ମୋତେ ପ୍ରାପ୍ତ ହୋଇଥିଲା ବିଭିନ୍ନ ଗୁରୁଙ୍କଠାରୁ, ଯେଉଁମାନଙ୍କ ଭିତରୁ କେତେକଙ୍କୁ ମୁଁ ପରେ ସ୍ଥୂଳ ଦୈହିକ ସ୍ତରରେ ଭେଟିଥିଲି ।

ପରବର୍ତ୍ତୀ ସମୟରେ ଏହି ସତ୍ତାମାନଙ୍କ ଭିତରୁ ଜଣକଙ୍କ ସଙ୍ଗରେ ମୋର ଏକ ଚୈତ୍ୟ ଓ ଆଧ୍ୟାତ୍ମିକ ସମ୍ବନ୍ଧ ଅଧିକରୁ ଅଧିକ ସ୍ପଷ୍ଟ ହୋଇଥିଲା ଓ ତାହା ବାରଂବାର ଘଟୁଥିଲା । ତାଙ୍କୁ ମୁଁ କୃଷ୍ଣ ବୋଲି ସମ୍ବୋଧନ କରିବା ପାଇଁ ମୋ ଭିତରୁ ଏକ ପ୍ରେରଣା ଆସିଥିଲା । ସେହି ସମୟରେ ମୁଁ ସଚେତ ହୋଇଥିଲି ଯେ ତାଙ୍କ ସଙ୍ଗେ ଏକତ୍ର ମିଳିତ ହୋଇ (ମୁଁ ଜାଣିଥିଲି ଯେ ନିଶ୍ଚୟ ଦିନେ ନା ଦିନେ ପୃଥିବୀପୃଷ୍ଠରେ ତାଙ୍କ ସଙ୍ଗେ ସାକ୍ଷାତ୍ ହେବ) ସେହି ଦିବ୍ୟକର୍ମଟି ସଂପନ୍ନ ହେବ ।

*

**ଶ୍ରୀଅରବିନ୍ଦଙ୍କ ସଙ୍ଗେ ସାକ୍ଷାତ୍ :**

୧୯୧୪ ମାର୍ଚ୍ଚ ୨୯ ତାରିଖ ଅପରାହ୍ଣରେ, '୩୭, ର୍ୟୁ ଫ୍ରାସୁଁଆ ମାର୍ଟାଁଆଁ' ଷ୍ଟ୍ରିଟ୍ ସ୍ଥିତ ପୁରାତନ ଗେଷ୍ଟ ହାଉସ୍‌ରେ ଦୋତାଲାରେ ଶ୍ରୀମା ଶ୍ରୀଅରବିନ୍ଦଙ୍କୁ ସାକ୍ଷାତ୍ କରିଥିଲେ । ମା'ଙ୍କ କଥାରେ, ''ଶ୍ରୀଅରବିନ୍ଦଙ୍କୁ ଦେଖିବା ସଙ୍ଗେ ସଙ୍ଗେ ମୁଁ ଚିହ୍ନି ପାରିଲି ଯେ ସେହିଁ ହେଉଛନ୍ତି ମୋର ସେହି ସୁପରିଚିତ ଦିବ୍ୟସତ୍ତା ଯାହାଙ୍କୁ ମୁଁ କୃଷ୍ଣ ବୋଲି କହୁଥିଲି । ...ଭାରତରେ ତାଙ୍କ ସାନ୍ନିଧ୍ୟରେହିଁ ମୋର ସ୍ଥାନ ଓ କର୍ମ ବୋଲି ମୋର ଯେଉଁ ପୂର୍ଣ୍ଣ ହୃଦ୍‌ବୋଧ ହୋଇଥିଲା ତାହା ବ୍ୟାଖ୍ୟା କରିବା ପାଇଁ ଏତିକିହିଁ ଯଥେଷ୍ଟ ।''

*

**ମା'ଙ୍କ ଦିନଲିପିରୁ ଦୁଇଟି ଉଦ୍ଧୃତାଂଶ :**

**ମାର୍ଚ୍ଚ ୩୦, ୧୯୧୪**

... ଶତ ଶତ ଜୀବ ଯଦି ଗାଢ଼ତମ ଅଜ୍ଞାନ ମଧ୍ୟରେ ବୁଡ଼ି ରହିଥାଆନ୍ତି, ସେଥିରେ କିଛି ଯାଏ ଆସେ ନାହିଁ । କାଲି ମୁଁ ଯାହାଙ୍କୁ ଦେଖିଲି ସେ ପୃଥିବୀ ଉପରେ ବିଦ୍ୟମାନ । ତାଙ୍କର ଉପସ୍ଥିତିହିଁ ଯଥେଷ୍ଟ ପ୍ରମାଣ ଯେ ଏପରି ଏକ ଦିନ ଆସିବ ଯେତେବେଳେ ଅନ୍ଧକାର ଆଲୋକରେ ରୂପାନ୍ତରିତ ହେବ, ତୁମର ରାଜତ୍ୱ ଯଥାର୍ଥରେ ପୃଥିବୀ ଉପରେ ପ୍ରତିଷ୍ଠିତ ହେବ ।

ହେ ଭଗବାନ୍, ଏହି ଅତ୍ୟାଶ୍ଚର୍ଯ୍ୟର ଦିବ୍ୟସ୍ରଷ୍ଟା, ଯେବେ ମୁଁ ଏହି ଚିନ୍ତାକରେ, ଆନନ୍ଦ ଓ କୃତଜ୍ଞତାରେ ମୋର ହୃଦୟ ପରିପ୍ଳୁତ ହୋଇଯାଏ – ଆଶା ମୋର ଅସୀମ ହୋଇଉଠେ ।

ହେ ପ୍ରଭୁ, ମୋର ଆରାଧନା ସକଳ ବାକ୍ୟର ଅତୀତ, ନିର୍ବାକ୍ ମୋର ପୂଜା ।

**ଅପ୍ରେଲ ୩, ୧୯୧୪**

ହୃଦୟ ମୋର ଅସୀମ କୃତଜ୍ଞତାରେ ଭରିଉଠିଛି, ମନେ

ହେଉଛି, ଯାହା ସକାଶେ ଏତେଦିନ ଅନ୍ୱେଷଣ କରୁଥିଲି, ଅବଶେଷରେ ତାହାର ଦ୍ୱାରଦେଶରେ ଆଜି ଉପସ୍ଥିତ ହୋଇଛି ।

*

### ମା' ସ୍ମରଣ କରନ୍ତି :

ଶ୍ରୀଅରବିନ୍ଦଙ୍କୁ ଭେଟିବାର ବହୁ ବର୍ଷ ପୂର୍ବରୁ, ସଚେତ ଯୋଗ କରିବାର ୧୦/୧୨ ବର୍ଷ ପୂର୍ବରୁ ମୁଁ ଦୁଇଟି ବିପଦ ବିଷୟରେ ସଚେତ ଥିଲି : ଗୋଟିଏ ବିପଦ ହେଉଛି ଭଗବାନଙ୍କ ଛଦ୍ମରୂପ ଧାରଣ କରିଥିବା ଅସୁରମାନଙ୍କ ଭିତରୁ କାହାକୁ ଭଗବାନ୍ ବୋଲି ଗ୍ରହଣ କରିବା ଏବଂ ଅନ୍ୟ ବିପଦଟି ହେଉଛି ନିମ୍ନପ୍ରକୃତିର ଗତିବୃତ୍ତିଗୁଡ଼ିକୁ ଊର୍ଦ୍ଧ୍ୱରୁ ଆସୁଥିବା ପ୍ରେରଣା ବୋଲି ଭୁଲ୍ କରିବା ।

*

.... ତା'ପରେ ମୁଁ ଯେତେବେଳେ ଶ୍ରୀଅରବିନ୍ଦଙ୍କୁ ଭେଟିଲି ସେତେବେଳେ ସଙ୍ଗେ ସଙ୍ଗେ ଜାଣିଗଲି ଏ ହେଉଛନ୍ତି ସେ, ସ୍ୱୟଂ ଭଗବାନ୍, ଏବଂ ତାଙ୍କ ପାଖରେ ମୁଁ ନିଜକୁ ପୂର୍ଣ୍ଣଭାବରେ ସମର୍ପଣ କରିଦେଲି, ମୋର ସମଗ୍ର ସତ୍ତା ଏଥିରେ ପୂର୍ଣ୍ଣ ସମ୍ମତି ପ୍ରଦାନ କଲା ...ତା'ପରଠାରୁ ଶ୍ରୀଅରବିନ୍ଦ ଯାହା କହୁଥିଲେ, ସାମାନ୍ୟତମ ସନ୍ଦେହ, ପ୍ରଶ୍ନ ବା ଦ୍ୱିଧା ନ ରଖି ମୁଁ ତାହା ଗ୍ରହଣ କରି ନେଉଥିଲି ।

*

ମୁଁ ଯେତେବେଳେ ପ୍ରଥମ ଥର ପାଇଁ ଶ୍ରୀଅରବିନ୍ଦଙ୍କୁ ପଣ୍ଡିଚେରୀରେ ଭେଟିଥିଲି, ସେତେବେଳେ ମୁଁ ଗଭୀର ଧ୍ୟାନରେ ରହିଥିଲି, ବସ୍ତୁସବୁକୁ ଦେଖୁଥିଲି ଅତିମାନସରେ, ଯେଉଁ ବସ୍ତୁଗୁଡ଼ିକ ବାସ୍ତବରେ ରୂପ ନେବା କଥା କିନ୍ତୁ କୌଣସି କାରଣବଶତଃ ସେଗୁଡ଼ିକ ଏଠାରେ ଅଭିବ୍ୟକ୍ତ ହୋଇପାରୁ ନାହାନ୍ତି । ମୁଁ ଯାହା ଦେଖୁଥିଲି ତାହା ଶ୍ରୀଅରବିନ୍ଦଙ୍କୁ ଜଣାଇଲି ଏବଂ ତାଙ୍କୁ ପଚାରିଲି ସେଗୁଡ଼ିକ ବାସ୍ତବରେ ଅଭିବ୍ୟକ୍ତ ହେବେ କି ? ସେ ସହଜଭାବରେ କହିଲେ, 'ହଁ', ଏବଂ ତତ୍‌କ୍ଷଣାତ୍ ସଙ୍ଗେ ସଙ୍ଗେ ମୁଁ ଦେଖିଲି ଯେ ଅତିମାନସ ସତ୍ୟ ପୃଥିବୀକୁ ସ୍ପର୍ଶ କଲା ଏବଂ ତାହାର ଉପଲବ୍ଧି ଆରମ୍ଭ ହୋଇଗଲା । ଯାହା ସତ୍ୟ ତାହାକୁ ବାସ୍ତବରେ ପରିଣତ କରିବାର ଶକ୍ତିକୁ ମୁଁ ଦେଖିଲି ପ୍ରଥମ ଥର ପାଇଁ ।

*

ଏହାର ଅନେକ ବର୍ଷ ପରେ କେତେକ ଶିଷ୍ୟଙ୍କ ସଙ୍ଗେ କଥୋପକଥନ ବେଳେ ମା' ତାଙ୍କର କାମରେ ୨୯ ମାର୍ଚ୍ଚର ଯେଉଁ ଗଭୀର ତାତ୍ପର୍ଯ୍ୟ ରହିଛି ତାହାର ଆଉ ଏକ ସ୍ତର ବିଷୟରେ ସ୍ପଷ୍ଟ କରିଦେଲେ ।

### ମାର୍ଚ୍ଚ ୩୦, ୧୯୭୨

''ଗତକାଲି (ମାର୍ଚ୍ଚ ୨୯, ୧୯୭୨) ମୁଁ ଏଠାକୁ ପ୍ରଥମ ଥର ପାଇଁ ଆସିବାର ୫୮ବର୍ଷ ପୂରିଗଲା । ଗତ ୫୮ବର୍ଷ ଧରି ମୁଁ ସେହି ସତ୍ୟଟି ପାଇଁ କାମ କରୁଛି ଯେପରିକି ଶରୀର ଯେତେ ଅଧିକ ସମ୍ଭବ ସ୍ୱଚ୍ଛ ଓ ଜଡ଼ହୀନ ହୋଇଉଠିବ, ଅନ୍ୟ କଥାରେ ଅବତରଣ କରୁଥିବା ଦିବ୍ୟଶକ୍ତିର କ୍ରିୟାରେ ତାହା ଯେପରି କୌଣସି ବାଧା ସୃଷ୍ଟି ନ କରେ ।

ବର୍ତ୍ତମାନ, ବର୍ତ୍ତମାନ ଏହାହିଁ ହେଉଛି ସେହି ଶରୀର, ସ୍ୱୟଂ ଶରୀର ତା'ର ସମସ୍ତ ଦେହକୋଷ ଦେଇ ଏହାହିଁ ଚାହୁଁଛି । ଏହା ଯେ ନିଜର ଅସ୍ତିତ୍ୱକୁ ବଜାୟ ରଖିଛି ଏହାହିଁ ତା'ର ଏକମାତ୍ର କାରଣ । ଏହା ଚେଷ୍ଟାକରୁଛି, ପୃଥିବୀପୃଷ୍ଠରେ ଏପରି ଏକ ବିଶୁଦ୍ଧ, ସ୍ୱଚ୍ଛ, ଅମ୍ଳାନ ଉପାଦାନର ସିଦ୍ଧି ପାଇଁ ଚେଷ୍ଟା କରୁଛି ଯାହାକି କୌଣସି ବିରୂପ ବା ବିକୃତି ବିନା ଦିବ୍ୟଶକ୍ତିକୁ ଅବାଧରେ କ୍ରିୟା କରିବା ପାଇଁ ଛାଡ଼ିଦେବ ।

*

### ଶ୍ରୀଅରବିନ୍ଦଙ୍କ ମନ୍ତବ୍ୟ :

ଅନେକ ବର୍ଷ ପରେ ଜଣେ ସାଧକ ଶ୍ରୀଅରବିନ୍ଦଙ୍କୁ ପଚାରିଥିଲେ, ''ଆପଣଙ୍କୁ ଦେଖିବା ପରେ ମା' ଯାହା ଅନୁଭବ କରିଥିଲେ ତାହା ସେ ତାଙ୍କ 'ଧ୍ୟାନ ଓ ପ୍ରାର୍ଥନା'ରେ ଉଲ୍ଲେଖ କରିଛନ୍ତି । କିନ୍ତୁ ଆପଣ ମା'ଙ୍କୁ ଦେଖିବା ପରେ ଆପଣଙ୍କ ଭିତରେ କେଉଁ ଭାବର ଉଦ୍ରେକ ହୋଇଥିଲା ?''

**ଶ୍ରୀଅରବିନ୍ଦ** : ପ୍ରଥମଥର ପାଇଁ ମୁଁ ଜାଣିପାରିଲି ଯେ ଶେଷ ଦେହକୋଷଟି ପର୍ଯ୍ୟନ୍ତ ମାନୁଷୀ ଭାବରେ ପୂର୍ଣ୍ଣ ସମର୍ପଣ ସମ୍ଭବପର । ଯେତେବେଳେ ମା' ଆସିଲେ ଓ ମସ୍ତକ ଅବନତ କରି ପ୍ରଣାମ କଲେ, ମୁଁ ଦେଖିପାରିଲି କର୍ମ ଭିତର ଦେଇ କିପରି ପୂର୍ଣ୍ଣ ଓ ନିଃଶେଷ ସମର୍ପଣ କରିବାକୁ ହୁଏ ।

# କର୍ମଯୋଗ

## ଶ୍ରୀଅରବିନ୍ଦ

ଆମ ଭିତରେ ଥିବା ଭଗବାନଙ୍କ ସହ, ଆମ ଚତୁଃପାର୍ଶ୍ୱରେ ରହିଥିବା ବିଶ୍ୱମୟଙ୍କ ସହ ଓ ଆମର ଊର୍ଦ୍ଧ୍ୱରେ ଥିବା ବିଶ୍ୱାତୀତଙ୍କ ସହ ଏକ ନିବିଡ଼ ଐକ୍ୟ ଓ ଗଭୀର ସଂଯୋଗ ସ୍ଥାପନ କରି କର୍ମ କରିବା ଏବଂ ପୃଥକତାର ଭାବ ଆଣି ଦେଉଥିବା ଓ ମାନୁଷୀ ମନର ବନ୍ଦିଗୃହରେ ଆଉ ଆବଦ୍ଧ ହୋଇ ନ ରହିବା ଏବଂ ସେହି ମନର ଅଜ୍ଞାନମୟ ଆଦେଶ ଓ ସଂକୀର୍ଣ୍ଣ ପ୍ରସ୍ତାବନାସବୁର ଆଜ୍ଞାବହ କ୍ରୀତଦାସ ହୋଇ ନ ରହିବା – ଏହାହିଁ କର୍ମଯୋଗ ।

ଏକ ଭଗବତ୍ ଆଦେଶ, ଏକ ଶାଶ୍ୱତ ସଂକଳ୍ପ, ବିଶ୍ୱାତୀତ ପ୍ରେରଣାରେ ଦୀକ୍ଷିତ ଏକ ବିଶ୍ୱଗତ ପ୍ରବୃତ୍ତିର ଏକାନ୍ତ ଅନୁଗତ ରହି କର୍ମ କରିବା, ନିଜର ଅହଂ, ଚାହିଦା, ଆବେଗ ଓ କାମନା-ବାସନାର ଚାବୁକ ଆଘାତରେ ଇତସ୍ତତଃ ଧାବିତ ନ ହେବା, ମାନସିକ, ପ୍ରାଣିକ ଓ ଦୈହିକ ନାନା ପସନ୍ଦ ଅପସନ୍ଦର ଅଙ୍କୁଶ ତାଡ଼ନାରେ ଶାସିତ ନ ହୋଇ କେବଳ ଭଗବାନଙ୍କ ଦ୍ୱାରା ଓ କେବଳ ସର୍ବୋଚ୍ଚ ସତ୍ୟ ଦ୍ୱାରାହିଁ ଚାଳିତ ହେବା– ଏହାହିଁ କର୍ମଯୋଗ ।

ମାନୁଷୀ ଅଜ୍ଞାନତା ଭିତରେ ଆଉ ନୁହେଁ, ଭଗବତ୍ ଦିବ୍ୟଜ୍ଞାନ ଭିତରେହିଁ ବାସ କରିବା ଓ କର୍ମ କରିବା, ବ୍ୟକ୍ତି-ପ୍ରକୃତି ଓ ବିଶ୍ୱଶକ୍ତି ସମ୍ପର୍କରେ ଜ୍ଞାନଲାଭପୂର୍ବକ ସଚେତ ରହି ବିଶ୍ୱାତୀତଙ୍କ ଶାସନ ଓ ଚାଳନା ପ୍ରତି ଗ୍ରହଣଶୀଳ ଓ ଉତ୍ତରକ୍ଷମ ହେବା– ଏହାହିଁ କର୍ମଯୋଗ ।

ଏକ ଦିବ୍ୟ, ଅନନ୍ତ ଓ ଜ୍ୟୋତିର୍ମୟ ବିଶ୍ୱଚେତନାରେ ବାସ କରିବା ଓ କର୍ମ କରିବା ଏବଂ ଯାହା ବିଶ୍ୱଗତ ସତ୍ୟଠାରୁ ଆହୁରି ଅଧିକ, ସେଥିପ୍ରତି ନିଜକୁ ଖୋଲିଦେବା ଏବଂ ଅନ୍ଧକାର ଓ ସଂକୀର୍ଣ୍ଣତା ଭିତରେ ଆଉ ଅଣ୍ଡାଳି ହୋଇ ଝୁଣ୍ଟି ନ ପଡ଼ିବା– ଏହାହିଁ କର୍ମଯୋଗ ।

ତିଷ୍ଠି ରହିଥିବା କ୍ଷୁଦ୍ର ସଂକୀର୍ଣ୍ଣତା ଦେଖି ଯେ ବିଚଳିତ ଓ କ୍ଳାନ୍ତ ହୋଇପଡ଼ନ୍ତି, ଭବିଷ୍ୟତର ବିପୁଳ ସମ୍ଭାବନା ଦେଖି ଯେ ମୁଗ୍ଧ ଓ ଚକିତ ହୋଇଉଠନ୍ତି, ଯେ ମୁହୂର୍ତ୍ତକ ପାଇଁ ମଧ୍ୟ ନିଜ ଭିତରେ ବା ଚତୁଃପାର୍ଶ୍ୱରେ ବା ଊର୍ଦ୍ଧ୍ୱରେ ବିରାଜମାନ ଦିବ୍ୟପରମଙ୍କ ଦର୍ଶନ ଲାଭ କରିଛନ୍ତି, ସେ ଏହି ଆହ୍ୱାନ ଶୁଣନ୍ତୁ, ସେ ଏହି ପଥର ଅନୁସରଣ କରନ୍ତୁ । ଏହି ପଥ ନିଶ୍ଚୟ ଦୁର୍ଗମ, ଆୟାସସାଧ୍ୟ ଓ ଶ୍ରମସାପେକ୍ଷ, ଦୁରୂହ ଓ ଦୀର୍ଘ କିନ୍ତୁ ଏହାର ପୁରସ୍କାର ହେଉଛି ଏକ ଅକଳ୍ପନୀୟ ଗୌରବରେ, ଏକ ଅତଳ ଆନନ୍ଦ, ପରମ ତୃପ୍ତି ଓ ଅନ୍ତହୀନ ବ୍ୟାପ୍ତିରେ ବାସ କରିବା ।

ସନ୍ଧାନ କର ତୁମ ନିଜ ଭିତରେ ଗୋପନ ହୋଇ ରହିଥିବା ବା ଏକ ପାର୍ଥିବ ଶରୀର ଗ୍ରହଣ କରିଥିବା ସେହି ଦିବ୍ୟଗୁରୁ ଓ ପଥପ୍ରଦର୍ଶକଙ୍କର, ତାଙ୍କର କଣ୍ଠନିସୃତ ବାଣୀ ଶ୍ରବଣ କର, ଏବଂ ନିତ୍ୟ-ନିରନ୍ତର ସେ ନିର୍ଦ୍ଦେଶ କରୁଥିବା ପଥର ଅନୁସରଣ କର । ପଥ ଶେଷରେ ରହିଛି ସେହି ଦିବ୍ୟ ଆଲୋକ ଯାହା କେବେ ବି ବ୍ୟର୍ଥ ହୁଏ ନାହିଁ, ସେହି ଦିବ୍ୟସତ୍ୟ ଯାହା କେବେ ବି ବଞ୍ଚନା କରେ ନାହିଁ, ସେହି ଦିବ୍ୟଶକ୍ତି ଯାହା କେବେହେଲେ ଇତସ୍ତତଃ ହୁଏ ନାହିଁ ବା ଝୁଣ୍ଟିପଡ଼େ ନାହିଁ, ପଥ ଶେଷରେ ରହିଛି ମୁକ୍ତିର ସେହି ବିପୁଳ ପ୍ରସାର ଓ ଅନିର୍ବଚନୀୟ ଅପରୂପ ପରମ ସୌନ୍ଦର୍ଯ୍ୟ, ପରମ ଆନନ୍ଦ ।

ଊର୍ଦ୍ଧ୍ୱରେ ରହିଥିବା ଦିବ୍ୟଲୋକସବୁ ଅତୀବ ମହାନ୍ ଓ ବିସ୍ମୟକର କିନ୍ତୁ ତୁମ ଭିତରେ ରହିଥିବା ଦିବ୍ୟଲୋକଗୁଡ଼ିକ ଆହୁରି ଅଧିକ ମହାନ୍ ଏବଂ ଆହୁରି ଅଧିକ ବିସ୍ମୟକର । ଦିବ୍ୟକର୍ମୀ ପାଇଁ ଏହି ଦିବ୍ୟ ନନ୍ଦନକାନନହିଁ ଅପେକ୍ଷା କରି ରହିଛି । ❖

# ଆନ୍ତର ଏକାଗ୍ରତା ଓ ବାହ୍ୟ କର୍ମ

## ଶ୍ରୀମା

*ପ୍ରଶ୍ନ : ମା' ଅନେକ ସମୟରେ ଆନ୍ତର ଚେତନାର ପ୍ରଚେଷ୍ଟାସବୁ ବାହ୍ୟ କର୍ମ ଭିତରେ ନଷ୍ଟ ଓ ଇତସ୍ତତଃ ବିକ୍ଷିପ୍ତ ହୋଇପଡ଼େ ।*

ଶ୍ରୀମା : ବାହ୍ୟ କର୍ମରେ ସକ୍ରିୟ ଭାଗ ନେଲାବେଳେ ଭିତରର ଏକାଗ୍ରତାକୁ କିପରି ରକ୍ଷାକରିବ ?... ଏହା ବିଶେଷ କଷ୍ଟକର ହେବା ଉଚିତ ନୁହେଁ । ପ୍ରକୃତରେ ଏହା ବିଶେଷ କଷ୍ଟକର ହେବା ଉଚିତ ନୁହେଁ । ମୋ' ପାଇଁ ଯାହା କଷ୍ଟକର ମନେହୁଏ ତା' ହେଉଛି ଏହି ଆନ୍ତର ଚେତନାର ଗଭୀର ଏକାଗ୍ରତାକୁ ରଖି ନ ପାରିବା, ଏହାଠାରୁ ନିଜକୁ ପୃଥକ୍ କରି ନେଇପାରିବା, ଏହା ବରଂ ମୋତେ ଅସମ୍ଭବ କିଛି ବୋଲି ମନେହୁଏ । ତୁମେ ନିଜ ଭିତରେ ଯେତେବେଳେ ଏହି ଜିନିଷଟିକୁ ଧରିନେଇ ପାରିଛ, ନିଜକୁ ତା'ଠାରୁ ପୃଥକ୍ କରି ନେଇପାରିବ କିପରି ? ତୁମର ଯଦି ଥରେ ଏହି ଅନୁଭୂତି ହୋଇଥିବ, ତୁମ ପାଇଁ ଏହା ଯଦି ଏକ ବାସ୍ତବ ସତ୍ୟ ହୋଇଥିବ; ଏହି ଚେତନା, ଚୈତ୍ୟସତ୍ତା ସଙ୍ଗେ ଏହି ଆନ୍ତର ମିଳନ, ଏହି ଚେତନା ଓ ଅଭୀପ୍ସାର ଏହି ନିବିଡ଼ତା, ନିରନ୍ତର ଦେଦୀପ୍ୟମାନ ଏହି ଜ୍ୟୋତିଃଶିଖାର ଅନୁଭୂତି ଯଦି ପାଇଥିବ ତେବେ ତୁମେ ଯେକୌଣସି କାମ କରନା କାହିଁକି, ଏହା କେବେହେଲେ ନିର୍ବାପିତ ହେବ ନାହିଁ, ଏହା ସବୁବେଳେ ସେହିପରି ଦେଦୀପ୍ୟମାନ ହୋଇ ରହିଥିବ ।

ମୋର ମନେହୁଏ ଥରେ ଏହାର ଅନୁଭୂତି ପାଇଲେ ଏହାଠାରୁ ନିଜକୁ ଅଲଗା କରିବା ପାଇଁ ତୁମକୁ ଏକ ଦ୍ୱାର ବନ୍ଦ କରିବାକୁ ପଡ଼ିବ, ଏହା ଉପରେ ଇଚ୍ଛାକୃତ ଭାବରେ ତୁମର ଚେତନାର ଦରଜାକୁ ବନ୍ଦକରିଦେଇ କହିବାକୁ ପଡ଼ିବ, ''ଏ ସମ୍ପର୍କରେ ମୋର ଆଉ କୌଣସି ଆଗ୍ରହ ନାହିଁ ।'' କିନ୍ତୁ ଯଦି ପ୍ରକୃତରେ ଏହା ସହିତ ସଂଯୋଗ ରଖି ଚାଲିବା ପାଇଁ ତୁମର ସଂକଳ୍ପ ରହିଥାଏ ତେବେ ମୁଁ ମନେକରୁ ନାହିଁ ଏହା ଅତ୍ୟନ୍ତ କଷ୍ଟକର କିଛି । ମୋତେ ଲାଗେ ବରଂ ଏହାକୁ ଦୂରେଇ ନେବାକୁ ହେଲେ ତୁମକୁ ଏହା ଆଡ଼କୁ ପୂରା ପଛକରି, ପିଠି ବୁଲାଇ ଚାଲି ଆସିବା ପାଇଁ ରୀତିମତ ସଂକଳ୍ପ କରିବାକୁ ହେବ; ତା' ନ ହେଲେ ଏହା ସବୁବେଳେ ରହିଛି, ସବୁକିଛିର ପଶ୍ଚାତରେ ନିରନ୍ତର ନିତ୍ୟ ବିରାଜମାନ ହୋଇ ରହିଛି । ବରଂ ଅନ୍ୟପକ୍ଷରେ ତୁମେ ଯଦି ଏପରି ଅଭ୍ୟାସ କରିଥାଅ ଯେ କୌଣସି କାମ କରିବାବେଳେ, କୌଣସି କଥା କହିବାବେଳେ, କୌଣସି ଗତିବୃତ୍ତି ଆରମ୍ଭ କରିବାବେଳେ ଯଦି ବରାବର ଏହି ଆନ୍ତର ଚେତନାକୁ ତୁମେ ଜଣାଉଥିବ ଏବଂ ତାହାର ଅନୁମୋଦନ ଓ ସମର୍ଥନ ବିନା କୌଣସି କାମ କରିବାକୁ ସକ୍ଷମ ହେବ ନାହିଁ, ତେବେ ଏହି ଚେତନା ବରାବର ପଛରେ ରହି ତୁମକୁ କହିଦେଉଥିବ ଯେ ''ହଁ, ଏହି ଭାବରେ କାମଟି କରିବା ଉଚିତ ସେ ଭାବରେ ନୁହେଁ, ଅମୁକ କାମଟି କରିବା ଉଚିତ ଅନ୍ୟଟି ନୁହେଁ ।'' ତା'ଠାରୁ ଏହିପରି ନିର୍ଦ୍ଦିଷ୍ଟ ସୂଚନା ନ ପାଇଲେ ତୁମେ ଯଦି କୌଣସି କାମ କରିବାକୁ ଅକ୍ଷମ ହେବାର ଅଭ୍ୟାସ କରିଥାଅ ତା'ହେଲେ ତୁମେ ଏହି ଚେତନାକୁ ଛାଡ଼ିଦେଇ କେବେହେଲେ ରହିପାରିବ ନାହିଁ, ଏହା ବିନା ତୁମର ଜୀବନଧାରଣ ମଧ୍ୟ କଷ୍ଟକର ହେବ ।

କେତେକ ଲୋକ, ଯେହେତୁ ଏହି ଚେତନା ସେମାନଙ୍କୁ ହଇରାଣ କରୁଛି ବୋଲି ଭାବନ୍ତି, ସେମାନଙ୍କର ନାନାବିଧ ପ୍ରବୃତ୍ତି ଉପରେ ଏହା ସଂଯମ ଆଣି ଦେଉଛି ବୋଲି ମନେକରନ୍ତି ଏବଂ ଏହା ହାତରୁ ଅବ୍ୟାହତି ପାଇ ନିଜ ଆଚରଣରେ ପୂର୍ଣ୍ଣ ମୁକ୍ତ ଓ ସ୍ୱାଧୀନ ହେବାକୁ (ସେମାନେ ଯାହାକୁ କହନ୍ତି ସ୍ୱାଧୀନତା) ପସନ୍ଦ କରନ୍ତି, ସେମାନେ ଜାଣିଶୁଣି ଇଚ୍ଛାକୃତ ଭାବରେ ଏହାର ମୁଖ ବନ୍ଦ କରିଦେବା ପାଇଁ ଏହା ଉପରେ ଦରଜାର କବାଟ ସଜୋରେ ବନ୍ଦ କରି ଦିଅନ୍ତି । ତେଣୁ ଏହା ସ୍ୱାଭାବିକ ଯେ ଥରେ ଏହି ଚେତନାର ଦ୍ୱାର ବନ୍ଦ କରିଦେଲେ, ତାହା ବନ୍ଦ ହୋଇ ରୁହେ ଓ ତୁମେ ନିତାନ୍ତ ଦୁର୍ବଳ, ଉପରଠାଉରିଆ, ସଂକୀର୍ଣ୍ଣ, ଅଜ୍ଞ ଓ ନିର୍ବୋଧ ହୋଇପଡ଼ । ଏହିଭଳି ହୋଇ ରହିବା ପାଇଁ ସହ୍ୟ କରିବ କିପରି ? ମୋର ମନେହୁଏ, ଏପରି କ୍ଷେତ୍ରରେ ସଙ୍ଗେ ସଙ୍ଗେ ତୁମର ସ୍ୱତଃସ୍ଫୂର୍ତ୍ତ ପ୍ରବୃତ୍ତି ହେବା ଉଚିତ ପାଦେ ପଛକୁ ଫେରିଯାଇ ତୁରନ୍ତ ସେହି ଦରଜାକୁ ଖୋଲିଦେବା ଏବଂ ପୁଣିଥରେ ସେହି ଆନ୍ତର ଚେତନା ସଙ୍ଗେ ସମ୍ପର୍କ ସ୍ଥାପନ କରି କହିବା, ''ନା, ନା, ମୁଁ ଏପରି ଅବସ୍ଥା ଚାହେଁ ନାହିଁ, ଅଜ୍ଞତାର ଏହି ଭୟଙ୍କର ଅବସ୍ଥା ମୋ' ପାଇଁ ଅସହ୍ୟ''– କାରଣ ଅନ୍ତଶ୍ଚେତନାରୁ ବିଚ୍ଛିନ୍ନ ସେପରି ଅବସ୍ଥାରେ ତୁମେ ଏପରିକି ଜାଣିପାରିବ ନାହିଁ ତୁମର କ'ଣ କହିବା ଉଚିତ,

କ'ଣ ନ କହିବା ଉଚିତ, କେଉଁଠାକୁ ଯିବା ଉଚିତ, କେଉଁଠାକୁ ନ ଯିବା ଉଚିତ, କୌଣସି କିଛି ସଂପର୍କରେ ତୁମର କୌଣସି ଉଚିତ ଅନୁଚିତ ଜ୍ଞାନ ରହେ ନାହିଁ, ତୁମେ ରହିଥାଅ ଏକ ଅଞ୍ଜ ଖାପଛଡ଼ା ଅବସ୍ଥାରେ । ଏହା ଏକ ଭୟଙ୍କର ଅବସ୍ଥା । କିନ୍ତୁ ଯେତେବେଳେ ଦରଜାଟି ଖୋଲିଯାଏ ସେତେବେଳେ ତୁମେ ତୁମ ପଛରେ ସେହି ଚେତନାର ଉପସ୍ଥିତି ଅନୁଭବ କର । ସେତେବେଳେ ପ୍ରତିଟି ମୁହୂର୍ତ୍ତ ଆରାମପ୍ରଦ ଓ ତୃପ୍ତିକର ହୁଏ, ମନେହୁଏ ସତେଯେପରି ତୁମର ପୃଷ୍ଠ ଭରା ଦେଇଛି ଏକ ବିପୁଳ ଆଲୋକ, ଏକ ବିପୁଳ ଚେତନା ଉପରେ । ଲାଗେ, ''ଆଃ ବର୍ତ୍ତମାନ ଆମେ ଠିକ୍ ଜାଗାରେ ଅଛୁ, ଆମେ ନିଶ୍ଚିତ ଭାବରେ ଜାଣିପାରୁଛୁ ଅମୁକ କାମଟି କରିବା ଉଚିତ, ଅମୁକ କଥାଟି କହିବା ଉଚିତ, ଅମୁକ ଗତିବୃତ୍ତିଟି ଆରମ୍ଭ କରିବା ଉଚିତ... ... ଇତ୍ୟାଦି ।'' ସେତେବେଳେ ତୁମେ ଆରାମ ଓ ତୃପ୍ତି ଅନୁଭବ କର , ଶାନ୍ତ ହୋଇଯାଅ, ଆଉ କୌଣସି ବେଦନା, ସମସ୍ୟା ଓ ଅସ୍ଥିର ଉଦ୍‌ବେଗ ନ ଥାଏ । ଯାହା କରିବାକୁ ଚାହଁ ତାହା ସମ୍ପନ୍ନ କର, ଲୋକମାନେ ତାହା ଠିକ୍ ଭାବରେ ଗ୍ରହଣ କଲେ କି ନାହିଁ ସେଇଟା ତାଙ୍କର ସମସ୍ୟା, କିନ୍ତୁ ତୁମ ନିଜ ପାଇଁ ତାହା ବେଶ୍ ଏକ ତୃପ୍ତିକର, ଆରାମପ୍ରଦ ଅବସ୍ଥା ।

ଏବଂ ଏକଥା ମନେରଖ ଯେ ମୁଁ ତୁମକୁ ଏସବୁ କଥା କହୁଛି କାରଣ ତୁମର ସେହି ଦରଜାର ଦ୍ୱାର ଖୋଲିଦେବା ପାଇଁ ମୁଁ ସବୁଠୁ ବେଶୀ ଯତ୍ନ ନେଉଛି, ତୁମ ସମସ୍ତଙ୍କ ଭିତରେ ଏହା ଖୋଲିଦେବା ପାଇଁ ମୋର ଗଭୀର ପ୍ରଯତ୍ନ ରହିଛି, ତୁମ ତରଫରୁ କେବଳ ଏଥିପାଇଁ ଟିକେ ସହଯୋଗ ଲୋଡ଼ା, ତୁମ ନିଜ ଭିତରେ ଏଥିପାଇଁ ସାମାନ୍ୟ ଟିକେ ଏକାଗ୍ର ହେବା ବାଞ୍ଛନୀୟ । ତା'ହେଲେ ତୁମକୁ ଆଉ ସେହି ବନ୍ଦ ଦରଜାର ରୁଦ୍ଧ ଦ୍ୱାର ଆଗରେ ଦୀର୍ଘକାଳ ବିତାଇବାକୁ ପଡ଼ିବ ନାହିଁ, ଯେଉଁ ଦ୍ୱାର ଖୋଲୁ ନାହିଁ ଓ ଯାହାକୁ ଖୋଲିବାର ଚାବି ତୁମ ପାଖରେ ନାହିଁ ଏବଂ ତାହା କିପରି ଖୋଲିବାକୁ ହୁଏ ତାହା ତୁମେ ଜାଣି ନାହଁ । ଅନେକ ସମୟରେ ସେହି ରୁଦ୍ଧ ଦ୍ୱାର ଆଗରେ ଅପେକ୍ଷା କରି ଘଣ୍ଟା ଘଣ୍ଟା, ଦିନ ଦିନ, ମାସ ମାସ ବା ବର୍ଷ ବର୍ଷ ବିତିଯାଏ, ଏବଂ ତୁମେ ଜାଣ ନାହିଁ କ'ଣ କରିବାକୁ ହେବ ।

ତୁମମାନଙ୍କ ପାଇଁ ଅବସ୍ଥାଟା ସେପରି ନୁହେଁ ।

ଦ୍ୱାର ଖୋଲା ରହିଛି, କେବଳ ସେ ଦିଗରେ ତୁମର ଦୃଷ୍ଟି ଫେରାଇବାକୁ ପଡ଼ିବ । ଯେପରି ସେଥିପ୍ରତି ପୃଷ୍ଠ ପ୍ରଦର୍ଶନ ନକର ।

ବାସ୍, ସେତିକି ! ❖

## କର୍ମ ସମ୍ପର୍କରେ କେତେକ ମନ୍ତବ୍ୟ

ଯେତେବେଳେ କାମଟି କରାଯାଉଥାଏ, କେବଳ ସେତିକିବେଳେ ସେବିଷୟରେ ଚିନ୍ତାକର, ତା' ପୂର୍ବରୁ ନୁହେଁ କି ପରେ ନୁହେଁ ।

କାମଟିଏ ଶେଷ ହୋଇଗଲା ପରେ ତୁମ ମନକୁ ଆଉ ସେଥିପ୍ରତି ଫେରାଅ ନାହିଁ । ଏହା ଅତୀତର ବିଷୟ ହୋଇଯାଏ ଏବଂ ପୁଣି ଥରେ ତାହାକୁ ନିଜ ବିଚାର ବା ଆଚରଣର ବିଷୟ କରିବା ହେଉଛି ଶକ୍ତିର ଅପଚୟ ।

ଆଗକୁ କରିବାକୁ ଥିବା କୌଣସି କାମ ବିଷୟରେ ମଧ୍ୟ ତୁମ ମନକୁ ବ୍ୟସ୍ତ-ଶ୍ରାନ୍ତ କର ନାହିଁ । ତୁମ ଭିତରେ ଯେଉଁ ଶକ୍ତି କାମ କରୁଛି ତାହାହିଁ ତା'ର ନିଜର ଯଥା ସମୟରେ ସେବିଷୟ ପ୍ରତି ଦୃଷ୍ଟିଦେବ ।

ମନର ଏହି ଦୁଇ ଧରଣର ଅଭ୍ୟାସ ହେଉଛି ଏକ ଅତୀତର ଜିନିଷ ଯାହାକୁ ଦୂର କରିଦେବା ପାଇଁ ରୂପାନ୍ତରକାରୀ ଶକ୍ତି ଚାପ ଦେଉଛି ଏବଂ ଦୈହିକ ମନ ସେହି ଅତୀତ ଜିନିଷରେ ଲାଗି ରହିବାହିଁ ହେଉଛି ତୁମ ଶ୍ରାନ୍ତି ଓ କ୍ଲାନ୍ତିର କାରଣ । ତୁମେ ଯଦି ଏହା ମନେ ରଖିପାରିବ ଯେ ତୁମ ମନକୁ କେବଳ ସେତିକିବେଳେ କାମ କରିବା ପାଇଁ ଛାଡ଼ିଦେବ ଯେତେବେଳେ ଏହାର କ୍ରିୟାର ଆବଶ୍ୟକତା ରହିଥାଏ, ସେତେବେଳେ ଏହି ଚାପଜନିତ କ୍ଲାନ୍ତି କମିଯିବ ଓ ଦୂର ହୋଇଯିବ । ଅବଶ୍ୟ ଏହା ହେଉଛି ଏକ ମଧ୍ୟବର୍ତ୍ତୀକାଳୀନ ଗତିବୃତ୍ତି ଏବଂ ଦୈହିକ ମନକୁ ଅତିମାନସ ଅଧିକାର କରି ତା' ଭିତରକୁ ଦିବ୍ୟ ଆଲୋକର ସ୍ୱତଃସ୍ଫୁର୍ତ୍ତ କ୍ରିୟା ଆଣିବା ପୂର୍ବରୁ ଏହିପରି ଘଟିଥାଏ ।

(ବୁଲେଟିନ୍, ନଭେମ୍ବର - ୨୦୦୮, ପୃ. ୪୯) — ଶ୍ରୀଅରବିନ୍ଦ

# କର୍ମର ଆନନ୍ଦ

## ଶ୍ରୀଅରବିନ୍ଦ

ତୁମ କର୍ମରେ ସବୁବେଳେ ଏହି ତିନୋଟି ବିଷୟ ରହିଥାଏ : ପ୍ରଭୁ, କର୍ମୀ ଓ ଯନ୍ତ୍ର । ନିଜ ଭିତରେ ଏଗୁଡ଼ିକର ଯଥାର୍ଥ ସଂଜ୍ଞା ନିର୍ଣ୍ଣୟ କରିବା ଏବଂ ସେଗୁଡ଼ିକୁ ଠିକ୍ ଭାବରେ ଅଧିଗତ କରିବା ହେଉଛି କର୍ମ ତଥା କର୍ମର ଆନନ୍ଦର ଗୋପନ ରହସ୍ୟ ।

ପ୍ରଥମେ ତୁମକୁ ଶିଖିବାକୁ ହେବ ଭଗବାନଙ୍କର ଯନ୍ତ୍ର ହେବା ପାଇଁ ଏବଂ ତୁମ ପ୍ରଭୁଙ୍କୁ ଗ୍ରହଣ କରିନେବା ପାଇଁ । ତୁମେ ଯାହାକୁ ତୁମେ ନିଜେ ବୋଲି କୁହ ସେହି ବାହ୍ୟ ଜିନିଷଟି ହେଉଛି ଯନ୍ତ୍ର, ଏହା ହେଉଛି ମନର ଏକ ଢାଞ୍ଚା, ପ୍ରାଣମୟ ଏକ ଶକ୍ତି-ପ୍ରବେଗ, ଆକାର ଥିବା ଏକ ଯନ୍ତ୍ରପାତି, ସ୍ପ୍ରିଙ୍ଗ୍, ପେଚ, ଚକଦାନ୍ତୀ ଆଦି ନାନା କଳକବ୍‌ଜା ଓ କାରିଗରୀ କୌଶଳରେ ପୂର୍ଣ୍ଣ ଏକ ବସ୍ତୁ । ଏହାକୁ ଦିବ୍ୟକର୍ମୀ ବା ପ୍ରଭୁ ବୋଲି କୁହ ନାହିଁ, ଏହା କେବେହେଲେ ଦିବ୍ୟକର୍ମୀ ବା ପ୍ରଭୁ ହୋଇପାରିବ ନାହିଁ । ନିଜକୁ ବିନୀତ ଭାବରେ ଭଗବାନଙ୍କର ଏକ ଯନ୍ତ୍ର ବୋଲି ମାନିନିଅ, ବିନୀତ ଭାବରେ ତଥାପି ସ୍ୱାଭିମାନ ସହ, ଉତ୍ସର୍ଗ ଓ ଆନୁଗତ୍ୟର ଭାବ ସହ ଏବଂ ଆନନ୍ଦ ମନରେ ନିଜକୁ ତାଙ୍କର ଏକ ଯନ୍ତ୍ର ବୋଲି ଗ୍ରହଣ କର ।

ପ୍ରଭୁଙ୍କର ଏକ ନିଖୁଣ ଯନ୍ତ୍ର ହୋଇ ଉଠିବାଠାରୁ ଆଉ ଅଧିକ ଗର୍ବ ଓ ଗୌରବର କଥା କିଛି ନାହିଁ ।

ପ୍ରଥମେ ଶିଖିବାକୁ ହେବ କିପରି ସର୍ବଦା ପୂରାପୂରି ଆଜ୍ଞାପାଳନ କରିବାକୁ ହୁଏ । ତରବାରି ବାଛେ ନାହିଁ ତାହା କେଉଁଠି ଆଘାତ କରିବ, ତୀର ପଚାରେ ନାହିଁ ତାହା କେଉଁ ଲକ୍ଷ୍ୟ ଦିଗରେ ଚାଳିତ ହେବ, ଯନ୍ତ୍ରର ସ୍ପ୍ରିଙ୍ଗଗୁଡ଼ିକ ଜିଦ୍ କରନ୍ତି ନାହିଁ ସେମାନଙ୍କ କ୍ରିୟା ଫଳରେ କେଉଁ ଧରଣର ବସ୍ତୁର ଉତ୍ପାଦନ ହେବ । ବିଶ୍ୱପ୍ରକୃତିର ଅଭିପ୍ରାୟ ଓ କ୍ରିୟା ଦ୍ୱାରାହିଁ ତାହା ସ୍ଥିରୀକୃତ ହୋଇଥାଏ । ସଚେତ ଯନ୍ତ୍ରଟି ନିଜ ପ୍ରକୃତିର ଶୁଦ୍ଧ ଓ ମୂଳ ସ୍ୱଧର୍ମକୁ ଯେତେ ଅଧିକ ଅନୁଭବ କରିବା ପାଇଁ ଓ ମାନି ଚଳିବା ପାଇଁ ଶିଖିବ, ସେତେ ଅଧିକ ଶୀଘ୍ରହିଁ ତା ଦ୍ୱାରା ସଂପନ୍ନ ହେଉଥିବା କର୍ମ ଆହୁରି ପୂର୍ଣ୍ଣ, ନିଖୁଣ ଓ ତ୍ରୁଟିହୀନ ହୋଇ ଉଠିବ । ସ୍ନାୟବିକ ପ୍ରବୃତ୍ତି-ପ୍ରଣୋଦିତ ପ୍ରାଣଶକ୍ତି ଯଦି ନିଜ ପସନ୍ଦ ଓ ଖିଆଲ ଖୁସି ଅନୁଯାୟୀ କର୍ମ ନିର୍ବାଚନ କରେ, ଯଦି ଶାରୀରିକ ଓ ମାନସିକ ଯନ୍ତ୍ର ବିଦ୍ରୋହ କରେ ତେବେ ତାହାଦ୍ୱାରା ସମସ୍ତ କର୍ମ ନଷ୍ଟଭ୍ରଷ୍ଟ ହୋଇଯିବାହିଁ ସାର ହେବ ।

ତୁମେ ନିଜକୁ ଭଗବାନଙ୍କ ଶ୍ୱାସ-ପ୍ରଶ୍ୱାସରେ ବହିଯିବାକୁ ଛାଡ଼ିଦିଅ ଏବଂ ଝଡ଼ରେ ଉଡୁଥିବା ଏକ ପତ୍ର ପରି ହୋଇଯାଅ, ତାଙ୍କ ହାତରେ ନିଜକୁ ଛାଡ଼ିଦିଅ ଏବଂ ଆଘାତ କରିବା ପାଇଁ ଉଦ୍ୟତ ଏକ ଖଡ୍‌ଗ ପରି ଓ ନିଜ ଲକ୍ଷ୍ୟଭେଦ ପାଇଁ ଛୁଟି ଚାଲୁଥିବା ଏକ ତୀର ପରି ହୋଇଉଠ । ତୁମର ମନ ଯନ୍ତ୍ରପାତିର ଏକ ସ୍ପ୍ରିଂ ପରି ହେଉ ଏବଂ ତୁମର ଶକ୍ତି ଏକ ପିଷ୍ଟନ୍ ପରି କ୍ରିୟା କରୁ; ତୁମର କର୍ମ ହୋଇଉଠୁ ସେହିପରି ଇସ୍ପାତଦୃଢ଼ ଯାହା କୌଣସି ଜିନିଷକୁ ଚୂରିପେଷି ନୂତନ ଆକୃତି ଦେବା ପାଇଁ ତାହା ଉପରେ ବାରବାର କ୍ରିୟା କରିଥାଏ । ତୁମର ବାଣୀ ହୋଇଉଠୁ ନେହି ଉପରେ ହାତୁଡ଼ି-ଆଘାତର ଶବ୍ଦ ପରି ଏବଂ ଇଞ୍ଜିନ୍‌ର ଶ୍ରମାର୍ତ୍ତ କ୍ରନ୍ଦନ ପରି ଓ ରଣଭେରୀର ସେହି ତୂର୍ଯ୍ୟ-ନିନାଦ ପରି ଯାହା ସମଗ୍ର ଅଞ୍ଚଳରେ ଭାଗବତ ଶକ୍ତିର ବିଜୟ ଘୋଷଣା କରୁଥାଏ । ଯେକୌଣସି ବାଟରେ ହେଉ ନା କାହିଁକି ଏକ ଯନ୍ତ୍ର ଭଳି ସେହି କର୍ମ କରିଚାଲ ଯାହା ତୁମ ପାଇଁ ସ୍ୱାଭାବିକ ଓ ଯେଉଁ କର୍ମ ପାଇଁ ତୁମେ ନିଯୁକ୍ତ ହୋଇଛ ।

ରଣଭୂମିର ଲୀଳାରେ ହିଁ ତରବାରିର ଆନନ୍ଦ, ତୀରର ଉଲ୍ଲାସ ସାଇଁ ସାଇଁ ଶବ୍ଦ କରି ଛୁଟି ଚାଲିବାରେ, ମହାଶୂନ୍ୟରେ ଚକାଭଉଁରି କାଟି ଘୂରି ବୁଲିବାରେହିଁ ପୃଥିବୀର ଆନନ୍ଦ, ନିଜର ଜ୍ୟୋତିର୍ମୟ ଐଶ୍ୱର୍ଯ୍ୟ, ଦୀପ୍ତି ଓ ଚିରନ୍ତନ ଗତିରୁହିଁ ସୂର୍ଯ୍ୟ ତା'ର ସମ୍ରାଟସୁଲଭ ଆନନ୍ଦର ଉପଭୋଗ କରିଥାଏ । ହେ ଭଗବାନଙ୍କର ଆତ୍ମସଚେତନ ଯନ୍ତ୍ର ! ତୁମେ ନିଜେ ମଧ ନିୟୋଜିତ ହୋଇଥିବା କର୍ମରୁ ଆନନ୍ଦର ରସ ଆସ୍ୱାଦନ କର ।

ତରବାରି ନିଜେ ଗଢ଼ାହେବା ପାଇଁ ଆବେଦନ ଜଣାଇ ନ ଥିଲା କିଂବା ନିଜ ପ୍ରୟୋଗକାରୀକୁ ଏହା ପ୍ରତିରୋଧ କରେ ନାହିଁ ଅଥବା ଯେତେବେଳେ ଏହା ଭାଙ୍ଗି ତୁଟିଯାଏ ସେଥିପାଇଁ ଏହା ବିଳାପ କରେ ନାହିଁ । ଗଢ଼ିହେବାରେ ଏକ ଆନନ୍ଦ ଅଛି, ବ୍ୟବହୃତ ହେବାରେ ଏକ ଆନନ୍ଦ ଅଛି, ଆଡ଼େଇ ରଖା ହେବାରେ ଏକ ଆନନ୍ଦ ଅଛି ଏବଂ ଭାଙ୍ଗି ଯିବାରେ ମଧ୍ୟ ଏକ ଆନନ୍ଦ ଅଛି । ସମତାର ସେହି ଆନନ୍ଦକୁ ଆବିଷ୍କାର କର ।

ଯେହେତୁ ତୁମେ ଯନ୍ତ୍ରଟିକୁ କର୍ମୀ ଓ ପ୍ରଭୁ ବୋଲି ଭୁଲ୍ କରିଛ ଏବଂ ଯେହେତୁ ନିଜ କାମନାବାସନାର ଅଜ୍ଞାନତାର ବଶବର୍ତ୍ତୀ ହୋଇ, ତୁମ ନିଜର ପସନ୍ଦ ଅନୁଯାୟୀ ଅବସ୍ଥା, ନିଜର ଲାଭାଲାଭ ଓ ଉପଯୋଗିତାକୁ ବାଛି ସ୍ଥିର କରିବାକୁ ବାହାରି ପଡ଼ିଛ, ତେଣୁ ତୁମକୁ ନାନା ଦୁଃଖ, କ୍ଳେଶ ଓ ଯାତନା ଭୋଗ କରିବାକୁ ପଡୁଛି ଏବଂ ବାରବାର ତୁମକୁ ରକ୍ତବର୍ଣ୍ଣ ଉତ୍ତପ୍ତ ନରକର ଅଗ୍ନିକୁଣ୍ଡ ଭିତରେ ପଡ଼ିବାକୁ ହେଉଛି, ବାରବାର ତୁମକୁ ନୂତନ ଜନ୍ମ ନେଇ ନୂତନ ଆକାର ଓ ସ୍ୱଭାବ ଗ୍ରହଣ କରିବାକୁ ପଡୁଛି ଯେପର୍ଯ୍ୟନ୍ତ ତୁମେ ତୁମର ମାନୁଷୀ ଶିକ୍ଷାଲାଭକୁ ପୂରା କରି ନାହଁ । ଏବଂ ଏହା ଏହିପରି ହୋଇ-ଚାଲିଛି କାରଣ ଏହା ତୁମର ଅପରିପକ୍ୱ, ଅସଂପୂର୍ଣ୍ଣ ପ୍ରକୃତି ଭିତରେହିଁ ବିଦ୍ୟମାନ ରହିଛି । ଯେହେତୁ ବିଶ୍ୱ-ପ୍ରକୃତିହିଁ କର୍ମକର୍ତ୍ତ୍ରୀ, ସେ କେଉଁ ଲକ୍ଷ୍ୟ ନେଇ ଏହିପରି କରିଚାଲିଛି ? ତାହାର ସ୍ଥୂଳ ମନ, ପ୍ରାଣ ଓ ଜଡ଼ ଭିତରୁ ଏକ ପୂର୍ଣ୍ଣ ସଚେତ ସତ୍ତାର ଗଠନ ଓ ବିକାଶକୁ ରୂପାୟିତ କରିବାହିଁ ତାହାର ଉଦ୍ଦେଶ୍ୟ ।

*

ପରବର୍ତ୍ତୀ ପଦକ୍ଷେପ ହେଉଛି ନିଜକୁ ଦିବ୍ୟ କର୍ମୀ ବୋଲି ଜାଣ । ତୁମର ପ୍ରକୃତିକୁ କର୍ମୀ ବୋଲି ବୁଝ ଏବଂ ନିଜର ପ୍ରକୃତିକୁ ତଥା ସମଗ୍ର ବିଶ୍ୱପ୍ରକୃତିକୁ ନିଜର ସ୍ୱରୂପ ବୋଲି ଜାଣ ।

ଏହି ପ୍ରକୃତି-ସ୍ୱରୂପ(nature-self) କିଛି ବିଶେଷ ଭାବରେ ତୁମର ନୁହଁ ବା ତାହା ଆଦୌ ସୀମିତ ନୁହେଁ । ତୁମରି ପ୍ରକୃତିହିଁ ଏହି ସୂର୍ଯ୍ୟକୁ, ସମସ୍ତ ସୌର ଜଗତକୁ, ପୃଥିବୀକୁ, ତା'ର ପ୍ରାଣୀମାନଙ୍କୁ, ତୁମକୁ, ତୁମର ସବୁକିଛିକୁ, ତୁମେ ଯାହା ହୋଇଛ ଓ ଯାହାସବୁକୁ ପ୍ରତ୍ୟକ୍ଷ କରୁଛ — ସେସମସ୍ତ କିଛିକୁ ରୂପଦେଇ ଗଢ଼ିଛି । ଏହି ପ୍ରକୃତିହିଁ ତୁମର ମିତ୍ର, ତୁମର ଶତ୍ରୁ, ତୁମର ଜନନୀ ଓ ତୁମର ଭକ୍ଷଣକାରୀ, ତୁମର ପ୍ରେମାସ୍ପଦ ଓ ତୁମର ଉତ୍ପୀଡ଼ନକାରୀ, ତୁମ ଆତ୍ମାର ଭଗିନୀ ଓ ସମ୍ପୂର୍ଣ୍ଣ ପର, ଅପରିଚିତ, ବିଦେଶୀ; ଏହାହିଁ ତୁମର ଆନନ୍ଦ ଓ ତୁମର ଦୁଃଖ-ବେଦନା, ତୁମର ପାପ ଓ ତୁମର ପୁଣ୍ୟ, ତୁମର ସାମର୍ଥ୍ୟ ଓ ତୁମର ଦୁର୍ବଳତା, ତୁମର ଜ୍ଞାନ ଓ ତୁମର ଅଜ୍ଞାନ । ଏବଂ ତଥାପି ଏଥିଭିତରୁ କିଛି ବି ନୁହେଁ; ଏହା ଏପରି କିଛି ଯାହାର ଏଗୁଡ଼ିକ ହେଉଛି ପ୍ରଚେଷ୍ଟା ଓ ଅପୂର୍ଣ୍ଣ ଭାବମୂର୍ତ୍ତି । କାରଣ ଏସବୁର ଊର୍ଦ୍ଧ୍ୱରେ, ଏଗୁଡ଼ିକୁ ଅତିକ୍ରମ କରି ଏକ ମୂଳ ଆତ୍ମଜ୍ଞାନ ରହିଛି ଏବଂ ରହିଛି ଏକ ଅନନ୍ତ ଶକ୍ତି ଏବଂ ଅସଂଖ୍ୟ ଅଗଣିତ ଗୁଣରୂପ ।

କିନ୍ତୁ ତୁମ ଭିତରେ ରୂପାୟିତ ହୋଇଛି ତାହାର ଏକ ବିଶେଷ ଗତିବୃତ୍ତି, ଏକ ଯଥୋପଯୋଗୀ ପ୍ରକୃତି ଏବଂ ବ୍ୟକ୍ତିଗତ ଶକ୍ତି । ଏକ ପ୍ରସାରମୟୀ ନଦୀ ପରି ତାହାର ଅନୁସରଣ କର ଯେତେବେଳେ କି ଏହା ଶେଷରେ ତୁମକୁ ପହୁଞ୍ଚାଇ ଦେବ ତାହାର ଅନନ୍ତ ଆଦିସ୍ରୋତ ଓ ମୂଳ ସ୍ୱରୂପରେ ।

ତେଣୁ ତୁମ ନିଜ ଶରୀରକୁ ଜଡ଼ର ଏକ ଗ୍ରନ୍ଥି ବୋଲି ଓ ତୁମର ମନକୁ ବିଶ୍ୱମନର ଏକ ଘୂର୍ଣ୍ଣି ବୋଲି ଏବଂ ତୁମ ଜୀବନକୁ ଚିରନ୍ତନ ପ୍ରାଣ-ସମୁଦ୍ରର ଏକ ଆବର୍ତ୍ତ ବୋଲି ଜାଣ । ତୁମର ଶକ୍ତିକୁ ଅନ୍ୟ ସମସ୍ତ ସତ୍ତାଙ୍କ ଶକ୍ତି ବୋଲି ଜାଣ, ଏବଂ ତୁମର ଜ୍ଞାନକୁ ସେହି ଆଲୋକର ଏକ ଦ୍ୟୁତି ଓ ଝଲକ ବୋଲି ଜାଣ ଯାହା କୌଣସି ମନୁଷ୍ୟର ଅଧିକାରଭୁକ୍ତ ନୁହେଁ, ଏବଂ ତୁମର କର୍ମକୁ ତୁମ ନିଜ ପାଇଁ ଉଦ୍ଦିଷ୍ଟ ହୋଇଥିବା କର୍ମ ବୋଲି ଜାଣ ତେବେ ନିଜକୁ ଏକ ସ୍ୱତନ୍ତ୍ର ପୃଥକ୍ ବ୍ୟକ୍ତିସତ୍ତା ବୋଲି ମନେ କରିବାର ଭ୍ରାନ୍ତିରୁ ମୁକ୍ତ ହୁଅ ।

ଯେତେବେଳେ ତାହା ସଂପନ୍ନ ହୋଇଯିବ ସେତେବେଳେ ତୁମେ ତୁମ ବ୍ୟକ୍ତିସତ୍ତାର ସତ୍ୟରେ, ତୁମର ସାମର୍ଥ୍ୟରେ, ତୁମର ମହିମାରେ, ତୁମର ସୌନ୍ଦର୍ଯ୍ୟରେ ଓ ତୁମର ଜ୍ଞାନରେ ଏକ ମୁକ୍ତ ଆନନ୍ଦ ଅନୁଭବ କରିବ ଏବଂ ଯଦି ଏଗୁଡ଼ିକରୁ ତୁମେ ବଞ୍ଚିତ ହୁଅ, ତେବେ ମଧ୍ୟ ତହିଁରେ ଆନନ୍ଦ ଅନୁଭବ କରିବ । କାରଣ ଏ ସବୁଗୁଡ଼ିକ ହେଉଛି ସେହି ଦିବ୍ୟ ପୁରୁଷଙ୍କର ନାଟକୀୟ ମୁଖା ଓ ବେଶଭୂଷା ଏବଂ ସେହି ଆତ୍ମଶିଳ୍ପୀଙ୍କର ଆତ୍ମ ଭାବମୂର୍ତ୍ତି ।

ତୁମେ ନିଜକୁ କାହିଁକି ସୀମିତ କରିବ ? ତୁମକୁ ଆଘାତ କରୁଥିବା ଖଡ୍‌ଗ ଭିତରେ ତଥା ଆଲିଙ୍ଗନ କରୁଥିବା ବାହୁ ଭିତରେ ନିଜକୁ ଅନୁଭବ କର, ସୂର୍ଯ୍ୟଙ୍କର ଜାଜ୍ୱଲ୍ୟମାନ ଦୀପ୍ତି ଭିତରେ ଓ ପୃଥିବୀର ଲାସ୍ୟ ଭିତରେ, ଇଗଲର ଉଡ଼ିବା ଭିତରେ ଓ ନାଇଟିଙ୍ଗେଲ୍‌ର ଗାନ ଭିତରେ ନିଜକୁ ଅନୁଭବ କର । ଯାହାକିଛି ଅତୀତ ହୋଇଯାଇଛି ଓ ଯାହାକିଛି ବର୍ତ୍ତମାନ ବିଦ୍ୟମାନ ହୋଇ ରହିଛି ଓ ଯାହାକିଛି ଭବିଷ୍ୟତରେ ରୂପ ନେବାକୁ ଯାଉଛି ସେସବୁ ଭିତରେ ନିଜକୁ ଅନୁଭବ କର । କାରଣ ତୁମେ ହେଉଛ ଅସୀମ ଏବଂ ଏ ସମସ୍ତ ଆନନ୍ଦ ତୁମ ପାଇଁ ସମ୍ଭବପର ।

ଦିବ୍ୟ କର୍ମକର୍ତ୍ତ୍ରୀଙ୍କର ନିଜ କର୍ମର ଆନନ୍ଦ ଥାଏ ଏବଂ ଯାହାଙ୍କ ପାଇଁ ସେ କର୍ମ କରୁ ଥାଆନ୍ତି ତାଙ୍କର ସେହି ପରମ

ପ୍ରେମିକଙ୍କ ଆନନ୍ଦ ହୋଇଉଠେ ତାଙ୍କ ନିଜର ଆନନ୍ଦ । ସେହି ଦେବୀ ନିଜକୁ ଜାଣନ୍ତି ସେହି ପରମ ପୁରୁଷଙ୍କ ଚେତନା ଓ ଶକ୍ତି ରୂପେ, ତାଙ୍କର ଜ୍ଞାନ ଓ ଜ୍ଞାନର ସଂଯମ ରୂପେ, ତାଙ୍କର ଐକ୍ୟ ଓ ତାଙ୍କର ଆତ୍ମ-ବିଭାଜନ ରୂପେ, ତାଙ୍କ ସତ୍ତାର ଅସୀମତା ଓ ସସୀମତା ରୂପେ । ତୁମେ ନିଜକୁ ଏ ସମସ୍ତ କିଛି ବୋଲି ଜାଣ; ତୁମେ ମଧ୍ୟ ତୁମ ଦିବ୍ୟ ପ୍ରେମିକଙ୍କ ଆନନ୍ଦକୁ ଉପଭୋଗ କର ।

ଅନେକେ ଅଛନ୍ତି ଯେଉଁମାନେ ନିଜକୁ ଏକ କର୍ମଶାଳା ବୋଲି ବା ଏକ ଯନ୍ତ୍ର ବୋଲି ବା ତହିଁରେ ତିଆରି ହୋଇଥିବା ଏକ ବସ୍ତୁ ବୋଲି ଜାଣନ୍ତି । କିନ୍ତୁ ସେମାନେ କର୍ମକର୍ତ୍ତାକୁ ଭୁଲ୍ କରନ୍ତି ପ୍ରଭୁ ବୋଲି, ଏହା ମଧ୍ୟ ଏକ ଭୁଲ୍ । ଯେଉଁମାନେ ଏହି ଭୁଲ୍‌ରେ ପଡ଼ନ୍ତି ସେମାନେ ପ୍ରକୃତିର ସେହି ସମୁଚ୍ଚ, ଶୁଦ୍ଧ ଓ ନିଖୁଣ କର୍ମଧାରାକୁ କ୍ୱଚିତ୍ ବୁଝିଥାଆନ୍ତି ।

ଯନ୍ତ୍ର ହେଉଛି ବ୍ୟକ୍ତିରୂପ ନେଇଥିବା ଏକ ସୀମିତ ବସ୍ତୁ, କର୍ମୀ ହେଉଛି ବ୍ୟକ୍ତିଭାବସଂପନ୍ନ ଏକ ବିଶ୍ୱଗତ ସତ୍ୟ, କିନ୍ତୁ ଏଥିଭିତରୁ କେହି ମଧ୍ୟ ପ୍ରଭୁ ନୁହନ୍ତି, କାରଣ କେହି ମଧ୍ୟ ସେହି ଯଥାର୍ଥ ଦିବ୍ୟପୁରୁଷ ନୁହନ୍ତି ।

*

ଶେଷରେ ନିଜକୁ ଜାଣ ସେହି ପ୍ରଭୁଙ୍କ ସ୍ୱରୂପ ବୋଲି, କିନ୍ତୁ ନିଜର ସେହି ଦିବ୍ୟ ଆତ୍ମାକୁ କୌଣସି ଆକୃତି ପ୍ରଦାନ କର ନାହିଁ ଏବଂ ତାହା ପାଇଁ ଗୁଣର କୌଣସି ସଂଜ୍ଞାର ସଂଧାନ କର ନାହିଁ । ସେହି ଦିବ୍ୟ ତତ୍ତ୍ୱଙ୍କ ସଙ୍ଗେ ତୁମ ନିଜ ସତ୍ତାରେ ଏକ ହୋଇଯାଅ, ତୁମ ନିଜ ଚେତନାରେ ତାଙ୍କ ସଙ୍ଗେ ସଂପର୍କଯୁକ୍ତ ହୋଇଯାଅ, ତୁମ ନିଜର ସମସ୍ତ ଶକ୍ତି ଦେଇ ତାଙ୍କର ଆଜ୍ଞା ପାଳନ କର, ତୁମ ନିଜର ଆନନ୍ଦରେ ତାଙ୍କର ଅଧୀନ ଓ ବଶୀଭୂତ ହୋଇଯାଅ ଏବଂ ତାଙ୍କର ଆଲିଙ୍ଗନରେ ଆବଦ୍ଧ ହୁଅ– ନିଜ ଜୀବନରେ, ଶରୀରରେ ଓ ମନରେ ତାଙ୍କୁହିଁ ସାର୍ଥକ ଓ ପରିପୂର୍ଣ୍ଣ କର । ସେତେବେଳେ ଯାଇ ତୁମ ଅନ୍ତରର ଏକ ଉନ୍ମୀଳିତ ଦୃଷ୍ଟି ଆଗରେ ସେହି ଏକମାତ୍ର ଯଥାର୍ଥ ଦିବ୍ୟପୁରୁଷ ଆବିର୍ଭୂତ ହେବେ, ଯେକି ସ୍ୱୟଂ ତୁମେ, ପୁଣି ତୁମେ ନୁହଁ, ଯେକି ବାକି ଅନ୍ୟ ସମସ୍ତ ପୁଣି ଅନ୍ୟ ସମସ୍ତଙ୍କଠାରୁ ଅଧିକ, ଯେକି ତୁମ ସମସ୍ତ କର୍ମର ନିୟନ୍ତା, ନିର୍ଦ୍ଦେଶକ ଓ ତା'ର ଉପଭୋକ୍ତା, ସମସ୍ତ କର୍ମୀ ଓ ଯନ୍ତ୍ରମାନଙ୍କର ପ୍ରଭୁ; ଏହି ବିଶ୍ୱଲୀଳାର ତାଣ୍ଡବ ନୃତ୍ୟରେ କ୍ଷିପ୍ର ପଦସଞ୍ଚାଳନ କରି ତା'ର ଆନନ୍ଦ-ଉଚ୍ଛ୍ୱାସରେ ସେ ମତ୍ତ ରହିଥିଲେ ମଧ୍ୟ ତଥାପି ତୁମ ଆତ୍ମାର ନିଭୃତ ଆନ୍ତର ପ୍ରକୋଷ୍ଠରେ ତୁମ ସଙ୍ଗେ ନୀରବ, ନିଶ୍ଚୁପ ଓ ଏକଲା ହୋଇ ରହିଛନ୍ତି ।

ସେହି ଦିବ୍ୟ ପ୍ରଭୁଙ୍କ ଆନନ୍ଦର ଅଧିକାର ଲାଭ କରିବା ପରେ ତୁମ ପାଇଁ ଆଉ ଜୟ କରିବାର କିଛି ନାହିଁ । କାରଣ ସେ ତୁମ ହାତରେ ଦେଇଦେବେ ସ୍ୱୟଂ ନିଜକୁ ତଥା ବସ୍ତୁସକଳକୁ ଏବଂ ସମସ୍ତ ପ୍ରାଣିକୁଳର ଯାହା କିଛି ପାଇବାର, ରଖିବାର, କାର୍ଯ୍ୟକରିବାର ବା ଭୋଗ କରିବାର ରହିଛି; ତହିଁରେ ତୁମର ନିଜର ଯେତିକି ଯଥାର୍ଥ ଅଂଶ ଓ ଭାଗ ରହିଛି ତାହା ସେ ତୁମକୁ ଦେଇଦେବା ସଙ୍ଗେ ସଙ୍ଗେ ଯାହାକୁ ଭାଗ କରାଯାଇ ପାରିବ ନାହିଁ ତାହା ମଧ୍ୟ ତୁମକୁ ଦେଇଦେବେ । ତୁମେ ତୁମ ସତ୍ତାରେ ଧାରଣ ଓ ଅନ୍ତର୍ଗତ କରି ରଖିବ ନିଜକୁ ଓ ବାକି ଅନ୍ୟ ସକଳଙ୍କୁ ଏବଂ ତୁମେ ଯାହା ହୋଇଉଠିବ ତାହା କେବଳ ତୁମେ ନୁହଁ ବା ଅନ୍ୟ ସକଳ ନୁହନ୍ତି । କର୍ମର ଏହାହିଁ ହେଉଛି ପରମ ପୂର୍ଣ୍ଣତାଲାଭ ଓ ଚୂଡ଼ାନ୍ତ ପରାକାଷ୍ଠା । ❖

ଠିକ୍ ବାଟଟି ହେଉଛି ଏହା ଅନୁଭବ କରିବା ଯେ କାମଟି ମା'ଙ୍କର – କେବଳ ତୁମ କାମ ନୁହେଁ; ଅନ୍ୟମାନଙ୍କର କାମ ମଧ୍ୟ – ଏବଂ ତାହାକୁ ଏପରି ଏକ ଭାବ ବା ଉତ୍ସାହ ନେଇକରି ଚାଳିବା ଯାହା ଏକ ସାର୍ବିକ ସୁସଂଗତି ଓ ସୁସମଞ୍ଜସତା ଆଣିଦେବ ।

– ଶ୍ରୀଅରବିନ୍ଦ

# ନିଃସ୍ୱାର୍ଥ କର୍ମ ଓ ଆରୋଗ୍ୟ

## ଶ୍ରୀମା

*ପ୍ରଶ୍ନ : ଆମେ ଖୁବ୍ ଆଳସ୍ୟ ବା ଅନିଚ୍ଛୁକତା ଅନୁଭବ କରୁଥିଲେ ମଧ କାମଟିକୁ କରିଚାଲିବା ଅଧିକ ଶ୍ରେୟସ୍କର ନୁହେଁ କି ?*

ଶ୍ରୀମା : ଏହା କାମଟି ଉପରେ ନିର୍ଭର କରେ; ଆମେ ଏଠାରେ ଆଉ ଏକ ପ୍ରସଙ୍ଗର ଜଗତରେ ପ୍ରବେଶ କରୁଛେ । ଯଦି ବ୍ୟକ୍ତିଗତଭାବେ ନିଜ ପାଇଁ ନୁହେଁ ସମଷ୍ଟି ପାଇଁ ତୁମେ କାମଟି କରୁଥାଅ, ତା'ହେଲେ ତୁମେ ତାହା ନିଶ୍ଚୟ କରି ଚାଲିବା ଉଚିତ ଯାହାବି ହେଉନା କାହିଁକି । ଏହା ଏକ ପ୍ରାଥମିକ ଶୃଙ୍ଖଳା । ତୁମେ ଏହି କାମଟି କରିବା ପାଇଁ ଦାୟିତ୍ୱ ଗ୍ରହଣ କରିଛ ବା ତୁମକୁ କାମଟି ଦିଆଯାଇଛି ଏବଂ ତୁମେ ତାହା ଗ୍ରହଣ କରିଛ, ସେ କ୍ଷେତ୍ରରେ ତୁମେ ତାହା କରିଚାଲିବା ଉଚିତ । ସବୁ ସମୟରେ, ଯଦି ତୁମେ ପୂରାପୂରି ରୋଗାକ୍ରାନ୍ତ ନ ହୁଅ, ଯଦି ଦେହ ଖରାପର ଅବସ୍ଥା ଚରମକୁ ନ ଯାଏ, ଯେତେବେଳେ କି ତୁମେ ଆଉ ବିଛଣାରୁ ଉଠିପାରୁ ନାହଁ, ସେପର୍ଯ୍ୟନ୍ତ କାମଟି କରିଚାଲିବା ଉଚିତ । ଦେହ ଖରାପ ଯେତେ ଯାହା ହେଉନା କାହିଁକି ତୁମେ କାମଟି କରିବା ଉଚିତ । ତୁମର ଛୋଟ ଛୋଟ ବ୍ୟକ୍ତିଗତ ରୋଗବ୍ୟାଧିକୁ ଏକ ନିଃସ୍ୱାର୍ଥ କର୍ମ ସବୁସମୟରେ ଆରୋଗ୍ୟ କରିଦେଇଥାଏ । ଏହା ଅବଶ୍ୟ ସ୍ୱାଭାବିକ ଯେ ତୁମେ ଯଦି ପ୍ରକୃତରେ ବାଧ ହୁଅ ବିଛଣାରେ ପଡ଼ି ରହିବାକୁ, ଏକ ସାଂଘାତିକ ଜ୍ୱର ବା ସେହି ଧରଣର କିଛି ଭୟାନକ ରୋଗବ୍ୟାଧି ଦ୍ୱାରା ଆକ୍ରାନ୍ତ ହୁଅ, ତା'ହେଲେ ତାହା ଭିନ୍ନ କଥା । କିନ୍ତୁ ତା' ନ ହେଲେ ତୁମର ଯଦି ସାମାନ୍ୟ କିଛି ଦେହ ଖରାପ ହୋଇଥାଏ : ''ମୋର ଦେହ ଭଲ ନାହିଁ, ମୋତେ ଭଲ ଲାଗୁ ନାହିଁ, ଟିକେ ମୁଣ୍ଡ ବ୍ୟଥା ହେଉଛି ବା ଅଜୀର୍ଣ୍ଣ ହୋଇଛି ବା ଖୁବ୍ ସର୍ଦି ହୋଇଛି, କାଶ ହେଉଛି'' ଏହି ଧରଣର କିଛି, ତା'ହେଲେ ତୁମ ନିଜ କଥା ନ ଭାବି, କାମଟି କରିଯିବା, କାମଟିର କଥା ଭାବି, ଯେତେଦୂର ପାର ତାହାକୁ ଭଲଭାବରେ କରିବା – ଏହାହିଁ ତୁମକୁ ସଙ୍ଗେ ସଙ୍ଗେ ଆରୋଗ୍ୟ କରିଦେବ ।

ବାସ୍ତବରେ ରୋଗ ହେଉଛି ଏକ ଭାରସାମ୍ୟହୀନତା, ତୁମେ ଯଦି ଆଉ ଏକ ଭାରସାମ୍ୟ ପ୍ରତିଷ୍ଠା କରିଦିଅ, ସେହି ଭାରସାମ୍ୟହୀନତାଟି ଅନ୍ତର୍ହିତ ହୋଇଯିବ । କୌଣସି ଦେହ-ଖରାପ ସର୍ବଦା, ସବୁ କ୍ଷେତ୍ରରେ, ଏପରିକି ଯେତେବେଳେ ଡାକ୍ତର କୁହନ୍ତି ଯେ ଏହା ଜୀବାଣୁଜନିତ; – ପ୍ରତ୍ୟେକଟି କ୍ଷେତ୍ରରେ ଏହା ସତ୍ତାରେ ଏକ ଭାରସାମ୍ୟହୀନତା, ବିଭିନ୍ନ କ୍ରିୟା ଭିତରେ, ବିଭିନ୍ନ ଶକ୍ତି ଭିତରେ ଏକ ଭାରସାମ୍ୟହୀନତା ।

ଏପରି କହିବାର ଅର୍ଥ ଏହା ନୁହେଁ ଯେ ଜୀବାଣୁ ବୋଲି କିଛି ନାହିଁ; ବର୍ତ୍ତମାନ ପର୍ଯ୍ୟନ୍ତ ଯେତେ ସଂଖ୍ୟକ ଜୀବାଣୁ ଜଣା ପଡ଼ିଛନ୍ତି ତା' ଅପେକ୍ଷା ଅନେକ ଅଧିକ ସଂଖ୍ୟାରେ ଜୀବାଣୁ ଅଛନ୍ତି । କିନ୍ତୁ ସେଇଥିଯୋଗୁଁ ଯେ ତୁମେ ରୋଗାକ୍ରାନ୍ତ ହୁଅ, ତାହା ନୁହେଁ, କାରଣ ସେମାନେ ତ ସବୁବେଳେ ଅଛନ୍ତି । ସେମାନେ ସବୁ ସମୟରେ ଅଛନ୍ତି ଏବଂ ଦିନ ଦିନ ଧରି ତୁମର କିଛି କରନ୍ତି ନାହିଁ, ହଠାତ୍ ଦିନେ ଗୋଟିଏ ଧରଣର ଜୀବାଣୁ ଦ୍ୱାରା ଆକ୍ରାନ୍ତ ହୋଇ ତୁମେ ରୋଗଗ୍ରସ୍ତ ହେଲ – କାହିଁକି ? ସହଜ କାରଣଟି ହେଉଛି ଅଭ୍ୟାସଗତ ଭାବରେ ତୁମର ଯେଉଁ ପ୍ରତିରୋଧ ଶକ୍ତି ଥିଲା ତାହା ଆଉ ସେପରି ହୋଇ ରହି ନାହିଁ, କାରଣ କୌଣସି ଅଂଶରେ ଏକ ଭାରସାମ୍ୟହୀନତା ଦେଖା ଦେଇଛି, ଏବଂ ସେଗୁଡ଼ିକର କ୍ରିୟାପ୍ରକ୍ରିୟା ଆଉ ସ୍ୱାଭାବିକ ଭାବେ ଚାଲୁ ନାହିଁ । କିନ୍ତୁ ଯଦି ତୁମେ ତୁମର ଅନ୍ତର୍ଶକ୍ତି ଦ୍ୱାରା ଭାରସାମ୍ୟକୁ ପୁନଃ ପ୍ରତିଷ୍ଠା କରିଦେଇ ପାରିବ, ତେବେ ସେହି ଭାରସାମ୍ୟହୀନତା ଅନ୍ତର୍ହିତ ହୋଇଯିବ ।

ଆରୋଗ୍ୟ ପାଇଁ ଲୋକମାନଙ୍କର ଅନ୍ୟ କୌଣସି ବାଟ ନାହିଁ । ସହଜଭାବରେ ଜଣେ ଯେତେବେଳେ ସେହି ଭାରସାମ୍ୟହୀନତାଟିକୁ ଦେଖିପାରେ ଏବଂ ଭାରସାମ୍ୟଟିକୁ ପୁନଃପ୍ରତିଷ୍ଠିତ କରିବା ପାଇଁ ସମର୍ଥ ହୁଏ, ସେତେବେଳେ ତା'ର ଆରୋଗ୍ୟ ହୋଇଯାଏ । ତେବେ ଏ ସମ୍ପର୍କରେ ଦୁଇଧରଣର ଦୃଷ୍ଟାନ୍ତ ଦେଖୁ ... କେତେକ ଲୋକ ସେମାନଙ୍କର ଭାରସାମ୍ୟ-ହୀନତାକୁ ଧରି ରହି ଥାଆନ୍ତି, ଜାବୁଡ଼ି ଧରି ଥାଆନ୍ତି, ତାହାକୁ ଛାଡ଼ି ଦେବାକୁ ଚାହାନ୍ତି ନାହିଁ । ତା'ହେଲେ ତୁମେ ଯେତେ କଠିନ ପ୍ରଚେଷ୍ଟା କଲେ ମଧ, ଏପରିକି ତୁମେ ସେହି ଭାରସାମ୍ୟକୁ ପୁଣି ଥରେ ପ୍ରତିଷ୍ଠିତ କରିଦେଲେ ମଧ, ପର ମୁହୂର୍ତ୍ତରେ ସେମାନେ ପୁଣି ସେହି ଭାରସାମ୍ୟହୀନତା ଭିତରକୁ ଫେରିଯିବେ । କାରଣ ସେମାନେ ତାହାକୁ ଭଲପାଇ ପୋଷଣ କରିଚାଲନ୍ତି । ସେମାନେ କୁହନ୍ତି, ''ନା, ମୁଁ ରୋଗଗ୍ରସ୍ତ ହେବାକୁ ଚାହେଁ ନାହିଁ'' କିନ୍ତୁ ସେମାନଙ୍କ ଭିତରେ ଏପରି କିଛି ରହିଥାଏ

ଯାହାକି ସେହି ଭାରସାମ୍ୟହୀନତାକୁ ଦୃଢ଼ଭାବରେ ଧରି ରହିଥାଏ, ତାହାକୁ ଚାଲିଯିବା ପାଇଁ ଛାଡ଼ିଦିଏ ନାହିଁ । ବିପରୀତ ପକ୍ଷେ ଏପରି ଲୋକମାନେ ଅଛନ୍ତି ଯେଉଁମାନେ ଆନ୍ତରିକଭାବରେ ଭାରସାମ୍ୟକୁ ଭଲ ପାଆନ୍ତି, ଏବଂ ସେମାନଙ୍କ ଭାରସାମ୍ୟ ଫେରି ପାଇବା ପାଇଁ ସିଧାସଳଖ ଶକ୍ତି ତୁମେ ସେମାନଙ୍କୁ ଦେଇପାର, ଭାରସାମ୍ୟ ପୁନଃପ୍ରତିଷ୍ଠିତ ହୁଏ ଓ କେଇ ମିନିଟ୍ ଭିତରେ ସେମାନେ ସୁସ୍ଥ ହୋଇଉଠିବେ । ସେମାନଙ୍କର ନିଜର ଯଥେଷ୍ଟ ଜ୍ଞାନ ନ ଥାଏ ବା ଶୃଙ୍ଖଳାର ପୁନଃ ପ୍ରତିଷ୍ଠା ପାଇଁ ସେମାନଙ୍କର ଯଥେଷ୍ଟ ଶକ୍ତି ନ ଥାଏ – ଭାରସାମ୍ୟହୀନତା ଏକ ବିଶୃଙ୍ଖଳା । କିନ୍ତୁ ତୁମେ ଯଦି ହସ୍ତକ୍ଷେପ କର, ତୁମର ଯଦି ସେହି ଜ୍ଞାନ ଥାଏ ଏବଂ ଭାରସାମ୍ୟଟିକୁ ପୁନଃପ୍ରତିଷ୍ଠିତ କରିଦେଇପାର ତେବେ ସ୍ୱାଭାବିକଭାବରେ ରୋଗଟି ଦୂର ହୋଇଯିବ, ଏବଂ ସେହି ଲୋକମାନେହିଁ ଯେଉଁମାନେ ତୁମର କ୍ରିୟା ପାଇଁ ସମ୍ମତି ଦିଅନ୍ତି, ସେହିମାନେହିଁ ରୋଗମୁକ୍ତ ହୁଅନ୍ତି । କେବଳ ଯେଉଁମାନେ ତାହା କରିବା ପାଇଁ ତୁମକୁ ଛାଡ଼ି ଦିଅନ୍ତି ନାହିଁ ସେମାନେ ରୋଗ ଭୋଗୁଥାଆନ୍ତି । ଏହା ବେଶ୍ ଦେଖିହେବ, ସେମାନେ ତୁମକୁ କ୍ରିୟା କରିବାକୁ ଛାଡ଼ିଦିଅନ୍ତି ନାହିଁ, ସେମାନେ ନିଜ ରୋଗଟିକୁ ଜାବୁଡ଼ି ଧରି ରହିଥାଆନ୍ତି । ମୁଁ ସେମାନଙ୍କୁ କୁହେ, ''ଓଃ ! ତୁମ ଦେହ ଭଲ ହେଲା ନାହିଁ ? ତାହେଲେ ଡାକ୍ତରଙ୍କ ପାଖକୁ ଯାଅ ।'' ଏବଂ ସବୁଠୁ କୌତୁକପ୍ରଦ ବିଷୟ ହେଲା ଯେ ଅଧିକାଂଶ ସମୟରେ ଡାକ୍ତରଙ୍କ ଉପରେ ସେମାନଙ୍କର ବିଶ୍ୱାସ ଥାଏ, ଯଦିଓ କ୍ରିୟାଟି ସେଇ ସମାନ ହୋଇ ରହିଥାଏ ! ପ୍ରତ୍ୟେକ ଡାକ୍ତର ଯାହାର ଏକ ପ୍ରକାର ଦାର୍ଶନିକସୁଲଭ ମନୋଭାବ ଥିବ ସେ ତୁମକୁ କହିବ, ''ଏହା ଏହିପରି ଭାବରେ ହୁଏ, ଆମେ ଡାକ୍ତରମାନେ ତୁମ ପାଇଁ କେବଳ ଏକ ଆନୁଷଙ୍ଗିକ ଅବସ୍ଥା ଆଣିଦେଉ, କିନ୍ତୁ ପ୍ରକୃତରେ ଶରୀରହିଁ ନିଜକୁ ଆରୋଗ୍ୟ କରେ । ଯେତେବେଳେ ଶରୀର ଚାହେଁ ଆରୋଗ୍ୟ ହେବାକୁ, ସେ ଆରୋଗ୍ୟ ହୋଇଯାଏ ।'' ଏପରିସବୁ ଶରୀର ଅଛି ଯଦି ସେମାନଙ୍କୁ କିଛି ଔଷଧ ଖୁଆଇ ଦେବା ହେବ ନାହିଁ, ବା ସ୍ଥୂଳ ନିର୍ଦ୍ଦିଷ୍ଟଭାବରେ କିଛି କରାଯିବ ନାହିଁ ଯାହାକି ସେମାନଙ୍କ ଭିତରେ ଏହି ପ୍ରବୋଧନା ଆଣିଦେବ ଯେ ଯଥାର୍ଥରେ ସେମାନଙ୍କର ଯତ୍ନ ନିଆଯାଉଛି, ସେମାନେ କେବେହେଲେ ଭାରସାମ୍ୟର ପୁନଃପ୍ରତିଷ୍ଠା ପାଇଁ ବାଟ ଛାଡ଼ିଦେବେ ନାହିଁ । କିନ୍ତୁ ଯଦି ତୁମେ ସେମାନଙ୍କୁ ଏକ ଅତି ସୁନିର୍ଦ୍ଦିଷ୍ଟ ଚିକିତ୍ସା ବତାଇଦେବ, ଯାହାକି କେତେକ ସମୟରେ ଅନୁସରଣ କରିବା ଖୁବ୍ କଷ୍ଟକର ମଧ୍ୟ ହୋଇଥାଏ, ସେମାନଙ୍କ ଭିତରେ ଏହି ହୃଦ୍‌ବୋଧ ଆସିଥାଏ ଯେ ଭାରସାମ୍ୟର ପୁନଃପ୍ରତିଷ୍ଠା ଛଡ଼ା ଆଉ ଅଧିକ ଉତ୍ତମ କିଛି କରିବାର ନାହିଁ, ଏବଂ ସେମାନେ ଭାରସାମ୍ୟଟିକୁ ଫେରି ପାଆନ୍ତି ।

ମୁଁ ଜଣେ ଡାକ୍ତରଙ୍କୁ ଜାଣେ ଯେ ସ୍ନାୟୁ-ଚିକିତ୍ସକ ଥିଲେ ଏବଂ ପାକସ୍ଥଳୀରେ ହେଉଥିବା ରୋଗର ଚିକିତ୍ସା କରୁଥିଲେ । ସେ ବରାବର କହୁଥିଲେ ଯେ ପାକସ୍ଥଳୀର ସମସ୍ତ ରୋଗ ଉଣାଧିକେ ତ୍ରୁଟିଜନକ ସ୍ନାୟବିକ ଅବସ୍ଥାରୁ ଆସିଥାଏ । ସେ ଥିଲେ ଧନୀମାନଙ୍କର ଡାକ୍ତର, ଏବଂ ଧନୀ ଓ କିଛି କାମ ନ ଥିବା ଲୋକମାନେ ତାଙ୍କ ପାଖକୁ ଯାଉଥିଲେ । ସେମାନେ ତାଙ୍କ ପାଖକୁ ଯାଇ କହୁଥିଲେ, ''ପାକସ୍ଥଳୀରେ ମୋର ଯନ୍ତ୍ରଣା ହେଉଛି, ମୁଁ ହଜମ କରିପାରୁ ନାହିଁ,'' ଇତ୍ୟାଦି । ସେମାନେ ଖୁବ୍ ଯନ୍ତ୍ରଣା ଭୋଗୁଥିଲେ, ସେମାନଙ୍କର ମୁଣ୍ଡବ୍ୟଥା ହେଉଥିଲା ଓ ନାନାପ୍ରକାର ରୋଗର କଥା କହୁଥିଲେ । ସେ ସେମାନଙ୍କ କଥାଗୁଡ଼ିକୁ ବେଶ୍ ଗୁରୁତ୍ୱ ଦେଇ ଶୁଣୁଥିଲେ । ମୁଁ ଜଣେ ମହିଳାଙ୍କୁ ଜାଣେ ଯେ ତାଙ୍କ ନିକଟକୁ ଯାଇଥିଲେ ଏବଂ ଉକ୍ତ ଡାକ୍ତର ତାଙ୍କୁ କହିଲେ, ''ଓଃ, ଆପଣଙ୍କ ରୋଗର ଆରୋଗ୍ୟ ଖୁବ୍ ଦୁଃସାଧ୍ୟ । କିନ୍ତୁ କେଉଁ ମହଲାରେ ଆପଣ ରୁହନ୍ତି ? ସବାତଳ ମହଲାରେ ? ବେଶ୍, ଆପଣଙ୍କ ପାକସ୍ଥଳୀ ରୋଗର ଆରୋଗ୍ୟ ପାଇଁ ଆପଣଙ୍କୁ ଏହାହିଁ କରିବାକୁ ହେବ । ପୂରାପୂରି ପାଚିଥିବା ପେଣ୍ଟାଏ ଅଙ୍ଗୁର ନିଅନ୍ତୁ (ପ୍ରାତଃଭୋଜନ କରନ୍ତୁ ନାହିଁ, କାରଣ ତାହା ଆପଣଙ୍କ ପାକସ୍ଥଳୀରେ ଗୋଳମାଳ ସୃଷ୍ଟି କରେ), ପେଣ୍ଟାଏ ଅଙ୍ଗୁର ନିଅନ୍ତୁ ଏବଂ ଏହିପରି ଭାବରେ ତାକୁ ଧରନ୍ତୁ, ଖୁବ୍ ଯତ୍ନର ସହିତ । ତା'ପରେ ବାହାରକୁ ଯିବାକୁ ପ୍ରସ୍ତୁତ ହୁଅନ୍ତୁ – ଦରଜା ବାଟ ଦେଇ ନୁହେଁ, କେବେହେଲେ ଦରଜା ବାଟ ଦେଇ ଯିବେ ନାହିଁ । ଝରକା ବାଟଦେଇହିଁ ଆପଣଙ୍କୁ ଯିବାକୁ ହେବ । ଗୋଟିଏ ଷ୍ଟୁଲ୍ ନେଇ ତା' ଉପରେ ଚଢ଼ି ଝରକା ବାଟଦେଇ ବାହାରକୁ ଯାଆନ୍ତୁ । ରାସ୍ତାକୁ ଯାଇ ଚାଲନ୍ତୁ ଓ ପ୍ରତ୍ୟେକ ଦୁଇ ପଦକ୍ଷେପ ବ୍ୟବଧାନରେ ଗୋଟିଏ କରି ଅଙ୍ଗୁର ଖାଆନ୍ତୁ – ଅଧିକ ନୁହେଁ, ଆଦୌ ଅଧିକ ନୁହେଁ ! ତା'ହେଲେ ପୁଣି ପାକସ୍ଥଳୀ ଯନ୍ତ୍ରଣା ହେବ ! ଦୁଇ ପଦକ୍ଷେପ ବ୍ୟବଧାନରେ ଗୋଟିଏ ଅଙ୍ଗୁର । ଦୁଇଟି ପଦକ୍ଷେପ ନେବେ, ତା'ପରେ ଗୋଟିଏ ମାତ୍ର ଅଙ୍ଗୁର ଖାଇବେ, ଏବଂ ଅଙ୍ଗୁର

*(ଅବଶିଷ୍ଟାଂଶ ୧୫ ପୃଷ୍ଠାରେ ଦେଖନ୍ତୁ)*

# କର୍ମ, ଧ୍ୟାନ ଓ ଭକ୍ତି

## ଶ୍ରୀଅରବିନ୍ଦ

କେଉଁ ବ୍ୟକ୍ତି ବା କେଉଁ ଶ୍ରେଣୀ ପ୍ରଥମେ ବା ଶେଷରେ ଲକ୍ଷ୍ୟରେ ପହଞ୍ଚିବ, ଏହା ପଚାରିବାରେ ଆଦୌ କୌଣସି ଲାଭ ନାହିଁ । ଯୋଗର ପଥ ପ୍ରତିଯୋଗିତାର ପଥ ନୁହେଁ ବା ଏଥିରେ କୌଣସି ଦୌଡ଼ ପ୍ରତିଯୋଗିତା ହେଉ ନାହିଁ ଯେଉଁଥିରେ ଏହି କଥାର କିଛି ଅର୍ଥ ଅଛି । ଯେଉଁ କଥାର ପ୍ରକୃତ ଗୁରୁତ୍ୱ ଅଛି ତା' ହେଉଛି ଭଗବାନଙ୍କ ପାଇଁ ନିଜର ଅଭୀପ୍ସା, ନିଜର ବିଶ୍ୱାସ, ସମର୍ପଣ, ନିଃସ୍ୱାର୍ଥ ଆତ୍ମଦାନ । ଅନ୍ୟ ସବୁକିଛିକୁ ଭଗବାନଙ୍କ ହାତରେ ଛାଡ଼ିଦେବା ଉଚିତ, ସେ ପ୍ରତ୍ୟେକ ବ୍ୟକ୍ତିକୁ ତା'ର ନିଜ ସ୍ୱଭାବ ଅନୁଯାୟୀ ଆଗେଇ ନେବେ । ଧ୍ୟାନ, କର୍ମ ଓ ଭକ୍ତି ପ୍ରତ୍ୟେକଟି ହେଉଛି ସିଦ୍ଧି ବା ପୂର୍ଣ୍ଣତାଲାଭ ଦିଗରେ ପ୍ରସ୍ତୁତିମୂଳକ ସହାୟତାର ଅବଲମ୍ବନ । ଆମର ଏହି ପଥରେ ସବୁଗୁଡ଼ିକୁ ଗ୍ରହଣ ଓ ଅନ୍ତର୍ଭୁକ୍ତ କରାଯାଇଛି । ଯଦି ଜଣେ କର୍ମ ଭିତରଦେଇ ନିଜକୁ ଉତ୍ସର୍ଗ କରେ ତେବେ ଆତ୍ମଦାନ ଦିଗରେ ତାହା ସବୁଠୁ ଶକ୍ତିଶାଳୀ ସାଧନ, ଏବଂ ସ୍ୱୟଂ ଆତ୍ମଦାନ ହେଉଛି ସାଧନାର ସବୁଠୁ ଶକ୍ତିଶାଳୀ ଓ ଅପରିହାର୍ଯ୍ୟ ଉପାଦାନ ।

ପଥକୁ ଜାବୁଡ଼ି ଧରି ଲାଗିରହିବାର ଅର୍ଥ ହେଉଛି ଏହାକୁ ଛାଡ଼ି ନ ଦେବା ବା ଅନ୍ୟ ଦିଗରେ ମୋଡ଼ ନ ଫେରାଇବା । ଏହି ପଥ ହେଉଛି ନିଜର ସମସ୍ତ ଅଂଶକୁ ନେଇ ସମଗ୍ର ସତ୍ତାର ପୂର୍ଣ୍ଣ ଆତ୍ମଦାନ, ଯାହାଫଳରେ ଜଣେ ଭଗବାନଙ୍କ ଅନୁଭୂତି, ଅନ୍ତରରେ ତାଙ୍କ ଦିବ୍ୟ ଉପସ୍ଥିତି ପାଇପାରିବ ଓ ଚୈତ୍ୟ ଓ ଆଧ୍ୟାତ୍ମିକ ରୂପାନ୍ତରରେ ପହଞ୍ଚିପାରିବ । ସର୍ବତୋଭାବେ ଜଣେ ନିଜକୁ ଯେତେ ଅଧିକ ଦେଇ ଦେଇପାରିବ, ସାଧନା ପାଇଁ ତାହା ସେତିକି ଅଧିକ ଉତ୍ତମ ହେବ । କିନ୍ତୁ ସମସ୍ତେ ସମାନ ପରିମାଣରେ, ବା ସମାନ ଦ୍ରୁତଗତିରେ ବା ସମାନ ବାଟରେ ଏହା କରିପାରିବେ ନାହିଁ । ଅନ୍ୟମାନେ କ'ଣ କରୁଛନ୍ତି, କିପରି କରୁଛନ୍ତି ବା କରିବାରେ ଅକୃତକାର୍ଯ୍ୟ ହେଉଛନ୍ତି ତାହାକୁ ନେଇ ତୁମର କୌଣସି ଚିନ୍ତାଭାବନା ରହିବା ଉଚିତ ନୁହେଁ – ତୁମେ ନିଜେ କେତେ ନିଷ୍ଠା ଓ ବିଶ୍ୱାସର ସହିତ ଏହା କରିପାରୁଛ, ତାହାହିଁ ଗୁରୁତ୍ୱପୂର୍ଣ୍ଣ ।

ସାଧନାର କେଉଁ ଧାରା ଉପରେ ସବୁଠୁ ଅଧିକ ଜୋର୍ ଦିଆଯିବ ତାହା ନିର୍ଭର କରୁଛି ବ୍ୟକ୍ତିର ସ୍ୱଭାବ ଉପରେ । ଏପରି ଅନେକ ବ୍ୟକ୍ତି ଅଛନ୍ତି ଯେଉଁମାନଙ୍କର ପଥ ଧ୍ୟାନ ନୁହେଁ, କେବଳ କର୍ମ ଦ୍ୱାରାହିଁ ସେମାନେ ନିଜକୁ ପ୍ରସ୍ତୁତ କରିପାରିବେ, ଏପରି ଅନେକ ବ୍ୟକ୍ତି ମଧ୍ୟ ଅଛନ୍ତି ଯେଉଁମାନଙ୍କ ସ୍ୱଭାବ ଏହାର ପୂରା ବିପରୀତ । ଅହଂର ପ୍ରବଳ ଆକାର ଧାରଣ କରିବା ବିଷୟରେ କୁହାଯାଇପାରେ ଯେ ଯିଏ ଯେଉଁ ପଥ ଅନୁସରଣ କରୁ ନା କାହିଁକି, ତହିଁରେ ଏହା ଆସି ଦେଖାଦେଇପାରେ – ମୁଁ ଧ୍ୟାନୀ ଭିତରେ ଏହାର ପ୍ରସ୍ଫୁଟନ ଯେପରି ଦେଖିଛି, କର୍ମୀ ଭିତରେ ମଧ୍ୟ ସେହିପରି ଦେଖିଛି; 'କ' କହନ୍ତି ଭକ୍ତମାନଙ୍କ ଭିତରେ ମଧ୍ୟ ଏହାର ଏହିପରି ଆବିର୍ଭାବ ହୋଇଥାଏ । ତେଣୁ ଏହା ସ୍ପଷ୍ଟ ଯେ ନାର୍ସିସସ୍ (ଆତ୍ମରତି)ର ଏହି ଫୁଲ ଫୁଟିବା ପାଇଁ ଉର୍ବର ଭୂମି ସବୁଠାରେ ରହିଛି । ''ସାଧନାର ଆବଶ୍ୟକତା ନାହିଁ'' କଥାଟି ସମ୍ପର୍କରେ କୁହାଯାଇପାରେ ଯେ ଯେଉଁ ବ୍ୟକ୍ତି କୌଣସି ସାଧନା କରେ ନାହିଁ, ତାହାର କୌଣସି ପରିବର୍ତ୍ତନ ହେବ ନାହିଁ ବା ସେ ଅଗ୍ରଗତି କରିବ ନାହିଁ – ଏହା ନିଃସନ୍ଦେହ । କର୍ମ, ଧ୍ୟାନ, ଭକ୍ତି ଏସମସ୍ତହିଁ ସାଧନା ରୂପେ କରିବାକୁ ହେବ । ❖

---

*(ପୃଷ୍ଠା ୧୪ ର ଅବଶିଷ୍ଟାଂଶ)*

ପେଛାଟି ଶେଷ ହେବା ପର୍ଯ୍ୟନ୍ତ ଏହିପରି କରିଚାଲିବେ । ପଛକୁ ଫେରିବେ ନାହିଁ, ସିଧା ଆଗେଇ ଚାଲିଥିବେ ଯେପର୍ଯ୍ୟନ୍ତ ଅଙ୍ଗୁର ପେଛାଟି ଶେଷ ହୋଇ ନାହିଁ । ଗୋଟିଏ ବଡ଼ ଅଙ୍ଗୁର ପେଛା ନେବେ, ଏବଂ ଯେତେବେଳେ ଏହା ଶେଷ ହୋଇଯିବ ଚୁପ୍‌ଚାପ୍ ଘରକୁ ଫେରି ଆସିବେ । କିନ୍ତୁ କୌଣସି ଯାନବାହନ ନେବେ ନାହିଁ ! ପାଦରେ ଚାଲି ଚାଲି ଘରକୁ ଫେରିବେ, ତା' ନ ହେଲେ ପୁଣି ଥରେ ସମସ୍ତ ଯନ୍ତ୍ରଣାଟି ଫେରିଆସିବ । ଚୁପ୍‌ଚାପ ଫେରିବେ, ଏବଂ ମୁଁ ଆପଣଙ୍କୁ ନିର୍ଭର ପ୍ରତିଶ୍ରୁତି ଦେଇପାରେ ଯେ ଯଦି ଆପଣ ପ୍ରତ୍ୟେକ ଦିନ ଏହିପରି କରିବେ ତିନିଦିନ ସରିବା ବେଳକୁ ଆପଣ ପୂରାପୂରି ଆରୋଗ୍ୟ ହୋଇ ଯାଇଥିବେ ।'' ପ୍ରକୃତରେ ମହିଳା ଜଣକ ପୂରାପୂରି ଆରୋଗ୍ୟ ହୋଇଗଲେ । ❖

# କର୍ମରେ ଏକାଗ୍ରତା

## (ଆଶ୍ରମର ପିଲାମାନଙ୍କ ସହ କଥୋପକଥନ)

## ଶ୍ରୀମା

... ତୁମେ ଯେତେବେଳେ କୌଣସି କାମ କରୁଥାଅ, ତୁମେ ଯଦି ତହିଁରେ ଏକାଗ୍ର ହୁଅ, ତା'ହେଲେ ଘଣ୍ଟାକର କାମ ଦଶ ମିନିଟ୍ ଭିତରେ କରିଦେଇ ପାରିବ । ସମୟ ବଞ୍ଚାଇବାକୁ ଚାହିଁଲେ ଏକାଗ୍ରତା ଶିଖ । ମନୋଯୋଗ ଓ ଏକାଗ୍ରତା ଦ୍ୱାରା କାମସବୁକୁ ତୁମେ ଅଧିକ ଶୀଘ୍ର ଓ ଅଧିକ ଉତ୍ତମଭାବରେ କରିପାରିବ । ଯଦି ତୁମକୁ ଅଧଘଣ୍ଟାର କିଛି କାମ ଦିଆ-ଯାଇଛି – ଅବଶ୍ୟ ଅଧଘଣ୍ଟା ପାଇଁ ତୁମକୁ ଯଦି କିଛି ଲେଖିବାର କାମ ଦିଆଯାଇଥାଏ, ମୁଁ ସେ ବିଷୟରେ କହୁ ନାହିଁ – କିନ୍ତୁ ଯଦି ତୁମକୁ କିଛି ବିଷୟରେ ଚିନ୍ତା କରିବାକୁ ପଡ଼େ ଅଥଚ ତୁମ ମନ ଚାରିଆଡ଼େ ଭାସି ବୁଲୁଛି, ଯଦି ତୁମେ କ'ଣ କରୁଛ ଖାଲି ସେ ବିଷୟରେ ନୁହେଁ, ତୁମେ କେତେ କାମ କରିସାରିଛ ଓ ଆଉ କେତେ କାମ କରିବାକୁ ବାକି ଅଛି – ସେସବୁ ବିଷୟରେ ଓ ଅନ୍ୟାନ୍ୟ ବିଷୟଗୁଡ଼ିକ ସମ୍ପର୍କରେ ଯଦି ଚିନ୍ତା କରୁଥାଅ ତା'ହେଲେ ତୁମ କାମଟି କରିବା ପାଇଁ ଯେତେ ସମୟ ଲାଗି-ଥାଆନ୍ତା, ତା'ର ତିନିଗୁଣ ଅଧିକ ସମୟ ଲାଗିବ । ଯେତେବେଳେ ତୁମର ଅତି ଅଧିକ ଗୁଡ଼ିଏ କାମ କରିବାକୁ ଥାଏ, ତା'ହେଲେ କରୁଥିବା ନିର୍ଦ୍ଦିଷ୍ଟ କାମଟି ଉପରେହିଁ କିପରି ସମସ୍ତ ଏକାଗ୍ରତା ଓ ମନୋଯୋଗ ଦେଇପାରିବ, ତାହା ଶିଖିବା ଉଚିତ । ତା'ହେଲେ ଘଣ୍ଟାକର କାମଟିକୁ ତୁମେ ଦଶ ମିନିଟ୍ ଭିତରେ କରି ଦେଇ ପାରିବ ।...

*ପ୍ରଶ୍ନ : ଗୋଟିଏ ଗାଣିତିକ ସମସ୍ୟାର ସମାଧାନ ଥରେ ଥରେ ଖୁମ୍ କମ୍ ସମୟରେ ଆସେ, ଅନ୍ୟ ସମୟରେ ଏଥିପାଇଁ ଖୁବ୍ ବେଶୀ ସମୟ ଲାଗେ ।*

ଶ୍ରୀମା : ହଁ, ଠିକ୍ ଏହାହିଁ, ଏହା ନିର୍ଭର କରେ ତୁମେ କେତେମାତ୍ରାରେ ଏକାଗ୍ର ହେଉଛ ତା' ଉପରେ । ତୁମେ ଯଦି ନିଜକୁ ପର୍ଯ୍ୟବେକ୍ଷଣ କରିବ ତେବେ ଏହା ବେଶ୍ ଦେଖି-ପାରିବ । ଯେତେବେଳେ ସମାଧାନଟି ଆସେ ନାହିଁ, ତା'ର କାରଣ ହେଉଛି ମସ୍ତିଷ୍କରେ ଏକ ପ୍ରକାର ଆଳସ୍ୟ, ମେଘୁଆ ପାଗ ପରି କିଛି, କେଉଁଠି କୁହୁଡ଼ି ପରି କିଛି ରହିଥାଏ ଏବଂ ତୁମେ ସ୍ୱପ୍ନ ଦେଖିଲା ଭଳି ଏକ ଅବସ୍ଥାରେ ଥାଅ । ତୁମେ ନିଜକୁ ଆଗକୁ ଠେଲୁଥାଅ ଏହି ସମାଧାନଟି ପାଇବାର ଚେଷ୍ଟାରେ, କିନ୍ତୁ ଯେପରି ତୁଳା ବା ପଶମ ପରି କିଛି ଭିତରେ ନିଜକୁ ଠେଲୁଛ, ସେଠାରେ ସ୍ପଷ୍ଟଭାବରେ କିଛି ଦେଖିପାରୁ ନାହଁ, ତେଣୁ ମୁଣ୍ଡକୁ କିଛି ଆସୁ ନାହିଁ । ଏହି ଅବସ୍ଥାରେ ତୁମେ ଘଣ୍ଟା ଘଣ୍ଟା ଧରି ରହିପାର ।

ଏକାଗ୍ରତାର ଅର୍ଥ ହେଉଛି ସେହି ମେଘ ବା କୁହୁଡ଼ିକୁ ଦୂର କରିବା । ତୁମ ବୁଦ୍ଧିର ସମସ୍ତ ଉପାଦାନକୁ ଏକାଗ୍ର କରି ଗୋଟିଏ ବିନ୍ଦୁରେ ତାହାକୁ ଠୁଳ କର, ଏବଂ ତା'ପରେ ଦେଖ ତୁମକୁ ଏପରି ସକ୍ରିୟ ଭାବରେ ସମାଧାନଟି ପାଇବାକୁ ଚେଷ୍ଟା କରିବାକୁ ହେବ ନାହିଁ । ତୁମକୁ ଯାହା କରିବାକୁ ହେବ, ତା'ହେଉଛି ଏପରିଭାବେ ଏକାଗ୍ର ରହିବ, ଯେପରିକି କେବଳ ସମସ୍ୟାଟିକୁ ଦେଖିପାରୁଛ – କିନ୍ତୁ କେବଳ ସମସ୍ୟାଟିର ଉପରି ଭାଗକୁ ନୁହେଁ, ତା'ର ଗଭୀରକୁ ଯିବାକୁ ହେବ ଏବଂ ତାହା କ'ଣ ଲୁଚାଇ ରଖିଛି ତାହା ଦେଖିବାକୁ ହେବ । ତୁମେ ଯଦି ତୁମର ସମସ୍ତ ମାନସିକ ଶକ୍ତିକୁ ଏକତ୍ର ଗୋଟାଇ ଠୁଳକରି ଏପରି ଏକ ବିନ୍ଦୁରେ ତାହାକୁ ଏକାଗ୍ର କରି ରଖିବ ଯାହାକି ସମସ୍ୟାଟି ଉପରେହିଁ ସ୍ଥିର ହୋଇ ରହିବ । ତୁମେ ସେଇଠାରେହିଁ ସ୍ଥିର ହୋଇ ରହ ଯେପରିକି ଗୋଟିଏ କାଠରେ ଗର୍ତ୍ତପରି କିଛି କରି ତାହାକୁ ଭେଦ କରିବାକୁ ଯାଉଛ, ଦେଖିବ ହଠାତ୍ ତୁମ ମୁଣ୍ଡରେ ସମାଧାନଟି ଆସିଯାଉଛି । ଏବଂ ଏହାହିଁ ଏକମାତ୍ର ବାଟ । ତୁମେ ଯଦି ଏପରି ଚେଷ୍ଟା କର ଯେ ଏଇଟି କ'ଣ ସମାଧାନ, ସେଇଟି କ'ଣ ସମାଧାନ, ଏଇଟି ନା ସେଇଟି ?... ତା'ହେଲେ ତୁମେ କିଛି ପାଇବ ନାହିଁ, କିଂବା ତୁମକୁ ଘଣ୍ଟା ଘଣ୍ଟା ସମୟ ଲାଗିଯିବ । ତୁମର ମାନସିକ ଶକ୍ତିକୁ ଗୋଟିଏ ବିନ୍ଦୁରେ ଏପରି ସାମର୍ଥ୍ୟର ସହ ଏକାଗ୍ର କର ଯାହାଫଳରେ ତାହା ଶବ୍ଦଗୁଡ଼ିକୁ ଭେଦ କରି ତା' ପଛରେ ରହିଥିବା ସତ୍ୟଟିକୁ ଧରିପାରିବ । ତୁମକୁ ଗୋଟିଏ ସମାଧାନ ପାଇବାକୁ ହେଲେ ସମସ୍ୟାଟି ଉପରେ ସମସ୍ତ ଶକ୍ତି ନେଇ ଝାମ୍ପିପଡ଼ ।

ଏବଂ ବରାବର ତୁମେ ଯେଉଁ ଦିନଗୁଡ଼ିକରେ ଟିକିଏ ଅଳସୁଆ ହୋଇ ରହିଥାଅ, ସେତେବେଳେ ଏହା କଷ୍ଟସାଧ

ହୋଇଉଠେ । ତୁମେ ଆଳସ୍ୟପରାୟଣ ହୋଇ ରହିଥାଅ : ମନେହେବ ଯେପରିକି ତୁମେ ସମାଧାନଟିକୁ ଛୁଇଁ ଧରିବାକୁ ଯାଉଛ, କିନ୍ତୁ ତାହା ପୁଣି କେଉଁଆଡ଼େ ହାତରୁ ଖସି ଚାଲିଯାଉଛି ।

ଏହା ସ୍ୱାଭାବିକ ଯେ ଯଦି ଏହା ବାସ୍ତବତଃ ଅସମ୍ଭବ, ତୁମକୁ ତ ରାକ୍ଷସମାନଙ୍କ ସହିତ କାରବାର କରିବାକୁ ପଡୁ ନାହିଁ ! ତୁମର ବିଶ୍ୱାସ ତୁମ ଶିକ୍ଷକମାନଙ୍କର ଯଥେଷ୍ଟ ବିଚାରବୁଦ୍ଧି ଅଛି; ଏବଂ ଯଦି ତୁମେ ସେମାନଙ୍କୁ ଯାଇ କହ ଯେ, ''ଦେଖନ୍ତୁ, ମୁଁ ଏହା କରିପାରିଲି ନାହିଁ, ସମୟ ପାଇଲି ନାହିଁ, ମୁଁ ଯେତିକିଟା ସମ୍ଭବ ତାହା କରିଛି, ମୋର ଆଉ ଅଧିକ ସମୟ ନଥିଲା ।''— ତା'ହେଲେ ସେମାନେ ତୁମକୁ ଗାଳି ଦେବେ ନାହିଁ, ମୁଁ ସେପରି ଭାବୁ ନାହିଁ । କିନ୍ତୁ ଏଠାରେ ଶତକଡ଼ା ଅନେଶତ ଭାଗ କ୍ଷେତ୍ରରେ ମନର ଅର୍ଦ୍ଧଜଡ଼ତା ଓ ତାମସିକ ଆଳସ୍ୟ ଯାହା ତୁମକୁ ଏହା ଭାବିବାକୁ ପ୍ରବର୍ତ୍ତାଏ ଯେ ତୁମର ଅତି ବେଶୀଗୁଡ଼ିଏ କାମ ରହିଛି । ତୁମେ ଯଦି ନିଜକୁ ନିରୀକ୍ଷଣ କରିବ, ତା'ହେଲେ ଦେଖିବ ବରାବର ଏପରି କିଛି ରହିଛି, ଯାହା ତୁମକୁ ଏ ଦିଗରେ ଟାଣେ, ପୁଣି ସେଦିଗରେ ଟାଣେ ଏବଂ ତା'ପରେ ଏହି ଆଳସ୍ୟ, ଯେପରିକି ତୁମେ ତୁଳା ଗଦାଟିଏ ଭିତରେ, ମେଘୁଆ କିଛି ଭିତରେ ବାସ କରୁଛ ।

କର୍ମର ଉପଯୋଗିତା ଏହା ଛଡ଼ା ଆଉ କିଛି ନୁହେଁ : ଏହି ମାନସିକ ଶକ୍ତିକୁ ଏକାଗ୍ର କରି ସ୍ଫଟିକ ଭଳି ଗଠନ କରିବା । କାରଣ, ତୁମେ ଯାହା ଶିଖିଥାଅ (ତାହାକୁ ଯଦି କୌଣସି କର୍ମ ଭିତରେ ବା ଗଭୀର ଅଧ୍ୟୟନ ଭିତରେ ଅଭ୍ୟାସ ନକର) ତା'ହେଲେ ତୁମେ ଶିଖିଥିବା ଜିନିଷରୁ ଅନ୍ତତଃ ଅର୍ଦ୍ଧେକ ଭାଗ ସମୟକ୍ରମେ କୁଆଡ଼େ ତିରୋହିତ ହୋଇଯିବ, ଉଭାଇ ଅନ୍ତର୍ଦ୍ଧାନ ହୋଇଯିବ । କିନ୍ତୁ ଏହା ଗୋଟିଏ ଜିନିଷ ଛାଡ଼ିଯିବ, ତା' ହେଉଛି ତୁମ ଚିନ୍ତାକୁ ସ୍ଫଟିକ ପରି ରୂପ ଦେଇ ଗଠନ କରିବାର କ୍ଷମତା । ତା' ଭିତରୁ ସ୍ପଷ୍ଟ ଓ ସୁନିର୍ଦ୍ଦିଷ୍ଟ କିଛିକୁ, ସମ୍ପୂର୍ଣ୍ଣ ଠିକ୍ ଓ ସଂଗଠିତ କିଛିକୁ ରୂପ ଦେବାର କ୍ଷମତା । ଏବଂ ଏହାହିଁ ହେଉଛି କର୍ମର ଉପଯୋଗିତା : ତୁମ ମସ୍ତିଷ୍କର କ୍ଷମତାକୁ ସଂଗଠିତ କରିବା । କିନ୍ତୁ ତୁମେ ଯଦି ତୁମର ଆଳସ୍ୟ ଭିତରେ ମଜ୍ଜି ରହ, ସେହିସବୁ ମେଘୁଆ ଓ ଧୂଆଁଳିଆ କିଛି ଭିତରେ ରହ, ତା'ହେଲେ ବର୍ଷ ବର୍ଷ ଧରି ଚେଷ୍ଟାକଲେ ମଧ୍ୟ ତା'ର କିଛି ଫଳ ହେବ ନାହିଁ, ତୁମେ କୌଣସି କର୍ମ ଭିତରେ ପ୍ରବେଶ କଲାବେଳେ ତୁମର ଯେତିକି ବୁଦ୍ଧି ଥିଲା, ତା' ଅପେକ୍ଷା ତହିଁରୁ ଅଧିକ ବୁଦ୍ଧିମାନ୍ ହୋଇ ବାହାରିବ ନାହିଁ । କିନ୍ତୁ ତୁମେ ଯଦି ସମର୍ଥ ହୋଇଥାଅ, ଏପରିକି ଅଧଘଣ୍ଟା ପାଇଁ, ତୁମର ବିଶେଷ ଆଗ୍ରହ ନଥିବା, କୌଣସି ବିଷୟରେ ଏକାଗ୍ର ହୁଅ, ଉଦାହରଣ ସ୍ୱରୂପ ବ୍ୟାକରଣର ଏକ ନିୟମ ଉପରେ (ବ୍ୟାକରଣର ନିୟମଗୁଡ଼ିକ ଖୁବ୍ ନୀରସ ଲାଗେ, କିନ୍ତୁ ତା' ଅପେକ୍ଷା ଅଧିକ ଶୁଷ୍କ ଓ ନୀରସ ଜିନିଷ ମଧ୍ୟ ଅଛି), ତୁମେ ଯଦି ତହିଁରୁ ଗୋଟିଏ ନିୟମ ନେଇ ତାହାକୁ ବୁଝିବାକୁ ଚେଷ୍ଟା କର — ଘୋଷି ମୁଖସ୍ଥ କରି ତାହାକୁ ଯାନ୍ତ୍ରିକ ଭାବରେ ପ୍ରୟୋଗ କରିବା ନୁହେଁ, ସେଥିରେ କିଛି ଲାଭ ନାହିଁ କିନ୍ତୁ ସେହି ଶବ୍ଦଗୁଡ଼ିକ ପଛରେ କ'ଣ ରହିଛି ତାହା ବୁଝିବାକୁ ଚେଷ୍ଟା କରିବା : ''ଏହି ନିୟମଟି କାହିଁକି ଏହିପରି ଭାବରେ ଗଠିତ ହୋଇଛି ?'' ଏବଂ ସେଥିପାଇଁ ତୁମର ନିଜର ଏକ ସୂତ୍ର ବାହାର କରିବା, ତାହା ଖୁବ୍ ଆଗ୍ରହଜନକ ହେବ,'' ଯେଉଁ ଭଦ୍ରବ୍ୟକ୍ତି ଜଣକ ଏହି ନିୟମଟି ଲେଖିଛନ୍ତି ତାହା କାହିଁକି ଏହି ରୀତିରେ ଲେଖିଛନ୍ତି ? ମୁଁ ତାହା ଅଧ୍ୟୟନ କରୁଛି ଓ ବୁଝିବାକୁ ଚେଷ୍ଟା କରୁଛି କାହିଁକି ସେ ଏହି ଶବ୍ଦଟିକୁ ସେହି ଶବ୍ଦଟିର ପରେ ରଖିଲେ ଓ ସେହି ଶବ୍ଦଟିକୁ ଅନ୍ୟ ଶବ୍ଦଟିର ପରେ ରଖିଲେ, ଏବଂ ନିୟମଟିକୁ ଏହିପରି ଭାବରେ ରଖିଲେ କାହିଁକି ? କାରଣ, ସେ ଭାବିଲେ ଜିନିଷଟିକୁ ବ୍ୟକ୍ତ କରିବାକୁ ଏହାହିଁ ସବୁଠୁ ନିର୍ଭୁଲ, ପୂର୍ଣ୍ଣ ଓ ସ୍ପଷ୍ଟ ରୀତି ।'' ଏହିପରି ଭାବରେହିଁ ତୁମକୁ ତାହା ଆବିଷ୍କାର କରିବାକୁ ହେବ, ଏବଂ ଯେତେବେଳେ ତୁମେ ତାହା ଆବିଷ୍କାର କରିବ, ତୁମେ ହଠାତ୍ ଖୁସି ହୋଇ କହିବ, ''ଓଃ ଏହାର ଅର୍ଥ ଏହିପରି ! ଏହିଭାବରେହିଁ ଏହାକୁ ଦେଖିବା ଉଚିତ, ତା'ହେଲେ ବିଷୟଟି ପୂରା ପରିଷ୍କାର ହୋଇଯାଉଛି ।''

ମୁଁ ତୁମକୁ ଏହା ବୁଝାଇବାକୁ ଚାହୁଁଛି ଯେ : ଯେତେବେଳେ ତୁମେ ଜିନିଷଟିକୁ ବୁଝିପାର, ସେତେବେଳେ ଏହା ତୁମ ଭିତରେ ଏକ ସ୍ଫଟିକ ପରି କିଛିର, ଏକ ଛୋଟ ଉଜ୍ଜ୍ୱଳ ଚକ୍ ଚକ୍ ବିନ୍ଦୁ ପରି କିଛିକୁ ଗଠନ କରେ । ଏବଂ ଯଦି ଏହିପରି ବହୁ, ବହୁ ସଂଖ୍ୟାରେ ଏଗୁଡ଼ିକୁ ନିଜ ଭିତରେ ଗଠନ କର ତା'ହେଲେ ତୁମେ ଏକ ବୁଦ୍ଧିମାନ୍ ବ୍ୟକ୍ତି ହେବାକୁ ଆରମ୍ଭ କରିବ । ଏହାହିଁ ହେଉଛି କର୍ମର ଉପଯୋଗିତା, ଖାଲି ଗୁଡ଼ାଏ ଗଦା ଗଦା ଜିନିଷକୁ ମୁଣ୍ଡ ଭିତରେ ଭର୍ତ୍ତି କରିବା ନୁହେଁ, ତାହା ତୁମକୁ କୌଣସି ଦିଗରେ ଆଗେଇ ନେବ ନାହିଁ । ✤

# କର୍ମହିଁ ଅନୁଭୂତିର ପାଠଶାଳା

## ଶ୍ରୀମା

(ମା' '*Lights on Yoga*' 'ଯୋଗ ପ୍ରଦୀପ' ପୁସ୍ତକଟିରୁ 'କର୍ମ' ବିଷୟରେ କିଛି ଅଂଶ ପଢ଼ିଲେ ।)

*ପ୍ରଶ୍ନ : 'ସମସ୍ତ କର୍ମ' କ'ଣ 'ଅନୁଭୂତିର ପାଠାଶାଳା' ?*

ଶ୍ରୀମା : ହଁ, ନିଶ୍ଚୟ, ତୁମେ କ'ଣ ଏହା ବୁଝିପାରୁ ନାହଁ ?

*ପ୍ରଶ୍ନକର୍ତ୍ତା : ନା, ମା' ମୁଁ ଏହା ବୁଝି ପାରୁ ନାହିଁ ।*

ଶ୍ରୀମା : ତୁମେ ଯଦି କୌଣସି କର୍ମ କରିବ ନାହିଁ, ତୁମର କିଛି ଅନୁଭୂତି ହେବ ନାହିଁ । ସମଗ୍ର ଜୀବନଟା ହେଉଛି ଅନୁଭୂତିର କ୍ଷେତ୍ର । ତୁମର ପ୍ରତ୍ୟେକଟି ଗତିବୃତ୍ତି, ତୁମର ପ୍ରତ୍ୟେକଟି ବିଚାର, ପ୍ରତ୍ୟେକଟି ଆଚରଣ, ପ୍ରତ୍ୟେକଟି କର୍ମ ଗୋଟିଏ ଗୋଟିଏ ଅନୁଭୂତି ହୋଇପାରେ ଏବଂ ତାହା ଏକ ଅନୁଭୂତି ହେବା ମଧ୍ୟ ଉଚିତ । ସ୍ୱାଭାବିକ ଭାବରେ ବିଶେଷତଃ କର୍ମ ହେଉଛି ଏପରି ଏକ କ୍ଷେତ୍ର ଯେଉଁଠି ତୁମେ ଆନ୍ତର କ୍ଷେତ୍ରରେ ଯେଉଁସବୁ ଅଗ୍ରଗତି କରିବାକୁ ପ୍ରୟାସ କରିଥାଅ ସେହିସବୁ ପ୍ରୟୋଗ କରିବା ଉଚିତ ।

ତୁମେ ଯଦି କୌଣସି କର୍ମ ନ କରି କେବଳ ଧ୍ୟାନ ଧାରଣାରେ ବୁଡ଼ିରହିବ ତେବେ ଜାଣିପାରିବ ନାହିଁ ତୁମର କୌଣସି ଅଗ୍ରଗତି ହୋଇଛି କି ନାହିଁ । ତୁମେ ପୂରା ଏକ ଭ୍ରାନ୍ତି ଭିତରେ, ତୁମ ଅଗ୍ରଗତିର ଏକ ଭ୍ରାନ୍ତି ଭିତରେ ରହିପାର । କିନ୍ତୁ ଯଦି ତୁମେ କୌଣସି କର୍ମ କରିବାକୁ ଆରମ୍ଭ କର, ତୁମର କର୍ମର ସମସ୍ତ ପରିସ୍ଥିତି, ଅନ୍ୟମାନଙ୍କ ସଙ୍ଗେ ତୁମର ସମ୍ପର୍କ, କର୍ମରେ ବାସ୍ତବ ଆତ୍ମନିୟୋଗ – ଏସବୁ ତୁମ ଅନୁଭୂତିର କ୍ଷେତ୍ର ହୋଇ ଉଠିବ; ଯାହା ଫଳରେ ତୁମେ ଯେତିକିଟି ଅଗ୍ରଗତି କରିଥାଅ ଖାଲି ସେତିକି ନୁହେଁ, ଅଗ୍ରଗତି କରିବାକୁ ଆଉ କେତେ ବାକି ରହିଛି ସେବିଷୟରେ ମଧ୍ୟ ସଚେତ ହୋଇଉଠିବ । ତୁମେ ଯଦି କୌଣସି କର୍ମ ନ କରି କେବଳ ନିଜ ଭିତରେ ଆବଦ୍ଧ ହୋଇ ରୁହ ତା' ହେଲେ ତୁମେ କେବଳ ପୂରା ଆତ୍ମଗତ ଏକ ଭ୍ରାନ୍ତି ଭିତରେ ବାସ କରିପାର । ଯେଉଁ ମୁହୂର୍ତ୍ତରେ ତୁମେ ତୁମ କର୍ମକୁ ବାହ୍ୟରୂପ ଦିଅ, ଅନ୍ୟମାନଙ୍କ ସମ୍ପର୍କରେ ଆସ, ଜୀବନର ପରିସ୍ଥିତି ଓ ନାନା ଲକ୍ଷ୍ୟର ସମ୍ପର୍କରେ ଆସ, ତା'ହେଲେ ତୁମେ ସମ୍ପୂର୍ଣ୍ଣ ବାସ୍ତବ ଓ ବ୍ୟାବହାରିକ ଭାବରେ ବୁଝିପାରିବ ତୁମର କୌଣସି ଅଗ୍ରଗତି ହୋଇଛି କି ନାହିଁ । ତୁମେ ବୁଝିପାରିବ ତୁମେ ଅଧିକତର ଶାନ୍ତ-ସ୍ଥିର, ଅଧିକତର ଦୃଢ଼ ଓ ନିଃସ୍ୱାର୍ଥପର ହୋଇପାରିଛ କି ନାହିଁ, ତୁମ ଭିତରେ ଆଉ କୌଣସି କାମନା-ବାସନା, କୌଣସି ପସନ୍ଦ-ଅପସନ୍ଦ, କୌଣସି ଦୁର୍ବଳତା, ବିଶ୍ୱସ୍ତତାର କୌଣସି ଅଭାବ ଆଦି ରହିଛି କି ନାହିଁ । କର୍ମ କରିବା ଫଳରେହିଁ ତୁମେ ଏସବୁ ବିଷୟରେ ସଚେତ ହୋଇପାର । କିନ୍ତୁ ତୁମେ ଯଦି ଏପରି ଏକ ଧ୍ୟାନରେ ନିଜକୁ ବନ୍ଦ ଓ ଆବଦ୍ଧକରି ରଖ ଯାହାକି ପୂରା ବ୍ୟକ୍ତିଗତ, ତା'ହେଲେ ତୁମେ ପୂରା ଏପରି ଏକ ଭ୍ରାନ୍ତି ଭିତରେ ପ୍ରବେଶ କରିଯାଇପାର ଯେଉଁଥିରୁ କି କେବେହେଲେ ବାହାରି ଆସି ପାରିବ ନାହିଁ, ଏବଂ ବିଶ୍ୱାସ କରିବାକୁ ଲାଗିବ ଯେ ତୁମେ ଅସାଧାରଣ କିଛି ଉପଲବ୍ଧି କରିଛ, କିନ୍ତୁ ପ୍ରକୃତରେ ସେତେବେଳେ ତୁମର ଏପରି ଉପଲବ୍ଧି ହୋଇଛି ବୋଲି ଖାଲି ଏକ ଧାରଣା ବା ଭ୍ରାନ୍ତିକୁହିଁ ତୁମେ ପ୍ରଶ୍ରୟ ଦେଇଛ ।

ଶ୍ରୀଅରବିନ୍ଦ ଏହି ବିଷୟରେହିଁ କହିଛନ୍ତି ।

*ପ୍ରଶ୍ନ : ମା' ତା'ହେଲେ ଭାରତର ସମସ୍ତ ଆଧ୍ୟାତ୍ମିକ ପରମ୍ପରା କର୍ମରୁ ମୁକ୍ତିକୁହିଁ କାହିଁକି ତାଙ୍କର ସିଦ୍ଧାନ୍ତ ରୂପେ ଗ୍ରହଣ କରିଛନ୍ତି ?*

ଶ୍ରୀମା : ହଁ, କାରଣ ଏ ସମସ୍ତ ସିଦ୍ଧାନ୍ତ ଏହି ଶିକ୍ଷା ଉପରେ ପ୍ରତିଷ୍ଠିତ ହୋଇଛି ଯେ ଜୀବନ ହେଉଛି ଏକ ଭ୍ରମ । ଏହାର ଆରମ୍ଭ ହୋଇଥିଲା ବୁଦ୍ଧଙ୍କଠାରୁ, ସେ କହିଥିଲେ ଯେ ସମସ୍ତ ଅସ୍ତିତ୍ୱ ହେଉଛି କାମନାର ଏକ ଫଳ ଏବଂ ଦୁଃଖ-ଯନ୍ତ୍ରଣା ଓ କାମନା ମଧ୍ୟରୁ ବାହାରି ଆସିବାର ଗୋଟିଏ ମାତ୍ର ରାସ୍ତା ରହିଛି; ତାହା ହେଉଛି ଅସ୍ତିତ୍ୱ ମଧ୍ୟରୁ ବାହାରି ଆସିବା ଏବଂ ଶଙ୍କର ଏହାକୁ ଚଳାଇ ରଖିଲେ ଏବଂ ତାହା ସହିତ ଯୋଡ଼ିଦେଲେ ଯେ ଏହା କେବଳ କାମନାର ଫଳ ନୁହେଁ,

ଏହା ମଧ୍ୟ ପୂର୍ଣ୍ଣ ରୂପରେ ଏକ ଭ୍ରମ, ଏକ ମାୟା, ଏବଂ ଯେପର୍ଯ୍ୟନ୍ତ ତୁମେ ଏହି ମାୟାରେ ବାସ କରୁଥିବ ସେପର୍ଯ୍ୟନ୍ତ ତୁମର ଭଗବତ୍ ଉପଲବ୍ଧି ହୋଇପାରିବ ନାହିଁ । ଏପରିକି ମୁଁ ଭାବୁଛି ତାଙ୍କ ପାଇଁ ଭଗବାନ୍ ବୋଲି କେହି ନ ଥିଲେ, ଅନ୍ତତଃ ବୁଦ୍ଧଙ୍କ ପାଇଁ ତ ଭଗବାନ୍ ବୋଲି ଆଦୌ କୌଣସି ସତ୍ୟ ନ ଥିଲା ।

*ପ୍ରଶ୍ନ : ତା'ହେଲେ ସେମାନଙ୍କର ଯଥାର୍ଥ ଅନୁଭୂତି ବୋଲି କିଛି ହୋଇଥିଲା କି ?*

ଶ୍ରୀମା : ତାହା ନିର୍ଭର କରେ ତୁମେ କାହାକୁ 'ଅନୁଭୂତି' ବୋଲି କହୁଛ, ନିଶ୍ଚୟ ସେମାନଙ୍କର କୌଣସି ସତ୍ୟ ସହ ଆନ୍ତର ସଂଯୋଗ ହୋଇଥିଲା ।

ନିଶ୍ଚିତଭାବେ ବୁଦ୍ଧଙ୍କର ଏପରିକିଛି ସହ ଆନ୍ତର ସଂଯୋଗ ଘଟିଥିଲା ଯାହାକି ବାହ୍ୟ-ଜୀବନ ତୁଳନାରେ ଏକ ଅସ୍ତିତ୍ୱହୀନତା ଏବଂ ସ୍ୱାଭାବିକ ଭାବରେ ଏହି ଅସ୍ତିତ୍ୱହୀନତା ଭିତରେ ଅସ୍ତିତ୍ୱର ସମଗ୍ର ପରିଣାମ ତିରୋହିତ ହୋଇଯାଏ । ଏପରି ଏକ ଅବସ୍ଥା ରହିଛି ଏବଂ ଏପରିକି ଏହା କୁହାଯାଇଛି ଯେ ଯଦି ଏ ଅବସ୍ଥାରେ ଜଣେ କୋଡ଼ିଏ ଦିନ ପର୍ଯ୍ୟନ୍ତ ରହି ପାରିବ, ତା'ହେଲେ ନିଶ୍ଚିତ ଭାବରେ ନିଜର ଶରୀରକୁ ହରାଇବାକୁ ପଡ଼ିବ । ଅନ୍ୟସବୁକୁ ବାଦ୍‌ଦେଇ ଏହା ଯଦି ଏକ ସର୍ବଗ୍ରାସୀ ଅନୁଭୂତି ହୁଏ ତେବେ ଏପରି ଘଟିବ ବୋଲି ମୁଁ ଏକମତ ।

କିନ୍ତୁ ଏହା ଏପରି ଏକ ଅନୁଭୂତି ହୋଇପାରେ ଯାହା ପଶ୍ଚାତ୍ ଭାଗରେ ରହିପାରେ । ପୂରା ସର୍ବଗ୍ରାସୀ ନ ହୋଇ କେବଳ ଏସମ୍ପର୍କରେ ସଚେତ ହୋଇ ରହିବାର ଅନୁଭୂତି ଆସିପାରେ ଯାହା ଫଳରେ ସମ୍ପୂର୍ଣ୍ଣ ମୁକ୍ତ ଏବଂ ସ୍ୱାଧୀନ ଏକ ଚେତନାକୁ ଆଶ୍ରୟ କରିବା ସଙ୍ଗେ ସଙ୍ଗେ ଜଗତ୍ ଏବଂ ବାହ୍ୟ ଚେତନା ସହ ସଂଯୋଗ ମଧ୍ୟ ରଖାଯାଇପାରେ । ଏହା ବାସ୍ତବିକ ଏପରି ଏକ ଅବସ୍ଥା ଯେଉଁଥିରେ ତୁମେ ବାହ୍ୟତଃ ଅନେକ ଅଗ୍ରଗତି କରିପାର, କାରଣ ସେତେବେଳେ ତୁମେ ସବୁ-ବିଷୟରେ ଅନାସକ୍ତ ରହିପାର, କୌଣସି ଆସକ୍ତି କୌଣସି ପସନ୍ଦ-ଅପସନ୍ଦ ବିନା ସେହି ଆନ୍ତର ସ୍ୱାଧୀନତା ସହ କର୍ମ କରିପାର ଯାହାକି ବାହ୍ୟ ରୂପରେ ପ୍ରକାଶ ପାଇଥାଏ ।

ଆଉ ଏହା ହେଉଛି ବାସ୍ତବ ଆବଶ୍ୟକତା : ଥରେ ଏହି ଆନ୍ତର ସ୍ୱାଧୀନତା ଲାଭ ହୋଇଗଲା ପରେ, ଶାଶ୍ୱତ ଅନନ୍ତଙ୍କ ସଙ୍ଗେ ଏକ ସଚେତ ସଂଯୋଗ ସ୍ଥାପିତ ହୋଇଗଲା ପରେ ତେଣିକି ଏହି ଚେତନାକୁ ନ ହରାଇ ଆମକୁ କର୍ମ ଭିତରକୁ ଫେରି ଆସିବାକୁ ହେବ ଏବଂ କର୍ମ ଦିଗରେ ଅଭିମୁଖୀ ହୋଇଥିବା ସମଗ୍ର ଚେତନାକୁ ଏହାଦ୍ୱାରା ପ୍ରଭାବିତ କରାଇବାକୁ ହେବ ।

ଶ୍ରୀଅରବିନ୍ଦ ଏହାରି ସମ୍ପର୍କରେହିଁ କହିଛନ୍ତି ଊର୍ଦ୍ଧ୍ୱରୁ ଦିବ୍ୟ-ଶକ୍ତିକୁ ଅବତରଣ କରାଇ ଆଣିବା । ଏହି ଭାବରେ ପୃଥିବୀକୁ ବଦଳାଇ ଦେବା ପାଇଁ ସମର୍ଥ ହେବାର ଏକ ସୁଯୋଗ ବା ସମ୍ଭାବନା ରହିଛି । କାରଣ ତୁମେ ଏକ ନୂତନ ଦିବ୍ୟଶକ୍ତି, ଏକ ନୂତନ କ୍ଷେତ୍ର, ଏକ ନୂତନ ଚେତନାକୁ ଉତାରି ଆଣି ପାରିଛ ଓ ବାହ୍ୟ ଜଗତ୍ ସହିତ ତାହାର ସଂଯୋଗ ସ୍ଥାପନ କରାଇ ପାରିଛ । ତେଣୁ ଏହାର ଉପସ୍ଥିତି ଓ କ୍ରିୟା ଅନିବାର୍ଯ୍ୟ ଭାବରେ ପରିବର୍ତ୍ତନ ଆଣିଦେବ ଏବଂ ଆମେ ଆଶା କରିବା ଯେ ବାହ୍ୟ ଜଗତ୍ ବର୍ତ୍ତମାନ ଯେଉଁ ଅବସ୍ଥାରେ ରହିଛି ତାହାର ଏକ ସାମଗ୍ରିକ ରୂପାନ୍ତର ସମ୍ଭବ ହେବ ।

ତେଣୁ ଆମେ କହିପାରିବା ଯେ ବୁଦ୍ଧ ନିଶ୍ଚିତ ଭାବରେ ଏହି ଅନୁଭୂତିର ପ୍ରଥମ ଭାଗଟି ପ୍ରାପ୍ତ ହୋଇଥିଲେ କିନ୍ତୁ ଦ୍ୱିତୀୟ ଭାଗଟି ସମ୍ପର୍କରେ କୌଣସି ସ୍ୱପ୍ନ ମଧ୍ୟ ଦେଖିପାରି ନ ଥିଲେ । କାରଣ ତାହା ତାଙ୍କର ନିଜ ସିଦ୍ଧାନ୍ତର ବିରୁଦ୍ଧାଚରଣ କରୁଛି । ତାଙ୍କର ସିଦ୍ଧାନ୍ତ ଥିଲା ଆମକୁ ଏସବୁଥିରୁ ନିଷ୍କୃତି ଲାଭକରି ପଳାୟନ କରିବାକୁ ହେବ । ଏହା ସତ୍ୟ ଯେ ନିଷ୍କୃତି ବା ପଳାୟନର ଏକମାତ୍ର ବାଟ ହେଉଛି ମୃତ୍ୟୁ; କିନ୍ତୁ ସେ ଏହାକୁ ଏପରି ସୁନ୍ଦର ଭାବରେ କହିଛନ୍ତି ଯେ ତୁମେ ମରି ଯାଇପାର ତଥାପି ତୁମେ ଜୀବନ ପ୍ରତି ସମ୍ପୂର୍ଣ୍ଣ ଆସକ୍ତ ହୋଇ ରହିପାର ଏବଂ ଜନ୍ମର ଚକ୍ର ଭିତରକୁ ବାରଂବାର ଫେରି ଆସି ମୁକ୍ତି-ଲାଭରୁ ବଞ୍ଚିତ ହୋଇପାର । ଏବଂ ପ୍ରକୃତରେ ସେ ମଧ୍ୟ ସ୍ୱୀକାର କରିଥିଲେ ଯେ ପୃଥିବୀରେ ଥରକୁ ଥର ଜନ୍ମଲାଭ କରି ଉତ୍ତରୋତ୍ତର ଜୀବନ ଯାପନ କରିବା ଦ୍ୱାରା ଜଣେ ନିଜକୁ ଏପରି ବିକଶିତ କରାଇପାରେ ଯାହା ଫଳରେ ସେ ମୁକ୍ତିର ଅବସ୍ଥାରେ ପହଞ୍ଚି ଯାଇପାରିବ । କିନ୍ତୁ ତାଙ୍କ ପାଇଁ ଯାହା ଆଦର୍ଶ ଥିଲା ତାହା ହେଉଛି ଏ ସଂସାରର ଆଉ କୌଣସି ଅସ୍ତିତ୍ୱ ନ ରହିବା । ଯେପରିକି ଏହି ସୃଷ୍ଟିରୂପକ ଏକ ଭୁଲ୍ କରିଥିବା ହେତୁ ସେ ଭଗବାନଙ୍କ ଉପରେ ଦୋଷାରୋପ କରୁଥିଲେ ଏବଂ ଦେଖୁଥିଲେ ଯେ ଗୋଟିଏମାତ୍ର ବାଟ ରହିଛି ଏବଂ ତାହା ହେଉଛି ସଂସାରକୁ ରଦ୍ଦ କରିଦେଇ ସେହି ଭୁଲକୁ ସଂଶୋଧନ

କରିଦେବା । କିନ୍ତୁ ଏହା ସ୍ୱାଭାବିକ ଯେ ଯୁକ୍ତି-ବୁଦ୍ଧିସମ୍ମତ ଓ ତର୍କସଙ୍ଗତ ହେବାକୁ ଯାଇ ସେ ଭଗବାନଙ୍କୁ ସ୍ୱୀକାର କରି ନ ଥିଲେ । ଏହି ସଂସାର ଯଦି ଏକ ଭୁଲ୍ ହୁଏ, ତେବେ କାହା ଦ୍ୱାରା, କିପରି ଭାବରେ ଓ କାହିଁକି ଏ ଭୁଲ୍‌ଟି ହୋଇଛି ? – ବୁଦ୍ଧ ଏହାର କୌଣସି ବ୍ୟାଖ୍ୟା ଦେଇ ନ ଥିଲେ । ସେ ଖାଲି କହିଥିଲେ ଯେ ଏହା ସୃଷ୍ଟି ହୋଇଛି ଏବଂ ଏହି ସଂସାର କାମନା ଦ୍ୱାରା ଆରମ୍ଭ ହୋଇଛି ଏବଂ କାମନା ସହିତହିଁ ଶେଷ ହେବ । ସେ ପ୍ରାୟ ଏହା କହିବାକୁ ଯାଉଥିଲେ ଯେ ଏ ସଂସାର ପୂରା ଆଶୟଗତ, ଅର୍ଥାତ୍ ଏହା ଏକ ସମଷ୍ଟିଗତ ଭ୍ରମ ଏବଂ ଯଦି ଏହି ଭ୍ରମଟିର ସମାପ୍ତି ଘଟିବ ସଂସାର ମଧ୍ୟ ସମାପ୍ତ ହୋଇଯିବ । କିନ୍ତୁ ସେ ଏତେଦୂର ପର୍ଯ୍ୟନ୍ତ ଯାଇ ନ ଥିଲେ । ଶଙ୍କରହିଁ ଏହି ତତ୍ତ୍ୱକୁ ଆହୁରି ଆଗେଇ ନେଲେ ଏବଂ ନିଜ ଶିକ୍ଷାରେ ଏହାର ଏକ ସମ୍ପୂର୍ଣ୍ଣ ରୂପ ଦେଇଦେଲେ ।

ଉଦାହରଣ ସ୍ୱରୂପ, ଆମେ ଯଦି ଋଷିମାନଙ୍କ ଶିକ୍ଷାକୁ ଫେରିଯାଉ ତା'ହେଲେ ତହିଁରେ ଜଗତରୁ ପଳାୟନର କୌଣସି ବିଚାର ନାହିଁ, ସେମାନଙ୍କ ପାଇଁ ସିଦ୍ଧିଟି ଏହି ଜଗତରେହିଁ ପାଇବାକୁ ହେବ । ସେମାନେ ଆଉ ମଧ୍ୟ ଏକ ସୁବର୍ଣ୍ଣ ଯୁଗର କଳ୍ପନା କରିଥିଲେ ଯେଉଁଠି ସିଦ୍ଧିଟି ହେବ ପାର୍ଥିବ । କିନ୍ତୁ ପରେ ଏହି ଦେଶର ଆଧ୍ୟାତ୍ମିକ ଜୀବନରେ ପ୍ରାଣଶକ୍ତିର ହ୍ରାସ ଘଟିବା ଆରମ୍ଭ ହୋଇଥିଲା, ବୋଧହୁଏ ସିଦ୍ଧାନ୍ତରେ ଭିନ୍ନ ଏକ ଦିଗ୍-ବିନ୍ୟାସ ପ୍ରବେଶ କରାଯାଇଥିବା କାରଣରୁ... ନିଶ୍ଚିତ ରୂପରେ ବୁଦ୍ଧଙ୍କ ଶିକ୍ଷାରୁହିଁ ସଂସାରରୁ ପଳାୟନର ଏହି ବିଚାର ଆରମ୍ଭ ହୋଇଥିଲା, ଯାହାକି ଦେଶର ପ୍ରାଣ-ଶକ୍ତିକୁ ଦୁର୍ବଳ କରିଦେଲା, କାରଣ ଜୀବନ ସହ ସମସ୍ତ ସମ୍ପର୍କ କାଟି ଦେବାକୁ ହେଲେ ତୁମକୁ ସେଥିପାଇଁ ପ୍ରଚେଷ୍ଟା କରିବାକୁ ତ ହେବ । ସେହି ଦୃଷ୍ଟି ପାଇଁ ବାହାରର ବାସ୍ତବତା ଏକ ଭ୍ରାନ୍ତିପୂର୍ଣ୍ଣ ମିଥ୍ୟା ଓ ମାୟା ହୋଇ ଉଠିଲା ଏବଂ ତା' ସହିତ ବ୍ୟକ୍ତିର ଆଉ କୌଣସି ସମ୍ପର୍କର ପ୍ରଶ୍ନ ଉଠିଲା ନାହିଁ । ତେଣୁ ସ୍ୱାଭାବିକ ଭାବରେ ତୁମକୁ ବିଶ୍ୱଶକ୍ତି ସହ ସମ୍ପର୍କ ଛିନ୍ନ କରିବାକୁ ହେବ । ଏବଂ ଫଳରେ ପ୍ରାଣଶକ୍ତି ହ୍ରାସ ପାଇବା ଦିଗରେହିଁ ଗତିକଲା ଏବଂ ପ୍ରାଣ ଶକ୍ତିର ଏହି ହ୍ରାସ ସଙ୍ଗେ ସଙ୍ଗେ ସେଦିଗରେ ସମସ୍ତ ସିଦ୍ଧିର ସମ୍ଭାବନା ମଧ୍ୟ ହ୍ରାସ ପାଇବାକୁ ଲାଗିଲା ।

କିନ୍ତୁ ଏହା ବେଶ୍ ଉଲ୍ଲେଖନୀୟ ଯେ... ମୁଁ ଏପରି ଅନେକ ଲୋକଙ୍କୁ ଦେଖିଛି ଯେଉଁମାନେ ଜୀବନରୁ ଏହି ଭାବରେ ଅନାସକ୍ତ ଓ ଅଲଗା ହୋଇଯିବା ପାଇଁ ଓ ପୂରାପୂରି ଆନ୍ତର ଜୀବନର ସତ୍ୟରେ ବାସ କରିବା ପାଇଁ ଚାହାନ୍ତି । ଏହି ଲୋକମାନଙ୍କର, ଏମାନଙ୍କ ଭିତରୁ ପ୍ରାୟ ସମସ୍ତଙ୍କର ବାହ୍ୟ ଜୀବନରେ ପୂରା ଅମାର୍ଜିତ ଅନେକ ଦୋଷ ଦୁର୍ବଳତା ଦେଖିବାକୁ ମିଳେ । ସେମାନେ ଯେତେବେଳେ ବାହ୍ୟ ଚେତନାକୁ ଫେରି ଆସନ୍ତି, ଭଦ୍ର ଓ ସଦାଚାରସମ୍ପନ୍ନ କୌଣସି ସମ୍ଭ୍ରାନ୍ତ ବ୍ୟକ୍ତି ଅପେକ୍ଷା, ଉଦାହରଣ ସ୍ୱରୂପ ସଂସ୍କୃତି, ବୁଦ୍ଧି-ବିଚାର ଓ ନୈତିକତାରେ ଉଚ୍ଚ ବୋଧସମ୍ପନ୍ନ କୌଣସି ବ୍ୟକ୍ତି ଅପେକ୍ଷା ଏମାନଙ୍କର ସ୍ଥିତି ଓ ଆଚାର ବ୍ୟବହାର ଅନେକ ନିମ୍ନ ସ୍ତରର ହୋଇଥାଏ । ଏହି ଲୋକମାନେ ଯେତେବେଳେ ନିଜର ଧ୍ୟାନ ଧାରଣା ଓ ନିବିଷ୍ଟ ଏକାଗ୍ରତା ଭିତରୁ ବାହାରି ଆସନ୍ତି ସେମାନଙ୍କର ସାଧାରଣ ଆଚାର ବ୍ୟବହାର ଅନେକ ଅମାର୍ଜିତ ଓ ନିକୃଷ୍ଟ ଧରଣର ହୋଇଥାଏ । ସେମାନଙ୍କର ଅନେକ ବେଶୀ ଧରଣର ଦୋଷ ଦୁର୍ବଳତା ରହିଥାଏ । ମୁଁ ଏହି ଧରଣର ଅନେକ ଲୋକଙ୍କୁ ଜାଣିଥିଲି । କିଂବା ସମ୍ଭବତଃ ସେମାନେ ଏପରି ଏକ ଅବସ୍ଥାରେ ପହଞ୍ଚି ଥାଆନ୍ତି, ଯେଉଁଠି ସେମାନଙ୍କର ବାହ୍ୟ ଜୀବନ ସେମାନଙ୍କୁ ଏକ ସ୍ୱପ୍ନ ଭଳି ପ୍ରତୀତ ହୁଏ, ଯେଉଁଠାରେ ସେମାନଙ୍କର ନିଜର ଆଦୌ କୌଣସି ଅସ୍ତିତ୍ୱ ନାହିଁ । କିନ୍ତୁ ସେମାନଙ୍କୁ ଦେଖି ମନେହୁଏ ସେମାନେ ଯେପରି ସେହି ଧରଣର ବ୍ୟକ୍ତି ଯେଉଁମାନେ କି ପୂରାପୂରି ଅପୂର୍ଣ୍ଣ, ସାମଗ୍ରିକ ଭାବରେ ଅପୂର୍ଣ୍ଣ; ଅର୍ଥାତ୍ ବାହ୍ୟ କ୍ଷେତ୍ରରେ ସେମାନେ ଆଦୌ କିଛି ପାଇ ନାହାନ୍ତି । ❖

> ସମଗ୍ର ରୂପଟିକୁ ହରାଇ ବସିବା ନୁହେଁ, ତାହାକୁ ସମଗ୍ର ଭାବରେ ବହନ କରିବା,– ତାହାହିଁ ଗୁପ୍ତ ଅସଲ ରହସ୍ୟ । ଈଶ୍ୱର ଏବଂ ମନୁଷ୍ୟ, ବିଶ୍ୱ ଏବଂ ବିଶ୍ୱାତୀତତା,– ଯେତେବେଳେ ଏମାନେ ପରସ୍ପରକୁ ଜାଣନ୍ତି, ସେତିକି ବେଳେହିଁ ସେମାନେ ଏକରୂପ ହୋଇଯାଆନ୍ତି । ସେମାନେ ପରସ୍ପରଠାରୁ ଅଲଗା ହୋଇଗଲେହିଁ ତହିଁରୁ ଅଜ୍ଞାନ ଜାତ ହୁଏ ଏବଂ ଅଜ୍ଞାନରୁ ଦୁଃଖ ଜାତ ହୋଇଥାଏ ।
>
> (SABCL.Vol. 16, p.382) — ଶ୍ରୀଅରବିନ୍ଦ

ସଂସ୍କୃତି-କଳା-ସାହିତ୍ୟ-ବିଜ୍ଞାନ

# ବନ୍ଦେ ମାତରମ୍

## ଶ୍ରୀଅରବିନ୍ଦ

### ଅଦ୍ଭୁତ ପରିକଳ୍ପନା

ଭାଷଣ ମାରୁଥିବା ବଙ୍ଗୀୟ ନେତୃମଣ୍ଡଳୀଙ୍କ ଉପରେ ସନ୍ତୁଷ୍ଟ ନହୋଇ ପରବର୍ତ୍ତୀ କଂଗ୍ରେସର ସଭାପତିଙ୍କ ସମ୍ବନ୍ଧରେ କୌତୂହଳୋଦ୍ଦୀପକ କଳ୍ପନା-ଜଳ୍ପନାସବୁ ପ୍ରକାଶ କରିବା ନିମନ୍ତେ 'ଷ୍ଟେଟସ୍‌ମ୍ୟାନ୍' ତା'ର ସମ୍ବାଦ ସ୍ତମ୍ଭଗୁଡ଼ିକ ଖୋଲା ରଖିଛି । ମିଃ ନାରୋଜିଙ୍କ ଉପରେ ଏହା ବିଶେଷ ସନ୍ତୁଷ୍ଟ ନୁହେଁ ବୋଲି ସ୍ପଷ୍ଟତଃ ଜଣାପଡୁଛି – ତାହା ଯେ ସ୍ୱାଭାବିକ ଭାବପ୍ରବଣତା, ଯେହେତୁ ନରମପନ୍ଥୀମାନେ ଯାହାକିଛି ଘୋଷଣା କରନ୍ତୁ ନା କାହିଁକି, ପ୍ରଗତିଶୀଳ ବିଚାରଧାରାର ସମ୍ପୂର୍ଣ୍ଣ ଅନୁସରଣ ନକରି ପାରିଲେ ମଧ୍ୟ ନାରୋଜି ସେମାନଙ୍କ ଭିତରେ ନାହାନ୍ତି । ତଦନୁସାରେ ନବାବ ସୟଦ୍ ମହମ୍ମଦଙ୍କ ନାମଟିକୁ ଆଗକୁ ଠେଲିନିଆହୋଇଛି – କାରଣ ସେ ହେଉଛନ୍ତି ଜଣେ ମୁସଲମାନ । ଜଣେ ମୁସଲମାନ ସଭାପତି ଆସନ ଅଳଙ୍କୃତ କଲେ ଯେ କଂଗ୍ରେସ ବିରୋଧୀ ମୁସଲମାନମାନେ ଥଣ୍ଡା ପଡ଼ିଯିବେ ଇଏ ଏକ ଭ୍ରାନ୍ତ ଧାରଣା ଯାହା ପୂର୍ବରୁ ଅଭିଜ୍ଞତା ସ୍ୱରୂପ ବାରଂବାର ଦେଖିବାକୁ ମିଳିଛି । ବରିସାଲରେ ମିଃ ରସୁଲ୍‌ଙ୍କର ସଭାପତିତ୍ୱ ଢାକା ନବାବଙ୍କର ଅନୁଗାମୀମାନଙ୍କୁ ଶାନ୍ତ କରିପାରି ନାହିଁ । ଏଭଳି ମନୋନୟନଗୁଡ଼ିକ ସେଇସବୁ ମୁସଲମାନଙ୍କର ସନ୍ତୋଷବିଧାନ କରିପାରିବ ଯେଉଁମାନେ କଂଗ୍ରେସ ସପକ୍ଷରେ ରହି ସାରିଛନ୍ତି । କଂଗ୍ରେସ ପାଇଁ ଏ ବର୍ଷର ପ୍ରଶ୍ନଟି ହେଉଛି ସ୍ୱଦେଶୀ ଆନ୍ଦୋଳନରେ ଯୋଗଦେବ ନା ଅଣସ୍ୱଦେଶୀ ହୋଇରହିଥିବ, ବର୍ଜନ ଆନ୍ଦୋଳନ ଚାଲିବ ବା କୌଣସି ବର୍ଜନ ଆନ୍ଦୋଳନ ହେବ ନାହିଁ; ଆଉ କିଛି ଛୋଟମୋଟ ପ୍ରସଙ୍ଗ ପ୍ରତି ଗୁରୁତ୍ୱ ଦିଆଯିବାର ପ୍ରଶ୍ନ ଉଠୁନି । ଆହୁରି ଗୋଟିଏ ଅସାଧାରଣ ଖବର ହେଲା ମିଃ ତିଳକଙ୍କ ବିରୋଧରେ ପଞ୍ଜାବର ଲାଲା ଲଜପତ୍ ରାୟଙ୍କୁ ଛିଡ଼ା କରାଇବା । ପକ୍ଷାନ୍ତରେ ଆମେ ଜାଣିଛୁ ଯେ ପଞ୍ଜାବ ହେଉଛି ମିଃ ତିଳକଙ୍କ ସପକ୍ଷରେ, ଆଉ ଲାଲା ଲଜପତ ରାୟ ହେଉଛନ୍ତି ଶେଷ ବ୍ୟକ୍ତି ଯିଏକି ମୁହାଁମୁହିଁ ତିଳକଙ୍କୁ ବିରୋଧ କରିବେ । ଲାଲା ଲଜପତ୍ ରାୟଙ୍କର ପ୍ରାର୍ଥିତ୍ୱଟି ସ୍ୱାଭାବିକତଃ ନୂଆଦଳ ପାଇଁ ସ୍ୱାଗତଯୋଗ୍ୟ ନହୋଇ ରହିପାରିବନି । ସେ ତ ସେମାନଙ୍କ ଭିତରୁ ଜଣେ, ଯେଉଁମାନେ କଥା ଅପେକ୍ଷା ଅଧିକ କାମ କରିଯାଆନ୍ତି । ସେ ଏମିତି ଏକ ମଣିଷ ଯାହାଙ୍କ ଉହାଡ଼ରେ ରହିଛି ଶକ୍ତ ଦେଶପ୍ରେମ ସମ୍ପର୍କିତ କାର୍ଯ୍ୟର ରେକର୍ଡ଼ ଆଉ ତାଙ୍କର ଅନ୍ୟ ସମସ୍ତ କାର୍ଯ୍ୟର ଊର୍ଦ୍ଧ୍ୱରେ ରହିଛି ଦେଶ ଭିତରେ ଆର୍ଯ୍ୟ ସମାଜକୁ ଅତ୍ୟନ୍ତ ପରାକ୍ରମଶାଳୀ ଓ ବସ୍ତୁତଃ ସଫଳ ସଂଗଠନରେ ରୂପାୟିତ କରିବାର ଗୌରବ । ଉଭୟେ ମିଃ ତିଳକ ଓ ମିଃ ନାରୋଜି ସଭାପତି ପଦ ପାଇଁ ପ୍ରାର୍ଥିପତ୍ର ଦାଖଲ କରିବାକୁ ମନାକଲେ ଲାଲା ଲଜପତ୍ ରାୟ ଏକମାତ୍ର ସମ୍ଭାବ୍ୟ ପ୍ରାର୍ଥୀ ବୋଲି ବିବେଚିତ ହେବେ ।

### ଉନ୍ମାଦନା ଭିତରେ ଷ୍ଟେଟସ୍‌ମ୍ୟାନ୍

'ଷ୍ଟେଟସ୍‌ମ୍ୟାନ୍'ରେ ସ୍ପଷ୍ଟତଃ ଏପରି ଏକ ଉଦ୍ଦୀପନା-ଭରା ଲେଖାଟିଏ ପ୍ରକାଶ ପାଇଛି ଯହିଁରେ ସମସ୍ୟାଗୁଡ଼ିକ ଦେଶ ସମ୍ମୁଖରେ ବିଭ୍ରାନ୍ତିକରଭାବେ ଉପସ୍ଥାପିତ କରିବାର ଏକ ସାହସିକ ପ୍ରଚେଷ୍ଟା କରାଯାଇଛି । ଏହା ଏକ ଧାରଣାର ପ୍ରସାର ପାଇଁ ଚେଷ୍ଟା ଚଳାଇଛି ଯେ 'ଚରମପନ୍ଥୀ'ମାନେ ମିଃ ଦାଦାଭାଇ ନାରୋଜିଙ୍କ ବିରୋଧରେ ମିଃ ତିଳକଙ୍କୁ ମନୋନୟନ କରିଛନ୍ତି । ଯାହା ସମସ୍ତେ ଜାଣିଛନ୍ତି ଯେ ମିଃ ତିଳକଙ୍କର ନାମକୁ ଦେଶ ସମ୍ମୁଖରେ ସ୍ପଷ୍ଟରୂପେ ଉପସ୍ଥାପିତ ନହୋଇଥିଲା ପର୍ଯ୍ୟନ୍ତ 'ନରମପନ୍ଥୀ'ମାନେ ସମସ୍ୟାକୁ ପରିହାର କରିବା ପାଇଁ ଆଉ କୌଣସି ଉପାୟ ନଦେଖି ମିଃ ନାରୋଜିଙ୍କୁ ମନେ ପକାଇଲେ । ପ୍ରାର୍ଥୀ ମନୋନୟନକୁ ନେଇ କିଂବା ନନେଇ ହେଉ ଆମର ସମସାମୟିକ ବନ୍ଧୁଟି ନୂଆଦଳର ସ୍ଥିତିକୁ ନେଇ ସନ୍ଦେହରେ ପଡ଼ିଯାଇଛି, ଆଉ ଏହା ଆବିଷ୍କାର କରିପାରିଛି ଯେ ବିଭାଜନ ବିରୋଧରେ ବଙ୍ଗାଳୀମାନଙ୍କର ମତ ଆଉ ଗୋଟିଏ ହୋଇ ନାହିଁ । ତା'ହେଲେ ମିଃ ମୋର୍ଲେ ପ୍ରଶ୍ନଟିକୁ ପୁଣି କେମିତି ବିଚାରକୁ ନେଇଛନ୍ତି ? ଆମେମାନେ ତେବେ 'ଷ୍ଟେଟସ୍‌ମ୍ୟାନ୍'କୁ ଜଣେଇବା ଆବଶ୍ୟକ ଯେ ବଙ୍ଗାଳୀମାନେ ପୂର୍ବରୁ ଯେମିତି ସବୁବେଳେ ବିଭାଜନକୁ ବିରୋଧ କରି ଆସୁଥିଲେ ଭବିଷ୍ୟତରେ ମଧ୍ୟ ସେମିତି କରିଚାଲିଥିବେ ? ସେମାନଙ୍କର ମଧ୍ୟ ସେଇ ଗୋଟିଏ ମତ । ମିଃ ମୋର୍ଲେଙ୍କ ହାତ ଧରି ତାଙ୍କୁ ବାଧ କରା

ନଗଲା ପର୍ଯ୍ୟନ୍ତ ଆମ ହାତରେ ସୁବିଧାକୁ ଆଣି ସମର୍ପି ଦେବା ତାଙ୍କର ଉଦ୍ଦେଶ୍ୟ ନୁହେଁ । ସେଇ ସୁବିଧା-ପ୍ରଦାନକୁ ଆଡ଼େଇଦେବା ଛଳରେ ନିଜ ଦୋଷକୁ ମୁକ୍ତକଣ୍ଠରେ ମାନିନେବାର ସାମର୍ଥ୍ୟ ଯେ ତାଙ୍କର ରହିଛି ଏଥିରେ ସନ୍ଦେହର ଅବକାଶ ନାହିଁ । ଟାଉନ୍ ହଲ୍‌ରେ ଗତ ଥର ବୈଠକ ଦିନରୁ ସବୁଦଳ ଭିତରେ ଯେଉଁ ବୁଝାମଣା ଟିକକ ରହିଥିଲା ଗୋଟିଏ ନୂତନ ପ୍ରତିନିଧି ବାଛିବା ସକାଶେ, ଏ ଆନ୍ଦୋଳନ ତା'ର କେବଳ ଉଲ୍ଲଂଘନ କରୁଛି ତା' ନୁହେଁ, ଏହା ମୁଣ୍ଡ ଟେକିଛି ସମସ୍ତଙ୍କ ଅଗୋଚରରେ, ଏହାର ପରିଚାଳନା ମଧ୍ୟ ଚାଲିଛି ଅଜ୍ଞାତସାରରେ । ଏଇ ଗୁରୁତ୍ୱପୂର୍ଣ୍ଣ ବ୍ୟତିକ୍ରମ ମୂଳରେ ଥିବା ଅସଲ ଅଭିପ୍ରାୟ କିଂବା ଯଥାର୍ଥତା ସମ୍ପର୍କରେ ସମଗ୍ର ରାଷ୍ଟ୍ରକୁ ଦୃଢ଼ ବିଶ୍ୱାସ ଭିତରେ ରଖାଯାଇନି । ଏ ବିଷୟରେ ପୁରୁଖା ନେତାମାନେ ଯଦି ସିଧାସଳଖଭାବେ କାର୍ଯ୍ୟ କରିଥା'ନ୍ତେ ଆଉ ଏପ୍ରକାର ପଦକ୍ଷେପ ସକାଶେ ପ୍ରଚଣ୍ଡ ପ୍ରଭାବ ପଡ଼ିପାରିବା ଭଳି ବଳିଷ୍ଠ କାରଣମାନ ଦର୍ଶାଇ ଥାଆନ୍ତେ, ତା'ହେଲେ ନୂଆ ପାର୍ଟିର ନେତାମାନେ ନୂଆ, ନୂଆ ଭକ୍ତିପ୍ଳୁତ ନିବେଦନ ଓ ଆକୁଳ ଆବେଦନଗୁଡ଼ିକୁ ନିୟମତଃ ବିରୋଧ କରି ଆସୁଥିଲେ ମଧ୍ୟ ଏକ ଟାଣୁଆ ଆଉ ମର୍ଯ୍ୟାଦାସମ୍ପନ୍ନ ପ୍ରତିନିଧିତ୍ୱ ପ୍ରତି ସମର୍ଥନ ଜ୍ଞାପନ କରିବା ପାଇଁ ମନାକରି ନ'ଥାନ୍ତେ । କାରଣ ସେଭଳି ପ୍ରତିନିଧିତ୍ୱ ସ୍ୱଦେଶୀ ଓ ବର୍ଜନ ଆନ୍ଦୋଳନର ନୀତିକୁ ତିଳେହେଲେ ଜଳାଞ୍ଜଳି ଦେଇ ନଥା'ନ୍ତା । ଯେହେତୁ ସେମାନେ ସିଧାସଳଖ ଏଇ ପନ୍ଥାଟିକୁ ଗ୍ରହଣ କରିବେ ନାହିଁ, ଏତିକି ଶେଷରେ କହି ରଖିଲେ ଭଲ ହେବ ଯେ ଏ ପ୍ରକାର ନୂତନ ପ୍ରତିନିଧିତ୍ୱ ଏତେ ଦୁର୍ବଳ ଯେ ଯାହାକୁ ଜନସାଧାରଣଙ୍କ ସମ୍ମୁଖରେ ଉପସ୍ଥାପିତ କରିହେବନି । ଏ ନୀତିକୁ ସାର୍ଥକ ଭାବେ ଧରି ରଖିବାକୁ ରାଷ୍ଟ୍ର ନିକଟରେ ଆବେଦନ କରିବା ପାଇଁ ଆମର ତ ଅଧିକାର ରହିଛି । ବର୍ଜନ ଆନ୍ଦୋଳନର ମୁଠା ଶକ୍ତ କରିଦିଅ, ଉଭୟ ଦଳ ଏକ ହୋଇଯାଆନ୍ତୁ ସ୍ୱଦେଶୀ ଆନ୍ଦୋଳନକୁ ନୂତନ ପ୍ରେରଣା ଦେବା ପାଇଁ; ଦୋମୁହାଁ ପ୍ରଶାସନକୁ ଅଚଳ କରିଦିଅ ସତ୍ୟାଗ୍ରହର ପ୍ରତିଟି ନ୍ୟାୟସଂଗତ ସାଧନ ବଳରେ — ଆଉ ଦେଖିବ ଏ **ବିଭାଜନଟି** ଅନିବାର୍ଯ୍ୟବଶତଃ ପ୍ରତ୍ୟାହୃତ କିଂବା ସଂଶୋଧିତ ହେବହିଁ ହେବ ।

[ବନ୍ଦେ ମାତରଂ, ସେପ୍‌ଟେମ୍ବର ୧୩, ୧୯୦୬]

## ଏକ ଶଠତାପୂର୍ଣ୍ଣ ସମର୍ଥନ

ଭାଗଲପୁରରେ ବାବୁ ସୁରେନ୍ଦ୍ରନାଥ ବାନାର୍ଜୀଙ୍କ ଘୋଷଣା ଫଳରେ ଯେଉଁ କଟୁ ସମାଲୋଚନାର ଝଡ଼ ଉଠିଛି ତାହା ନେତାମାନଙ୍କର ଅଣସାମ୍ବିଧାନିକ କାର୍ଯ୍ୟକଳାପକୁ ନେଇ 'ବେଙ୍ଗଲୀ'କୁ ବାଧ୍ୟ କରିଛି ଏକ ପ୍ରକାର କ୍ଷମା ମାଗିନେବା ପାଇଁ କିଂବା କୈଫିୟତ ଦେବାକୁ । ଭାଗଲପୁରରେ ଏକଥା ସ୍ପଷ୍ଟଭାବେ ବ୍ୟକ୍ତ ହୋଇଥିଲା ଯେ ମିଃ ଦାଦାଭାଇ ନାରୋଜି କଂଗ୍ରେସର ସଭାପତିତ୍ୱ ଗ୍ରହଣ କରିଥିଲେ । ଅତଏବ ଏଥିରୁ ବୁଝାପଡୁଛି ଅଭ୍ୟର୍ଥନା କମିଟିର ନେପଥ୍ୟରେ ଜଣେ କିଂବା ଦୁଇଜଣ ବ୍ୟକ୍ତିଙ୍କ ଦ୍ୱାରା ନାରୋଜିଙ୍କୁ ସଭାପତି ପଦବୀଟି ଯଚାଯାଇଥିଲା । ବର୍ତ୍ତମାନ ବୁଝାପଡୁଛି ଯେ ତାଙ୍କୁ ପ୍ରଦାନ କରାଯାଇଥିବା ସଭାପତି ପଦଟି ଗ୍ରହଣ କରିବାର ଇଚ୍ଛାକୁ ସେ ତାରବାର୍ତ୍ତା ଜରିଆରେ ଜଣାଇଥିଲେ । ଏଇ ତଥ୍ୟକୁ ଆଧାର କରି କୁହାଯାଇପାରେ ଯେ ପ୍ରସ୍ତାବଟିରେ କିଛି ବ୍ୟକ୍ତିଙ୍କର ଗୋପନ ପରାମର୍ଶ ଥିଲା ଆଉ ସେଇ ଗୋପନ ପରାମର୍ଶକୁ ଓ ତା'ର ଗୋପନ ସ୍ୱୀକୃତିକୁ କିଛି ବ୍ୟକ୍ତିବିଶେଷ ସର୍ବସାଧାରଣ ସମ୍ମୁଖରେ ପ୍ରକାଶ କରିଦେଲେ ଅଭ୍ୟର୍ଥନା କମିଟି ସହିତ ଆପୋଷ ସମାଧାନ ଉଦ୍ଦେଶ୍ୟରେ, ଏବଂ ତା'ଠାରୁ ଜବରଦସ୍ତି ସମର୍ଥନ ପାଇବା ଆଶାରେ । ତେଣୁ ଏଇ କପଟପାଶାର ସ୍ରଷ୍ଟାମାନେ ଏମିତି କୈଫିୟତ ଦେଇ କେବେବି ନିଜ କୃତ ଅପରାଧର ଦୋଷରୁ ମୁକୁଳି ପାରିବେନି; ଏହା କେବଳ ସେମାନଙ୍କ କାର୍ଯ୍ୟକୁ ଅଧିକ କିଟିମିଟିଆ ଓ ପ୍ରତାରଣାରେ ଭରିଦେବ । କୌଣସି ବ୍ୟକ୍ତିର କିଛି ଅଧିକାର ନାହିଁ କାହାରିଠାରୁ ଏକାନ୍ତରେ ସମ୍ମତି ନେବା ପାଇଁ, ସେ ମିଃ ନାରୋଜି ହୁଅନ୍ତୁ କି ଆଉ କେହି ହୁଅନ୍ତୁ, ସତେ ଯେମିତି ସଭାପତି ଆସନଟି ତା'ର ଇଚ୍ଛାଧୀନ । କାହା ଉପରେ ଦାୟିତ୍ୱକୁ ନ୍ୟସ୍ତ କରାଯିବ ଏ ସଂକ୍ରାନ୍ତରେ କମିଟି ଯେପର୍ଯ୍ୟନ୍ତ କୌଣସି ସିଦ୍ଧାନ୍ତ ନନେଇଛି, କେବେ ଏମିତି ଖାସ୍ ନେତା ନହୋଇଥିଲେ ବି ସମସ୍ତଙ୍କର ନ୍ୟାୟସଙ୍ଗତ ଅଧିକାର ରହିଛି କାମ କରିଯିବା ପାଇଁ, କମିଟିର ଅନୁମୋଦନ ନିମନ୍ତେ ଗୋଟିଏ କିଂବା ଅନେକ ନାମକୁ ଆଗତ କରିବା ପାଇଁ । କେବଳ କମିଟି ସିଦ୍ଧାନ୍ତ ନେଇସାରିଲା ପରେହିଁ ମନୋନୀତ ବ୍ୟକ୍ତିଙ୍କୁ ପ୍ରସ୍ତାବଟି ଗ୍ରହଣ କରିବା ପାଇଁ ଚାହୁଁଛନ୍ତି କି ବୋଲି ପଚରା ଯାଇପାରେ । ପୂର୍ବରୁ ଏକଥା ନିର୍ଧାର୍ଯ୍ୟ ହୋଇଯିବା ଆବଶ୍ୟକ ବୋଲି ଯଦି ବିଚାର କରାଯାଏ,

ତା'ହେଲେ କମିଟିର ଅନୁମୋଦନ କିଂବା ନିର୍ଦ୍ଦେଶ ବଳରେ ତାହା ହୁଏତ କରାଯାଇପାରେ। ବାବୁ ଭୂପେନ୍ଦ୍ରନାଥଙ୍କ ଆଚରଣକୁ ଯଥାର୍ଥ ବୋଲି ପ୍ରତିପାଦିତ କରିବାକୁ ଯାଇ ''ବେଙ୍ଗଲୀ'' ପକ୍ଷରେ ଏଭଳି ଏକ ପିଲାଳିଆମି ଅଭିଯୋଗ ଆଗତ କରିବା ଯେ ଉଚିତ ହୋଇଥା'ନ୍ତା, ଏଇ କଥାଟି ପ୍ରମାଣ କରିଦେଉଛି। ସାମ୍ବିଧାନିକ କାର୍ଯ୍ୟ କହିଲେ କ'ଣ ବୁଝାଏ ସେ ବିଷୟରେ ଏସବୁ 'ବୈଧାନିକ' ନେତୃମଣ୍ଡଳୀଙ୍କର ବିନ୍ଦୁ-ବିସର୍ଗ ସୁଦ୍ଧା ଧାରଣା ନାହିଁ। ମିଃ ନାରୋଜିଙ୍କର ଯେ ଭାରତ ଆସିବାକୁ ଥିଲା ଆଉ ସେଇଥିଯୋଗୁଁ କଂଗ୍ରେସ ଅଧିବେଶନରେ ସଭାପତି ଆସନ ଅଳଙ୍କୃତ କରିବା ପାଇଁ ପଚରା ଯିବାଟା ଠିକ୍ ବୋଲି ବିଚାର କରାଯାଇଥିଲା, ଏଇଟା ଥିଲା କେବଳ ଗୋଟିଏ ବାହାନା ଯାହା ଆଦୌ ବିଶ୍ୱାସଯୋଗ୍ୟ ନୁହେଁ। ଏଇ 'ଉପଯୁକ୍ତତା' ସେଇସବୁ ମଣିଷମାନଙ୍କ ମଥାକୁ ତା'ହେଲେ କେବେ ଆସି ଢୁକିଥିଲା ଯେଉଁମାନେ ହରନାମ ସିଂ ଓ ମୁଧୋଲକର ଆଉ ଏମିତି କାହାରି ନା କାହାରି ନାମକୁ ପ୍ରସ୍ତାବ ସ୍ୱରୂପ ଆଗତ କରିଚାଲିଥିଲେ କିନ୍ତୁ ସେମାନେ ମିଃ ନାରୋଜିଙ୍କ କଥା କେବେହେଲେ ଉଠେଇ ନାହାନ୍ତି ଯଦିବା ସେ ଭାରତ ଆସୁଛନ୍ତି ବୋଲି ଜଣାଥିଲା ? ଏମିତି କି ମିଃ ତିଳକଙ୍କର ନାମ ଦେଶବାସୀଙ୍କ ସମ୍ମୁଖରେ ଉପସ୍ଥାପିତ ହେବା ପର୍ଯ୍ୟନ୍ତ ବି ନୁହେଁ, ଆଉ ସେଇମାନେ ଭଲରୂପେ ବୁଝିଥିଲେ ଯେ ସାଧାରଣ ଯୋଗ୍ୟତାସମ୍ପନ୍ନ ଯେତେଗୁଡ଼ିଏ ବ୍ୟକ୍ତିଙ୍କର ସୂଚନା ସେମାନେ ଦେଇଥିଲେ, କେହି ଜଣେହେଲେ ସେମାନଙ୍କ ଭିତରୁ ତୁଳନାତ୍ମକ ଭାବେ ମହାନ୍ ମରହଟ୍ଟା ନେତାଙ୍କର ସମକକ୍ଷ ହୋଇପାରିଲେ ନାହିଁ। ଏଇସବୁ ଛଳୋକ୍ତିଭରା ବିତର୍କର ଆଶ୍ରୟରେ କଲିକତାର ତାନାସାହି ଶାସକବର୍ଗ ନିଜ କାର୍ଯ୍ୟକଳାପର ଅପଯଶରୁ କେବେ ବି ନିସ୍ତାର ପାଇବେନି।

[ବନ୍ଦେ ମାତରଂ, ସେପ୍ଟେମ୍ବର ୧୪, ୧୯୦୬]

## ବନ୍ଧୁ ଧରାପଡ଼ିଲେ

ଭାରତ ସମ୍ପର୍କରେ ରାଜନୈତିକ ଆଦର୍ଶକୁ ନେଇ, କଂଗ୍ରେସରେ ଥିବା ଆଙ୍ଗ୍ଲୋ-ଭାରତୀୟନେତାମାନଙ୍କୁ ନେଇ ଆମର ଖୋଲାଖୋଲି ସମାଲୋଚନା ଭିତରୁ ପୁରାତନ ଭାରତ ବନ୍ଧୁଙ୍କର ଅସଲ ଚେହେରାଟା ପ୍ରକାଶ ପାଇଛି। ଏଇ ସେ ବନ୍ଧୁ, ଯିଏ ବିଗତ ଶତାବ୍ଦୀରେ ହିନ୍ଦୁର ଆଦର୍ଶରାଜି ମଧ୍ୟରେ ଶ୍ରଦ୍ଧା-ଭକ୍ତିର ଯୋଗ୍ୟ ବିଷୟ ସତରେ ଏମିତି କିଛି ଯେ ରହିଛି ଏପ୍ରକାର ଚିନ୍ତାକୁ ବରଦାସ୍ତ କରିପାରିଲେ ନାହିଁ ଆଉ ବିଚାରସିଦ୍ଧ ଆଧ୍ୟାତ୍ମିକତାର ଭିତ୍ତି ଉପରେ ପ୍ରତିଷ୍ଠିତ ହିନ୍ଦୁଧର୍ମ ସପକ୍ଷରେ ଯୁକ୍ତି ବାଢ଼ୁଥିବା ଯୋଗୁଁ ରାମମୋହନ ରାୟଙ୍କୁ ଯିଏ ବିରୋଧ କରୁଥିଲେ, ସେ ବର୍ତ୍ତମାନ ସେଇମାନଙ୍କୁ ଦେଖି ଆଉ ଥୟ ଧରିପାରିବେନି ଯେଉଁମାନେ ଦାବି କରିଚାଲନ୍ତି ଯେ ବିଦେଶୀ ଶାସନ ଓ ବିଦେଶୀ ହସ୍ତକ୍ଷେପ ବିନା ନିଜର କାର୍ଯ୍ୟକୁ ନିଜେ ପରିଚାଳନା କରିବା ଓ ଭଗବତ୍ ନିର୍ଦ୍ଦିଷ୍ଟ ନିଜ ନିୟତିକୁ ନିଜେହିଁ ଉପଲବ୍ଧି କରିବା ହେଲା ମଣିଷର ସାର୍ବଜନୀନ ଅଧିକାର। ଆମର ଦାସତ୍ୱକୁ ନେଇ, ଆମର ନାଗରିକ ତଥା ଅର୍ଥନୈତିକ ଜୀବନର ଚାହିଦା ଆଉ ଆକାଙ୍କ୍ଷାକୁ ଧରି ଯେଉଁମାନଙ୍କର ଅଭିବୃଦ୍ଧି ଘଟିଚାଲିଛି ସେଇ ବ୍ରିଟିଶ ମଧ୍ୟବିତ୍ତ ଶ୍ରେଣୀ ଭିତରେ ଥିବା ଆନ୍ତରିକତା ପ୍ରତି ବିଶ୍ୱାସ ଆମର ଦୀର୍ଘ ଦିନରୁ ତୁଟି ଯାଇଛି; ତେଣୁ ଆମ ଉପରେ 'ଷ୍ଟେଟସ୍‌ମ୍ୟାନ୍' ଖପ୍‌ପା ହୋଇ ଆକ୍ଷେପ କରିବାଟା କିଛି ଆଶ୍ଚର୍ଯ୍ୟର ବିଷୟ ନୁହେଁ ଆଉ ଯଦି ଏହା ଆମର ବିମୂଢ଼ ବନ୍ଧୁଗଣଙ୍କର ଦୃଷ୍ଟି ଖୋଲିଲା ପରି କାର୍ଯ୍ୟ କରିବସେ, ତା'ହେଲେ ଦୁର୍ନିବାର ଅନାଗତ ପ୍ରତି ଏକ ଶଙ୍କାକୁଳ ପ୍ରତ୍ୟାଶାର ଉଦ୍ଦୀପନାରେ କେହି ଉନ୍ମତ୍ତ ଓ ହିଂସ୍ର ଆକ୍ରମଣ କଲେ ସେଥିପାଇଁ ହୋଇଥିବା କ୍ଷତିର ଭରଣା ଢେର ଅଧିକ ହୋଇଛି ବୋଲି ଆମେ ନିଜେ ଅନୁଭବ କରିବା। ବୋଧହୁଏ ସେ ବନ୍ଧୁଙ୍କୁ ଆମେ ଭୁଲ୍‌ଭାବେ ନିର୍ଣ୍ଣୟ କରିଛୁ ଯଦିବା ତାଙ୍କ ହାତଟା ହେଉଛି ଜାକୋବ୍‌ର ହାତ ଆଉ ସ୍ୱର ହେଉଛି ଏସାଉ(Esau)ର ସ୍ୱର।

''ଶତ୍ରୁ ସାଥେ ମୁହାଁମୁହିଁ ଅଟେ ଅଭିଶାପ
ବନ୍ଧୁ ପ୍ରତାରଣା କିନ୍ତୁ ଆହୁରି ଖରାପ।''

## କାମଚଳା ଧନ୍ଦା ଚଳିବ ନାହିଁ

ଏପରିକି ଗୋଧୂଳି ଲଗ୍ନର ଝାପ୍‌ସା ଅନ୍ଧାର ଭିତରେ ଆଚ୍ଛନ୍ନ ଅବସ୍ଥା ଆଉ ସୂକ୍ଷ୍ମଦୃଷ୍ଟିର ନିପଟ ଅଭାବ ମଧ୍ୟରେ ''ଇଣ୍ଡିଆ'' ପାଖରେ ବେଳେବେଳେ ଆଲୋକର ରେଖାଟିଏ ଉଙ୍କିମାରେ। କଟନ୍‌ସ୍(Cottons) ଓ ଓ୍ୱେଡ଼ର୍‌ବର୍ଣ୍ଣସ୍ (Wedderburns)ଙ୍କର ମୁଖପତ୍ର ଏହିଭଳି ବିବୃତିଟିଏ ଦେଇଛି। ''ମିଃ ମୋର୍ଲେ ଭାରତ ପକ୍ଷରୁ ରାଜ୍ୟସଚିବ ହୋଇ କସ୍ମିନ୍‌କାଳେ ଆଉ ଦିନକ ପାଇଁ ମଧ୍ୟ ରହିବେ ନାହିଁ। ଯେପର୍ଯ୍ୟନ୍ତ

ସେ କର୍ଣ୍ଣଧାର ଅଛନ୍ତି ଜାହାଜର ମଙ୍ଗକୁ ସଠିକ୍ ଦିଗରେ ଭିଡ଼ି ଧରିବେ, କିନ୍ତୁ ଯେତେବେଳେ ନିୟନ୍ତ୍ରଣ ଚଳେଇଥିବା ହାତଟିକୁ ତାଙ୍କର କାଢ଼ି ଦିଆଯିବ, ସେତେବେଳେ କ'ଣ ହେବ ? ଯଥାଯଥ ଭାବେ ଏହିପରି ମିଃ: ମୋର୍ଲେ ଠିକ୍ ଦିଗରେ ମଙ୍ଗଟିକୁ ଧରିପାରନ୍ତି କିନ୍ତୁ ସର୍ବସାଧାରଣଙ୍କ ସମ୍ମୁଖରେ ଦେଇଥିବା ତାଙ୍କ ବିବୃତିରୁ ପୂରାପୂରି ସ୍ପଷ୍ଟ ହୋଇଯାଇଛି ଯେ ସେ କ୍ଷିପ୍ରଗତିରେ କିଂବା ବେଶୀଦୂର ଆଉ ଯାଇପାରିବେ ନାହିଁ । ବରଂ ଭାରତରେ ଦୁର୍ବିଷହ ପରିସ୍ଥିତି ସମ୍ପର୍କରେ କୌଣସି ସିଦ୍ଧାନ୍ତ ଓ ଫଳପ୍ରଦ ଶାସନର ସେ ଘୋର ବିରୋଧୀ । କେବଳ ସେଇ ଗୋଟିଏ ନୀତିର ସେ ବାରଂବାର ପରୀକ୍ଷାମୂଳକଭାବେ ପ୍ରୟୋଗ କରିଚାଲିଛନ୍ତି ଯାହା ବ୍ୟର୍ଥ ହୋଇଛି ଆଉ ତା'ର ପ୍ରଚଳନ ମଧ ନାହିଁ । କ୍ଷମତାର ପଗ୍ଗା ସେ ଧରିଥିଲା ପର୍ଯ୍ୟନ୍ତ ଆମର କିଛିହେଲେ ଫାଇଦା ହେବନି – ଆଉ ତା'ପରେ ? କର୍ଜନଙ୍କ ପରି ଆଉ ଜଣେ ଶାସକ ଆସିଲେ ତା' ପ୍ରତିକ୍ରିୟାରୁ କିଏ ଆମକୁ ସୁରକ୍ଷା ଦେଇପାରିବ ? ଆମେ ସେଇଥିପାଇଁ କହି ରଖୁଛୁ ମନଲାଖି ଏକ ସ୍ୱାୟତ୍ତ ଶାସନର ପ୍ରତିଷ୍ଠା ଏମିତି ଏକ ବସ୍ତୁ ଯାହାକୁ ହାସଲ କରିବା ସକାଶେ କଂଗ୍ରେସ ଜିଦ୍ ଧରିବା ଉଚିତ କାରଣ ସତରେ ଏହା ଏମିତି ଏକ ବସ୍ତୁ ଯାହା କୌଣସି ରକମର ପ୍ରତିକ୍ରିୟାକୁ ସମ୍ଭବ କରାଇ ଦେବନି । ଆମର ଆହୁରି ଯୁକ୍ତି ହେଲା ଯେ ବାଧ୍ୟତାବଶତଃ ସ୍ୱାୟତ୍ତ ଶାସନକୁ ଆନୁଷ୍ଠାନିକ ରୂପ ଖାଲି ଦେଇଦେଲେ ଚଳିବ ନାହିଁ କିନ୍ତୁ ସମ୍ପୂର୍ଣ୍ଣ ରାଜନୈତିକ ସ୍ୱାଧୀନତା ଅଭିମୁଖେ ଏହାହିଁ ମାତ୍ର ପ୍ରଥମ ସୋପାନ । ଏଇ-ସବୁ ଖାଣ୍ଟି ଅଥଚ ଅବିସମ୍ବାଦିତ ସତ୍ୟଗୁଡ଼ିକର ଟିକିନିଖି ବିବରଣୀ ପ୍ରକାଶ କରିବା କଥା କରିଦେଲୁ । ସେଥିପାଇଁ ଖାଲି ଆଙ୍ଗ୍ଲୋଭାରତୀୟ ପତ୍ରିକା ନୁହେଁ ଯାହାର ମନ୍ତବ୍ୟ ପ୍ରତି ଆମର ତିଳେହେଲେ ଭ୍ରୂକ୍ଷେପ ନାହିଁ । ନିଜକୁ ଜାତୀୟବାଦୀ ବୋଲି ମୁକ୍ତକଣ୍ଠରେ ଘୋଷଣା କରି ଚାଲିଥିବା ଭାରତୀୟ ପତ୍ରିକାଗୁଡ଼ିକ ମଧ ଆମକୁ – ''ରାଜଦ୍ରୋହୀ'', ''ଚରମପନ୍ଥୀ''ର ଉପାଧିରେ ଭୂଷିତ କରି ଛାଡ଼ିଦେବେ । ନିର୍ବୋଧ କ୍ରୀତଦାସ ତୁଲ୍ୟ ମନୋଭାବର, ସତ୍ୟପ୍ରତି ଅହେତୁକ ଆଶଙ୍କାର, ଆଉ ଦାସତ୍ୱର ଶୃଙ୍ଖଳରେ ଦୀର୍ଘକାଳବ୍ୟାପୀ ମଥାନତ କରି ରହିଯିବା ଦ୍ୱାରା ନାନାବିଧ ଅଭ୍ୟାସର ବଶବର୍ତ୍ତୀ ମନ ଭିତରେ ବଦ୍ଧମୂଳ ଅଯଥା କ୍ଷୁଦ୍ରାଶୟତାର ଏଭଳି ଏକ ବିଶାଳ ଚାକ୍ଷୁଷ ପ୍ରମାଣ ଆଉ କେଉଁଥିରେ ଦେଖିବାକୁ ମିଳିବ ନାହିଁ । ଏସବୁ ବିବରଣୀକୁ ଯଦି ଦେଶଦ୍ରୋହର ଆଖ୍ୟା ଦିଆଯାଏ, ତା'ହେଲେ ନିର୍ବିବାଦରେ ଆମେମାନେ 'ରାଜଦ୍ରୋହୀ' ଆଉ ଏଇ ରାଜଦ୍ରୋହର ଅନ୍ତିମ ଅଧ୍ୟାୟ ପର୍ଯ୍ୟନ୍ତ ଆମେ ନିରନ୍ତର ଲଢ଼େଇ କରି ଚାଲିବୁ ।

## ପ୍ରସଙ୍ଗ କ୍ରମେ

ରବିବାର ସଂଖ୍ୟାରେ 'ବେଙ୍ଗଲୀ' ଜଣେ ଅସାଧାରଣ ନେତାଙ୍କୁ ନେଇଆସିଛି । ତା'ର ସମସ୍ତ ବିପକ୍ଷମାନଙ୍କୁ ସେ ନିବେଦନ କରିଛି ସେମାନଙ୍କ ଭେଦଭାବର ଅବସାନ ଘଟାଇ ଏକ ସାର୍ବଜନୀନ ସ୍ୱାର୍ଥ ସକାଶେ ଏକଜୁଟ ହେବାକୁ । ଏଇ ବାଞ୍ଛନୀୟ ଲକ୍ଷ୍ୟ ଅଭିମୁଖେ ଅଗ୍ରସର ହେବା ପାଇଁ ସବୁଦିଗରୁ ସେମାନଙ୍କୁ କଠୋରଭାବେ ଆଘାତ ଦେଲେ ଭଲ ହେବ ଯେମିତିକି ଏକ ବିଚାରଶୀଳ ମନର ସ୍ଥିତି ଭିତରକୁ ସେମାନେ ଆସିପାରିବେ । ''ବେଙ୍ଗଲୀ''ର ବିରୋଧୀମାନେ ହୀନ ବ୍ୟକ୍ତିଗତ ମତଲବ ନେଇ କାର୍ଯ୍ୟରେ ପ୍ରବୃତ୍ତ ହେଉଛନ୍ତି । ସେମାନଙ୍କ ମୁଖପତ୍ରଗୁଡ଼ିକ ସହସା କ୍ଷମତାଶାଳୀ ହୋଇ ଉଠିଛନ୍ତି, ଉଦ୍ୟମ ଚଳାଇଛନ୍ତି ଏକ ଚାଞ୍ଚଲ୍ୟ ଖେଳେଇ ଦେବା ପାଇଁ, ସେମାନେ ରାଜନୈତିକ ସୂତ୍ରଗୁଡ଼ିକର ଯେଉଁ ଅଗ୍ରଣୀ ସାଜିଛନ୍ତି ତାହା ଖାଲି ବ୍ୟବସାୟିକ ଚାଲବାଜି ଇତ୍ୟାଦି ଇତ୍ୟାଦି । ଆଉ ସେଥିପାଇଁ 'ବେଙ୍ଗଲୀ' ସେମାନଙ୍କୁ ନିବେଦନ କରୁଛି ବନ୍ଧୁଭାବାପନ୍ନ ହେବା ପାଇଁ, ବାବୁ ସୁରେନ୍ଦ୍ରନାଥ ବାନାର୍ଜୀଙ୍କ ପଛେ ପଛେ ପାଦକୁ ପାଦ ମିଳାଇ ଚାଲିବା ପାଇଁ, ତାଙ୍କୁ ନିଷ୍ଠାପରଭାବେ ଅନୁସରଣ କରିବା ପାଇଁ ଆମ ସହଯୋଗୀ ପତ୍ରିକାଟି କ'ଣ ସତରେ ଭାବିପାରୁଛି ଯେ ଏଇ ଧରଣର ନିବେଦନ କଲେ ସମ୍ଭବତଃ ଫାଟଟିକୁ ବୁଜା ଯାଇପାରିବ ?

*

ଯେଉଁ ପ୍ରଶଂସା ଓ ଅନୁମୋଦନ ଆଙ୍ଗ୍ଲୋଭାରତୀୟ ଖବରକାଗଜମାନଙ୍କୁ ମିଳୁଛି ତାହା ଆମେ ଭୁଲ୍ ମାର୍ଗରେ ଯିବାର ଯେ ଏକ ସୁନିଶ୍ଚିତ ସଙ୍କେତ ଏକଥା ପ୍ରକାଶ କରି 'ବେଙ୍ଗଲୀ' ନିଜ ବିଜ୍ଞତାର ପରିଚୟ ଦେଇଛି । ଘୋଷାରି ଘୋଷାରି ବୁହା ହେଉଥିବା ଏହି ବୃଦ୍ଧ ଜନ୍ତୁଗୁଡ଼ିକୁ ସେମିତି ଅସ୍ଥିରତାର ଜ୍ୱାଳାରେ ପଛଘୁଞ୍ଚା ଦେବାକୁ ଛାଡ଼ି ଦିଆଯାଉ । ଏଣେ କାନ୍ଧଗୁଡ଼ିକ ଆମର ବଧିରା ପଡ଼ିଗଲାଣି । ଏଇ ନୀତି ଅନୁସରଣ କରି ଆମେ ଆମ ବାଟରେ ବେଶ୍ ହସଖୁସିରେ ନିଶ୍ଚୟ ଆଗେଇବାଟା ଉଚିତ ହେବ । ବର୍ତ୍ତମାନର ପରିସ୍ଥିତିରେ ମନ ତୃପ୍ତ ହେଲାପରି ଯଦି

କିଛି ଗୋଟିଏ ବିଶେଷତ୍ୱ ରହିଥାଏ ତା' ହେଉଛି ସର୍ବସହମତିର ଏକ ଉଲ୍ଲେଖନୀୟ ଦୃଷ୍ଟାନ୍ତ ଯାହାକୁ ନେଇ ଆଙ୍ଗ୍ଲୋ-ଭାରତୀୟ ପ୍ରେସ୍ ଏକ୍ଷେତ୍ରରେ ଆମର ସହସା ଆବିର୍ଭାବକୁ ଘୋର ନିନ୍ଦାପୂର୍ବକ ଗଳାଫଟା ଚିତ୍କାର କରି ସ୍ୱାଗତ ଜଣେଇଛି, ଆଉ ଉପରସ୍ତରରୁ ତଳସ୍ତର ପର୍ଯ୍ୟନ୍ତ ସମସ୍ତଙ୍କୁ ତଥା ପ୍ରଶାସକ ଓ ନରମପନ୍ଥୀମାନଙ୍କୁ ସାକ୍ଷାତ୍ କରିଛି ଆମ ଅସ୍ତିତ୍ୱର ବିଲୋପ-ସାଧନ ସକାଶେ ସଂଘବଦ୍ଧ ହେବା ପାଇଁ, 'ଷ୍ଟେଟସ୍‌ମ୍ୟାନ୍', 'ଇଂଲିଶ୍‌ମ୍ୟାନ୍', 'ଟାଇମ୍‌ସ୍' ଓ 'ପାଓନିୟର' ସଭିଙ୍କର ବେତାଳିଆ ସ୍ୱର ମିଶି ଏକାକାର ହୋଇଉଠିଛନ୍ତି ଗୋଟିଏ ତାନର ଗୁଞ୍ଜରଣ ତୋଳି, ବିଶାଳ ଆକାର ଧାରଣ କରି କ୍ରମେ ସ୍ଫୀତ ହୋଇ ପଡ଼ିଥିବା ଏଇ ପ୍ରସଙ୍ଗ ଉପରେ । ସକଳ ବର୍ଗର 'ନରମପନ୍ଥୀ' କାଗଜଗୁଡ଼ିକ ସରକାରୀ ସ୍ତରର କିଂବା ସରକାରଙ୍କ ସହଯୋଗୀ ପ୍ରବକ୍ତାମାନେ ଅବା ସଂଘର ତଥା ସଂଘବିରୋଧୀ ମୁଖପାତ୍ରମାନେ ସମସ୍ତେ ଜାଗିଉଠିଛନ୍ତି ସେଇ ଗୋଟିଏ ଆହ୍ୱାନରେ । ଆମ ପତିଆରା କ୍ଷୁଣ୍ଣ ହେବା ଦେଖି ''ହିନ୍ଦୁ ପାଟ୍ରିଅଟ୍'' ଭାରି ଖୁସି, 'ମିରର' ଆମକୁ ଜେଲ୍ ଆଉ ଫାଶୀ ଖୁଣ୍ଟର ଭୟ ପ୍ରଦର୍ଶନ କରିଚାଲିଛି, ହଠାତ୍ ମୁଣ୍ଡଟେକି ଉଠିଥିବା ସମ୍ବାଦପତ୍ର ସମ୍ପର୍କରେ 'ବେଙ୍ଗଲୀ' ଚାପା ଗୁଞ୍ଜରଣ ତୋଳିଛି ଆଉ ସର୍ବସାଧାରଣଙ୍କୁ ସତର୍କ କରି ଦେଇଛି ଆଗକୁ ଥିବା କ୍ଲେଦାକ୍ତ ସଂକଟ ବିରୋଧରେ, ସେଇ ଅଗ୍ରଗାମୀ ନୀତିର ଦୁର୍ବାର ଲକ୍ଷ୍ୟ ପ୍ରତି ଡାକରା ବିରୋଧରେ । ସାବାସ୍, ସାବାସ୍, ସାବାସ୍ ! ଏଇଠି ତ ରହିଛି ଏକ ଅସାଧାରଣ ଆଉ ଅତି ଅବର୍ଣ୍ଣନୀୟ କଳରୋଳ, ନୂଆ କରି ଦେଖା ଦେଇଥିବା ଏକ ଖବରକାଗଜ ସମ୍ପର୍କରେ, ଦେଶ ଭିତରେ କୌଣସି ପ୍ରଭାବ ବିସ୍ତାର କରି ନଥିବା କିଂବା କେହି ଅନୁଗାମୀ ନଥିବା ଏକ ଦଳ ସମ୍ପର୍କରେ ।

*

'ମିରର୍'ର ଇସାରାରେ 'ଷ୍ଟେଟସ୍‌ମ୍ୟାନ୍' ଦିନକୁ ଦିନ କ୍ରୁର ହୋଇଉଠୁଛି ଆଉ ଭୟ ସଞ୍ଚାର କରିଲାଗିଛି । ନିର୍ଦୟ ଏଇ ଭାରତବନ୍ଧୁ ଜଣକ ଆମକୁ କୌଣସି ପଟୁ ଆଉ ବାଟ ଛାଡୁ ନାହାନ୍ତି ସତ କିନ୍ତୁ ପଲକ ମାତ୍ରକେ ଆମ ସତ୍ତାକୁ ବିଲୋପ କରିଦେବେ ପରା, ଆମକୁ ନିଃଶେଷ କରି ଛାଡ଼ିଦେବେ ଆଉ ଅସ୍ତିତ୍ୱକୁ ପୋଛିଦେବେ । ଭାରତୀୟ ଆଶା-ଆକାଙ୍କ୍ଷା ପ୍ରତି ଇଏ ସମର୍ଥନ ଦେବନି, ଆମେ ଯେପର୍ଯ୍ୟନ୍ତ ନିଜ ଖଣ୍ଡାଟିରେ ନିଜ ପେଟକୁ ଚିରିବା ପାଇଁ ରାଜି ନହୋଇଛୁ । କୌଣସି ରିହାତି ଦେବା ପାଇଁ ଏହା ଓଲଟି ବନ୍ଧୁ ମୋର୍ଲେଙ୍କୁ ଉପଦେଶ ଛଳରେ କହିବ ନା ନା, ରିହାତି ଫିଆତି କିଛି ନାହିଁ, ଏମିତିକି ବିଧାନ ପରିଷଦର ମାନ୍ୟବର ବିଧାୟକମାନଙ୍କ ସଂଖ୍ୟା ବୃଦ୍ଧି କରିବା ପାଇଁ ବି ନୁହେଁ, ଏମିତିକି ଯେପର୍ଯ୍ୟନ୍ତ 'ରାଜଦ୍ରୋହ'ର କଡ଼ା ବାସନାଟା ଭାରତୀୟ ମୃଦୁମନ୍ଦ ସମୀରଣର ହିଲ୍ଲୋଳିତ ସୁବାସ ଭିତର ଦେଇ ଆଉ ନାସାରନ୍ଧ୍ରକୁ ସ୍ପର୍ଶ କରିବ ନାହିଁ ।

[ବନ୍ଦେ ମାତରଂ, ସେପ୍‌ଟେମ୍ବର ୧୭, ୧୯୦୬]

(କ୍ରମଶଃ)

ଅନୁବାଦକ : ଶ୍ରୀ ଉମେଶ ପ୍ରସାଦ ପଟ୍ଟନାୟକ ✥

ଯଦି ତୁମେ ଦିବ୍ୟ କର୍ମର ଯଥାର୍ଥ କର୍ମୀ ହେବାକୁ ଚାହଁ, ତେବେ ତୁମର ଲକ୍ଷ୍ୟ ପ୍ରଥମେ ହେବ ସମସ୍ତ ବାସନାରୁ, ଆତ୍ମସର୍ବସ୍ୱ ଅହଂକାରରୁ ନିଜକୁ ପୂର୍ଣ୍ଣରୂପେ ମୁକ୍ତ କରିବା । ତୁମର ସମସ୍ତ ଜୀବନ ହେବ ପରମେଶ୍ୱରଙ୍କ ଉଦ୍ଦେଶ୍ୟରେ ଏକ ନିବେଦନ ଓ ଆତ୍ମଦାନ; କର୍ମରେ ତୁମର ଏକମାତ୍ର ଲକ୍ଷ୍ୟ ହେବ ଭାଗବତୀ ଶକ୍ତିଙ୍କ ଲୀଳାରେ ତାଙ୍କର ସେବକ ହେବା, ତାଙ୍କୁ ଧାରଣ କରିବା, ସାର୍ଥକ କରିବା, ତାଙ୍କ ପ୍ରକାଶର ଯନ୍ତ୍ର ହେବା ।

(The Mother, Ch. V) — ଶ୍ରୀଅରବିନ୍ଦ

# ୟୁରୋପୀୟ ଟ୍ରାଜେଡ଼ି ଓ ଭାରତୀୟ କରୁଣରସ

## ଶ୍ରୀ ନଳିନୀକାନ୍ତ ଗୁପ୍ତ

କିଛି ଗଢ଼ିବାରେ ଯେପରି ଆନନ୍ଦ ରହିଛି, ଭାଙ୍ଗିବାରେ ମଧ୍ୟ ତାହାର ଅନୁରୂପ ଆନନ୍ଦ ରହିଛି । ଗଢ଼ିବାର ଉଦ୍ଦେଶ୍ୟ ନେଇ ଗଢ଼ିବା ଓ ଭାଙ୍ଗିବାର ଉଦ୍ଦେଶ୍ୟ ନେଇ ଭାଙ୍ଗିବା – ଏଥିରେହିଁ ଆନନ୍ଦ ରହିଛି । କୌଣସି ଉଦ୍ଦେଶ୍ୟ ଏହାର ପଛରେ ରଖି, କୌଣସି ଫଳ ବା ବିଫଳକୁ ସମ୍ମୁଖରେ ରଖି ଏ ଆନନ୍ଦ ମିଳେ ନାହିଁ, ଏ ଆନନ୍ଦ ଅହୈତୁକ, ନିରପେକ୍ଷ । ଏହି ଭାଙ୍ଗିବାର ପଦ୍ଧତିଟି, ଭଙ୍ଗା ଯିବାର ରସଟିହିଁ ଟ୍ରାଜେଡ଼ିର ଉପଜୀବ୍ୟ । ବସ୍ତୁ ବସ୍ତୁର ସଂସ୍ପର୍ଶରେ ଆସି କିଭଳି ଚୂରମାର ହୋଇଯାଉଛି, ଘଟଣା ଘଟଣାର ସହିତ ସଂଯୁକ୍ତ ହୋଇ କିଭଳି ପ୍ରଳୟକୁ ଡାକି ଆଣୁଛି, ଜଗତ୍ ଭିତରେ, ମଣିଷ ଭିତରେ ରୁଦ୍ରଙ୍କର ଯେଉଁ ତାଣ୍ଡବ ନୃତ୍ୟ ଚାଲିଛି, ତାହାରି ଚିତ୍ରଣ କରେ ଟ୍ରାଜେଡ଼ି । ବସ୍ତୁର ଭଙ୍ଗାରୁଜା ପଛରେ କିଛି ଗଢ଼ାଯାଉଛି କି ନାହିଁ, ସଂଘର୍ଷର ପଶ୍ଚାତରେ ଶାନ୍ତି, ବିରହର ପରେ ପରେ ମିଳନ, ଦୁଃଖର ଅବସାନରେ ସୁଖ ଅଛି କି ନାହିଁ ବା ରହିବା ଉଚିତ କି ନାହିଁ, ଏ ପ୍ରଶ୍ନ ନଉଠାଇ, ସେଥିପ୍ରତି ଟିକିଏ ବି ଦୃଷ୍ଟି ନଦେଇ କେବଳ ଭାଙ୍ଗିବା, କେବଳ ସଂଘର୍ଷ, କେବଳ ବିରହ, କେବଳ ଦୁଃଖର ଖେଳକୁ ତରଙ୍ଗାୟିତ କରି ଗଢ଼ିବାରେହିଁ ଟ୍ରାଜେଡ଼ି ଅପରୂପ ରସ ସୃଜନ କରିଥାଏ ।

ଏହି ହିସାବରୁ ଦେଖିଲେ ଭାରତୀୟ ସାହିତ୍ୟରେ ଟ୍ରାଜେଡ଼ି ବୋଲି ଯେ କିଛି ଥିଲା, ଏପରି ମନେହୁଏ ନାହିଁ । ଭାରତୀୟ କବିବୃନ୍ଦ ଏହି ବୈପରୀତ୍ୟର କଥାଟା ଯେ ଜାଣି ନଥିଲେ, ତାହା ନୁହେଁ । ସେମାନେ ବିଶେଷରୂପେ ଜାଣିଥିଲେ ଯେ ଧ୍ୱଂସ ଭିତରେ, ବିଚ୍ଛେଦ ଭିତରେ ଯେଉଁ ରସ ଉଦ୍‌ବେଳିତ, ତାହାର ମହନୀୟ ଚିତ୍ର ଆମେ ଯେଉଁଠି ସେଇଠି ଦେଖିବାକୁ ପାଉ । କିନ୍ତୁ ଗଢ଼ିବାକୁ ନେଇ ସେମାନଙ୍କର ଚେଷ୍ଟା ଚାଲିଥିଲା, ଶେଷରେ ମିଳନ ତଥା ଶାନ୍ତିର ରେଖା ଟାଣି ଭାଙ୍ଗିବାର ଖେଳଟିକୁ ଅଧିକ ବଳୟିତ କରିବା ଥିଲା ସେମାନଙ୍କର ଲକ୍ଷ୍ୟ । ଦୁଃଖକଷ୍ଟର ଚିତ୍ର ଆଙ୍କ – ଯେତେ ମର୍ମନ୍ତୁଦ କରିବାକୁ ଚାହଁ କରିପାର, କିନ୍ତୁ ସମାପ୍ତିରେ ସୁଖ ରହିବ, ରହିବ ସ୍ୱସ୍ତି – ମଧୁରେଣ ସମାପୟେତ୍ । ଭାରତୀୟ ସାହିତ୍ୟରେ ଦେଖୁ କରୁଣରସ, ମାତ୍ର ତାହା ଟ୍ରାଜେଡ଼ିରେ ପରିଣତ ହୋଇ ନାହିଁ । ପାଶ୍ଚାତ୍ୟ ଯେ କେବେ ଏହି ଭାବରେ ଭାବୁକ ହୋଇ ନାହିଁ, ଏକଥା କୁହାଯାଇ ପାରିବ ନାହିଁ । ଏ କଥାଟାକୁ ମନେରଖି ଲାଟିନ୍ ଆଳଙ୍କାରିକ କାବ୍ୟ-ରଚନାର ସୂତ୍ର ଦେଇଛନ୍ତି – Tragic principle and comic finem, (*Latin*)[1] କିନ୍ତୁ ବସ୍ତୁତଃ ୟୁରୋପର କବିପ୍ରାଣରେ ଏ ଭାବଟି ସ୍ଥାନ ପାଏ ନାହିଁ । ଦାନ୍ତେ ତାଙ୍କ ମହାକାବ୍ୟର ନାମ ରଖିଛନ୍ତି Divine Comedy, ଏହାର ପରିଶେଷହିଁ ମିଳନାତ୍ମକ । ପ୍ରକୃତପକ୍ଷରେ କିନ୍ତୁ ଏହି ମହାକାବ୍ୟ ଟ୍ରାଜେଡ଼ିର ରସରେ ପରିପୂର୍ଣ୍ଣ । ଏହି କମେଡ଼ିର ଅର୍ଥ ଦୁଃଖ ଭିତରେହିଁ ଯେଉଁ ଅନିର୍ବଚନୀୟ ଆନନ୍ଦ ରହିଛି ବା କ୍ରୋଧ ଭ୍ରୂକୁଟି ଭିତରେ ଯେଉଁ ହାସ୍ୟରେଖା ଲୁକ୍‌କାୟିତ, ତାହାରହିଁ ପ୍ରକାଶ । ଦାନ୍ତେଙ୍କର ସମଗ୍ର କାବ୍ୟଟି ଜୀବନର ଟ୍ରାଜେଡ଼ିକୁ ପ୍ରତିଫଳିତ କରୁଛି Infernoର ସେହି ବିଖ୍ୟାତ ଛତ୍ରଟିରେ – Lasciate ogni sperranza voi ch'entrate. (*Italian*)[2]

ପ୍ରଥମେ ବିୟୋଗର ଦୃଶ୍ୟ, ଅନ୍ତିମରେ ମିଳନର ଦୃଶ୍ୟ – ଭାରତର କବି ପ୍ରେରଣା ଏହିଟିକୁ ଚାହିଁ ଆସିଛି । କ'ଣ ତା'ର କାରଣ ? ସାଧାରଣତଃ ମଣିଷ ଏହା ଆଶା କରିଥାଏ । ଦୁଃଖ ଭିତରେ ରହିଛି ଅସ୍ୱସ୍ତି, ଅତୃପ୍ତି; ତାହା ଭିତରେ ସବୁକିଛି ଶେଷ ହୋଇଗଲେ ହୃଦୟ କିପରି ଫାଙ୍କା, ଶୂନ୍ୟ ରହିଯାଏ । ମନର ପ୍ରଶ୍ନ ଅମୀମାଂସିତ ରହିଯାଏ – ତତଃ କିମ୍ ? ଏହି ପ୍ରଶ୍ନଟିକୁ ମନରେ ପୋଷଣ କରି ଅସ୍ୱସ୍ତି-ପୀଡ଼ିତ ହୋଇ ବଞ୍ଚି ରହିବା ମନୁଷ୍ୟ ପକ୍ଷରେ କଷ୍ଟକର । ଶେଷର ଅର୍ଥହିଁ ତ ମୀମାଂସା ଓ ତୃପ୍ତି – ଜିଜ୍ଞାସାର ମୀମାଂସା, ପ୍ରାଣର ତୃପ୍ତି । ସେଥିପାଇଁ କପାଳକୁଣ୍ଡଳାର ପରିଣାମ ଜାଣିବାକୁ ଆମେ ଉତ୍ସୁକ, ପରିଶିଷ୍ଟ ଲେଖି ତାହାର ଗୋଟିଏ ପରିଶେଷ ନପାଇଲେ ପ୍ରାଣ,

1. Tragus beginning and end of the play.

2. Abondon all hope ye who enter here.

ମନ ଚଞ୍ଚଳ ହୁଏ । ସାଧାରଣ ବ୍ୟକ୍ତିଠାରେ ଯାହା ହେଉନା କାହିଁକି, କିନ୍ତୁ କବିକୁ ମଧ୍ୟ ପ୍ରାଣର ଏହି ଅସ୍ୱସ୍ତି, ଅତୃପ୍ତି କିଂବା ଏହି ଜିଜ୍ଞାସାର ନିରସନ ଉଦ୍ଦେଶ୍ୟରେହିଁ ଅନ୍ତିମରେ ମିଳନ, ସୁଖ, ହାସ୍ୟ ପ୍ରଭୃତିର ଯେ ଅବତାରଣା କରିବାକୁ ହେବ, ତାହା ବି ଠିକ୍ ନୁହେଁ । ଏହାଠାରୁ ମଧ୍ୟ ଏକ ଗଭୀରତର କାରଣ ରହିଛି । କାବ୍ୟର ଲକ୍ଷ୍ୟ ଓ କାବ୍ୟର ଉଦ୍ଦେଶ୍ୟ ସହିତ ସେ କାରଣ ବିଜଡ଼ିତ ।

ଭାରତୀୟ କବିମାନେ କାବ୍ୟ ସୃଷ୍ଟିକୁ ମଧ୍ୟ ଆଧ୍ୟାତ୍ମିକତା ସହିତ କିଂବା ଅନ୍ତତଃ ମନୁଷ୍ୟ ପକ୍ଷରେ କଲ୍ୟାଣକର କିଛି ସହିତ ଯୁକ୍ତ କରିଦେବାକୁ ଚେଷ୍ଟା କରିଛନ୍ତି, ସେମାନଙ୍କର ଦୃଷ୍ଟିରେ – ସା ଚ ନିଃଶ୍ରେୟସମୂଳମ୍ । ମାନବ ଆଧାର ମଧ୍ୟରେ ବୃହତ୍ତର ବୃତ୍ତି ପରିସ୍ଫୁଟ କରିବାକୁ ହେବ; ସାଧାରଣ ଜୀବନର ଖଣ୍ଡତା, ଦ୍ୱନ୍ଦ୍ୱ, ଆବିଳତାକୁ ଅତିକ୍ରମ କରି ଆଉ ଏକ ଅଲୌକିକ ପ୍ରତିଷ୍ଠାନର ବିମଳତା, ଶାନ୍ତି, ପୂର୍ଣ୍ଣତାକୁ ଜାଣିବାକୁ ହେବ – ଏହି ପ୍ରେରଣା ଆଣି ଦେବାହିଁ ସାହିତ୍ୟର ଉଦ୍ଦେଶ୍ୟ । ସାହିତ୍ୟ ମନୁଷ୍ୟ ଅନ୍ତରରେ ଦିବ୍ୟଚେତନା, ବିଶୁଦ୍ଧ ଆନନ୍ଦ, ଶାନ୍ତିର ସୁଷମା ଆଣି ଦେବାରେ ସାହାଯ୍ୟ କରିବ । ସାହିତ୍ୟ ହେବ ଶିକ୍ଷା ଓ ସାଧନାର ଉପାୟ । ମଣିଷର ମନ-ପ୍ରାଣ, ମଣିଷର ପ୍ରବୃତ୍ତିସକଳକୁ ଏପରି ଛାଞ୍ଚରେ ଢାଳି ଦେବାକୁ ପଡ଼ିବ, ଏପରି ଭାବରେ ପରିଚାଳିତ କରିବାକୁ ହେବ, ଏପରି ଗୋଟାଏ ସୁର ଦେଇ ବାନ୍ଧି ଦେବାକୁ ହେବ ଯେପରି ମହତ୍ତର ଜୀବନର, ଉଚ୍ଚତର ବୃତ୍ତିର, ଏକ ଦିବ୍ୟାଲୋକର ଛାୟା ସେଥିରେ ପ୍ରତିବିମ୍ବିତ ହେବାକୁ ଅବାଧ ସ୍ୱାଧୀନତା ପାଇପାରିବ । ସେଥିପାଇଁ ଭାରତୀୟ ସାହିତ୍ୟ ଜଗତକୁ କେବଳ ନିରାନନ୍ଦ ତଥା ଦ୍ୱନ୍ଦ୍ୱରେ ଭରିଦେବାକୁ, ମଣିଷକୁ କେବଳ ଅଭିଶାପଗ୍ରସ୍ତ କରି ଦେଖାଇବାକୁ ଚାହେଁ ନାହିଁ । 'ସାହିତ୍ୟ' କେବଳ ଜଗତର ପ୍ରତିକୃତି ହେବ କାହିଁକି ? ଜଗତର ଯେଉଁ ଅଭାବ, ମଣିଷର ଯେଉଁ ଦୈନ୍ୟ, ତାହାକୁ ପୂର୍ଣ୍ଣତା ଓ ଋଦ୍ଧି ଭିତରେ ସଜାଇ ଦେଖାଇବାରେ ସାହିତ୍ୟର ସାର୍ଥକତା । ତେଣୁ ବୈଦିକ ଋଷି କହୁଛନ୍ତି – କବିଃ କବିତ୍ୱା ଦିବି ରୂପମାସଜତ୍ । କବି ଦେଖାଇବେ ଦିବ୍ୟ ରୂପ । ତେଣୁ ଭାରତୀୟ କବି ସ୍ଥୂଳ ଜଗତର ଦ୍ୱନ୍ଦ୍ୱ, ନିରାନନ୍ଦ, ନଶ୍ୱରତାକୁ ମିଳନରେ, ସୁଖରେ, ସ୍ଥିତି ଭିତରେ, ଯାବତୀୟ ଅଭିଶାପକୁ ଦିବ୍ୟବରରେ ମଣ୍ଡିତ କରି ପରିସମାପ୍ତି କରିଆସିଛନ୍ତି । କଟୁ ଭିତରେ ରସ ଅଛି, ପ୍ରବୃତ୍ତିର ତୃପ୍ତିହୀନ ସମାପ୍ତିହୀନ ହାହାକାର ମଧ୍ୟରେ ବି ଆନନ୍ଦ ଅଛି । କିନ୍ତୁ ତାହା ବିପରୀତ ରସ, ଆସୁରିକ ଆନନ୍ଦ; ଭାରତୀୟ କବିମାନେ ଏହି ବିକାର ବିପର୍ଯ୍ୟୟକୁ ଏକାନ୍ତ ବୋଲି ସ୍ୱୀକାର କରି ନାହାନ୍ତି, ତାହାର ପ୍ରଭାବକୁ ମଣିଷ ମନରେ ଆଙ୍କି ରଖିବାକୁ ଚାହିଁ ନାହାନ୍ତି । ବିଷୟକୁ ରଞ୍ଜୁ କରି, ସ୍ଥିତିସ୍ଥାପକ କରି ମାନୁଷୀ ହୃଦୟରେ ଏକ ଦିବ୍ୟ ଆନନ୍ଦ ଫୁଟାଇବାକୁ ଚାହିଁଛନ୍ତି । ଶକୁନ୍ତଳା କାହିଁକି 'ଓଥେଲୋ'(Othello)ର ଆଦର୍ଶରେ, କାଦମ୍ବରୀ କାହିଁକି '*Bride of Lammermoor*"ର ଆଦର୍ଶରେ ରଚିତ ହୋଇ ନାହିଁ, ସେସବୁର କୈଫିୟତ୍ ଏହିଠାରେ ।

ଆମେ ଏକଥା କହିବାକୁ ଯାଉ ନାହୁଁ ଯେ ନୀତିଶିକ୍ଷା-ଦାନହିଁ ଭାରତୀୟ କାବ୍ୟର ଲକ୍ଷ୍ୟ ଥିଲା । ଏପରି ବି ନୁହେଁ ଯେ ଭାରତୀୟ କବିବୃନ୍ଦ ସବୁବେଳେ ସଜ୍ଞାନରେ ଚେଷ୍ଟା କରୁଥିଲେ କିଭଳି ମଣିଷ ମନରେ ମାର୍ଜିତ ରୁଚି, ଶୋଭନତର ବୃତ୍ତି, ପରିଶୁଦ୍ଧ ଅନୁଭୂତି, ମହନୀୟ, କଲ୍ୟାଣକର କିଛି ଜିନିଷ ପ୍ରସ୍ଫୁଟିତ କରିବାକୁ ହେବ । ଏହି ସକଳ ଭାବକୁ ବା ଆଦର୍ଶକୁ ସମ୍ମୁଖରେ ରଖି ସେମାନେ କାବ୍ୟରଚନା କରିବାକୁ ପ୍ରେରଣା ପାଇ ନାହାନ୍ତି । କୌଣସି ମହାକବି ମଧ୍ୟ ଏହି ମନୋଭାବ ପୋଷଣ କରି କାବ୍ୟ ସୃଷ୍ଟି କରନ୍ତି ନାହିଁ । କାବ୍ୟ ଆତ୍ମାନୁଭୂତିର ସହଜ ପରିସ୍ଫୂର୍ତ୍ତି । ଆମେ କହିବାକୁ ଚାହୁଁ ଯେ ଭାରତୀୟ କବି-ଆତ୍ମା ଏକ ବିଶେଷ ଧାତୁରେ ତିଆରି, ଏକ ବିଶେଷ ପ୍ରକୃତି ନେଇ ତାହାର ନୈସର୍ଗିକ ଅଭିବ୍ୟକ୍ତି । ଏହି ଧାତୁ, ଏହି ପ୍ରକୃତି ଗଢ଼ିଉଠିଛି ଭାରତର ଯେଉଁ ଅତିପ୍ରାକୃତ ବା ସମୁଚ୍ଚତା ପ୍ରତି ଆକର୍ଷଣ ରହିଛି ସେହି କାରଣରୁ ଏବଂ ବିଶୁଦ୍ଧ ବିରଳ ସେଇ ଏକକ ପ୍ରତିହିଁ ଅନୁରାଗ ଓ ତାହାର ନିଃଶ୍ରେୟସ-ମୁଖୀ ପ୍ରେରଣା ହେତୁ । ଏହା ଦୈବୀପ୍ରକୃତି, ସତ୍ତ୍ୱଗୁଣପ୍ରଧାନ ଭାରତୀୟ କଳାସୃଷ୍ଟି ମୂଳତଃ ହେଉଛି ଶାନ୍ତରସାସ୍ୱଦ, ସର୍ବୋପରି ଯାହା ଚାହେଁ ଧ୍ୟାନର ନିସ୍ତବ୍ଧତା, ପ୍ରସନ୍ନତା । ମିଳନର ହାସ୍ୟରେ ଏହି କଳାସୃଷ୍ଟିର ପର୍ଯ୍ୟବସାନ । ବୁଦ୍ଧ ମୂର୍ତ୍ତି କଥା ଛାଡ଼ି ଦିଆଯାଉ, ମାତ୍ର ଦେଖ ନଟରାଜ ରୁଦ୍ରଙ୍କର ତାଣ୍ଡବ ନୃତ୍ୟ – ତାହା ଭିତରେ ଅପାର୍ଥିବ ଶାନ୍ତିହିଁ ଫୁଟିଉଠିଛି, ପ୍ରତି ପଦବିକ୍ଷେପରେ ସୃଷ୍ଟି ଭାଙ୍ଗିଯାଉଛି ଅବଶ୍ୟ, ପୁଣି ଅନ୍ତରାଳରେ ସତେ ଅବା ନବସୃଷ୍ଟିର ଶତଦଳ ବିକଶିତ ହୋଇଉଠୁଛି । ଅନ୍ୟ ପକ୍ଷରେ ୟୁରୋପୀୟ କବିପ୍ରକୃତି ଆସୁରିକ ତୀକ୍ଷ୍ଣତାରେ ଭରା ଯାହା ପ୍ରଧାନତଃ ରଜୋଗୁଣର କ୍ରିୟା । ତେଣୁ ଗତି, ସଂଘର୍ଷ, ବିକ୍ଷୋଭ ମଧ୍ୟରେହିଁ ତାହାର ଆନନ୍ଦ । ୟୁରୋପୀୟ ଶିଳ୍ପର ଭଙ୍ଗିମା ସେତେ ବେଶୀ 'ଏକୀକରଣ' ଚାହେଁ ନାହିଁ, ତାହା ପକ୍ଷରେ 'ସାମଞ୍ଜସ୍ୟ'ହିଁ

ଯଥେଷ୍ଟ । ନିର୍ବାଣର ଶାନ୍ତି ତାହା ଚାହିଁ ନାହିଁ, ତାହା ପ୍ରକାଶ କରିବାକୁ ଚାହିଁଛି ପ୍ରକାଶ୍ୟ ବୈଚିତ୍ର୍ୟର ଛନ୍ଦୋମୟ ଦ୍ୱନ୍ଦ୍ୱ । ଜ୍ଞାନର ପ୍ରଶାନ୍ତ କିରଣ-ଲେଖା ଭାରତୀୟ ସାହିତ୍ୟରେ ପ୍ରତିଫଳିତ ହେବାବେଳେ, ୟୁରୋପୀୟ ସାହିତ୍ୟରେ ପ୍ରତିଫଳିତ ହୁଏ କର୍ମର ବିକ୍ଷୋଭିତ ତରଙ୍ଗମାଳା । ଭାରତୀୟ କବି ଉଦାସୀନ, ସେ ଉର୍ଦ୍ଧ୍ୱରେ ପ୍ରତିଷ୍ଠିତ ଯୋଗୀର ନେତ୍ର ନେଇ ଜଗତକୁ ଦେଖନ୍ତି – ତାହାଙ୍କ ନୟନରେ ପ୍ରତିଭାତ 'ଶାନ୍ତମ୍ ଶିବମ୍' – ସୃଷ୍ଟିର ପରିପୂର୍ଣ୍ଣତାର ଦିଗଟି । ୟୁରୋପୀୟ କବି କର୍ମଜଗତରେ ସ୍ଥିତ କର୍ମୀର ନେତ୍ରରେ ଜଗତକୁ ଚାହିଁ ଦେଖିଛନ୍ତି – ସଂଘର୍ଷର, ଭଙ୍ଗାରୁଜାର ଛବିଟାହିଁ ବଡ଼ ହୋଇ ତାଙ୍କୁ ଦେଖାଦେଇଛି । ତେଣୁ ମିଳନର ରସରେ ଭାରତୀୟ କବିପ୍ରାଣ ନିଜକୁ ଏପରି ମହନୀୟ କରି ଗଢ଼ିଛନ୍ତି ଏବଂ ୟୁରୋପୀୟ କବିଙ୍କର ଶ୍ରେଷ୍ଠ ସୃଷ୍ଟିସକଳହିଁ ବିଚ୍ଛେଦର ରସରେ ଗଠିତ ।

ଭାରତରେ ବିରହୀ କବିର ସମସ୍ତ ବେଦନା, କ୍ଷୁବ୍ଧତା, ନୈରାଶ୍ୟର ଅନ୍ତରରେ ବି ରହିଛି ଯେପରି ଶାନ୍ତରସର ଛାୟା, ଏକ ଧୈର୍ଯ୍ୟ, ସ୍ଥୈର୍ଯ୍ୟ, ନିର୍ଭରତା ଯେପରି ଏକ ଦିବ୍ୟ ପ୍ରସନ୍ନତା – ମୋଟରେ ଆମେ ଯାହାକୁ କହୁ ସ୍ନିଗ୍ଧ ସାତ୍ତ୍ୱିକତା । ଦୁଃଖ-ଦ୍ୱନ୍ଦ୍ୱ ସେଠାରେ ଦୁଃଖତ୍ୱରେ, ଦ୍ୱନ୍ଦ୍ୱତ୍ୱରେ ନିଜର ଅବିମିଶ୍ରିତ ସ୍ୱରୂପସତ୍ତାରେ ଉଦ୍‌ଭିନ୍ନ ହୋଇ ଉଠି ନାହାନ୍ତି । କରୁଣରସର ଅବତାର ବାଲ୍ମୀକୀ କହି ପାରିଛନ୍ତି –

ତିଷ୍ଠ ତିଷ୍ଠ ବରାରୋହେ ନ ତୋଽସ୍ତି କରୁଣାମୟି ।
ନାତ୍ୟର୍ଥଂ ହାସ୍ୟଶୀଳାସି କିମର୍ଥଂ ମାମୁପେକ୍ଷସେ ।

କରୁଣରସର ଏହିଠାରେ ପରାକାଷ୍ଠା । ମାତ୍ର ସେକ୍ସପିୟର ସେହି ଜାଗାରେ କହିଛନ୍ତି –

Absent thee from felicity a while
And in this harsh world
draw thy breath in pain

ଟ୍ରାଜେଡ଼ିର ଏହା ପୂର୍ଣ୍ଣ ପ୍ରତିମା । ସେକ୍ସପିୟରଙ୍କ ଭଙ୍ଗିମା ମଧ୍ୟରେ ଏପରି ଏକ ଆଭାସ ମିଳେ । ସମଗ୍ର ଜଗତ୍ ଯେପରି ଖଣ୍ଡବିଖଣ୍ଡ ହୋଇ ଭାଙ୍ଗିଯାଉଛି, ମଣିଷର ସମସ୍ତ ସତ୍ତା ଯେପରି ଶତଧା ବିଦୀର୍ଣ୍ଣ ହୋଇ ଶୂନ୍ୟରେ ମିଳାଇ ଯାଉଛି । ଅର୍ଫିଅସ୍(Orpheus)ର ଦେହ ଭଳି ସୃଷ୍ଟିର ପ୍ରତ୍ୟକ୍ଷ ଅଙ୍ଗପ୍ରତ୍ୟଙ୍ଗ ଯେପରି ଛିନ୍ନଭିନ୍ନ ହୋଇ ହାହାକାରର ପ୍ରତିଧ୍ୱନି ଭିତରେ ଦିକ୍-ପ୍ରାନ୍ତରେ ମିଶିଯାଉଛି । ସେଗୁଡ଼ିକୁ ଉଦ୍ଧାର କରିବାର ଯେପରି କୌଣସି ଉପାୟ ନାହିଁ, ସେପରି କିଛି ପ୍ରୟୋଜନ ବି ନାହିଁ । ୟୁରୋପୀୟ କବିଙ୍କ ଦୃଷ୍ଟିରେ ଏକ ମହା-ଅବସାନର ଘନଘଟା ମଧ୍ୟରେ ନିରର୍ଥକ ହୋଇଯିବାରେହିଁ ଯେପରି ସୃଷ୍ଟିର ସାର୍ଥକତା ।

ଭାରତୀୟ ନାଟ୍ୟକାର କାଳିଦାସ ବା ଭବଭୂତି କିଭଳି ଭାବରେ କରୁଣ ରସଟି ସୃଜନ କରି ପାରିଛନ୍ତି, କି ପ୍ରଣାଳୀରେ ବିରହର ଲୀଳାଟିକୁ କ୍ରମପ୍ରକଟ କରି ପୁଣି ସେହି ପ୍ରଣାଳୀର ସହଜ ଗତିକୁ ଅନୁସରଣ କରି ବିରହକୁ ମିଳନ ଭିତରେ ଶାନ୍ତିପୂର୍ଣ୍ଣ, ସ୍ୱସ୍ତିପୂର୍ଣ୍ଣ କରିଛନ୍ତି ଏବଂ ୟୁରୋପୀୟ ନାଟ୍ୟକାର ସେକ୍ସପିୟର୍ ବା ସେଫୋକ୍ଲିସ୍ କିପରି ଧାରାରେ ବିରହ ଓ ବିଚ୍ଛେଦର ଖେଳାଟିକୁ ପରିସ୍ଫୁଟ କରିଛନ୍ତି ଓ ପରିଶେଷରେ ଏକ ବିରାଟ ବିଧ୍ୱଂସରେ ନିଃଶେଷ କରିଦେଇଛନ୍ତି, ଏହି ଦୁଇଟି ବିରାଟ ଚିତ୍ର ଅତି ମନୋରମ, ଅତି ଶିକ୍ଷାପ୍ରଦ । ପ୍ରାଚ୍ୟ କବି କରୁଣରସର ଅବତାରଣା କରିଛନ୍ତି, ବିଚ୍ଛେଦ ଘଟାଇଛନ୍ତି ପରିଣାମର ଶାନ୍ତି ଓ ମିଳନକୁ ଗଭୀରତର ଭାବରେ ଅନୁଭବ କରାଇବା ପାଇଁ । ଐକ୍ୟର ପ୍ରାଣଟିକୁ ସୁସ୍ପଷ୍ଟ ଭାବରେ ପ୍ରକଟିତ କରିବା ଉଦ୍ଦେଶ୍ୟରେ ସେମାନେ ଆଗେ ଭେଦର ଖେଳଟିକୁ ଦେଖାଇ ଦିଅନ୍ତି । ଯେ ଯେତିକି ମାତ୍ରାରେ ସଂସାରରେ ବିଚିତ୍ର, ବହୁଭଙ୍ଗିମ ଦ୍ୱନ୍ଦ୍ୱଭୋଗ କରିଛି, ଅନ୍ତିମରେ ସନ୍ନ୍ୟାସର ସମରସ ସେ ସେତିକି ତୀବ୍ର ଭାବରେ ଉପଲବ୍ଧି କରିପାରିଛି । ଆଦିପର୍ବ, ଯୁଦ୍ଧପର୍ବ ଓ ଶାନ୍ତିପର୍ବ – ଏହାହିଁ ଜୀବନର କ୍ରମ । ଶିଳ୍ପରେ ରସସୃଷ୍ଟିର ମଧ୍ୟ ଏହି କ୍ରମ । ୟୁରୋପ କବିଦୃଷ୍ଟି ଜୀବନକୁ ଏହି ଭାବରେ ଦେଖେ ନାହିଁ । ଦ୍ୱନ୍ଦ୍ୱରୁ ଜୀବନର ଉଦ୍ଭବ, ଦ୍ୱନ୍ଦ୍ୱର ଭିତର ଦେଇ ଗତିକରି ଦ୍ୱନ୍ଦ୍ୱରେହିଁ ଜୀବନର ପର୍ଯ୍ୟବସାନ । ଭାରତୀୟ ପ୍ରତିଭା ଭଙ୍ଗାଗଢ଼ାର ମଧ୍ୟଦେଇ ଗଢ଼ିବାର ଦିଗଟାକୁହିଁ ଦେଖାଇଛି, ୟୁରୋପୀୟ ପ୍ରତିଭା ଭାଙ୍ଗିବାର ମଧ୍ୟଦେଇ ଭାଙ୍ଗିବାର କ୍ରିୟା ଓ ପ୍ରଣାଳୀଟାକୁହିଁ ଫୁଟାଇଛି । ଦାର୍ଶନିକ ତତ୍ତ୍ୱ ହିସାବରେ ଭାରତର ଉପଲବ୍ଧିହିଁ ବୋଧହୁଏ ପୂର୍ଣ୍ଣତର ସତ୍ୟ । ମାତ୍ର ଖାଲି ସେହି ପୂର୍ଣ୍ଣତମ, ବ୍ୟାପକତମ ଅର୍ଥାତ୍ ସତ୍ୟର ବ୍ୟାପ୍ତି (comprehensiveness)କୁ ଦେଖାଇବା କବିର ଲକ୍ଷ୍ୟ ନୁହେଁ, ସେଇଟିକୁ ଦେଖାଇବାକୁ ସେ ଯେତେ ଇଚ୍ଛା କରେ ନାହିଁ, ତାହାଠାରୁ ବେଶୀ ଦେଖାଇବାକୁ ଇଚ୍ଛାକରେ ଜୀବନ-ସତ୍ୟର ଅନ୍ତର୍ଗୂଢ଼ ଭାବଟିକୁ (intensiveness) । ବସ୍ତୁତଃ ଦାର୍ଶନିକର ଚେଷ୍ଟା ସେହି ଏକକ ପୂର୍ଣ୍ଣତମ ସତ୍ୟଟିକୁ ଖୋଜିବା, କିନ୍ତୁ କବି ଖୋଜେ ବହୁ ସତ୍ୟ ବା ଏକହିଁ ସତ୍ୟର ନାନା ଦିଗ, ନାନା ଭାବ, ନାନା ରସ, ନାନା ରୂପ । କବି

ଯେତେବେଳେ ଦୃଷ୍ଟିପାତ କରନ୍ତି ଦୁଃଖ, ଦ୍ୱନ୍ଦ୍ୱ ଓ ବିନାଶ ଉପରେ, ସେତେବେଳେ ଯଦି ସେ ସେଗୁଡ଼ିକର ସ୍ୱ ସ୍ୱ ଧର୍ମ, ସ୍ୱ ସ୍ୱ ଗୁଣକୁ ପର୍ଯ୍ୟବେକ୍ଷଣ କରନ୍ତେ, ସେଗୁଡ଼ିକର ସତ୍ୟ-ଆତ୍ମା, ଅବିଭାଜ୍ୟ ସତ୍ତାଟିକୁ ପ୍ରକାଶ କରିପାରନ୍ତେ, ତେବେ ସେଇଥିରେହିଁ ତାଙ୍କ କବିତ୍ୱର ପୂର୍ଣ୍ଣ ସାର୍ଥକତା ପ୍ରକାଶ ପାଆନ୍ତା ।

ୟୁରୋପୀୟ କବି ଜୀବନର ଏହି ଭଗ୍ନତାର ଦିଗଟାକୁ ଯେ ସମ୍ମୁଖକୁ ନେଇଆସିଛନ୍ତି, ବିୟୋଗାତ୍ମକ ରସ ସୃଷ୍ଟି କରିଛନ୍ତି; ସେଥିରେ ମନେହୁଏ ଯେପରି ଏକ ତୀବ୍ରତା, କଟୁତା, ତିକ୍ତତାର ରସ ରହିଛି । ହଠାତ୍ ୟୁରୋପୀୟ କାବ୍ୟଜଗତରୁ ଭାରତୀୟ କାବ୍ୟଜଗତ୍‌କୁ ଚାଲିଆସିଲେ, ପାଠକ ବୋଧକରେ ସ୍ୱାଦର ଅଭାବ – ଅତିମାତ୍ରାରେ ସୁନ୍ଦର, ମନୋହର ହୋଇ ମଧ୍ୟ ତାହା କିପରି ଏକ ନୀରସତାରେ ଭରା; ବୋଧହୁଏ ଅତି ମନୋହର ବୋଲି ସ୍ୱାଦହୀନ ବୋଧହୁଏ । ଭାରତୀୟ କାବ୍ୟ-ନାଟକ ୟୁରୋପୀୟମାନଙ୍କ ନିକଟରେ artificial ମନେହୁଏ, ତାହାର କାରଣ ବି ଏହିଠାରେ । ଅନ୍ୟପକ୍ଷରେ ଭାରତୀୟ କାବ୍ୟରସରେ ଯେଉଁମାନେ ବର୍ଦ୍ଧିତ, ସେମାନେ ୟୁରୋପୀୟ କାବ୍ୟର ସଂସ୍ପର୍ଶରେ ଆସି ତାହାର ଦ୍ୱନ୍ଦ୍ୱ, ବିରୋଧ, ଧସ୍ତାଧସ୍ତି ଦେଖି କହିବସନ୍ତି – କି ବର୍ବରତା, କି ପ୍ରାକୃତଜନ-ସୁଲଭ ମାଦକତା ! ଏପରି ଭାବିବା ଆଶ୍ଚର୍ଯ୍ୟ କଥା ନୁହେଁ । ପ୍ରକୃତରେ ଦେଖିଲେ ଭାରତୀୟ କବି artificial ନୁହନ୍ତି କି ୟୁରୋପୀୟ କବି ବର୍ବର ନୁହନ୍ତି । ଦୁହେଁ (artistic) କଳାପ୍ରିୟ, ତେବେ ଦୁଇପ୍ରକାର (ଆର୍ଟ୍) କଳା, ଦୁଇ ପ୍ରକାର ରସ-ସୃଜନ ରହିଛି ।

ଦ୍ୱନ୍ଦ୍ୱ ଭିତରେ, ସଂଘର୍ଷ ଭିତରେ, ଜୀବନର ବିଷମୟ ପରିଣାମ ଭିତରେ ଯେଉଁ ଆନନ୍ଦ ଲୁକ୍‌କାୟିତ, ତାହା ପ୍ରାକୃତଜନର ଉପଲବ୍ଧିରେ ଧରାଦିଏ ନାହିଁ, ଏହା କବିଦୃଷ୍ଟିର ଉପଲବ୍ଧି । ହୁଏତ ଏହି ଦୃଷ୍ଟି ଇହମୁଖୀ, ତେବେ ସେଥିରେ ତାହା କିଛି ଅଳ୍ପ ସୁନ୍ଦର ନୁହେଁ, କିଛି କମ୍ ସତ୍ୟ ନୁହେଁ । ୟୁରୋପର ଏହି ପ୍ରତୀତିକୁ ଭାରତବର୍ଷ ଏକାନ୍ତ ସର୍ବସ୍ୱ ବୋଲି ସ୍ୱୀକାର କରିନେଇ ନାହିଁ । ସେ ଚାହିଁଛି ସମୁଦ୍ରର ସେହି ଶାନ୍ତ, ସେହି ସାମଞ୍ଜସ୍ୟ, ସେହି ମିଳନକୁ ନେଇ ସୁଷମାରେ ଭରି ନୂଆ କିଛି ଗଢ଼ିବ, ନୂଆ କିଛି ସଜାଇବ । କିନ୍ତୁ ଏହି କାରଣରୁ ଯେ କାବ୍ୟ ହିସାବରେ ତାହା ଶ୍ରେଷ୍ଠତର ହେବ, ସେକଥା ବି କୁହାଯାଇ ପାରିବ ନାହିଁ । ଆମେ ପୂର୍ବରୁ କହିଛୁ, ଭାରତୀୟ କବି ଦୈବୀପ୍ରକୃତି ଅର୍ଥାତ୍ ସତ୍ତ୍ୱପ୍ରଧାନ; ୟୁରୋପୀୟ କବି ରାଜସିକ ପ୍ରକୃତି ଅର୍ଥାତ୍ ରଜଃପ୍ରଧାନ । ଏଥିରେ ଭୁଲ ବୁଝିବାର ସମ୍ଭାବନା ରହିଛି । ସତ୍ତ୍ୱପ୍ରଧାନ ହେଲେ ଯେ କବିତ୍ୱ ହିସାବରେ ତାହା ଶ୍ରେଷ୍ଠତର ହେବ ବା ରଜଃପ୍ରଧାନ ବୋଲି ଯେ କବିତ୍ୱ ହିସାବରେ ହୀନତର ହେବ – ଏହା ନୁହେଁ । କବିର ଦୃଷ୍ଟି ତ୍ରିଗୁଣାତୀତ, ସେହି କାରଣରୁ ସେ ଯେକୌଣସି ଗୁଣର ପ୍ରେରଣା ନେଇ ସୃଷ୍ଟି କରିପାରନ୍ତି । କବି ସିଦ୍ଧପୁରୁଷ, ତେଣୁ ସେ ଦିବ୍ୟଭାବ ବା ଆସୁରୀଭାବ ଉଭୟ ଭିତରେ ଆପଣାକୁ ପୂର୍ଣ୍ଣ ଭାବରେ ପ୍ରକଟିତ କରିପାରନ୍ତି । କବିତ୍ୱ ଦିଗରୁ, ରସ ସୃଷ୍ଟିର ଦିଗରୁ ସେଥିରେ କୌଣସି ଅଙ୍ଗହାନି ହେବ ନାହିଁ ।

(ଶ୍ରୀ ନଳିନୀକାନ୍ତ ଗୁପ୍ତଙ୍କ ମୂଳ ବଙ୍ଗଳା
'*ସାହିତ୍ୟିକା*' ପୁସ୍ତକରୁ ଅନୂଦିତ ।)

ଅନୁବାଦ : କୃଷ୍ଣାଦେବୀ ✤

ଅଗ୍ରଗତି କରିବାକୁ ହେଲେ ତୁମକୁ ସମସ୍ତ ପୁରାତନ ଗଠନକୁ କାଢ଼ି ଫିଙ୍ଗି ଦେବାକୁ ହେବ, ସମସ୍ତ ପୂର୍ବକଳ୍ପିତ ଧାରଣାକୁ ଭାଂଗି ନିଶ୍ଚିହ୍ନ କରିଦେବାକୁ ହେବ । ପୂର୍ବକଳ୍ପିତ ଧାରଣାଗୁଡ଼ିକ ହେଉଛି ମନର ସେହିସବୁ ଅସଂଖ୍ୟ ଅଭ୍ୟାସଗତ ଗଠନ, ଯେଉଁଥିରେ ତୁମେ ବାସ କରିଥାଅ, ଯେଉଁଗୁଡ଼ିକ ସ୍ଥିରୀକୃତ, ତେଣୁ ସେଗୁଡ଼ିକର କୌଣସି ନମନୀୟତା ନାହିଁ ଓ ଅଗ୍ରଗତି କରିବା ପାଇଁ ଅସମର୍ଥ । ସେ ସବୁଗୁଡ଼ିକୁ କାଢ଼ି ଫିଙ୍ଗି ଦେବାକୁ ହେବ । ତା'ହେଲେ ନୂତନ ଧାରଣା ସବୁ ଜନ୍ମ ନେବେ ଓ ଏକ ସକ୍ରିୟ ଭାବନାର ଉଦୟ ହେବ, ଯାହା ସୃଜନଶୀଳ ।

– ଶ୍ରୀମା

ବେଦରହସ୍ୟ - (ପୂର୍ବାର୍ଦ୍ଧ) : ବିଂଶ ଅଧ୍ୟାୟ

# ସ୍ୱର୍ଗଶୁନୀ ସରମା

## (୧)

## ଶ୍ରୀଅରବିନ୍ଦ

'ସତ୍ୟ'-ବିଷୟକ ବୈଦିକ ବିଚାର ଏବଂ ଆଦି ପିତୃପୁରୁଷଙ୍କ ଦ୍ୱାରା ଉଷାଙ୍କ ପ୍ରଭାରାଜିର ଆବିଷ୍କାର ଉପରେ ପୂର୍ଣ୍ଣତଃ ଅବଗତ ହେବା ପାଇଁ ଆଙ୍ଗିରସ କଥାନକର ଦୁଇଟି ନିତ୍ୟ ସହଚର ତଥ୍ୟ ତଥାପି ଜାଣିବାକୁ ବାକି ରହିଛି; ସେଥିପାଇଁ ଆମେ ଏହା ଉପରେ ଆହୁରି ଆଗକୁ ଆଲୋକପାତ କରିବା। ବେଦ-ବ୍ୟାଖ୍ୟାରେ ଥିବା ପରସ୍ପର ଘନିଷ୍ଠ ଦୁଇଟି ସମସ୍ୟାକୁ ପ୍ରଥମେ ନିର୍ଣ୍ଣୟ କରିବାକୁ ହେବ, ଯଥା : ସରମା କିଏ ଓ ପଣିମାନଙ୍କର ଯଥାର୍ଥ କର୍ମ କ'ଣ। ସରମା ଯେ ଜ୍ୟୋତିଃର, ସମ୍ଭବତଃ ଉଷାଙ୍କର ଏକ ଶକ୍ତି ତାହା ନିଃସନ୍ଦେହ; କାରଣ ଥରେ ତାହା ଜଣାପଡ଼ିଗଲେ ଗୋଟିଏ ପକ୍ଷରେ ଇନ୍ଦ୍ର ଓ ଆଦି ଆର୍ଯ୍ୟଋଷିମାନେ ଏବଂ ଅପର ପକ୍ଷରେ 'ଗୁହା'-ନିବାସୀ ବୃତ୍ରଗଣ ଏ ଉଭୟଙ୍କ ସଂଗ୍ରାମ ଯେ ପ୍ରାଚୀନ ଭାରତୀୟ ଇତିହାସର କେବଳ ଏକ ବିଚିତ୍ର ବିକୃତି ନୁହେଁ ବରଂ ଜ୍ୟୋତିଃ ଓ ଅନ୍ଧକାରର ଶକ୍ତିମାନଙ୍କ ମଧ୍ୟରେ ଏକ ପ୍ରତୀକାତ୍ମକ ସଂଗ୍ରାମ ଏବଂ ଏଥିରେ ସରମା ହେଉଛନ୍ତି ଜ୍ୟୋତିର୍ମୟ ଗୋଯୂଥର ଅନ୍ୱେଷଣରେ ନେତ୍ରୀ ତଥା ମାର୍ଗ ତଥା ପର୍ବତମଧ୍ୟସ୍ଥ ଗୁପ୍ତଧନଭଣ୍ଡାର, ଏ ଉଭୟର ଆବିଷ୍କାରିକା ଏବଂ ସେହିଁ ନିଶ୍ଚିତଭାବେ ମାନବ ମନମଧ୍ୟସ୍ଥ ସତ୍ୟ-ଉଷାଙ୍କର ଜଣେ ଅଗ୍ରଗାମିନୀ ବିଭାବ ହୋଇଥିବେ – ଏ କଥାଟି ସ୍ପଷ୍ଟ ହୋଇଯିବ। ଆହୁରି ମଧ୍ୟ ଆମେ ଯଦି ନିଜକୁ ପଚାରୁ ଯେ ସତ୍ୟାନୁସନ୍ଧିତ୍ସୁ ସାମର୍ଥ୍ୟମାନଙ୍କ ମଧ୍ୟରେ କେଉଁ ଶକ୍ତି ଆମ ସତ୍ତାରେ ସେହି ଅଜ୍ଞାତର ତିମିର ମଧ୍ୟରେ ନିହିତ ସତ୍ୟକୁ, ଯାହା ଆମ ସତ୍ତା ମଧ୍ୟରେ ପ୍ରଚ୍ଛନ୍ନ ରହିଛି, ତାକୁ ଆବିଷ୍କାର କରେ, ତେବେ ଆମେ ସଙ୍ଗେ ସଙ୍ଗେ ସମ୍ବୋଧିର କଥା ଭାବୁ। କାରଣ ସରମା ସରସ୍ୱତୀ ନୁହନ୍ତି, ସେ ଅନ୍ତଃପ୍ରେରଣା ନୁହନ୍ତି, ଯଦିଓ ଉଭୟ ନାମର ସାଦୃଶ୍ୟ ଅଛି। ସରସ୍ୱତୀ ଜ୍ଞାନର ପୂର୍ଣ୍ଣ ପ୍ରବାହ ଦାନ କରନ୍ତି, ସେ ସ୍ୱୟଂ ମହତୀ ସ୍ରୋତସ୍ୱିନୀ, **ମହୋ ଅର୍ଣଃ**, ଅଥବା ସେ ତାହାକୁ ପ୍ରବୃଦ୍ଧ କରାନ୍ତି ଏବଂ ସମସ୍ତ ଧୀକୁ ପୂର୍ଣ୍ଣଭାବେ ପ୍ରଦୀପ୍ତ କରାନ୍ତି – **ବିଶ୍ୱା ଧିୟୋ ବି ରାଜତି**। ସରସ୍ୱତୀ ସ୍ୱୟଂ ସତ୍ୟର ପ୍ରବାହ ଓ ସେ ଏହାର ଅଧିକାରିଣୀ; ସରମା ସତ୍ୟପଥର ଯାତ୍ରିଣୀ ଏବଂ ଏହାର ଅନ୍ୱେଷିକା, ସେ ସ୍ୱୟଂ ସତ୍ୟର ଅଧିକାରିଣୀ ନୁହନ୍ତି ବରଂ ଅପହୃତ ସତ୍ୟର ଅନୁସନ୍ଧାନ କରି ତାକୁ ଖୋଜି ପାଆନ୍ତି। ସେ ମଧ୍ୟ ଦେବୀ ଇଳାଙ୍କ ପରି ସ୍ୱତଃ-ପ୍ରକାଶକ ଜ୍ଞାନର ସର୍ବାଙ୍ଗୀଣ ବାକ୍, ମାନବର ଗୁରୁ ବି ନୁହନ୍ତି; କାରଣ ସରମା ନିଜ ଅନ୍ୱେଷଣୀୟ ବସ୍ତୁର ସନ୍ଧାନ ପାଇବା ପରେ ବି ସେ ତାହାକୁ ଅଧିକାର କରନ୍ତି ନାହିଁ କିନ୍ତୁ କେବଳ ଋଷିମାନଙ୍କୁ ଓ ସେମାନଙ୍କର ଦିବ୍ୟ ସହାୟକମାନଙ୍କୁ ତା' ବିଷୟରେ ସୂଚନା ଦେଇ ଦିଅନ୍ତି, କାରଣ ତେବେ ବି ସନ୍ଧାନପ୍ରାପ୍ତ ଜ୍ଞାନ-ଜ୍ୟୋତିଃ ଉପରେ ଅଧିକାର ପାଇଁ ସେମାନଙ୍କୁ ଯୁଦ୍ଧ କରିବାକୁ ହୁଏ।

ସେ ଯାହାହେଉ, ସରମାଙ୍କ ସମ୍ପର୍କରେ ସ୍ୱୟଂ ବେଦ କ'ଣ କହିଛନ୍ତି ବର୍ତ୍ତମାନ ତାହା ଦେଖିବା। ଋ.୧।୧୦୪ ସୂକ୍ତରେ ତାଙ୍କ ନାମ ନ ଥିବା ଗୋଟିଏ ଋକ୍ ଅଛି, ସେଥିରେ, ଋକ୍-୫, ସରମାଙ୍କ ବିଷୟରେ ଯାହା କୁହାଯାଏ, ଏହି ପଙ୍କ୍ତିରେ ସେ ବିଷୟରେ ଯଥାଯଥ ଭାବରେ ବର୍ଣ୍ଣନା କରାଯାଇଛି – "ଯେତେବେଳେ ଏହି ମାର୍ଗପ୍ରଦର୍ଶିକା ଦୃଷ୍ଟିଗୋଚର ହେଲେ ସେତେବେଳେ ସେ ସଜ୍ଞାନ ଭାବରେ ଦସ୍ୟୁମାନଙ୍କର ଗୃହତୁଲ୍ୟ ଏକ ସଦନ ଅଭିମୁଖରେ ଯାତ୍ରା କଲେ"–

**ପ୍ରତି ଯଦ୍ ସ୍ୟା ନିଥାଅଦର୍ଶି ଦସ୍ୟୋଃ**
**ଓକୋ ନ ଅଚ୍ଛା ସଦନମ୍ ଜାନତୀ ଗାତ୍।**

ସରମାଙ୍କର ଏହି ଦୁଇଟି ମୂଳ ବୈଶିଷ୍ଟ୍ୟ; ଦୃଷ୍ଟିଗୋଚର ହେବା ପୂର୍ବରୁହିଁ ଜ୍ଞାନ ପ୍ରଥମେ ତାଙ୍କ ନିକଟକୁ ଆସେ, ସାମାନ୍ୟତମ ସୂରାକ ପାଇଲେ ତାହା ସହଜ ଭାବରେ ଉତ୍ସାରିତ ହୁଏ ଏବଂ ଅନ୍ୱେଷକର ଅବଶିଷ୍ଟ କର୍ମ-ସାମର୍ଥ୍ୟକୁ ଓ ଦିବ୍ୟଶକ୍ତିମାନଙ୍କୁ ସେ ଏହି ଜ୍ଞାନ ଦ୍ୱାରା ପଥ ପ୍ରଦର୍ଶନ କରାନ୍ତି। ଆହୁରି ମଧ୍ୟ ଧ୍ୱଂସକମାନଙ୍କ ସଦନ, ସଦନମ୍, ଅର୍ଥାତ୍ ସେମାନଙ୍କ ଆବାସ ଅଭିମୁଖେ ସେ ଚଳାଇ ନିଅନ୍ତି ଯାହା ଅସ୍ତିତ୍ୱର ଅନ୍ୟ ଧ୍ରୁବରେ ଅବସ୍ଥିତ ସତ୍ୟ-ସଦନର ବିପରୀତ ପାର୍ଶ୍ୱ – ଅନ୍ଧକାରର ଗୁହା ବା ଗୂଢ଼ ପ୍ରଦେଶ ମଧ୍ୟରେ, ଗୁହାୟାମ୍, ଠିକ୍ ଯେପରି ଆଲୋକର ଗୁହା ବା ଗୂଢ଼ ପ୍ରଦେଶରେ ଦେବଗଣଙ୍କର ସଦନ ରହିଛି।

ଅନ୍ୟଭାବରେ କହିଲେ, ସରମା ଏପରି ଏକ ଶକ୍ତି ଯିଏ ଅତିଚେତନ 'ସତ୍ୟ'ରୁ ଆମ ମଧ୍ୟରେ ଅବତୀର୍ଣ୍ଣା ହୋଇଛନ୍ତି, ସେ ଆମକୁ ଆମର ଅବଚେତନା ମଧ୍ୟରେ ପ୍ରଚ୍ଛନ୍ନ ହୋଇ ରହିଥିବା ଜ୍ୟୋତିଃ ନିକଟକୁ ନେଇ ଚାଲିଛନ୍ତି । ଏହି ସବୁ ବୈଶିଷ୍ଟ୍ୟ ଯଥାଯଥରୂପେ ଅନ୍ତର୍ଜ୍ଞାନକ୍ଷେତ୍ରରେହିଁ ପ୍ରଯୁଜ୍ୟ ।

ବେଦର ଅଳ୍ପ କେତେକ ସୂକ୍ତରେ ସରମାଙ୍କ ନାମର ଉଲ୍ଲେଖ ରହିଛି, ବିଶେଷତଃ ଆଙ୍ଗିରସଗଣଙ୍କ କର୍ମସିଦ୍ଧି ଅଥବା ଅସ୍ତିତ୍ୱର ଉଚ୍ଚତମ ସ୍ତରକୁ ଉନ୍ନୀତ ହେବା ସହିତ ସେ ନିଶ୍ଚିତ ରୂପେ ସମ୍ପୃକ୍ତା । ଏହି ସୂକ୍ତମାନଙ୍କ ମଧ୍ୟରେ ଅତ୍ରିଗଣଙ୍କ ସୂକ୍ତ ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ, ଏହା ପୂର୍ବରୁ ଆମେ ନବଗ୍ୱ ଓ ଦଶଗ୍ୱ ଆଙ୍ଗିରସମାନଙ୍କ ସମ୍ବନ୍ଧରେ ପର୍ଯ୍ୟାଲୋଚନା କଲାବେଳେ ଏହାର ଉଲ୍ଲେଖ କରିଛୁ (୫।୪୫) । ପ୍ରଥମ ତିନି ମନ୍ତ୍ରରେ ଏହି ମହତ୍ କର୍ମସାଫଲ୍ୟ ବିଷୟରେ ସଂକ୍ଷେପରେ କୁହାଯାଇଛି – ''ମନ୍ତ୍ରବାକ୍ ଦ୍ୱାରା ସ୍ୱର୍ଗର ଅଦ୍ରିକୁ ବିଦୀର୍ଣ୍ଣ କରି ସେ ସେମାନଙ୍କୁ ପାଇଲେ, ପ୍ରକାଶମାନା ଉଷାଙ୍କର ପ୍ରଭାଗଣ ଚତୁର୍ଦ୍ଦିଗରେ ଖେଳି ହୋଇଗଲେ; ବନ୍ଦୀଗୋଷ୍ଠ ମଧ୍ୟରେ ଯେଉଁମାନେ ଥିଲେ ସେମାନଙ୍କୁ ସେ ମୁକ୍ତ କରିଦେଲେ, ସ୍ୱର୍ ଊର୍ଦ୍ଧ୍ୱକୁ ଉତ୍‌ଥିତ ହେଲା; ମାନୁଷ ଦ୍ୱାରଗୁଡ଼ିକୁ ଜଣେ ଦେବ ଉନ୍ମୁକ୍ତ କରିଦେଲେ (୪୫।୧)[୧] । ସୂର୍ଯ୍ୟ ବଳ ଓ ମହିମାକୁ ବିପୁଳଭାବେ ପ୍ରାପ୍ତ ହେଲେ; ଗୋମାନଙ୍କ 'ମାତା' (ଉଷା) ଏହା ଜାଣି ବୃହତ୍ ମଧ୍ୟରୁ ଆସିଲେ; ନଦୀଗୁଡ଼ିକ ପରିପ୍ଲାବିନୀ ହେଲେ, ସେହି ପ୍ଲାବନର ପ୍ରବାହଗୁଡ଼ିକ ଜଳମାର୍ଗକୁ କାଟି ପ୍ରଶାଖାରେ ବାହାରିଗଲେ, ଏକ ସୁଗଠିତ ସ୍ତମ୍ଭ ପରି ସ୍ୱର୍ଗ ଦୃଢ଼ ହୋଇଉଠିଲା (୪୫।୨)[୨] । ଏହି ବାକ୍ ଉଦ୍ଦେଶ୍ୟରେ ମହତୀମାନଙ୍କ (ମହୀନାଂ, 'ନଦୀମାନଙ୍କର' ବା କମ୍ ସମ୍ଭବତଃ 'ଉଷାମାନଙ୍କର') ପରମ ଜନ୍ମ ପାଇଁ ଗର୍ଭଧାରୀ ପର୍ବତର ଗର୍ଭସ୍ଥ ବସ୍ତୁଗୁଡ଼ିକ ବାହାରକୁ ଆସିଲେ, ଅଦ୍ରି ପୃଥକ୍ ହୋଇ ବିଦୀର୍ଣ୍ଣ ହେଲା, ସ୍ୱର୍ଗ ପୂର୍ଣ୍ଣତା ପ୍ରାପ୍ତ ହେଲା (କିଂବା, ନିଜକୁ କୃତକୃତ୍ୟ କଲା); ସେମାନେ (ପୃଥିବୀ ଉପରେ) ଅବସ୍ଥାନ କଲେ ଓ ବୃହତ୍ତା ବିତରଣ କଲେ'' (୪୫।୩)[୩] । ସୂକ୍ତର ଅବଶିଷ୍ଟ ଅଂଶରୁ ଯାହା ସୂଚନା ମିଳେ ଏବଂ ପ୍ରୟୋଗ କରାଯାଇଥିବାର ଉକ୍ତିଗୁଡ଼ିକରୁ ଯେଉଁ ନିଶ୍ଚିତ ପ୍ରମାଣ ମିଳେ ସେଥିରୁ ସ୍ପଷ୍ଟରୂପେ ଜଣାଯାଏ ଯେ ଋଷି ଇନ୍ଦ୍ର ଓ ଆଙ୍ଗିରସମାନଙ୍କ ସମ୍ବନ୍ଧରେ ଏହିସବୁ କଥା କହୁଛନ୍ତି; କାରଣ ଏଗୁଡ଼ିକ ହେଉଛି ଆଙ୍ଗିରସ-ଗାଥାର ସାଧାରଣ ସୂତ୍ର ଏବଂ ଯେଉଁ ସୂକ୍ତମାନଙ୍କରେ ଉଷା ଗୋଯୂଥ ତଥା ସୂର୍ଯ୍ୟଙ୍କର ଉଦ୍ଧାର ସମ୍ପର୍କରେ ବର୍ଣ୍ଣନା କରାଯାଇଛି ସେଥିରେ ଏହି ସମାନ ଉକ୍ତିର ବ୍ୟବହାର ପୁନଃପୌନିକ ଭାବେ ରହିଛି । ଏଗୁଡ଼ିକର ଅର୍ଥ କ'ଣ ତାହା ଆମେ ଏହା ପୂର୍ବରୁ ଦେଖିଛୁ । ଅଦ୍ରି ହେଉଛି ଗଠିତ ହୋଇସାରିଥିବା ଆମର ମନ-ପ୍ରାଣ-ଶରୀର ରୂପକ ତ୍ରିବିଧ ଅସ୍ତିତ୍ୱ, ଏହାର ଶିଖର ସ୍ୱର୍ଗ ମଧ୍ୟକୁ ଉତ୍‌ଥିତ, ଇନ୍ଦ୍ର ତାହାକୁ ଚୂର୍ଣ୍ଣ-ବିଚୂର୍ଣ୍ଣ କରନ୍ତି ଓ ପ୍ରଚ୍ଛନ୍ନ ଜ୍ୟୋତିଃରାଜି ଚତୁର୍ଦ୍ଦିଗରେ ବିକୀର୍ଣ୍ଣ ହୋଇଯାଆନ୍ତି; ଜ୍ୟୋତିର୍ମୟ ଗୋଯୂଥସମୂହର ଊର୍ଦ୍ଧ୍ୱପ୍ରବହଣ ଫଳରେ ସ୍ୱର୍, ଅତିଚେତନାର ଉଚ୍ଚତର ସ୍ୱର୍ଗ ଅଭିବ୍ୟକ୍ତ ହୁଏ । ସତ୍ୟ-ସୂର୍ଯ୍ୟ ନିଜ ଜ୍ୟୋତିଃର ସମସ୍ତ ବଳ ଓ ମହିମା ବିକିରଣ କରନ୍ତି, ଜ୍ୟୋତିର୍ମୟ ବ୍ୟାପ୍ତି ମଧ୍ୟରୁ ଆନ୍ତର ଉଷା ଜ୍ଞାନଗର୍ଭା ହୋଇ ଆଗମନ କରନ୍ତି –''**ଜାନତୀ ଗାତ୍**'', ୧।୧୦୪।୫ ଋକ୍‌ରେ – ଯିଏ ଦସ୍ୟୁମାନଙ୍କ ଆବାସ ଆଡ଼କୁ ନେଇଯାନ୍ତି – ବୋଲି ତାଙ୍କ ଉଦ୍ଦେଶ୍ୟରେ ଯେଉଁ ଉକ୍ତିଟି ରହିଛି ତାହା ଏହା ସହ ସମାନ; ଏବଂ ୩।୩୧।୧୬ ଋକ୍‌ରେ ସରମାଙ୍କ ସମ୍ବନ୍ଧରେ କୁହାଯାଇଛି – ସତ୍ୟର ନଦୀଗୁଡ଼ିକ ଏହାଙ୍କ ସତ୍ତାର ଓ ଗତିବୃତ୍ତିର ବହିଃ ପ୍ରସ୍ରବଣର ପ୍ରତୀକ (ଋତସ୍ୟ ପ୍ରେଷା), ସେମାନେ ପ୍ରଚଣ୍ଡ ବେଗଯୁକ୍ତ ନିଜ ପ୍ରବାହ ମଧ୍ୟରେ ଅବତରଣ କରନ୍ତି ଓ ନିଜ ଜଳରାଶି ନିମନ୍ତେ ଏଠାରେ ଏକ ପ୍ରଣାଳୀ ନିର୍ମାଣ କରନ୍ତି; ଉଚ୍ଚତର ବା ଅମୃତ ଜୀବନର ବୃହତ୍ 'ସତ୍ୟ'କୁ ସହଯୋଗ କରିବା ନିମନ୍ତେ ସ୍ୱର୍ଗ, ଅର୍ଥାତ୍ ମାନସିକ ସତ୍ତା, ଏକ ସୁଗଠିତ

---

(୧) **ବିଦା ଦିବୋ ବିଷ୍ୟନ୍ନଦ୍ରିମୁକ୍‌ଥୈରାୟତ୍ୟା ଉଷସୋ ଅର୍ଚିନୋ ଗୁଃ ।**
**ଅପାବୃତ ବ୍ରଜିନୀରୁତ୍ ସ୍ୱର୍ଗାଦ୍ ବି ଦୁରୋ ମାନୁଷୀର୍ଦେବ ଆବଃ ॥** (ଋ. ୫ । ୪୫ ।୧)

(୨) **ବି ସୂର୍ଯୋ ଅମତିଂ ନ ଶ୍ରିୟଂ ସାଦୋର୍ବାଦ୍ ଗବାଂ ମାତା ଜାନତୀ ଗାତ୍ ।**
**ଧନ୍ୱର୍ଣସୋ ନଦ୍ୟଃ ଖାଦୋଅର୍ଣାଃ ସ୍ଥୂଣେବ ସୁମିତା ଦୃଂହତ ଦ୍ୟୌଃ ॥** (ଋ. ୫ । ୪୫ ।୨)

(୩) **ଅସ୍ମା ଉକ୍‌ଥାୟ ପର୍ବତସ୍ୟ ଗର୍ଭୋ ମହୀନାଂ ଜନୁଷେ ପୂର୍ବ୍ୟାୟ ।**
**ବି ପର୍ବତୋ ଜିହୀତ ସାଧତ ଦ୍ୟୌରାବିବାସନ୍ତୋ ଦସୟନ୍ତ ଭୂମ ॥** (ଋ. ୫ । ୪୫ ।୩)

ସ୍ତମ୍ଭ ପରି ତ୍ରୁଟିଶୂନ୍ୟ ତଥା ଦୃଢ଼ଭାବେ ଗଠିତ, ସେହି ଅମୃତ ଜୀବନ ଏଠାରେ ବ୍ୟକ୍ତ ହୋଇଛି ଏବଂ ସେହି 'ସତ୍ୟ'ର ବିଶାଳତା ସମସ୍ତ ଶାରୀରିକ ସତ୍ତା ମଧ୍ୟରେ ଅଧିଷ୍ଠିତ ହୋଇଛି । ପ୍ରସୂତ ପର୍ବତ ଗର୍ଭସ୍ଥ ବସ୍ତୁମାନ, **ପର୍ବତସ୍ୟ ଗର୍ଭଃ**, ହେଉଛନ୍ତି ପ୍ରଭାଗଣ, ସେମାନେ ସପ୍ତଶୀର୍ଷ୍ଣୀ ଧୀର ଅଙ୍ଗୀଭୂତ, **ଋତସ୍ୟ ଧୀତିଃ**, ଯାହା ଅନ୍ତଃପ୍ରେରିତ ବାକ୍‌ର ଉତ୍ତର ସ୍ୱରୂପ ପ୍ରକାଶିତ ହୋଇଛି, ଏହାହିଁ ସପ୍ତ ମହାନଦୀଙ୍କୁ ସେମାନଙ୍କ ପରମ ଜନ୍ମ ଦିଗରେ ଚାଳିତ କରେ ତଥା ଏହିମାନେ ହେଉଛନ୍ତି ସକ୍ରିୟ ଗତିରେ ପ୍ରକ୍ଷିପ୍ତ ହୋଇ ଥିବା ସତ୍ୟର ସାର ଉପାଦାନର ଅଂଶୀଭୂତ, **ଋତସ୍ୟ ପ୍ରେଷା ।**

ତା'ପରେ ''ଦେବପ୍ରିୟ ପୂର୍ଣ୍ଣବାଣୀର ସେହିସବୁ ଶବ୍ଦ ଦ୍ୱାରା'' ଇନ୍ଦ୍ର ଓ ଅଗ୍ନିଙ୍କ ପ୍ରଶସ୍ତି ଗାନକରିବା ପରେ – କାରଣ ଦ୍ରଷ୍ଟୃଜ୍ଞାନ ଦ୍ୱାରା ଋଷିମାନେ ଉତ୍ତମରୂପେ ଯଜ୍ଞକର୍ମ ସମ୍ପନ୍ନ କରୁଥିବା ପରି ସେହି ଶବ୍ଦଗୁଡ଼ିକ ଦ୍ୱାରା ମରୁତ୍‌ମାନେ[୪] ଯଜ୍ଞ ଅନୁଷ୍ଠାନ କରନ୍ତି – **ଉକ୍‌ଥେଭିଃ ହି ଷ୍ମା କବୟଃ ସୁୟଜ୍ଞାଃ ... ମରୁତୋ ୟଜନ୍ତି** (ଋକ୍ ୪) – ଋଷି ତା'ପରେ ମନୁଷ୍ୟମାନଙ୍କ ମୁଖରେ ଏକ ଉଦ୍‌ବୋଧନ ଓ ପାରସ୍ପରିକ ଉତ୍ସାହର କଥା କହିଛନ୍ତି, ଯାହାଦ୍ୱାରା ସେମାନେ ପିତୃଗଣଙ୍କ ପରି କାର୍ଯ୍ୟ କରିବେ ଓ ସେହି ସମାନ ଦିବ୍ୟପରିଣାମ ଲାଭ କରିବେ । ''ଏବେ ଆସ ଆଜି ଆମର ମତି ପରିପୂର୍ଣ୍ଣ ହେଉ, ଆମେ ଯେପରି ଦୁଃଖ କଷ୍ଟ ଓ ଅସ୍ୱସ୍ତି ନଷ୍ଟକରୁ, ଉଚ୍ଚତର ଶୁଭକୁ ଗ୍ରହଣ କରୁ ।''

**ଏତୋ ନଦ୍ୟ ସୁଧ୍ୟୋ ଭବାମ ପ୍ରଦୁଚ୍ଛୁନା ମିନବାମା ବରୀୟଃ**; (ଋକ୍ ୫)[୫]

''ଆମେ ଯେପରି ସର୍ବଦା ସମସ୍ତ ବିରୁଦ୍ଧ ବିଷୟଗୁଡ଼ିକୁ ଆମଠାରୁ ଦୂରରେ ରଖୁ, (ଏହା ସେହିସବୁ ବିଷୟ, ଯାହା ଆକ୍ରମଣ ଓ ବିଭକ୍ତ କରେ – ଦ୍ୱେଷାଂସି); ଆସ, ଯଜ୍ଞପତିଙ୍କ ଅଭିମୁଖରେ ଅଗ୍ରସର ହେବା । ହେ ବନ୍ଧୁଗଣ, (ସ୍ପଷ୍ଟତଃ ଏମାନେ ହେଉଛନ୍ତି ସପ୍ତଶୀର୍ଷ୍ଣୀ ଆଙ୍ଗିରସ, ଧୀ) ଆସ, ଆମେ ଏପରି ଏକ ଧୀ ରଚନା କରିବା ଯିଏ ହେଉଛନ୍ତି ମା' (ଅଦିତି ବା ଉଷା) ଏବଂ ଯିଏ ଗୋ-ମାନଙ୍କୁ ଅବରୁଦ୍ଧକରୁଥିବା ବ୍ରଜକୁ ମୁକୁଳାଇ ଦିଅନ୍ତି'' (୫।୪୫।୫,୬)[୬] । ଏହାର ତାତ୍ପର୍ଯ୍ୟ ଅତ୍ୟନ୍ତ ସ୍ପଷ୍ଟ; ଏହିପରି ସୂକ୍ତମାନଙ୍କରେ ବେଦର ଅନ୍ତର୍ନିହିତ ଅର୍ଥ ପ୍ରତୀକର ଆବରଣ ମଧ୍ୟରୁ ଅର୍ଦ୍ଧ ପ୍ରକାଶିତ ଅବସ୍ଥାରେ ଥାଏ ।

ତା'ପରେ, ଋଷି ସେହି ମହାନ୍ ତଥା ପ୍ରାଚୀନ ଦୃଷ୍ଟାନ୍ତକୁ ଉଲ୍ଲେଖ କରି ତାହାର ପୁନରାବୃତ୍ତି ପାଇଁ ମନୁଷ୍ୟମାନଙ୍କୁ ଯେଉଁ ଆହ୍ୱାନ ଜଣାଇଛନ୍ତି ତାହା ହେଉଛି : ଆଙ୍ଗିରସଗଣଙ୍କ ଦ୍ୱାରା ସ୍ଥାପିତ ଦୃଷ୍ଟାନ୍ତ, ସରମାଙ୍କ କର୍ମସିଦ୍ଧି । ''ନବଗ୍ୱମାନେ ଦଶମାସ ଯାଏ ମନ୍ତ୍ର ଆବୃତ୍ତି କରିବାବେଳେ ଏଠାରେ ଅଦ୍ରି ଗତିମାନ୍ ହୋଇଉଠିଲା, ସତ୍ୟାନୁସନ୍ଧାନରେ ଯାଉଥିବା ସରମା ଗୋମାନଙ୍କୁ ଲାଭ କଲେ, ସକଳ ବସ୍ତୁକୁ ଆଙ୍ଗିରସ ସତ କରିଦେଲେ । ଏହି ବିଶାଳ ଏକ ଦେବଙ୍କ ଉଦୟକାଳରେ ('ଉଷା' ଅନନ୍ତ ଅଦିତିଙ୍କ ପ୍ରତୀକ,– **ମାତା ଦେବାନାମ୍ ଅଦିତେରନୀକମ୍**) ଆଙ୍ଗିରସମାନେ ଗୋ-ମାନଙ୍କ ସହିତ ଏକାଠି ହୋଇ ଆସିଲେ (ଅଥବା, ଏପରି ବି ହୋଇପାରେ, ଦୀପ୍ତିସମୂହ ଦ୍ୱାରା ଆସିଲେ । ଏହି ଦୀପ୍ତିର ଅର୍ଥ ହେବ ଗୋ ବା ରଶ୍ମିର ପ୍ରତୀକ); ପରମଲୋକରେ ଏମାନଙ୍କର (ଦୀପ୍ତିମାନଙ୍କର) ଉତ୍ସ ଥିଲା; ଋତ ପଥରେ ଯାତ୍ରା କରି ସରମା ଗୋ-ମାନଙ୍କୁ ଦେଖିଲେ'' (ଋକ୍ ୭,୮)[୭,୮] । ଆମେ ଏଠାରେ ଦେଖିଲୁ ଯେ ଋତର ପଥ ଅନୁସରଣ କରି ସିଧା 'ସତ୍ୟ'କୁ ଯାତ୍ରା କରିଥିବା ସରମାଙ୍କ ଗତି ଦ୍ୱାରା ସପ୍ତର୍ଷି, ଯେଉଁମାନେ କି ଅୟାସ୍ୟ ଓ ବୃହସ୍ପତିଙ୍କର ସପ୍ତଶୀର୍ଷ୍ଣୀ ଅଥବା ସପ୍ତରଶ୍ମିଯୁକ୍ତ 'ଧୀ'ର ପ୍ରତିନିଧିତ୍ୱ କରନ୍ତି, ସେମାନେ ଗୁପ୍ତ ଥିବା ସମସ୍ତ ଜ୍ୟୋତିଃକୁ ଲାଭ କରୁଛନ୍ତି ଏବଂ ଏହିସବୁ ଜ୍ୟୋତିଃର ଶକ୍ତି

---

(୪) 'ଜୀବନ'ର ଚିନ୍ତାସିଦ୍ଧକାରୀ ଶକ୍ତିଗଣ, ଯେଉଁମାନେ ଅତଃପର ପ୍ରକଟ ହେବେ ।

(୫) **ଆରେ ଦ୍ୱେଷାଂସି ସନୁତର୍ଦଧାମ, ଅୟାମ ପ୍ରାଞ୍ଚୋ ୟଜମାନମଚ୍ଛ ।। (ଋ. ୫ । ୪୫ ।୫)**

(୬) **ଏତା ଧିୟଂ କୃଣବାମା ସଖାୟୋଽପ ୟା ମାତାଁ ଋଣୁତ ବ୍ରଜଂ ଗୋଃ ।। (ଋ. ୫ । ୪୫ ।୬)**

(୭) **ଅନୂନୋଦତ୍ର ହସ୍ତୟତୋ ଅଦ୍ରିରାର୍ଚନ୍ ୟେନ ଦଶ ମାସୋ ନବଗ୍ୱାଃ ।।**
**ଋତଂ ୟତୀ ସରମା ଗା ଅବିନ୍ଦଦ୍ ବିଶ୍ୱାନି ସତ୍ୟାଙ୍ଗିରାଶ୍ଚକାର ।। (ଋ. ୫ । ୪୫ ।୭)**

(୮) **ବିଶ୍ୱେ ଅସ୍ୟା ବ୍ୟୁଷି ମାହିନାୟାଃ ସଂ ୟଦ୍ ଗୋଭିରଙ୍ଗିରସୋ ନବନ୍ତ ।**
**ଉତ୍ସ ଆସାଂ ପରମେ ସଧସ୍ଥ ଋତସ୍ୟ ପଥା ସରମା ବିଦଦ୍ ଗାଃ ।। (ଋ. ୫ । ୪୫ ।୮)**

ବଳରେ ସେମାନେ ସମସ୍ତେ ଏକତ୍ର ହେଉଛନ୍ତି, ବସିଷ୍ଠ ଆମଙ୍କୁ ଯେପରି କହିସାରିଛନ୍ତି, ସମ ବ୍ୟାପ୍ତିରେ (ସମାନେ ଉର୍ବେ) ସେମାନେ ଏକତ୍ର ଉପନୀତ ହୋଇଥିଲେ, ସେହିଠାରୁ 'ଉଷା' ଜ୍ଞାନ ସହିତ ଅବତରଣ କରିଥିଲେ (**ଉର୍ବାଦ୍ ଜାନତୀ** ଗାତ୍ – ଋକ୍ ୨) ଅଥବା, ବ୍ୟକ୍ତ ହୋଇଥିବା ତଥ୍ୟ ଅନୁସାରେ, ମହତୀ ଜଣଙ୍କ ଉଦୟ କାଳରେ ଅର୍ଥାତ୍ ଅନନ୍ତ ଚେତନା ମଧ୍ୟରେ ସମସ୍ତେ ଏକତ୍ର ହେଉଛନ୍ତି । ବସିଷ୍ଠଙ୍କ ଉକ୍ତି ଅନୁସାରେ ସେଠାରେ ସେମାନେ ଜ୍ଞାନରେ ସଂଯୁକ୍ତ ଓ ଏକମତ ହୁଅନ୍ତି ଏବଂ ମିଳିତ ପ୍ରୟାସ କରନ୍ତି ନାହିଁ –''ସଂଗତାସଃ ସଂ ଜାନତେ ନ ଯତନ୍ତେ ମିଥଃ ତେ'' (୭।୭୬।୫) ଅର୍ଥାତ୍ ଅନ୍ୟ ଏକ ସୂକ୍ତରେ ଯେପରି କୁହାଯାଇଛି, ସାତଜଣଯାକ ମିଶି ଏକକରେ ପରିଣତ ହୋଇଯାଆନ୍ତି; ସେମାନେ ଜଣେ ସପ୍ତମୁଖବିଶିଷ୍ଟ ଆଙ୍ଗିରସ ହୋଇଉଠନ୍ତି, ଏ ରୂପକଟି ସପ୍ତଶୀର୍ଷୀ ଧୀର ଅନୁରୂପ ଏବଂ ସରମାଙ୍କ ଆବିଷ୍କାରର ଫଳରୂପେ ଏହି ଏକକ ସଂଯୁକ୍ତ ଆଙ୍ଗିରସ ସମସ୍ତ ବିଷୟକୁ ସତ କରିଦିଅନ୍ତି (ଋକ୍ - ୭) । ଏହି ସଂଗତ, ଏକତ୍ରିତ, ପୂର୍ଣ୍ଣତା ପ୍ରାପ୍ତ ''କବିକ୍ରତୁ'' ସମସ୍ତ ଅନୃତ ଓ କୁଟିଳତାକୁ ସଂଶୋଧନ କରେ ଏବଂ ସମସ୍ତ ଧୀ, ପ୍ରାଣ ଓ କ୍ରିୟାକୁ ସତ୍ୟର ଧାରାରେ ପରିବର୍ତ୍ତିତ କରେ । ଏହି ସୂକ୍ତରେ ଏହା ମଧ୍ୟ କୁହାଯାଇଛି ଯେ, ସରମାଙ୍କ କାର୍ଯ୍ୟ ଏକାନ୍ତ ଭାବେ ସଂବୋଧିର କାର୍ଯ୍ୟ, ଯାହା ଅକୈତବ ସତ୍ୟର ପଥ ଦେଇ ସିଧା ସତ୍ୟ ନିକଟକୁ ଯାଏ, ଯାହାକି ଅନ୍ଧକାର ଓ ମିଥ୍ୟା ପ୍ରିତିଭାସମାନଙ୍କର ଆବରଣ ମଧ୍ୟରୁ ସତ୍ୟକୁ ମୁକ୍ତ କରେ, ସଂଶୟ ଓ ପ୍ରମାଦର କୁଟିଳ ପଥ ଦେଇ ନୁହେଁ; ତାଙ୍କ ଦ୍ୱାରା ଆବିଷ୍କୃତ ଜ୍ୟୋତିରାଜି ମାଧମରେ ଦ୍ରଷ୍ଟୃମନ ସତ୍ୟର ପୂର୍ଣ୍ଣ ପ୍ରକାଶ ଲାଭ କରିପାରେ । ସୂକ୍ତର ଅବଶିଷ୍ଟ ଅଂଶରେ ସପ୍ତାଶ୍ୱ ସୂର୍ଯ୍ୟ ନିଜର ''ଯେଉଁ କ୍ଷେତ୍ର ଦୀର୍ଘ ଯାତ୍ରା ଶେଷରେ ତାଙ୍କ ପାଇଁ ଚତୁର୍ଦ୍ଦିଗକୁ ବିସ୍ତୀର୍ଣ୍ଣ ହୋଇଯାଏ'' ତାହାରି ଅଭିମୁଖରେ ଉଦୟର କଥା କହିଛନ୍ତି, ଏହାର ଅର୍ଥ, ବେଗବାନ୍ ପକ୍ଷୀର (ଶ୍ୟେନର) ସୋମପ୍ରାପ୍ତି, ଜ୍ୟୋତିର୍ମୟ ଗୋ-ମାନଙ୍କ କ୍ଷେତ୍ରକୁ ଯୁବା ଦ୍ରଷ୍ଟାଙ୍କ ଗମନ, ''ଜ୍ୟୋତିର୍ମୟ ମହାସାଗର'' ମଧ୍ୟକୁ ସୂର୍ଯ୍ୟଙ୍କର ଉତ୍ତରଣ, ''ମନସ୍ୱୀମାନଙ୍କ ଦ୍ୱାରା ଚାଳିତ ଏକ ପୋତ ପରି'' ଏହାକୁ ଅତିକ୍ରମ କରିବା ଏବଂ ସେମାନଙ୍କ ଆହ୍ୱାନର ଉତ୍ତରସ୍ୱରୂପ ମାନବ ଉପରେ ସେହି ମହାସାଗର ଜଳର ଅବତରଣ ପ୍ରଭୃତି ବିଷୟ କୁହାଯାଇଛି । ସେହି ଜଳଧାରାଗୁଡ଼ିକ ମଧ୍ୟରେ ଆଙ୍ଗିରସଙ୍କର ସପ୍ତବିଧ ଧୀ ମାନବ-ଦ୍ରଷ୍ଟା ଦ୍ୱାରା ପ୍ରତିଷ୍ଠା ଲାଭ କରେ । ଯଦି ଆମେ ସେମାନଙ୍କ ପ୍ରତୀକାତ୍ମକ ଅଭିବ୍ୟକ୍ତି[୯] ସହ ସ୍ମରଣ ରଖୁ ଯେ ସୂର୍ଯ୍ୟ ଅତିଚେତନ ବା ସତ୍ୟଚେତନ ଜ୍ଞାନର ପ୍ରତୀକ ଏବଂ ଜ୍ୟୋତିର୍ମୟ ଅର୍ଣ୍ଣବ ହେଉଛି ମାତା ଅଦିତିଙ୍କର ତ୍ରିଗୁଣସପ୍ତଆସନବିଶିଷ୍ଟ ଅତିଚେତନର ଲୋକରାଜି, ତା'ହେଲେ ବିଷୟଗୁଡ଼ିକର ଅର୍ଥବୋଧ ଆଦୌ କଷ୍ଟକର ହେବ ନାହିଁ । ସରମାଙ୍କ ଦ୍ୱାରା ଗୋ-ଯୂଥମାନଙ୍କର ଆବିଷ୍କାର ପରେ ପରେ ଆଙ୍ଗିରସମାନଙ୍କ ଦ୍ୱାରା ସମ୍ପୂର୍ଣ୍ଣ କାର୍ଯ୍ୟସାଧନ ତଥା ସତ୍ୟଲୋକ ମଧ୍ୟକୁ ସେମାନଙ୍କର ମିଳିତ ଉତ୍ତରଣ ପରେ ପରମ ଲକ୍ଷ୍ୟର ଚରମ ସିଦ୍ଧି ସମ୍ଭବ ହୋଇଥାଏ ।

ଏହି ପ୍ରସଙ୍ଗରେ ଯେଉଁ ଅନ୍ୟ ଏକ ସୂକ୍ତର ବିଶେଷ ଗୁରୁତ୍ୱ ରହିଛି ତାହା ବେଦର ତୃତୀୟ ମଣ୍ଡଳସ୍ଥ ବିଶ୍ୱାମିତ୍ରଙ୍କ ଦ୍ୱାରା ରଚିତ ସୂକ୍ତ (ଋ. ୩।୩୨) । ''ଜ୍ୟୋତିର୍ମୟ ଜଣଙ୍କର (ଦେବ, ରୁଦ୍ରଙ୍କ) ମହାନ୍ ପୁତ୍ରମାନଙ୍କ ଉଦ୍ଦେଶ୍ୟରେ ଯଜ୍ଞ ନିମନ୍ତେ ଆହୁତିର ଶିଖାରେ କମ୍ପିତ ହୋଇ ଅଗ୍ନି (ଦିବ୍ୟଶକ୍ତି) ଜାତହେଲେ; ସେମାନଙ୍କ ଏ ସନ୍ତାନ ମହାନ୍, ଏହା ଏକ ବିଶାଳ ଜନ୍ମ; ଜ୍ୟୋତିର୍ମୟ ଅଶ୍ୱଗୁଡ଼ିକର ଚାଳକଙ୍କର (ଇନ୍ଦ୍ରଙ୍କର ଅର୍ଥାତ୍ ଦିବ୍ୟମନର) ଯଜ୍ଞମାନଙ୍କ ଦ୍ୱାରା ଏକ ମହାନ୍ ଗତି ହୋଇଚାଲିଛି ।[୧୦] ତାଙ୍କ ସଂଗ୍ରାମରେ ବିଜେତ୍ରୀ (ଉଷାଗଣ) ତାଙ୍କଠାରେ ସଂସକ୍ତ ହୋଇ ରହିଛନ୍ତି, ସେମାନେ (ଉଷାମାନେ) ଅନ୍ଧକାର ମଧ୍ୟରୁ ଜ୍ଞାନବଳରେ ଏକ ମହାଜ୍ୟୋତିଃକୁ ବିମୋଚିତ କରନ୍ତି; ତାଙ୍କ ଆଡ଼କୁ ଉଷାଗଣ ଉଠି ଆସୁଛନ୍ତି ବୋଲି ଜାଣିପାରିଥିବା ଇନ୍ଦ୍ର ଜ୍ୟୋତିର୍ମୟ ଗୋମାନଙ୍କର ଏକମାତ୍ର ପତି

[୯] ଏହି ଅର୍ଥ ଦ୍ୱାରା ଏବେ ଅସ୍ପଷ୍ଟ ଥିବା ଅନେକ ବୈଦିକ ଉକ୍ତିଗୁଡ଼ିକର ଅର୍ଥ ଆମେ ସହଜରେ ବୁଝିପାରିବା । ଉଦାହରଣତଃ ୮।୬୮।୯ରେ ଥିବା, ''ଯୁଦ୍ଧରେ ତୁମର ସହାୟତା ଲାଭକରି ଆମେ ଜଳରାଶିରେ ତଥା ସୂର୍ଯ୍ୟଙ୍କ ମଧ୍ୟରେ ଥିବା ଧନକୁ ଯେପରି ଜୟ କରିଅଛୁ,'' **ଅପ୍‌ସୁ ସୂର୍ଯ୍ୟେ ମହଦ୍ଧନମ୍ ।**

[୧୦] **ଅଗ୍ନିର୍ଜଜ୍ଞେ ଜୁହ୍ୱା ରେଜମାନୋ ମହସ୍ପୁତ୍ରାଁ ଅରୁଷସ୍ୟ ପ୍ରୟକ୍ଷେ ।**
**ମହାନ୍ ଗର୍ଭୋ ମହ୍ୟା ଜାତମେଷାଂ ମହୀ ପ୍ରବୃଦ୍ଧର୍ଯଶ୍ୱସ୍ୟ ଯଜ୍ଞୈଃ ।।** (ଋ. ୩ । ୩୧ ।୩)

ହେଲେ ।[୧୧] ସେଇ ଗାଈମାନଙ୍କୁ ଯେଉଁମାନେ କି (ପଣିମାନଙ୍କର) ଦୃଢ଼ସ୍ଥାନସବୁରେ ଆବଦ୍ଧ ଥିଲେ, ଧୀର ଭାବୁକଗଣ ସେଇ ବନ୍ଧଦ୍ୱାରକୁ ବିଦୀର୍ଣ୍ଣ କରି ସେମାନଙ୍କୁ ମୁକ୍ତ କଲେ; ମନ ଦ୍ୱାରା ସପ୍ତ ଋଷି ସେମାନଙ୍କୁ ସମ୍ମୁଖକୁ (ଅଥବା, ଉର୍ଦ୍ଧ୍ୱ ଆଡ଼କୁ ପରମଙ୍କ ଦିଗରେ) ଚାଳିତ କଲେ, ସେମାନେ ଋତର ସମଗ୍ର ପଥ (ଯାତ୍ରାର ଲକ୍ଷ୍ୟ ବା କ୍ଷେତ୍ର) ଖୋଜି ପାଇଲେ; (ଋତର ପରମ ଆସନ ବିଷୟ) ଜାଣିପାରି ଇନ୍ଦ୍ର ପ୍ରଣତି ଦ୍ୱାରା ସେମାନଙ୍କ ମଧ୍ୟରେ ପ୍ରବେଶ କଲେ ।''

**ବିଳୌ ସତୀରାଭି ଧୀରା ଅତୃନ୍ଦନ୍**
**ପ୍ରାଚା ଅହିନ୍ୱନ୍ ମନସା ସପ୍ତବିପ୍ରାଃ ।**
**ବିଶ୍ୱାମବିନ୍ଦନ୍ ପଥ୍ୟାମୃତସ୍ୟ ପ୍ରଜାନନ୍ନିତ୍ତା**
**ନମସା ବିବେଶ ॥ (ଋକ୍ : ୩।୫)**

ଏହା ହେଉଛି ସତ୍ୟଜ୍ଞାନର ସେହି ଚିରାଚରିତ ମହାଜନ୍ମ, ମହାଜ୍ୟୋତିଃ, ମହତୀ ଦିବ୍ୟଗତି, ଯାହା ସହିତ ରହିଛି ଲକ୍ଷ୍ୟପ୍ରାପ୍ତି ଓ ଉର୍ଦ୍ଧ୍ୱସ୍ଥ ପରମ ଲୋକସମୂହ ମଧ୍ୟରେ ଦେବ ଓ ଦ୍ରଷ୍ଟା(ଋଷି)ମାନଙ୍କର ପ୍ରବେଶ । ତା'ପରେ ଏହି କାର୍ଯ୍ୟରେ ସରମାଙ୍କର ଯେଉଁ ଭୂମିକା ରହିଛି, ଆମେ ତାହା ଦେଖିବାକୁ ପାଉଁ – ''ଯେତେବେଳେ ସରମା ଅଦ୍ରିର ଭଗ୍ନସ୍ଥାନ ଦେଖିଲେ, ସେ ଇନ୍ଦ୍ର (ବୋଧହୁଏ ସରମା) ସେହି ମହାନ୍ ଓ ପରମ ଲକ୍ଷ୍ୟକୁ (ଯାତ୍ରାକୁ) ଦୃଷ୍ଟିରୁ ଅନବଚ୍ଛିନ୍ନ ରଖିଲେ । ଶୋଭନପଦଯୁକ୍ତା ସେ ତାଙ୍କୁ (ଇନ୍ଦ୍ରଙ୍କୁ) ଅବିନାଶୀମାନଙ୍କ (ଉଷାଙ୍କର ଅବଧ୍ୟ ଗୋମାନଙ୍କ) ସମ୍ମୁଖକୁ ନେଇଗଲେ; ସେ ପ୍ରଥମେ ଜାଣିପାରି ସେମାନଙ୍କ ରବ (ଧ୍ୱନି) ଅଭିମୁଖରେ ଗମନ କଲେ'' (ଋକ୍ : ୬)[୧୨] । 'ସଂବୋଧି'ଯେ ମାର୍ଗ ପ୍ରଦର୍ଶନ କରେ ସେକଥା ଏଠାରେ ପୁଣି କୁହାଯାଇଛି; ସେ ଏହା ଜାଣି ତତ୍‌କ୍ଷଣାତ୍ ସମସ୍ତଙ୍କର ଅଗ୍ରବର୍ତ୍ତିନୀ ହୋଇ ପ୍ରଚ୍ଛନ୍ନ ଦୀପ୍ତିସମୂହର ରବ ଅଭିମୁଖରେ ଧାବିତା ହେଲେ ତଥା ବାହ୍ୟତଃ ସୁଦୃଢ଼ ତଥା ଅଭେଦ୍ୟ (ବୀଳୁ, ଦୃଳ୍ହ) ବୋଲି ପ୍ରତୀୟମାନ ହେଉଥିବା ସେହି ଅଦ୍ରି ଯେଉଁଠି ବିଦୀର୍ଣ୍ଣ ହୋଇଯାଇଥିଲା, ସେଇ ସ୍ଥାନକୁ ଅନ୍ୱେଷକମାନଙ୍କ ପାଇଁ ପ୍ରବେଶଯୋଗ୍ୟ କରାଇଲେ ।

*(ଅଧ୍ୟାୟର ଅବଶିଷ୍ଟାଂଶ ଆଗାମୀ ସଂଖ୍ୟାରେ ଦ୍ରଷ୍ଟବ୍ୟ)*

[ଶ୍ରୀଅରବିନ୍ଦଙ୍କ 'The Secret of the Veda' ଗ୍ରନ୍ଥର ବିଂଶ ଅଧ୍ୟାୟ ''The Hound of Heaven''ର ଓଡ଼ିଆ ଅନୁବାଦ ।
ଶ୍ରୀ ଚକ୍ରଧର ଦାଶଙ୍କ ଦ୍ୱାରା ଅନୂଦିତ, ସର୍ବଶ୍ରୀ ନିମାଇ ଚରଣ ମହାପାତ୍ର, କୃଷ୍ଣାଦେବୀ ଓ ମଧୁସୂଦନ ମହାପାତ୍ରଙ୍କ ଦ୍ୱାରା ସମ୍ପାଦିତ] ❖

---

(୧୧) **ଅଭି ଜୈତ୍ରୀରସଚନ୍ତ ସ୍ପୃଧାନଂ ମହି ଜ୍ୟୋତିସ୍ତମସୋ ନିରଜାନନ୍ ।**
**ତଂ ଜାନତୀଃ ପ୍ରତ୍ୟୁଦାୟନ୍ନୁଷାସଃ ପତିର୍ଗବାମଭବଦେକ ଇନ୍ଦ୍ରଃ ॥** (ଋ. ୩। ୩୧ ।୪)

୧୨ **ବିଦଦ୍ ଯଦୀ ସରମା ରୁଗ୍‌ଣମଦ୍ରେର୍ମହି ପାଥଃ ପୂର୍ବ୍ୟ ସଧ୍ର୍ୟକ୍କଃ ।**
**ଅଗ୍ରଂ ନୟତ୍ ସୁପଦ୍ୟାକ୍ଷରାଣାମଚ୍ଛା ରବଂ ପ୍ରଥମା ଜାନତୀ ଗାତ୍ ॥** (ଋ. ୩। ୩୧ ।୬)

*ପ୍ରଶ୍ନ : ମଧୁମୟୀ ମା, ସେବକ ଓ କର୍ମୀ ଭିତରେ କ'ଣ ପାର୍ଥକ୍ୟ ?*

**ଶ୍ରୀମା** : ବିଶେଷ କିଛି ପାର୍ଥକ୍ୟ ଅଛି ବୋଲି ମୁଁ ଭାବୁ ନାହିଁ । ଏହା ପ୍ରାୟ ସମାନ ଜିନିଷ । ବୋଧହୁଏ ମନୋଭାବଟି ଠିକ୍ ଏକାପ୍ରକାର ନୁହେଁ, କିନ୍ତୁ ବିଶେଷ କିଛି ପ୍ରଭେଦ ନାହିଁ । 'ସେବକ' ଶବ୍ଦଟିରେ କିଛି ଅଧିକ କଥା ଥିବା ପରି ମନେହୁଏ । ଏହା ହେଉଛି ସେବାର ଆନନ୍ଦ । କର୍ମୀ – ତାହାର କେବଳ କର୍ମର ଆନନ୍ଦ ରହିଛି । କିନ୍ତୁ ସେବା ରୂପରେ ଯେଉଁ କର୍ମ କରାଯାଏ ତାହା ଆହୁରି ଅଧିକ ଆନନ୍ଦ ଆଣିଦିଏ ।

ପୂର୍ଣ୍ଣଯୋଗର ଭିତ୍ତି, ପ୍ରସ୍ତୁତି ଓ ପରିଣତି (୨୮)

# ମାନବଜୀବନ ଓ ସମାଜରେ ପୂର୍ଣ୍ଣଯୋଗର ପୂର୍ଣ୍ଣାଙ୍ଗ ପ୍ରୟୋଗ

## (୨)

ଶ୍ରୀପତି ଦାସ

ଅପରିସୀମ ବିଶ୍ୱସୃଷ୍ଟି ମଧ୍ୟରେ ମାନବଜୀବନ ଓ ସମାଜର ବିଶେଷତ୍ୱ କ'ଣ ? ମନୁଷ୍ୟ ତାହାର ସକଳ ଜ୍ଞାନ-ବିଜ୍ଞାନର ପ୍ରୟୋଗ କରି ମଧ୍ୟ ଏପର୍ଯ୍ୟନ୍ତ ସମଗ୍ର ବିଶ୍ୱସୃଷ୍ଟି ସମ୍ବନ୍ଧେ ପୂର୍ଣ୍ଣଜ୍ଞାନ ଲାଭ କରିପାରି ନାହିଁ । ଅସୀମ ସୃଷ୍ଟିର କଳନା କରିବାକୁ ମନୁଷ୍ୟର ସସୀମ ଚେତନା କିନ୍ତୁ ସର୍ବଦା ପ୍ରୟାସରତ ! ମନୁଷ୍ୟର ଏଇ ଅଭୀପ୍ସା, ପ୍ରଚେଷ୍ଟା ଓ ନିଷ୍ଠାହିଁ ତାକୁ ନିରବଚ୍ଛିନ୍ନଭାବେ, ନିଜକୁ, ସମାଜକୁ, ସମଗ୍ର ବିଶ୍ୱକୁ ଓ ବିଶ୍ୱସ୍ରଷ୍ଟାଙ୍କୁ ଜାଣିବାକୁ ଏବଂ ଏସବୁ ସହିତ ପୂର୍ଣ୍ଣାଙ୍ଗ ସମ୍ପର୍କ ରକ୍ଷା କରିବାକୁ ଆଦିମ ଯୁଗରୁ ଅନୁପ୍ରେରିତ କରିଆସିଛି । କିନ୍ତୁ ମନୁଷ୍ୟର ଏଇ ଅନ୍ତହୀନ ପ୍ରଚେଷ୍ଟା କେତେଦୂର ସଫଳ ହୋଇଛି ? ଏଥିପ୍ରତି ମନୁଷ୍ୟ ଆଦୌ ଦୃଷ୍ଟିପାତ ନକରି ସର୍ବଦା ଧାଇଁଚାଲିଛି ଅନନ୍ତ ଚେତନା, ଅନନ୍ତ ସୃଷ୍ଟି ସହିତ ଅନନ୍ତ ସମ୍ପର୍କ ରକ୍ଷା କରିବାକୁ । ଏଇ ଅସରନ୍ତି ଆସ୍ପୃହା, ପ୍ରଚେଷ୍ଟା ଓ ନିଷ୍ଠା ଯୋଗୁଁହିଁ ମନୁଷ୍ୟ ଏପର୍ଯ୍ୟନ୍ତ ପରିଦୃଷ୍ଟ ବିଶ୍ୱସୃଷ୍ଟିରେ ସର୍ବାପେକ୍ଷା ଅଧିକ ମହତ୍ତ୍ୱର ଅଧିକାରୀଭାବେ ପରିଗଣିତ ହୋଇଆସିଛି । ଅସୀମତା ମଧ୍ୟରେ ରହି ପୂର୍ଣ୍ଣଜ୍ଞାନର ଅଧିକାରୀ ହେବା ନିମିତ୍ତ ଅନନ୍ତ ପ୍ରଚେଷ୍ଟାହିଁ ମାନବଜୀବନର ବିଶେଷତ୍ୱ !

ମାନବଜୀବନର ଏଇ ମହତ୍ତ୍ୱହିଁ ତାକୁ ବିଶ୍ୱସୃଷ୍ଟି ଓ ସ୍ରଷ୍ଟାଙ୍କ ସମ୍ବନ୍ଧେ ନିତ୍ୟ-ନିରନ୍ତର ଅଧିକରୁ ଅଧିକ ପୂର୍ଣ୍ଣାଙ୍ଗଭାବେ ଜାଣିବାକୁ, ଉପଲବ୍ଧି କରିବାକୁ ତଥା ଜୀବନ, ସମାଜ ଓ ଜଗତରେ ସେସବୁକୁ ଅଭିବ୍ୟକ୍ତ କରିବାକୁ ପ୍ରେରଣା ଯୋଗାଇ ଆସିଛି । ଶରୀର-ପ୍ରାଣ-ମନ ଓ ତାହାର ଅନ୍ତରତମ ଚେତନା (ଚୈତ୍ୟସତ୍ତା)ରେ ସ୍ରଷ୍ଟା ଓ ସୃଷ୍ଟି ସହିତ ପୂର୍ଣ୍ଣାଙ୍ଗ ସମ୍ପର୍କ ରକ୍ଷା, – ଏହାରି ନାମହିଁ ପୂର୍ଣ୍ଣଯୋଗ ଯାହାକୁ ଶ୍ରୀଅରବିନ୍ଦ ଓ ଶ୍ରୀମା ମାନବସମାଜରେ ପ୍ରବର୍ତ୍ତନ କରିଛନ୍ତି ।

ଆଦିମ ଯୁଗରୁ ଏପର୍ଯ୍ୟନ୍ତ ମନୁଷ୍ୟର ଏଇ ଆନ୍ତରିକ ପ୍ରଚେଷ୍ଟା ତାକୁ ବର୍ତ୍ତମାନ ଏପରି ଏକ ସନ୍ଧିକ୍ଷଣରେ ଉପନୀତ କରାଇଛି ଯେତେବେଳେ ତାହା ସକାଶେ ପୂର୍ଣ୍ଣାଙ୍ଗ ଜୀବନ, ସମାଜ ମଧ୍ୟରେ ସୃଷ୍ଟି ଓ ସ୍ରଷ୍ଟାଙ୍କ ସହିତ ପୂର୍ଣ୍ଣାଙ୍ଗ ସମ୍ପର୍କ ରକ୍ଷା କରିବାର ସମୟ ଉପଗତ ହୋଇଛି । ମାନବର ଏଇ ପୂର୍ଣ୍ଣାଙ୍ଗ ସମ୍ପର୍କହିଁ ପୂର୍ଣ୍ଣଯୋଗ ବ୍ୟତୀତ ଅନ୍ୟ କିଛି ନୁହେଁ । ଏହାହିଁ ହେଉଛି ସ୍ରଷ୍ଟାଙ୍କ ସହିତ ଜୀବନ, ସମାଜ ଓ ସୃଷ୍ଟିର ଅନ୍ତହୀନ ଦିବ୍ୟ ପୂର୍ଣ୍ଣତାର ସମ୍ପର୍କ ବା ପୂର୍ଣ୍ଣଯୋଗ ।

ଏପର୍ଯ୍ୟନ୍ତ ଅତିକ୍ରାନ୍ତ ହୋଇଥିବା ପୂର୍ଣ୍ଣଯୋଗର ଯାତ୍ରା ପଥରେ ମନୁଷ୍ୟ ଅନେକ କିଛି ଅନୁଭୂତି, ଅଭିଜ୍ଞତା ଓ ଉପଲବ୍ଧି ମଧ୍ୟଦେଇ ବର୍ତ୍ତମାନର ପରିସ୍ଥିତିରେ ଉପନୀତ ହୋଇଛି । ନୈତିକତା, ଆଦର୍ଶ, ଧର୍ମ, ନାନା ପ୍ରାଚୀନ ଦର୍ଶନ ଓ ଯୋଗ ମଧ୍ୟଦେଇ ବର୍ତ୍ତମାନର ଅବସ୍ଥାରେ ପହଞ୍ଚି ସେ ଦେଖୁଛି ଯେ ଅତୀତର ଏଇ ଅଭିଜ୍ଞତା ଓ ଉପଲବ୍ଧି ତାହାର ତାତ୍କାଳିକ ସହାୟକ ହୋଇଆସିଛି । କିନ୍ତୁ ବର୍ତ୍ତମାନ ଏସବୁ ମଧ୍ୟରେ ଦୀର୍ଘକାଳ ଆବଦ୍ଧ ହୋଇ ସେ ରହିପାରିବ ନାହିଁ । ଯଦି ସେ ଅଧିକତର କାଳ ଅତୀତର ଅଭିଜ୍ଞତା ମଧ୍ୟରେ ଅତିବାହିତ କରେ, ତେବେ ତାହାର ଉଜ୍ଜ୍ୱଳମୟ ଦିବ୍ୟ ଭବିଷ୍ୟତର ଉପଲବ୍ଧି ସମ୍ଭବ ହୋଇପାରିବ ନାହିଁ । ତେଣୁ ଯଥାଶୀଘ୍ର ସମ୍ଭବ ମନୁଷ୍ୟ ପୂର୍ଣ୍ଣଯୋଗକୁ ଜୀବନ, ସମାଜ ଓ ଜଗତରେ ପୂର୍ଣ୍ଣାଙ୍ଗଭାବେ ପ୍ରୟୋଗ କରିବାର ଦିବ୍ୟ ଆହ୍ୱାନ ତା'ର ଦରଜାରେ ବର୍ତ୍ତମାନ ଆଘାତ କରୁଛି । ତେବେ କିପରି ମନୁଷ୍ୟକୁ ଏଇ ପୂର୍ଣ୍ଣଯୋଗର ପୂର୍ଣ୍ଣାଙ୍ଗ ପ୍ରୟୋଗ କରିବାକୁ ହେବ ?

ପୂର୍ଣ୍ଣଯୋଗକୁ ପୂର୍ଣ୍ଣତଃ ପ୍ରୟୋଗ କରିବାର କ୍ଷେତ୍ର ହେଉଛି ଜୀବନ, ସମାଜ ଓ ଜଗତ୍ ଏବଂ ଯେଉଁ ଉପାଦାନଗୁଡ଼ିକୁ ନେଇ ମନୁଷ୍ୟକୁ ଅଗ୍ରସର ହେବାକୁ ହେବ, ସେଗୁଡ଼ିକ ହେଉଛି ଶରୀର, ପ୍ରାଣ, ମନ ଓ ଅନ୍ତରାତ୍ମା ଏବଂ ଏସବୁର ଯଥାର୍ଥ ପ୍ରୟୋଗ ପରେ ଯେଉଁ ଲକ୍ଷ୍ୟରେ ଉପନୀତ ହେବାକୁ ହେବ, ସେ ହେଉଛନ୍ତି ପରମାତ୍ମା ବା ପରମେଶ୍ୱର ଏବଂ ତାଙ୍କର ପୂର୍ଣ୍ଣାଙ୍ଗ ଅଭିବ୍ୟକ୍ତି ।

ପୂର୍ଣ୍ଣଯୋଗ-ସାଧନାର ପ୍ରଥମ ପଦକ୍ଷେପ ହେଉଛି ପୂର୍ଣ୍ଣାଙ୍ଗ ସ୍ୱାସ୍ଥ୍ୟ । ଏଇ ପୂର୍ଣ୍ଣାଙ୍ଗ ସ୍ୱାସ୍ଥ୍ୟ-ସାଧନାରେ ଅଗ୍ରସର

ହେଲେ ଆମେ ଦେଖିବା ଯେ ଏଥିପାଇଁ ଏକାନ୍ତ ଆବଶ୍ୟକ ହେଉଛି ଅର୍ଥ, ନିରାପତ୍ତା ଓ ଶାନ୍ତି । ପୁନଶ୍ଚ ଶାନ୍ତି ଓ ନିରନ୍ତର ପ୍ରଗତି ପାଇଁ ଏକାନ୍ତ ପ୍ରୟୋଜନ ହେଉଛି ପୂର୍ଣ୍ଣାଙ୍ଗ ଶିକ୍ଷା । ଏହାର ପରବର୍ତ୍ତୀ ସ୍ତରଗୁଡ଼ିକ ହେଉଛି ଯଥାକ୍ରମେ ଅଧ୍ୟାତ୍ମ ସାଧନା, ସଂସ୍କୃତି, ସଂଗତି ଓ ସମନ୍ୱୟ ଏବଂ ଅନ୍ତହୀନ ପ୍ରଗତିମୂଳକ ଦିବ୍ୟପୂର୍ଣ୍ଣତା ।

ବର୍ତ୍ତମାନ ପୂର୍ଣ୍ଣଯୋଗର ପୂର୍ଣ୍ଣାଙ୍ଗ ପ୍ରୟୋଗ-ପଥରେ ଆବଶ୍ୟକ ପୂର୍ଣ୍ଣାଙ୍ଗ ସାଧନାର ଉପରୋକ୍ତ ବିଭିନ୍ନ ବିଭାବ ସମ୍ବନ୍ଧେ ଗୋଟିକ ପରେ ଗୋଟିଏ ବିଷୟରେ ଆଲୋଚନା କରିବା । ଉପରୋକ୍ତ ଆଲୋଚନାରୁ ଏହା ସ୍ପଷ୍ଟ ଅନୁମିତ ହୁଏ ଯେ ପୂର୍ଣ୍ଣାଙ୍ଗ ସ୍ୱାସ୍ଥ୍ୟ-ସାଧନା ଏବଂ ଏହାର ଭିତ୍ତି ଶାରୀରିକ ଶିକ୍ଷାହିଁ ଆମର ପ୍ରଥମ ଆଲୋଚ୍ୟ ବିଷୟ । ସୁସ୍ଥ ନରହିଲେ ସାଧନା ଅସମ୍ଭବ ।

### ଶାରୀରିକ ଶିକ୍ଷା :

ଶାରୀରିକ ଶିକ୍ଷାକୁ ଜୀବନରେ କାର୍ଯ୍ୟକାରୀ କରିବାକୁ ହେଲେ ଶରୀରର ବିଭିନ୍ନ କ୍ରିୟା-ପ୍ରଣାଳୀ (Working systems) ସମ୍ବନ୍ଧେ ଜାଣିବା ଆବଶ୍ୟକ । ଫଳତଃ ଅସୁସ୍ଥତା ସମୟରେ କେଉଁ ପ୍ରଣାଳୀ ବା ପଦ୍ଧତି ଠିକ୍‌ଭାବେ କାର୍ଯ୍ୟ କରୁ ନାହିଁ ବା ତହିଁରେ କି କି ତ୍ରୁଟି ରହିଛି ତାହା ଜାଣି ସେଥିପ୍ରତି ଯତ୍ନବାନ୍ ହେବାକୁ ହେବ । ଶରୀରର ବିଭିନ୍ନ କାର୍ଯ୍ୟକାରୀ ପଦ୍ଧତିଗୁଡ଼ିକ ହେଉଛି – ଚର୍ମ (Integumentary system), ଅସ୍ଥି (Skeletal system), ମାଂସପେଶୀ (Muscular system), ମସ୍ତିଷ୍କ ଓ ସ୍ନାୟୁମଣ୍ଡଳୀ (Nervous system), ନିଶ୍ୱାସ-ପ୍ରଶ୍ୱାସ-ପଦ୍ଧତି (Respiratory system), ଖାଦ୍ୟ ଓ ପରିପାକ-ପଦ୍ଧତି (Digestive system), ରକ୍ତ-ସଞ୍ଚାଳନ ପଦ୍ଧତି (Circulatory system), ନିଷ୍କ୍ରମଣ-ପଦ୍ଧତି (Excretory system), ଲିମ୍ଫାଟିକ୍ ପଦ୍ଧତି (Lymphatic system), ଏଣ୍ଡୋକ୍ରାଇନ୍ ପଦ୍ଧତି (Endocrine system) ଓ ବଂଶବିସ୍ତାର-ପଦ୍ଧତି (Reproductive system) । ଶରୀରର ଏହିସବୁ କାର୍ଯ୍ୟକାରୀ ପଦ୍ଧତି ସୁସ୍ଥ ରହିଲେ, ଆହାର କର୍ମ ଓ ବ୍ୟାୟାମ, ନିଦ୍ରା ଓ ବିଶ୍ରାମ, ସ୍ୱାସ୍ଥ୍ୟସମ୍ମତ ଅଭ୍ୟାସରାଜି ଓ ଆନ୍ତର ସମତା (inner poise) – ଏସବୁର କ୍ରିୟାକଳାପ ମଧ୍ୟ ତ୍ରୁଟିହୀନ, ସୁସଂଗତ ଓ ସୁବ୍ୟବସ୍ଥିତ ହେବ ।

ସ୍ୱାସ୍ଥ୍ୟରକ୍ଷା ସକାଶେ ଶରୀର ସହିତ ପ୍ରାଣ, ମନ, ଚୈତ୍ୟସତ୍ତା ବା ଅନ୍ତରାତ୍ମା ଓ ପରମାତ୍ମାଙ୍କ ସହିତ ସୁସମ୍ପର୍କର ଶିକ୍ଷା – ଶାରୀରିକ ଶିକ୍ଷା, ପ୍ରାଣିକ ଶିକ୍ଷା, ମାନସିକ ଶିକ୍ଷା, ଅନ୍ତରାତ୍ମିକ ଓ ପରମାତ୍ମିକ ତଥା ଅତିମାନସ ଶିକ୍ଷାର ମଧ୍ୟ ଏକାନ୍ତ ଆବଶ୍ୟକତା ରହିଛି । ଅନ୍ୟସବୁ ଶିକ୍ଷା ସମ୍ବନ୍ଧେ ସବିଶେଷ ଆଲୋଚନା କରିବା ପୂର୍ବରୁ ଆମେ ଶାରୀରିକ ଶିକ୍ଷା ସମ୍ବନ୍ଧେ ଆଲୋଚନା କରିବା ।

ଶାରୀରିକ ଶିକ୍ଷାର ଗୁରୁତ୍ୱ ସମ୍ବନ୍ଧେ ଶ୍ରୀମା କହନ୍ତି :

''...all education of the body, if it is to be effective, must be rigorous and detailed, far-sighted and methodical.''

(MCW, Vol 12, On Education - p.12)

ଅର୍ଥାତ୍, ''...ଶାରୀରିକ ଶିକ୍ଷାକୁ ଫଳପ୍ରଦ କରିବାକୁ ହେଲେ, ଶରୀରର ସକଳ ଶିକ୍ଷା କଠିନ ପରିଶ୍ରମ ସହ ଓ ପୁଙ୍ଖାନୁପୁଙ୍ଖ ଭାବରେ, ଦୂରଦୃଷ୍ଟି ସମ୍ପନ୍ନ ଓ ପ୍ରଣାଳୀବଦ୍ଧ ହେବା ଆବଶ୍ୟକ ।'' – ଶ୍ରୀମା

ଶିକ୍ଷା ହେଉଛି ସମଗ୍ର ଜୀବନବ୍ୟାପୀ । ଜନ୍ମରୁ ଆରମ୍ଭ କରି ଏପରିକି ମାତୃଗର୍ଭରୁ ଏହି ଶିକ୍ଷା ଆରମ୍ଭ ହୋଇଥାଏ । ଏଥିପାଇଁ ଶିଶୁର ମା'ଙ୍କୁ ବିଶେଷ ଯତ୍ନବାନ୍ ହେବାକୁ ହେବ । ସେ ନିଜେ ଯେପରି ସତ୍ୟପରାୟଣ ହୁଅନ୍ତି, କାହାରି ସହିତ କୌଣସି ଅସଦ୍‌ବ୍ୟବହାର ନକରନ୍ତି, ଏପରିକି ତାଙ୍କର ପରିବେଶକୁ ପରିଷ୍କାର ପରିଚ୍ଛନ୍ନ, ସୁନ୍ଦର ଓ ଚିତ୍ତାକର୍ଷକ କରି ରଖନ୍ତି । କାରଣ ଶିଶୁ ତା'ର ମା'ଙ୍କ ଚରିତ୍ର, କ୍ରିୟାକଳାପ ଓ ପରିବେଶ ଦ୍ୱାରା ବିଶେଷଭାବେ ପ୍ରଭାବିତ ହୋଇଥାଏ ।

ଶିଶୁକୁ କଦାପି ତିରସ୍କାର କରିବା ବା ଶାରୀରିକ ଦଣ୍ଡଦେବା ଅନୁଚିତ । ମାତାପିତା ଯଦି ସଚ୍ଚୋଟ ଓ ସତ୍ୟପରାୟଣ ହୁଅନ୍ତି, ତେବେ ତାହାର ପ୍ରଭାବ ସନ୍ତାନ ଉପରେ ପଡ଼ିଥାଏ ଏବଂ ସେ ମାତାପିତାଙ୍କୁ ସ୍ୱତଃ ସମ୍ମାନ ପ୍ରଦର୍ଶନ କରିଥାଏ । ନିଜ ଚରିତ୍ରକୁ ନସଜାଡ଼ି ଶିଶୁର ଚରିତ୍ରକୁ ସଜାଡ଼ିବାକୁ ଚେଷ୍ଟା କରିବା ଏକ ଅସ୍ୱାଭାବିକ ବିଷୟ । ଶିଶୁକୁ ଦଣ୍ଡ ଦେଲେ ସେ ପିତାମାତାଙ୍କ ନିକଟରେ ନିଜର ଦୋଷ ଦୁର୍ବଳତାକୁ ଲୁଚାଇବାକୁ ଚାହିଁଥାଏ ଏବଂ କପଟ ଆଚରଣ କରିଥାଏ । ପରବର୍ତ୍ତୀ କାଳରେ ଶିଶୁ ଯେତେବେଳେ ପ୍ରାପ୍ତବୟସ୍କ ହୋଇଯାଏ ସେତେବେଳେ ସେ ମାତାପିତାଙ୍କ ଉପରେ ପ୍ରତିଶୋଧ ନେଇଥାଏ । ମାତାପିତା ଓ ଶିକ୍ଷକଗଣ ଶିଶୁକୁ ଦଣ୍ଡଦେବା ଯେପରି କ୍ଷତିକାରକ, ସେହିପରି ଅତିଶୟ ସ୍ନେହ-

ପ୍ରଦର୍ଶନ ବା ଗେଲବସର କରିବା ମଧ୍ୟ ଅନୁଚିତ । କାରଣ ଏହା ଶିଶୁକୁ ଆଳସ୍ୟପରାୟଣ, ପରନିର୍ଭରଶୀଳ ଓ ଅକର୍ମଣ୍ୟ କରିଥାଏ । ଯେହେତୁ ବିଶ୍ୱସ୍ରଷ୍ଟା ହେଉଛନ୍ତି ସତ୍ୟର ଉତ୍ସ ତେଣୁ ମାତାପିତା ଓ ଶିକ୍ଷକମାନେ ଯଦି ସୃଷ୍ଟିକୁ ସତ୍ୟମୟ କରିବାକୁ ଚାହାନ୍ତି ତେବେ ସେମାନେ ନିଜେ ସଦାଚରଣ କରିବା ଏବଂ ଭବିଷ୍ୟତ୍ ସମାଜକୁ ସତ୍ୟର ସେବକ ହେବାକୁ ପ୍ରେରଣା ଦେବା ଏବଂ ତଦନୁଯାୟୀ ଶିକ୍ଷାଦାନ କରିବାକୁ ଏକାନ୍ତ ମନୋଯୋଗୀ ଓ ନିଷ୍ଠାପର ହେବା ଆବଶ୍ୟକ । କାରଣ ଏସବୁର ପ୍ରଭାବ ଶାରୀରିକ, ପ୍ରାଣିକ, ମାନସିକ ତଥା ଆଧ୍ୟାତ୍ମିକ ଜୀବନର ଉନ୍ନତି ସକାଶେ ବିଶେଷ ସହାୟକ ହୋଇଥାଏ ।

ଶାରୀରିକ ଶିକ୍ଷାର ତିନୋଟି ପ୍ରଧାନ ବିଭାବ ରହିଛି :

୧. ଶରୀରର ପ୍ରତ୍ୟେକ ଅଙ୍ଗର ପୁଷ୍ଟିସାଧନ ଓ ସେସବୁର ସୁସମଞ୍ଜସ ଅଭିବୃଦ୍ଧି ।

୨. ଶରୀରର ସକଳ କର୍ମ ଉପରେ ବ୍ୟକ୍ତିର ନିୟନ୍ତ୍ରଣ ତଥା ସୁସଙ୍ଗତ ଶୃଙ୍ଖଳାରକ୍ଷା ।

୩. ଶରୀରରେ ଥିବା ନାନା ବିକୃତିର ସଂଶୋଧନ ।

ଶିଶୁ ଜନ୍ମହେବା ସଙ୍ଗେ ସଙ୍ଗେ ତା'ର ଶାରୀରିକ ଶିକ୍ଷା ପ୍ରତି ମାତାପିତା ଯତ୍ନବାନ୍ ହେବା ଆବଶ୍ୟକ । କାରଣ ପ୍ରଥମରୁ ଶିଶୁର ଆହାର, ନିଦ୍ରା, ମଳମୂତ୍ରତ୍ୟାଗ ଆଦି ଅଭ୍ୟାସଗୁଡ଼ିକୁ ଶୃଙ୍ଖଳିତ ନକଲେ ସେଗୁଡ଼ିକ ବିଶୃଙ୍ଖଳିତ ହୋଇ ରହିଯାଏ ଏବଂ ଏଥିପାଇଁ ଜୀବନବ୍ୟାପୀ ଦୁଃଖକଷ୍ଟ ସହ୍ୟ କରିବାକୁ ହୋଇଥାଏ । ବସିବା, ଛିଡ଼ାହେବା, ଶୋଇବା ଓ ଚାଲିଚଳଣର ବିଭିନ୍ନ ବିକୃତ କ୍ରିୟାକଳାପକୁ ପ୍ରଥମରୁ ଶୃଙ୍ଖଳିତ ହେବା ପାଇଁ ଶିଶୁକୁ ଶିକ୍ଷାଦାନ ଓ ଅଭ୍ୟସ୍ତ କରିବାକୁ ହେବ । ସୁଷମ ଖାଦ୍ୟ-ପାନୀୟ ଦ୍ୱାରା ଶିଶୁ ଅବସ୍ଥାରୁ ଶରୀରର ପୁଷ୍ଟିସାଧନ କରିବାକୁ ହେବ । ନଚେତ୍ ସାରା ଜୀବନ ଶରୀର ଅପୁଷ୍ଟ ହୋଇ ରହିଯିବ ଏବଂ ପରବର୍ତ୍ତୀ କାଳରେ ନାନା ଦୁଃଖକଷ୍ଟଦାୟକ ହେବ । ଶରୀରର କୌଣସି ଅଙ୍ଗର ଯଦି ବିକୃତି ଥାଏ ତେବେ ଶଲ୍ୟଚିକିତ୍ସା, ଔଷଧ-ପ୍ରୟୋଗ ଓ ବ୍ୟାୟାମ ପ୍ରଭୃତିର ସାହାଯ୍ୟରେ ସେସବୁର ସଂଶୋଧନ କରିବା ଆବଶ୍ୟକ ।

ନିହାତି ଆବଶ୍ୟକ ନହେଲେ କୌଣସି ରୋଗର ପ୍ରତିକାର ପାଇଁ ଔଷଧ ପ୍ରତି ଏକାନ୍ତ ଭାବେ ନିର୍ଭରଶୀଳ ହେବା ଉଚିତ ନୁହେଁ । ବ୍ୟାୟାମ, ମନୋରମ ପ୍ରାକୃତିକ ସୌନ୍ଦର୍ଯ୍ୟ, ମୁକ୍ତ ପ୍ରାଙ୍ଗଣ, ସୂର୍ଯ୍ୟକିରଣ ଆଦି ଦ୍ୱାରା ଶରୀରର ଅନେକ ରୋଗକୁ ନିର୍ମୂଳ କରାଯାଇପାରେ । ମୃତ୍ତିକା, ଜଳ, ସୂର୍ଯ୍ୟକିରଣ ପ୍ରଭୃତି ପ୍ରାକୃତିକ ଉପାଦାନ ସାହାଯ୍ୟରେ ଚିକିତ୍ସା ଦ୍ୱାରା କେତେକ ରୋଗର ଉପଶମ ହୋଇଥାଏ ।

ମାତାପିତା, ପଡ଼ୋଶୀ ଓ ପରିବେଶର ପ୍ରଭାବ ଅନେକ ସମୟରେ ଜୀବନର ଲକ୍ଷ୍ୟ ନିର୍ଦ୍ଧାରଣ କରିବାରେ ସହାୟକ ହୋଇଥାଏ । ଶରୀର ଓ ପ୍ରାଣକୁ କଷ୍ଟ ଦେଇ ଏକତରଫା ମାନସିକ ଶିକ୍ଷାଲାଭ କରି ଅର୍ଥୋପାର୍ଜନର ପ୍ରଲୋଭନ ଦ୍ୱାରା କଦାପି ଶିଶୁ ଓ ଛାତ୍ରମାନଙ୍କୁ ପ୍ରଭାବିତ କରିବା ଉଚିତ ନୁହେଁ । ଜୀବନର ଲକ୍ଷ୍ୟ ଅର୍ଥୋପାର୍ଜନ, ପ୍ରାଣିକ ସୁଖ-ସମ୍ଭୋଗ ନହୋଇ ଆଧ୍ୟାତ୍ମିକ ଓ ଅତିମାନସ ଲକ୍ଷ୍ୟ ପ୍ରତି ଛାତ୍ରମାନଙ୍କୁ ଆକର୍ଷିତ କରିବାରେ ମାତାପିତା ଓ ଶିକ୍ଷକମାନଙ୍କର ଭୂମିକା ବିଶେଷ ଗୁରୁତ୍ୱପୂର୍ଣ୍ଣ । ଶାରୀରିକ ଶିକ୍ଷା ଓ ସ୍ୱାସ୍ଥ୍ୟରକ୍ଷାର ଅଭ୍ୟାସ ଜୀବନରେ ପୂର୍ଣ୍ଣାଙ୍ଗ ଆଧ୍ୟାତ୍ମିକ ଲକ୍ଷ୍ୟନିର୍ଦ୍ଧାରଣରେ ବିଶେଷ ସହାୟକ ହୋଇପାରେ । ସ୍ୱାସ୍ଥ୍ୟ ଓ ସୌନ୍ଦର୍ଯ୍ୟ ସକାଶେ ଶାରୀରିକ ଶିକ୍ଷା, ଶକ୍ତି ସକାଶେ ପ୍ରାଣିକ ଶିକ୍ଷା, ଜ୍ଞାନ ସକାଶେ ମାନସିକ ଶିକ୍ଷା ଏବଂ ଆଧ୍ୟାତ୍ମିକ ଜୀବନ ସକାଶେ ଚୈତ୍ୟଶିକ୍ଷା ମାନବଜୀବନର ଯଥାର୍ଥ ଦିବ୍ୟପୂର୍ଣ୍ଣତା ଆନୟନ କରିପାରେ । ଶାରୀରିକ ଓ ସ୍ୱାସ୍ଥ୍ୟ ଶିକ୍ଷା ଯେ ପୂର୍ଣ୍ଣାଙ୍ଗ ଦିବ୍ୟଜୀବନର ଭିତ୍ତି — ଏହା କଦାପି ଭୁଲିଯିବାକୁ ହେବ ନାହିଁ ।

ଶାରୀରିକ ଶିକ୍ଷା ମହାନ୍ ବ୍ୟକ୍ତି, ସମାଜ ଓ ଜାତି-ଗଠନରେ ଯେ ବିଶେଷ ସହାୟକ ହୋଇଥାଏ — ଏ ସମ୍ବନ୍ଧେ ଶ୍ରୀଅରବିନ୍ଦ କହନ୍ତି :

''A generalisation of the habit of taking part in such exercises in childhood and youth and early manhood would help greatly towards the creation of a physically fit and energetic people.''

(Essays in Philosophy and Yoga, p. 518)

ଅର୍ଥାତ୍, ''ବାଲ୍ୟ, ଯୌବନ ଓ ବୟସ୍କ ହେବାର ପ୍ରାରମ୍ଭିକ ଅବସ୍ଥାରେ ଏହି ଧରଣର ଶରୀର-ଚର୍ଚ୍ଚାରେ ଅଂଶଗ୍ରହଣ କରିବାର ଅଭ୍ୟାସକୁ ବ୍ୟାପକ ଭାବରେ ପ୍ରସାରିତ କରାଇପାରିଲେ, ତାହା ଏକ ସମର୍ଥ, ଶକ୍ତିମାନ୍ ଓ ବଳିଷ୍ଠ ଜାତି ଗଢ଼ିତୋଳିବା ଦିଗରେ ବିଶେଷଭାବେ ସହାୟକ ହୋଇପାରେ ।'' — ଶ୍ରୀଅରବିନ୍ଦ

(କ୍ରମଶଃ)

# ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣଯୋଗର
# ପବିତ୍ର ସାଧନାପୀଠ – ପାଠଚକ୍ର

**ଶ୍ରୀ ବିମଳ ପ୍ରସନ୍ନ ଦାସ**

ଭବିଷ୍ୟତ୍ ବିଜ୍ଞାନୀମାନେ କହନ୍ତି ଯେ ଚେତନାର ବିକାଶ ସ୍ତରରୁହିଁ ମଣିଷ ତା'ର ଭବିଷ୍ୟତ୍ ସମ୍ପର୍କରେ ଅଦମନୀୟ କୌତୂହଳ ପୋଷଣ କରିଆସିଛି । ସମୟର ରହସ୍ୟମୟ ଦିଗନ୍ତ ଭିତରକୁ ଦୃଷ୍ଟିପାତ ନିମନ୍ତେ ସେ ବିଭିନ୍ନ ଉପାୟ ଅବଲମ୍ବନ କରି ବିଭିନ୍ନ ସମ୍ପ୍ରଦାୟ ସୃଷ୍ଟି କରିଛି । କେତେ ପ୍ରକାର ସେବା ଓ ଶିବିର ଏବଂ ଗୋଷ୍ଠୀ ଓ ଗହ୍ୱର ମଧ୍ୟରେ ଆବଦ୍ଧ ହୋଇ ବହୁଧା ବିଭକ୍ତ ହୋଇଯାଇଛି । ଏ ପ୍ରକାର ବିଭକ୍ତି ଓ ବିଚ୍ଛିନ୍ନତା ଧର୍ମ, ସଂସ୍କୃତି, ସାହିତ୍ୟ ଓ ରାଜନୀତି – ସବୁ ସ୍ତରରେ ମଣିଷକୁ ମେଣ୍ଢାପଲ ପରି ବିଭିନ୍ନ ଗୋଠ ଓ ଗୁହାଳରେ ବାନ୍ଧି ଦେଇଛି । ଜୀବିକା ଓ ଜୀବନକୁ ନେଇ ସମସ୍ତେ ଯେପରି ଆପଣା ସ୍ୱାର୍ଥରେ ବନ୍ଧା ବୃତ୍ତିଧାରୀ ଜୀବଗୁଡ଼ିଏ । ଆପଣାର ତୁଚ୍ଛ ଜୀବନ ପାଇଁ ସେମାନେ ଯେକୌଣସି ଉଚ୍ଚ ଆଦର୍ଶ ଓ ମୂଲ୍ୟବୋଧକୁ ଜଳାଞ୍ଜଳି ଦେବାରେ କୁଣ୍ଠାବୋଧ କରନ୍ତି ନାହିଁ । ସମ୍ପ୍ରସାରଣ ନୁହେଁ, ସକଳ ପ୍ରକାର ସଂକୋଚନ ମଧ୍ୟରେ ସେମାନେ ମୃତ । ସତେଯେପରି ଏ ପ୍ରକାର ଯନ୍ତ୍ର ଓ ଯାନ୍ତ୍ରିକତାରୁ ମୁକ୍ତହୋଇ ଖୋଲା ମନ ଓ ନିର୍ମଳ ବିଚାର-ବିନିମୟ ଭିତରେ ସମ୍ପର୍କ ଗଢ଼ି ସଂଳାପ ଯୋଡ଼ିବାର ସମ୍ଭାବନା ମଣିଷସମାଜରୁ ନିର୍ବାସିତ ହୋଇଯାଇଛି ।

ସାମ୍ପ୍ରତିକ ବସ୍ତୁବାଦୀ ଓ ଧର୍ମାନ୍ଧ ମଣିଷସମାଜ ପାଇଁ ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣଯୋଗ-ସାଧନା ସମାଧାନର ଦିଗ୍‌ଦର୍ଶନ ଦେଇଛି । ମହାଯୋଗୀ ଶ୍ରୀଅରବିନ୍ଦ ଏଦିଗରେ ଏକ ବିସ୍ମୟକର ବ୍ୟତିକ୍ରମ । ଗଭୀର ମାନବବାଦର ଏକ ପ୍ରଚଣ୍ଡ ଅଗ୍ନିକୁଣ୍ଡ । ମଣିଷ ଉପରେ ତାଙ୍କର ଅନନ୍ତ ଆଶା, ବିଶ୍ୱାସ ଓ ଭରସା । ଅସୀମ ମଧ୍ୟ ତାଙ୍କ ଆଧ୍ୟାତ୍ମିକତାର ଆହ୍ୱାନ । ମୁକ୍ତି ଓ ମୋକ୍ଷ ଇତ୍ୟାଦି ଭାବଧାରାରେ ମଣିଷ ଓ ତା'ର ଭବିଷ୍ୟତକୁ ଭାରାକ୍ରାନ୍ତ ନକରି ସମଗ୍ର ବିଶ୍ୱର କଲ୍ୟାଣ ପାଇଁ ଗୋଟାଏ ନୂତନ ଯୁଗର ଉଦ୍‌ଘାଟନ ସେ କରିଯାଇଛନ୍ତି । ତାହା ହେଲା, ଏଇ ମଣିଷହିଁ ଏ ପୃଥିବୀରେ ରୂପାନ୍ତରିତ ହେବ । ଏହା କେବଳ ଆଶାର କଥା ନୁହେଁ ବରଂ ଏହା ନିଶ୍ଚିତ ଯେ ମନୁଷ୍ୟ-ପ୍ରକୃତି ନିଶ୍ଚୟ ରୂପାନ୍ତରିତ ହେବ । ତାଙ୍କ ଅନୁପମ ଭାଷାର ସାରମର୍ମ ହେଉଛି, ଏହା ଏକ ଆଶାର କଥା ନୁହେଁ ବରଂ ଏକ ନିଶ୍ଚୟତାର କଥା ଯେ ମାନବ-ପ୍ରକୃତିର ସମ୍ପୂର୍ଣ୍ଣ ରୂପାନ୍ତର ସଂଗଠିତ ହେବ । କିନ୍ତୁ ଏହି ରୂପାନ୍ତର-ପଥରେ ସମାଜରେ ସର୍ବପ୍ରଥମେ କେତେକ ବ୍ୟକ୍ତି ବା ଗୋଷ୍ଠୀ ଅଗ୍ରସର ହେବେ । କାରଣ ବ୍ୟକ୍ତିହିଁ ବିବର୍ତ୍ତନଧାରାରେ ସତ୍ୟର ପ୍ରକାଶ ନିମିତ୍ତ ପ୍ରାଥମିକ ଚାବିକାଠି । ସୁତରାଂ ମଣିଷର ବ୍ୟକ୍ତିଗତ ଓ ସାମାଜିକ ଜୀବନରେ ଯେତେ ପରିମାଣରେ ନୈରାଶ୍ୟ, ହତାଶା ଓ ବିକ୍ଷୋଭ ବଢ଼ିଉଠିବ, କେତେକ ବ୍ୟକ୍ତି ଏହି ସଂକଟରୁ ଉଦ୍ଧାର ପାଇବା ନିମନ୍ତେ ଜ୍ଞାତସାରରେ ହେଉ ବା ଅଜ୍ଞାତସାରରେ ହେଉ ଏହି ନୂତନ ଆଲୋକର ଅଭିମୁଖୀ ହେବେ ଓ ହେବା ମଧ୍ୟ ସ୍ୱାଭାବିକ । ସାମାଜିକ ଜୀବନରେ କେତେକ ବ୍ୟକ୍ତି ଏହି ସତ୍ୟ ପ୍ରତି ଆକୃଷ୍ଟ ହୋଇ ଏହି ଆଦର୍ଶ ଓ ଲକ୍ଷ୍ୟସାଧନ ଦିଗରେ ସ୍ୱୀକୃତି ଦେବେ ଏବଂ ଏହାକୁ ଜୀବନରେ ପ୍ରୟୋଗ କରିବା ପାଇଁ ଚେଷ୍ଟିତ ହେବେ ।

ଉପରୋକ୍ତ ସତ୍ୟ ଓ ତତ୍ତ୍ୱ ଉପରେ ଶ୍ରୀଅରବିନ୍ଦ ପାଠଚକ୍ରଗୁଡ଼ିକ ୧୯୬୦ରୁ ଆରମ୍ଭ ହୋଇ ଓଡ଼ିଶାର ପୁରପଲ୍ଲୀ, ସ୍କୁଲ, କଲେଜ ଏପରିକି ଘରେ ଘରେ ମଧ୍ୟ ସଂଗଠିତ ହେବାରେ ଲାଗିଛି । ମହାଯୋଗୀ ଶ୍ରୀଅରବିନ୍ଦ ଓ ଦିବ୍ୟଜନନୀଙ୍କ କୃପା ଓ କରୁଣା ତଥା ପୂଜ୍ୟ ବାବାଜି ମହାରାଜଙ୍କ ଅଫୁରନ୍ତ ପ୍ରେରଣା ଏବଂ ଅଧ୍ୟାପକ ପ୍ରପତ୍ତିଙ୍କ ଅକ୍ଳାନ୍ତ ଶ୍ରମ ଏବଂ ସାଧନା ଫଳରେ ଗତ ୫୨ବର୍ଷ ଭିତରେ ପ୍ରାୟ ୧୩,୫୦୦ ପାଠଚକ୍ର, ୫୮୦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଓ ୭୩ଟି ଦେହାଂଶ ପ୍ରତିଷ୍ଠାକେନ୍ଦ୍ର (Relics Centre) ପ୍ରତିଷ୍ଠିତ ହୋଇଛି । ଓଡ଼ିଶା ପରି ଗୋଟିଏ ଧର୍ମପ୍ରବଣ ଜନମାନସରେ ଏପରି ଏକ ଆଧ୍ୟାତ୍ମିକ ବିପ୍ଳବ ଯେ ସମ୍ଭବ ହୋଇଛି – ଏହା ଚିନ୍ତାକଲେ ବାବାଜି ମହାରାଜ ଓ ଅଧ୍ୟାପକ ପ୍ରପତ୍ତିଙ୍କ ପ୍ରତି ଗଭୀର କୃତଜ୍ଞତାରେ ସ୍ୱତଃ ମୁଣ୍ଡ ନଇଁ ଆସେ ।

ପାଠଚକ୍ରଗୁଡ଼ିକ ହେଉଛନ୍ତି ମୌଳିକଭାବେ ଆଧ୍ୟାତ୍ମିକ ଅନୁଷ୍ଠାନ । ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କ ଜୀବନଧାରା ଓ ସାଧନାର ପ୍ରତୀକ ଯଜ୍ଞକୁଣ୍ଡ – ଜ୍ଞାନ, ଶକ୍ତି, ସଂହତି, ଐକ୍ୟ ଓ ଆଲୋକ

ପ୍ରକାଶର ଉପାୟ ଓ ଅବଲମ୍ବନ । ଆଧ୍ୟାତ୍ମିକ କେନ୍ଦ୍ର ଭାବରେ ଏହାର ବୈଶିଷ୍ଟ୍ୟ ସ୍ୱତନ୍ତ୍ର । କୌଣସି ଧର୍ମାନୁମୋଦିତ, ଆନୁଷ୍ଠାନିକ, ପ୍ରଥାଗତ, ଦଳଗତ ସଂକୀର୍ଣ୍ଣତା, ବାହ୍ୟ କ୍ରିୟାପଦ୍ଧତି ବା ଆଡ଼ମ୍ବରରେ ପାଠଚକ୍ର ସାମିଲ ନୁହେଁ । ବରଂ ଏ ଅନୁଷ୍ଠାନ ପ୍ରମାଣ କରେ ଯେ ଆଧ୍ୟାତ୍ମିକତା ଧାର୍ମିକତା ନୁହେଁ । ଅନ୍ୟ ଦିଗରେ ଯାଦୁବିଦ୍ୟା ନୁହେଁ । ଅତୀତରେ ଓ ଆଜି ଏ ଦୁଇଟି ସଂସ୍କାର ମାୟା ଜନମାନସକୁ ଅଳ୍ପେ-ବହୁତେ ଅଧିକାର କରିଥିବାବେଳେ ପାଠଚକ୍ର ସହିତ ସମ୍ପୃକ୍ତ ସମାଜ ଏକ ବିରଳ ବ୍ୟତିକ୍ରମ । ଏକ ବିଶାଳ ଆଧ୍ୟାତ୍ମିକ ଆଦର୍ଶକୁ ପାଠଚକ୍ର ଡୁବାଇ ଦିଏ ନାହିଁ କିଂବା ଆନୁଷ୍ଠାନିକ ବାହ୍ୟ କ୍ରିୟାରେ ବିଭୋର ହୋଇ ଆଧ୍ୟାତ୍ମ ଶକ୍ତିକୁ କ୍ଷୀଣ ଓ ନିଷ୍ପ୍ରାଣ କରେ ନାହିଁ । ଭଗବତ୍ କୃପା ପରମ ଐଶ୍ୱର୍ଯ୍ୟ ଓ ଅସୀମ ଶକ୍ତିରେ ଏହା ଭାସ୍ୱର – ଯାଦୁବିଦ୍ୟା ନୁହେଁ ବା ଚମତ୍କାରିତା ନୁହେଁ । ଏହାହିଁ ପାଠଚକ୍ରର ଆଦର୍ଶ ଓ ବାର୍ତ୍ତା । ଶ୍ରୀଅରବିନ୍ଦ ଆଧ୍ୟାତ୍ମିକତା ସମ୍ପର୍କରେ ଅତି ରୋକ୍‌ଠୋକ୍ ଆଲୋଚନା କରି ଏହା ଧର୍ମ ଓ ନୈତିକତାଠାରୁ ଭିନ୍ନ ବୋଲି ପ୍ରତିପାଦିତ କରିଛନ୍ତି । ସେ ଦିବ୍ୟଜୀବନ ଗ୍ରନ୍ଥର ଦ୍ୱିତୀୟ ଭାଗ ତୃତୀୟ ଖଣ୍ଡରେ ଆଧ୍ୟାତ୍ମିକତାର ସଂଜ୍ଞା ନିରୂପଣ କରି ଦୃଢ଼ତାର ସହିତ ଯାହା କହିଛନ୍ତି ତାହାର ସାରମର୍ମ ହେଉଛି, ଆଧ୍ୟାତ୍ମିକତା ଗୋଟାଏ ଉଚ୍ଚକୋଟିର ବୁଦ୍ଧିବାଦ ନୁହେଁ, ଆଦର୍ଶବାଦ ନୁହେଁ । ମନର ନୈତିକ ଦୃଷ୍ଟି, ଅଥବା ନୈତିକ ବୁଦ୍ଧି ଅଥବା ପେଷା ନୁହେଁ, ଧାର୍ମିକତା ଅବା ଗୋଟାଏ ତୀବ୍ର ଭାବମୟ ପ୍ରେରଣା ନୁହେଁ । ଏପରିକି ଏହିପରି ମହାନ୍ ସୁନ୍ଦର ବସ୍ତୁଗୁଡ଼ିକର ସମ୍ମିଶ୍ରଣ ନୁହେଁ । ଗୋଟାଏ ମାନସିକ ଧାରଣା, ମତବାଦ, ଧର୍ମ ଓ ନୈତିକତାର ସୂତ୍ର ଦ୍ୱାରା ଚରିତ୍ରର ନିୟମନ ଓ ନିର୍ଦ୍ଧାରଣ, ଆଧ୍ୟାତ୍ମିକ ସିଦ୍ଧି ବା ଉପଲବ୍ଧି ନୁହେଁ । ଏହି ସକଳ ବସ୍ତୁର ମନ ଓ ପ୍ରାଣ ନିମିତ୍ତ ଖୁବ୍ ମୂଲ୍ୟ ବା ଗୁରୁତ୍ୱ ରହିଛି ।

କିନ୍ତୁ ଆମମାନଙ୍କ ଆନ୍ତର ସତ୍ତାରେ ଜାଗ୍ରତ୍ ହେବା, ଆତ୍ମାରେ, ଆତ୍ମା-ପୁରୁଷରେ, ଚୈତ୍ୟସତ୍ତାରେ ଜାଗ୍ରତ୍ ହେବା, ଯାହାକି ଆମର ଦେହ, ମନ, ପ୍ରାଣଠାରୁ ପୃଥକ୍ ସେହି ବସ୍ତୁକୁ ଜାଣିବା, ଅନୁଭବ କରିବା ଏବଂ ତାହାହିଁ ହେବା ସକାଶେ ଗୋଟାଏ ଆନ୍ତରିକ ଅଭୀପ୍ସା କରିବା, ସେହି ବୃହତ୍ତର ସତ୍ୟ ଯାହା ବିଶ୍ୱାତୀତ ଏବଂ ବିଶ୍ୱଗତ ଏବଂ ଆମମାନଙ୍କ ସତ୍ତା ମଧ୍ୟରେ ଅବସ୍ଥିତ ତାହା ସଂସ୍ପର୍ଶରେ ଆସିବା, ତାହା ସହିତ ସମ୍ପୃକ୍ତ ଓ ଏକୀଭୂତ ହେବା ଏବଂ ସେହି ଅଭୀପ୍ସା ଫଳରେ ସମଗ୍ର ସତ୍ତାର ଗତିଧାରାର ପରିବର୍ତ୍ତନ କରିବା, ରୂପାନ୍ତର ଓ ସତ୍ତାନ୍ତର ଏବଂ ସେହି ସଂସ୍ପର୍ଶ ଓ ଏକତ୍ୱରୁ ଉଦ୍‌ଭୂତ ନୂତନ ସତ୍ତା, ନୂତନ ପ୍ରକୃତି ଓ ନୂତନ ଜାଗରଣ – ଏସବୁହିଁ ଆଧ୍ୟାତ୍ମିକତାର ସାରତତ୍ତ୍ୱ । ଏହାର ସାମଗ୍ରିକ ସହଜ ଅର୍ଥ ହେଉଛି ଭଗବତ୍ ଚେତନାରେ ବାସ କରିବା । ସୁତରାଂ ଯେଉଁମାନେ ପାଠଚକ୍ର ଗଠନ କରିବାକୁ ଆଗେଇ ଆସିଛନ୍ତି ଓ ଏହି ସତ୍ୟ ତଥା ତତ୍ତ୍ୱକୁ ଗ୍ରହଣ କରିଛନ୍ତି ସେମାନେ ନିଶ୍ଚୟ ଅଭୀପ୍ସୁ ଓ ନୂତନ ଜଗତ୍ ଏବଂ ନୂତନ ଚେତନାର ଉନ୍ମେଷରେ ଅଂଶୀଦାର । ପାଠଚକ୍ରର ପ୍ରତ୍ୟେକ ସଭ୍ୟ ଏ ସାଧନାର ସାଧକ ଓ ପାଠଚକ୍ର ତାଙ୍କ ସାଧନାର ପବିତ୍ରପୀଠ । ଯଦି ଗୋଟିଏ ପାଠଚକ୍ରରୁ ଜଣେ ମାତ୍ର ବ୍ୟକ୍ତି ଯଥାର୍ଥ ମନୋଭାବ ଓ ନିଷ୍ଠାର ସହ ସାଧନା କରି ନିଜର ପ୍ରକୃତି ଓ ଅଭ୍ୟାସର ସାମାନ୍ୟତମ ପରିବର୍ତ୍ତନ କରିବାରେ ସଫଳ ହୋଇଛନ୍ତି ତେବେ ସେ ପାଠଚକ୍ର ନିଶ୍ଚିତ ସଫଳ ହୋଇଛି ଓ ସାମାଜିକ ଜୀବନକୁ ତାହା ପ୍ରଭାବିତ କରିବା ସ୍ୱାଭାବିକ ।

ପାଠଚକ୍ର-ସମ୍ମିଳନୀ ଏ ଦିଗରେ ଏକ ସାମୟିକ ସମୀକ୍ଷା ପାଇଁ ସୁଯୋଗ ସୃଷ୍ଟିକରେ । ସାଧକ ନିଜ ବ୍ୟକ୍ତିଗତ ଜୀବନରେ ସାଧନାର ପ୍ରଗତିକୁ ସାମଗ୍ରିକତାର କଷଟି ପଥରରେ ନିଜେ ପରଖି ନେଇପାରେ । ସମଷ୍ଟିଗତ ଜୀବନରେ ଐକ୍ୟ, ସମତା, ସଂହତି, ସମନ୍ୱୟ ଓ ଉଦାହରଣର ଭୂମିକାହିଁ ପାଠଚକ୍ର । ଏଠାରେ ଦଳୀୟ ସଂକୀର୍ଣ୍ଣତା ଓ ଆନୁଷ୍ଠାନିକ ଅନୁଦାରତା ନଥାଏ । ସୁତରାଂ ପାଠଚକ୍ରର ସଭ୍ୟମାନେ ଅନ୍ୟ ମାର୍ଗର ମତବାଦୀମାନଙ୍କୁ ଉଦାର ମନୋଭାବ ସହ ଦେଖନ୍ତି ଓ ସେମାନଙ୍କ ବିଶ୍ୱାସ ତଥା ଆଚାର ପ୍ରତି ସମ୍ମାନ ଓ ଶ୍ରଦ୍ଧା ପ୍ରଦର୍ଶନ କରନ୍ତି । ଧର୍ମର ଭୂମିକାରେ ବିବାଦ ଓ ବିଦ୍ୱେଷ ରହିଥିଲାବେଳେ, ଆଧ୍ୟାତ୍ମିକତାର ଭୂମିକା ଧର୍ମୋତ୍ତର, ବିଶୁଦ୍ଧ, ଦ୍ୱନ୍ଦ୍ୱହୀନ, ବିଦ୍ୱେଷହୀନ ଓ ନିତ୍ୟନୂତନ । ଶ୍ରୀଅରବିନ୍ଦ କୌଣସି ଧର୍ମର ପ୍ରବର୍ତ୍ତକ ବା ପ୍ରତିଷ୍ଠାତା ନୁହନ୍ତି । ତାଙ୍କର ଅନୁପମ ଭାଷାରେ, "I may say that it is far from my purpose to propagate any religion new or old for humanity in the future. A way to be opened that is still blocked, not a religion to be founded, is my conception of the matter."

*18 August 1935* (Sri Aurobindo on Himself, p. 696)

ଯାହାର ସାରମର୍ମ ହେଲା : ''ମୁଁ ଏକଥା କହିପାରେ ଯେ, କୌଣସି ପ୍ରକାର ପୁରାତନ ବା ନୂତନ ଧର୍ମପ୍ରଚାର କରିବା

ମୋର ଉଦ୍ଦେଶ୍ୟ ନୁହେଁ । ମାନବସମାଜ ନିମିତ୍ତ ଏପର୍ଯ୍ୟନ୍ତ ଅବରୁଦ୍ଧ ହୋଇ ପଡ଼ିଥିବା ମାର୍ଗକୁ ଖୋଲି ଦେବାକୁ ହେବ । ଗୋଟାଏ ଧର୍ମ-ସଂସ୍ଥାପନ ନୁହେଁ – ଏହାହିଁ ସମସ୍ତ କଥାର ସାରମର୍ମ ।''

ପୃଥିବୀପୃଷ୍ଠରେ ସେହିମାନଙ୍କ ମଧ୍ୟରେ ଦିବ୍ୟଜୀବନ ଓ ଦିବ୍ୟଚେତନା ପ୍ରତିଷ୍ଠା ନିମନ୍ତେ ପରମପ୍ରଭୁ ଓ ଦିବ୍ୟଜନନୀଙ୍କ ଧରାବତରଣ ଯେଉଁମାନେ ସ୍ୱତଃସ୍ଫୂର୍ତ୍ତରୂପେ ଏହି ଆହ୍ୱାନ ଅନୁଭବ କରୁଛନ୍ତି ଏବଂ ଏହି ପୂର୍ଣ୍ଣଯୋଗର ମାର୍ଗକୁ ଗ୍ରହଣ କରିବାକୁ ସ୍ୱୀକୃତି ପ୍ରଦାନ କରିଛନ୍ତି ।

ସୁତରାଂ କୋଟି କୋଟି ଲୋକ ନିଜ ଭୋଗସ୍ପୃହା ଓ କାମନାବାସନାର ଚରିତାର୍ଥ ପାଇଁ ଅଜ୍ଞାନରେ ବୁଡି ଯାଇଥିବା-ବେଳେ, ସେମାନଙ୍କ ମଧ୍ୟରୁ ଅଳ୍ପସଂଖ୍ୟକ ଲୋକ ସେହି ଚିରାଚରିତ ନୈତିକତା, ଧର୍ମ ଓ ମାନସିକ ଆଦର୍ଶ ଭିତରେ ଉଦ୍ଧାରର ପଥ ଖୋଜୁଥିଲାବେଳେ, ଆହୁରି କମ୍ ସଂଖ୍ୟକ ଲୋକ ଶ୍ରୀଅରବିନ୍ଦ ଓ ଶ୍ରୀମାଙ୍କ ପ୍ରଦର୍ଶିତ ନୂତନ ଆଧ୍ୟାତ୍ମିକ ସତ୍ୟ ଓ ତା'ର ସାଧନା-ମାର୍ଗ ସମ୍ପର୍କରେ ଶୁଣିଛନ୍ତି ଓ ତା'ଠାରୁ ଆହୁରି କମ୍ ମୁଷ୍ଟିମେୟ ଲୋକ ଶ୍ରୀଅରବିନ୍ଦ ଓ ଶ୍ରୀମାଙ୍କୁ ଇଷ୍ଟ ଓ ଗୁରୁରୂପେ ଗ୍ରହଣ କରି ସେହି ନୂତନ ମାର୍ଗରେ ଚାଲିବାକୁ ସଂକଳ୍ପ କରିଛନ୍ତି । ସେହିମାନେହିଁ ପାଇଛନ୍ତି ନୂତନ ସତ୍ୟର ଦୀକ୍ଷା ଓ ଆହ୍ୱାନ – ମାତ୍ର ନିଜର ଯୋଗ୍ୟତା ଯୋଗୁଁ ନୁହେଁ, ମା' ଭଗବତୀଙ୍କ କରୁଣାରୁ । ସେମାନେ ସଚେତ ହେବା ଉଚିତ ଯେ ସେମାନଙ୍କ ଚେତନାରେ ନୂତନ ସତ୍ୟର ଆବାହନ ଓ ପ୍ରକାଶ ପାଇଁ ଏକ ଯଜ୍ଞ (ପାଠଚକ୍ର) ଅନୁଷ୍ଠିତ ହେଉଛି ଓ ସେହି ଯଜ୍ଞ(ପାଠଚକ୍ର)କୁ ନଷ୍ଟଭ୍ରଷ୍ଟ କରିବା ପାଇଁ ସମସ୍ତ ଆସୁରିକ ବିରୋଧୀ ଶକ୍ତି ଅତ୍ୟନ୍ତ ତତ୍ପର । ତେଣୁ ବିରୋଧୀ ଶକ୍ତି ଓ ନିମ୍ନପ୍ରକୃତିର ଅପ୍ରତ୍ୟାଶିତ ଆକ୍ରମଣରୁ ସେହି ଯଜ୍ଞ (ପାଠଚକ୍ର)କୁ ସୁରକ୍ଷିତ ରଖିବା ପାଇଁ ଭାଗବତୀ ଶକ୍ତିଙ୍କ ସହ ନିଜ ଚେତନାର ସଂଯୋଗକୁ ଦୃଢ଼ କରିବାକୁ ହେବ ।

କୌଣସି ପାଠଚକ୍ରର ତାଲିକାଭୁକ୍ତ ହୋଇଗଲେ ବା କୌଣସି ଆଚାର-ପଦ୍ଧତିର ଅନ୍ଧ, ଔପଚାରିକ ଅନୁକରଣ କଲେ ଏହି ସଂଯୋଗସୂତ୍ର ସ୍ଥାପିତ ହୁଏ ନାହିଁ । ଅନ୍ତଶ୍ଚେତନାର ଅଭୀପ୍ସା, ଆନ୍ତରିକତା ଓ ବିଶ୍ୱସ୍ତତା ଦ୍ୱାରାହିଁ ଏହା ସୁରକ୍ଷିତ ହୋଇ ବୃଦ୍ଧିପାଏ । ସୁତରାଂ ପାଠଚକ୍ରର ସଭ୍ୟ ବା ସମ୍ପୃକ୍ତ ବ୍ୟକ୍ତିବିଶେଷ ମା'ଙ୍କର ଦିବ୍ୟ ଉପସ୍ଥିତି ସହିତ ନିଜର ସଂଯୋଗକୁ ଦୃଢ଼ କରିବା ସହିତ ବିରୋଧୀ ଶକ୍ତିର ଚକ୍ରାନ୍ତ ଓ କୌଶଳ ସମ୍ପର୍କରେ ସଚେତନ ହୋଇ ତା'ର ପ୍ରତ୍ୟାଖ୍ୟାନ କରିବାକୁ ହେବ ।

ସାମୂହିକ କ୍ଷେତ୍ରରେ ଶ୍ରୀଅରବିନ୍ଦଙ୍କ ଯୋଗ, ଦର୍ଶନ ଓ ଶିକ୍ଷାର ଆଦର୍ଶକୁ ଭିତ୍ତିକରି ଯେଉଁସବୁ ଅନୁଷ୍ଠାନ ଗଢ଼ିଉଠିଛି, ସେସବୁ କ୍ଷେତ୍ରରେ ବିରୋଧୀ ଶକ୍ତିର ପ୍ରଧାନ କୌଶଳ ହେଉଛି ନାନା ଆଳରେ ନାନା ମତଭେଦ, କଳହ ଓ ପାରସ୍ପରିକ ବିବାଦ ସୃଷ୍ଟି କରିବା । ଦୁଃଖର ସହିତ ସ୍ୱୀକାର କରିବାକୁ ହେଉଛି ଯେ କର୍ମୀମାନଙ୍କର ଅହଂ ଓ ସ୍ୱାର୍ଥହିଁ ଏଥିପାଇଁ ବିରୋଧୀ ଶକ୍ତି ହାତରେ ପ୍ରଧାନ ଯନ୍ତ୍ର ହୋଇଥାଏ ଓ ଅହଂର ଶିକାର ହୋଇଥିବା ପ୍ରତ୍ୟେକ କର୍ମୀ ଆସ୍ଫାଳନ କରେ ଯେ ତା' ବ୍ୟତୀତ ସମସ୍ତେ ସଂଶୋଧନଯୋଗ୍ୟ । ଏଇଠି ଆସେ ଅସଙ୍ଗତି ଓ ପାରସ୍ପରିକ ଈର୍ଷା, ଅସହିଷ୍ଣୁତା ଓ ଅସୂୟା । ମାତ୍ର ସମ୍ପୂର୍ଣ୍ଣ ସମର୍ପଣ, ସହଯୋଗ ଓ ସଂହତିର ବାତାବରଣହିଁ ମା'ଙ୍କ ଶକ୍ତି ଓ ଉପସ୍ଥିତି ପ୍ରତି ସମର୍ପଣର ମାପକାଠି । ଏହାର ବିପରୀତ ପରିସ୍ଥିତିହିଁ ଅନୁଷ୍ଠାନରେ ବିରୋଧୀ ଶକ୍ତିର ଉପସ୍ଥିତିର ଅଭ୍ରାନ୍ତ ସୂଚନା । ଅଧିକାଂଶ ଅନୁଷ୍ଠାନରେ ଆଜି ବିରୋଧୀ ଶକ୍ତିର ଅବାଧ ଲୀଳା । ସତେ ଯେପରି ତାକୁ ଆମେ ନିମନ୍ତ୍ରଣ କରିଆଣିଛୁ, ଉପାସନା କରୁଛୁ ।

ସୁତରାଂ ନିଜର ସାମର୍ଥ୍ୟ ଉପରେ ନୁହେଁ କି ଅହଂଗତ ଆସ୍ଫାଳନ ଉପରେ ନୁହେଁ; ଲକ୍ଷ୍ୟରେ ପହଞ୍ଚିବା ପାଇଁ ମା'ଙ୍କ କୃପା ଉପରେ ଅଖଣ୍ଡ ନିର୍ଭରତାହିଁ ଆମ ପାଇଁ ଏକମାତ୍ର ପଥ । ❖

ଖାଲି କେନ୍ଦ୍ରଟିଏ ଖୋଲି ଦେଲେ ଯେ ଯଥେଷ୍ଟ ହେଲା, ତା' ନୁହେଁ । ଏହି କେନ୍ଦ୍ର ହେବା ଉଚିତ ଭଗବାନଙ୍କ ନିକଟରେ ପରିପୂର୍ଣ୍ଣ ଆତ୍ମୋତ୍ସର୍ଗ ସହ ଅଖଣ୍ଡ ଆନ୍ତରିକତାର ଏକ ବିଶୁଦ୍ଧ ଯଜ୍ଞକୁଣ୍ଡ ।
ଆନ୍ତରିକତାର ଏହି ଅଗ୍ନିଶିଖା ଜଗତର ସକଳ ମିଥ୍ୟା ଓ ପ୍ରବଞ୍ଚନାକୁ ଅତିକ୍ରମ କରି ଊର୍ଦ୍ଧ୍ୱକୁ ଉଠିଚାଲୁ ।

୨୧ ଡିସେମ୍ବର ୧୯୬୨ — ଶ୍ରୀମା

### ପୃଥିବୀ-ଚେତନା ପାଇଁ ସାଧନା (୩୪)

# ପଣ୍ଡିଚେରୀ : 'ତପସ୍ୟାର ଗୁହା'

## ଚନ୍ଦ୍ରଶେଖର ଓ ଚିଦାନନ୍ଦଙ୍କର ଆଗମନ :

ଶ୍ରୀଅରବିନ୍ଦଙ୍କର ନିର୍ଦ୍ଦେଶାନୁଯାୟୀ ଅମୃତ ୧୯୧୫ ଫେବ୍ରୁଆରୀରେ ମାଟ୍ରିକୁଲେସନ୍ ପରୀକ୍ଷା ଦେଇ ଉଚ୍ଚତର ଶିକ୍ଷା ନିମିତ୍ତ ମାଡ୍ରାସରେ ୧୯୧୯ ଏପ୍ରିଲ୍ ପର୍ଯ୍ୟନ୍ତ ରହିଥିଲେ; କିନ୍ତୁ ଛୁଟି ମିଳିବା ମାତ୍ରେ ସେ ସିଧା ପଣ୍ଡିଚେରୀକୁ ଚାଲି ଆସୁଥିଲେ ।

ଅମୃତଙ୍କର 'ଅତୀତ ସ୍ମୃତି'ରୁ ଉଦ୍ଧୃତି : ''ପଣ୍ଡିଚେରୀକୁ ଆସୁଥିବା ବେଳେ ଥରେ ଭି. ଚନ୍ଦ୍ରଶେଖର ଆୟା ନାମକ ଜଣେ ଆନ୍ଧ୍ର ଯୁବକଙ୍କୁ ଭେଟିଲି । ସେ ମୋତେ ପଚାରିଲେ, 'ମୁଁ କିପରି ଶ୍ରୀଅରବିନ୍ଦଙ୍କୁ ସାକ୍ଷାତ୍ କରିପାରିବି ?' ମୁଁ ତାଙ୍କୁ କହିଲି, 'ମୋ ସହିତ ଆପଣ ଆସି ପାରନ୍ତି, ତେଣିକି ଆପଣଙ୍କ ଭାଗ୍ୟ ।'

''ଶ୍ରୀଅରବିନ୍ଦଙ୍କ ନିକଟରେ ମୁଁ ଯେତେବେଳେ ଚନ୍ଦ୍ରଶେଖରଙ୍କ ବିଷୟ ଉତ୍ଥାପନ କଲି, ସେ ମୋତେ ତାଙ୍କ ସମ୍ବନ୍ଧରେ ବେଶ୍ କେତୋଟି ପ୍ରଶ୍ନ ପଚାରିଲେ – 'ସେ କେଉଁଠୁ ଆସିଛନ୍ତି ? ସେ ପଣ୍ଡିଚେରୀକୁ କ'ଣ ପାଇଁ ଆସିଛନ୍ତି ? କ'ଣ କିଛି ବ୍ୟବସାୟ ଉଦ୍ଦେଶ୍ୟରେ ଆସିଛନ୍ତି ?' – ଇତ୍ୟାଦି ନାନା ପ୍ରଶ୍ନ ପଚାରି ତା'ପରେ ଶେଷରେ ତାଙ୍କୁ ସାକ୍ଷାତ୍ ଦେବାକୁ ରାଜି ହେଲେ । ଶ୍ରୀଅରବିନ୍ଦଙ୍କ ସହିତ ଚନ୍ଦ୍ରଶେଖରଙ୍କର ଏହି ସାକ୍ଷାତ୍‌କାର ପାଞ୍ଚ ମିନିଟରୁ ଅଧିକ ସମୟ ଲାଗି ନଥିଲା ।

''ପରବର୍ତ୍ତୀ କାଳରେ, ମୁଁ ମାଡ୍ରାସରେ ଥିବାବେଳେ, ଚନ୍ଦ୍ରଶେଖରଙ୍କୁ ଥରେ କି ଦୁଇ ଥର ଭେଟିଥିବାର ମନେଅଛି । କିନ୍ତୁ ସେ ଯେତେବେଳେ ପଣ୍ଡିଚେରୀ ଆସୁଥିଲେ, ମୁଁ ତାଙ୍କ ସହିତ ପ୍ରାୟ ଆସୁଥିଲି । ସେ କେବେ ବି ଶ୍ରୀଅରବିନ୍ଦଙ୍କର ଦର୍ଶନଲାଭରୁ ବଞ୍ଚିତ ହୋଇ ନଥିଲେ ।...

''ଶ୍ରୀଅରବିନ୍ଦଙ୍କ ସଂସ୍ପର୍ଶରେ ଆସିବା ପରେ ଚନ୍ଦ୍ରଶେଖର ପ୍ରକୃତରେ ଜଣେ ପ୍ରବୁଦ୍ଧ ବ୍ୟକ୍ତି ହୋଇଉଠିଥିଲେ । ତାଙ୍କର ସଂସ୍କୃତରେ ପାଣ୍ଡିତ୍ୟ ଥିଲା ଏବଂ ଇଂରାଜୀ ଭାଷାରେ ମଧ୍ୟ ବେଶ୍ ଦଖଲ ଥିଲା ।... ଶ୍ରୀଅରବିନ୍ଦହିଁ ତାଙ୍କ ଭିତରେ ଜ୍ଞାନାଗ୍ନି ପ୍ରଜ୍ୱଳିତ କରିଦେଇଥିଲେ ।

''ମୁଁ ଶେଷଥର ସକାଶେ ମାଡ୍ରାସ ଛାଡ଼ିବା ପରେ ଚନ୍ଦ୍ରଶେଖର ଦଶ, ବାର ଥର ପଣ୍ଡିଚେରୀକୁ ଆସି ଏକ ହୋଟେଲ୍‌ରେ ରହୁଥିଲେ; ଥରେ ଥରେ ସେ ଚାରି, ପାଞ୍ଚ ଦିନ ଧରି ରହିଯାଉଥିଲେ । ଶ୍ରୀଅରବିନ୍ଦଙ୍କ ସହିତ ତାଙ୍କର ଅପରିବର୍ତ୍ତିତ ଭାବରେ ଏକ ଦୃଢ଼ ଘନିଷ୍ଠତା ବଢ଼ିଉଠିଥିଲା । ଏହାର ଫଳସ୍ୱରୂପ, ସେ ଏଠାରେ ନିଜ ସକାଶେ ହୋଟେଲ୍‌ରେ ଏକ କୋଠରି ଭଡ଼ାରେ ସଂରକ୍ଷିତ କରି ରଖି ଦେଇଥିଲେ ।

''ସୁବ୍ରମଣ୍ୟ ଭାରତୀଙ୍କ ସଦୃଶ ଚନ୍ଦ୍ରଶେଖର ମଧ୍ୟ ଶ୍ରୀଅରବିନ୍ଦଙ୍କଠାରୁ ଋଗ୍‌ବେଦ ଅଧ୍ୟୟନ କରିଥିଲେ । ଦୁଇ, ତିନି ବର୍ଷ ଧରି ନିୟମିତ ଭାବରେ ଏକ ନିର୍ଦ୍ଦିଷ୍ଟ ସମୟରେ ଚନ୍ଦ୍ରଶେଖର ଶ୍ରୀଅରବିନ୍ଦଙ୍କଠାରୁ ଏହା ଅଧ୍ୟୟନ କରିଥିଲେ । ଏହି ଅଧ୍ୟୟନ ବେଦ ସମ୍ବନ୍ଧରେ ପୁରାତନ ପାରମ୍ପରିକ ଟୀକା-ଟିପ୍ପଣୀ ବା ପଦ୍ଧତିର ସାହାଯ୍ୟରେ ଚାଲୁ ନଥିଲା; ଏହା ଶ୍ରୀଅରବିନ୍ଦଙ୍କର ନିଜସ୍ୱ ଜ୍ଞାନଲବ୍ଧ ବ୍ୟାଖ୍ୟାରେହିଁ ଆଧାରିତ ଥିଲା । ମୁଁ ଯେବେ ଏଥିରେ ଉପସ୍ଥିତି ରହିପାରୁଥିଲି, ଅତ୍ୟନ୍ତ ଆନନ୍ଦର ସହିତ ତାଙ୍କର ମୁଖନିଃସୃତ ସେହି ଅମୃତ ବ୍ୟାଖ୍ୟାସବୁକୁ ଗଭୀର ମନୋନିବେଶ ପୂର୍ବକ ଶ୍ରବଣ କରୁଥିଲି ।...''

ପରବର୍ତ୍ତି କାଳରେ ଚନ୍ଦ୍ରଶେଖର ନିଜ ମାତୃଭାଷା ତେଲୁଗୁରେ 'ଶ୍ରୀଅରବିନ୍ଦ' ଶିରୋନାମାରେ ଏକ ହୃଦୟଗ୍ରାହୀ କବିତା ରଚନା କରିଥିଲେ । ତାଙ୍କର ଅନ୍ୟାନ୍ୟ ଇଂରାଜୀ ରଚନା ମଧ୍ୟରେ "Sri Aurobindo's 'Life Divine' - A Brief study' "; "Sri Aurobindo and the Veda"; "The Taittiriya Upanishad"; "The Sankhya System" ଓ "Sri Aurobindo and the Symbol of India." ଅନ୍ୟତମ ।

ଏବେ ଭି. ଚିଦାନନ୍ଦଙ୍କର ପଣ୍ଡିଚେରୀ ଆଗମନ ସମ୍ବନ୍ଧେ ତାଙ୍କ ନିଜସ୍ୱ ଉକ୍ତିରୁ ଉଦ୍ଧୃତି :

''୧୯୨୦ ମସିହା । ମୋତେ ସେତେବେଳେ ଅଠର ବର୍ଷ । ମାଡ୍ରାସରେ ବି. ଏ. ପଢୁଥାଏ । ମୋ ବଡ଼ ଭାଇ ଚନ୍ଦ୍ରଶେଖର ସେତେବେଳେ ପଣ୍ଡିଚେରୀରେ ଅବସ୍ଥାନ କରି ଶ୍ରୀଅରବିନ୍ଦଙ୍କ ସହିତ ଘନିଷ୍ଠ ସମ୍ପର୍କ ସ୍ଥାପନ କରିଥିଲେ । ଠିକ୍ ଏଇ ପରିପ୍ରେକ୍ଷୀରେ ମୁଁ ଜାଣିବାକୁ ପାଇଥିଲି ଯେ ଶ୍ରୀଅରବିନ୍ଦ ଥିଲେ ପୂର୍ଣ୍ଣତଃ ଜଣେ ଅସାଧାରଣ ଦେଶପ୍ରେମୀ ଯିଏକି ସ୍ୱଦେଶକୁ ମାତୃରୂପେ ଜ୍ଞାନ କରୁଥିଲେ ଏବଂ ତା'ର ମୁକ୍ତି ନିମିତ୍ତ ସେ ନିଜର ସର୍ବସ୍ୱ ତ୍ୟାଗ କରିଥିଲେ । ପୁନଶ୍ଚ ସେ

ଦେଶାତ୍ମବୋଧକୁ ଧର୍ମ ଓ ଆଧ୍ୟାତ୍ମିକତାର ସ୍ତରକୁ ଉନ୍ନୀତ କରି ତାଙ୍କର ଅଦମ୍ୟ ସାହସ, ଓଜସ୍ୱିନୀ ବକ୍ତୃତା ଓ ଲେଖା ମାଧ୍ୟମରେ ସମଗ୍ର ଦେଶରେ ଆତ୍ମଶକ୍ତିର ବହ୍ନି ପ୍ରଜ୍ୱଳିତ କରିଥିଲେ । ମୁଁ ମଧ୍ୟ ଶୁଣିବାକୁ ପାଇଥିଲି ଯେ ସେ ହେଉଛନ୍ତି ଏକାଧାରରେ ଜଣେ କବି, ବିଦ୍ୱାନ୍ ଏବଂ ମହାଯୋଗୀ । ଏହି ମହିମମୟ ଅପୂର୍ବ ବ୍ୟକ୍ତିତ୍ୱଙ୍କର ଦର୍ଶନ ନିମିତ୍ତ ମୁଁ ପ୍ରଣୋଦିତ ହୋଇ ମୋର ଗ୍ରୀଷ୍ମାବକାଶରେ ପଣ୍ଡିଚେରୀ ଅଭିମୁଖେ ଯାତ୍ରା କଲି ।

''ମୁଁ ଯେଉଁଦିନ ପଣ୍ଡିଚେରୀରେ ପହଞ୍ଚିଲି, ଠିକ୍ ସେହିଦିନ ସାୟଂକାଳରେ ମୋ ଭାଇଙ୍କ ସହିତ ତାଙ୍କୁ ଦର୍ଶନ କଲି । ଶ୍ରୀଅରବିନ୍ଦ ସେତେବେଳେ ଫ୍ରାଁସୁଆ ମାର୍ତ୍ୟା ବାସଭବନରେ, 'ଗେଷ୍ଟ ହାଉସ୍'ରେ ବାସ କରୁଥିଲେ । ମୋର ପ୍ରଥମ ଦୃଷ୍ଟିପାତରେ ମନେ ହେଲା ଯେ ସେ ହେଉଛନ୍ତି ଅସାଧାରଣ ଭାବରେ ଆଧ୍ୟାତ୍ମିକ ବ୍ୟକ୍ତିତ୍ୱସମ୍ପନ୍ନ ଜଣେ ଯଥାର୍ଥ ଋଷି । ତାଙ୍କର ଦେବୋପମ ମୁଖଶ୍ରୀରୁ ପ୍ରଗାଢ଼ ଶାନ୍ତି ଓ ସ୍ଥିରତା ବିକୀର୍ଣ୍ଣ ହେଉଥିଲା । ତାଙ୍କର ଅଭିନିବିଷ୍ଟ ଓ ଦିଗନ୍ତପ୍ରସାରୀ ଦୃଷ୍ଟି ମୋତେ ସୂଚାଇ ଦେଉଥିଲା ଯେ ସେ ଏଇ ପାର୍ଥିବ ଜଗତର ନୁହନ୍ତି । ସେ କୃଶତନୁ ଥିଲେ ସତ, କିନ୍ତୁ ତାଙ୍କୁ ଦର୍ଶନ କରିବା ମାତ୍ରେ ମୋ ମଧ୍ୟରେ ଏହି ଦୃଢ଼ଧାରଣା ଜନ୍ମିଲା ଯେ ସେ ଏକ ଅସାଧାରଣ, ଶକ୍ତିଶାଳୀ ଓ ପ୍ରଶାନ୍ତ ସାମର୍ଥ୍ୟର ପ୍ରତିଭୂ । କୃଷ୍ଣବର୍ଣ୍ଣ ଅଙ୍ଗରାଗରେ ତାଙ୍କର ବ୍ୟକ୍ତିତ୍ୱ ଥିଲା ତେଜୋମୟ, ଉଦ୍ଦୀପ୍ତ ।

''ଶ୍ରୀଅରବିନ୍ଦ ଦୟାପରବଶ ହୋଇ ମୋର ପଢ଼ାପଢ଼ି ତଥା ଆଗ୍ରହାନ୍ୱିତ ବିଷୟସବୁ ସମ୍ବନ୍ଧରେ ପ୍ରଶ୍ନ କଲେ । ମୁଁ ତାଙ୍କୁ ଯେତେବେଳେ ମୋର ପ୍ରଧାନ ପ୍ରଧାନ ବିଷୟ ହିସାବରେ ସାହିତ୍ୟ, ଲଳିତ-କଳା ଏବଂ ଦର୍ଶନଶାସ୍ତ୍ର କଥା ଉଲ୍ଲେଖ କଲି, ସେ ଉପରୋକ୍ତ ବିଷୟସବୁ ସମ୍ବନ୍ଧରେ ସମ୍ୟକ୍ ରୂପେ ଅଧ୍ୟୟନ କରିବା ସକାଶେ କେଉଁ ଲେଖକଙ୍କର କେଉଁ ଗ୍ରନ୍ଥ ପଠନୀୟ, ସେସମ୍ବନ୍ଧେ ବତାଇଦେଲେ ।...

''ପରେ ଗୋଟିଏ ସପ୍ତାହ ସକାଶେ ପ୍ରତିଦିନ ସାୟଂକାଳରେ ତାଙ୍କର ଦର୍ଶନ ପାଇବାର ଅନୁମତି ସେ ମୋତେ ପ୍ରଦାନ କରିଥିଲେ । ଏହି ସାକ୍ଷାତ୍‌କାରସବୁରେ ମୁଖ୍ୟତଃ ସାହିତ୍ୟ ଏବଂ ରାଜନୀତି ସମ୍ବନ୍ଧରେ ଆଲୋଚନା ହେଉଥିଲା । ତାଙ୍କ ମୁଖନିଃସୃତ ବାଣୀ ଶ୍ରବଣ କରୁଥିବା ମୁହୂର୍ତ୍ତରେ ଅନ୍ତରରେ ଏକ ଅହୈତୁକୀ ଆନନ୍ଦ ଭରି ଉଠୁଥିଲା । ଅଭିଜ୍ଞତା ଓ ବିଜ୍ଞତାକୁ ଯୁଗପତ୍ ସୁବ୍ୟବହାର କରିବାରେ ତାଙ୍କର ଅସୀମ ଶକ୍ତି ଥିଲା ଏବଂ ଏହା ସାଙ୍ଗକୁ ତାଙ୍କର ଥିଲା ଏକ ଉତ୍କୃଷ୍ଟ ଓ ବିଚକ୍ଷଣ ଆନନ୍ଦଦାୟକ ବା କୌତୁକ-ପ୍ରଦାନକାରୀ ଦିବ୍ୟଗୁଣ । ଏହି ସାକ୍ଷାତ୍‌କାର ଏବଂ ପରବର୍ତ୍ତୀ କାଳରେ ହୋଇଥିବା ସାକ୍ଷାତ୍‌କାରଗୁଡ଼ିକ ଏବେ ବି ମୋ ସ୍ମୃତିପଟରେ ଗଭୀର ଭାବରେ ଅଙ୍କିତ ହୋଇରହିଛି ।

''ବିଦାୟ ନେବା ମୁହୂର୍ତ୍ତରେ, ମୁଁ ତାଙ୍କଠାରେ ଏତିକି ବିନମ୍ର ପ୍ରାର୍ଥନା ଜଣାଇଲି ଯେ ପୁଣି ଯେବେ ଆସିବି, ସେ ଯେମିତି ମୋତେ ତାଙ୍କର ଦର୍ଶନଲାଭରୁ ବଞ୍ଚିତ ନକରନ୍ତି । ସେ ସହାସ୍ୟରେ ମୋର ପ୍ରାର୍ଥନା ପୂରଣ କଲେ ।

''ପଣ୍ଡିଚେରୀରୁ ବିଦାୟ ନେଇ ମାଡ୍ରାସରେ ପହଞ୍ଚି ମୁଁ ଆହୁରି ଆଗ୍ରହର ସହିତ 'ଆର୍ଯ୍ୟ'ରେ ପ୍ରକାଶିତ ଶ୍ରୀଅରବିନ୍ଦଙ୍କର ରଚନାବଳି ପାଠ କରିବାକୁ ଲାଗିଲି । ସେସବୁଥିରେ ମାନବର ସ୍ୱଭାବ ଏବଂ ଜଗତ୍ ଓ ଭଗବାନଙ୍କ ସମ୍ବନ୍ଧରେ ଜଟିଳ ସମସ୍ୟାସବୁର ସମାଧାନ-ସୂତ୍ର ପାଇଲି । ତାଙ୍କ ରଚନାବଳି ପାଠକରି ମୁଁ ଯେଉଁ ମାନସିକ ପରିତୃପ୍ତି ତଥା ଆଧ୍ୟାତ୍ମିକ ଆତ୍ମ-ସନ୍ତୋଷ ପାଇବାକୁ ଲାଗିଲି ତାହା ଅନ୍ୟ କୌଣସି ମନୀଷୀଙ୍କର ଚିନ୍ତାଧାରା ବା ଲେଖାରୁ ମୁଁ ପାଇ ନଥିଲି ।... ତାଙ୍କର ଜୀବନ-ଦର୍ଶନ ଏବଂ ତାଙ୍କର ଜୀବନଯାପନର ଧାରା ମୋ ସତ୍ତାର କିଛି ଗଭୀର, କିଛି ଅନ୍ତରତମ ଖିଅକୁ ସମ୍ବେଦନ ଜଣାଉଥିଲା ଏବଂ ମୋତେ ମୋର ଗଭୀରତମ ପ୍ରଦେଶରେ ଉପନୀତ କରି ଦେଉଥିଲା ।...

''୧୯୨୬ ମସିହାର ପ୍ରାରମ୍ଭରେ ମୁଁ ସିଦ୍ଧାନ୍ତ ନେଲି : 'ଶ୍ରୀଅରବିନ୍ଦ ହେଉଛନ୍ତି ମୋର ଗୁରୁ ।' କିନ୍ତୁ ମୁଁ ନିଜକୁ ପ୍ରଶ୍ନ କଲି, 'ସେ ମୋତେ ତାଙ୍କର ଶିଷ୍ୟରୂପେ ଗ୍ରହଣ କରିବେ ତ ?' ଶଙ୍କାକୁଳ ହୃଦୟରେ ପଣ୍ଡିଚେରୀରେ ପହଞ୍ଚି ଗୁରୁଙ୍କର ଦର୍ଶନ ପ୍ରାର୍ଥନା କଲି; ସେ ତତ୍‌କ୍ଷଣାତ୍ ସ୍ୱୀକୃତି ପ୍ରଦାନ କଲେ । ପ୍ରଥମ ଦର୍ଶନରେ ତାଙ୍କୁ ଯେମିତି ଦେଖିଥିଲି, ଏଥର କିନ୍ତୁ ତାଙ୍କ ପାର୍ଥିବ ଶରୀରର ବିପୁଳ ପରିବର୍ତ୍ତନ ଦେଖି ମୁଁ ଅବାକ୍ ହୋଇଉଠିଲି । ତାଙ୍କ ଅଙ୍ଗରାଗ ହୋଇଉଠିଥିଲା ଗୌରକାନ୍ତି ଏବଂ ସୌଷ୍ଠବ-ଯୁକ୍ତ ।... ମୁଁ ତାଙ୍କ ସମ୍ମୁଖରେ ମୋର ଆଗମନର ଅଭିପ୍ରାୟ ଜଣାଇଲି । ସେ ଯେତେବେଳେ ମୋତେ ତାଙ୍କର ଶିଷ୍ୟ ରୂପେ ଗ୍ରହଣ କରିବାକୁ ସମ୍ମତି ପ୍ରଦାନ କଲେ, ମୁଁ ତତ୍‌କ୍ଷଣାତ୍ ନିଜକୁ ଭାଗ୍ୟବାନ୍ ମନେକଲି ।

''ଏହି ସମୟରେ ଶ୍ରୀଅରବିନ୍ଦ ୯ନଂ, ର୍ୟୁ ଦ ଲା

ମାରିନ୍‌ରେ (ଲାଇବ୍ରେରି ହାଉସ୍)ରେ ବାସ କରୁଥିଲେ । ମୋର ବଡ଼ ଭାଇ ଓ ମୁଁ ଦୁହେଁ ଏହି କୋଠା ସଂଲଗ୍ନ ପରବର୍ତ୍ତୀ କୋଠା 'ରୋଜାରୀ ହାଉସ୍'ରେ ବାସ କରୁଥିଲୁ । ସେତେବେଳେ ଆମେ ପ୍ରାୟ ଦଶ, ବାର ଜଣ ଶିଷ୍ୟ ଶ୍ରୀଅରବିନ୍ଦଙ୍କର ପ୍ରକୋଷ୍ଠ ସଂଲଗ୍ନ କେତୋଟି ବଖରାରେ ବସବାସ କରୁଥିଲୁ । ଏହା 'ଗୁରୁକୁଳ' ସଦୃଶ ଥିଲା । ଏହି ସମୟରେ ପ୍ରତି ସନ୍ଧ୍ୟାରେ ଶ୍ରୀଅରବିନ୍ଦଙ୍କ ଉପସ୍ଥିତିରେ ଅନୌପଚାରିକ ଭାବରେ 'ସାନ୍ଧ୍ୟ-ବୈଠକ' ବସୁଥିଲା; ଏହି ବୈଠକରେ ଆମେ ସମସ୍ତେ ବିଭିନ୍ନ ବିଷୟରେ ଆଳାପ-ଆଲୋଚନାରେ ଭାଗ ନେଉଥିଲୁ ।... କିନ୍ତୁ ଏସବୁର ପୃଷ୍ଠଭୂମିରେ ଶ୍ରୀଅରବିନ୍ଦଙ୍କର ବ୍ୟକ୍ତିତ୍ୱ ଏବଂ ତାଙ୍କର ଅନନ୍ୟ ଅନ୍ତର୍ଦୃଷ୍ଟିର ସର୍ବାଚ୍ଛାଦନକାରୀ ଉପସ୍ଥିତି ରହୁଥିଲା ।...

''ଶ୍ରୀଅରବିନ୍ଦଙ୍କ କଣ୍ଠସ୍ୱର ଥିଲା କୋମଳ ଓ ମୃଦୁ... । ତାଙ୍କ ଶ୍ରୀମୁଖରୁ ଚିରସ୍ରୋତା ନିର୍ଝରର ଶୀତଳ ବାରିଧାରା ସଦୃଶ ଶବ୍ଦସ୍ରୋତ ପ୍ରବାହିତ ହେଉଥିଲା । ତାଙ୍କର ଥିଲା ବିଶ୍ୱବ୍ୟାପୀ ଧୀଶକ୍ତି; ଶତାଧିକ ଲୋକ-ଲୋକୋତ୍ତର ସ୍ଥିତିରୁ ଜ୍ଞାନାଞ୍ଜନ ଓ ଚିନ୍ତାରାଜି ତାଙ୍କ ମଧ୍ୟକୁ ଅବତରି ଆସୁଥିଲା । ଯୋଗ-ସାଧନା ତଥା ଅନ୍ୟାନ୍ୟ କ୍ଷେତ୍ରରେ ତାଙ୍କର ଅନୁଭୂତି ଥିଲା ଅସୀମ । ତଥାପି ସେ ତାଙ୍କର ଗରିମମୟ ଉପସ୍ଥିତିରେ ଆମକୁ ଅଫୁରନ୍ତ ଶାନ୍ତି ଓ ସ୍ୱାଚ୍ଛନ୍ଦ୍ୟ ପ୍ରଦାନ କରୁଥିଲେ । ମୁଁ ତାଙ୍କୁ କେବେହେଲେ ଗମ୍ଭୀର ବା ଚିନ୍ତିତ ହେବାର ଦେଖି ନଥିଲି । ହସକୌତୁକ, ଏପରିକି ଲଘୁ ଚିତ୍ତର ହାସ୍ୟୋଦ୍ଦୀପକ ଥଟ୍ଟା-ପରିହାସ ଏହି ଆସରରେ ପ୍ରଚୁର ପରିମାଣରେ ଭରି ରହୁଥିଲା । ସମୟ ସମୟରେ ସେ ଖୁସିରେ ମୃଦୁ ମୃଦୁ ହସୁଥିଲେ । ବାସ୍ତବିକ ଆମେମାନେ ଆନନ୍ଦ ଓ ଉତ୍କଣ୍ଠାର ସହ 'ସାନ୍ଧ୍ୟ-ବୈଠକ'କୁ ଅପେକ୍ଷା କରୁଥିଲୁ ।

''ଏମିତି ଦିନ ଗଡ଼ି ଯାଉଥିବାବେଳେ ଆମମାନଙ୍କ ସ୍ପଷ୍ଟ ବୋଧହେଲା ଯେ ସେ ଦିନକୁ ଦିନ ଅଧିକରୁ ଅଧିକ ଅନ୍ତର୍ମୁଖୀ ହୋଇଉଠୁଛନ୍ତି ଏବଂ ୧୯୨୬ର ନଭେମ୍ବର ଆଡ଼କୁ 'ସାନ୍ଧ୍ୟ ବୈଠକ' ଅଧିକରୁ ଅଧିକ ବିଳମ୍ବରେ ବସିବାକୁ ଲାଗିଲା । ନିତି ସନ୍ଧ୍ୟା ହେଲେ ଆମେମାନେ ଉପରମହଲାର ବାରଣ୍ଡାରେ ଯାଇ ଏକତ୍ରିତ ହୋଇଯାଉଥିଲୁ ଏବଂ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଗୁରୁଙ୍କର ଆଗମନକୁ ଅପେକ୍ଷା କରୁଥିଲୁ । ନିଶ୍ଚିତରୂପେ ଶ୍ରୀଅରବିନ୍ଦ ତାଙ୍କ ସାଧନାରେ ସିଦ୍ଧାନ୍ତମୂଳକ ସ୍ତରରେ ଉପନୀତ ହେଉଥିଲେ ଏବଂ ଏକ ଗହନ ସତ୍ୟର ସନ୍ଧାନ ନିଶ୍ଚିତରୂପେ ପାଉଥିଲେ । ଆଜିକୁ ପ୍ରାୟ ଅର୍ଦ୍ଧଶତାବ୍ଦୀ ବିତି ଯାଇଥିଲେ ମଧ୍ୟ (୧୯୬୯ରେ ଲିଖିତ) ଏବେ ବି ମୋର ବେଶ୍ ସ୍ମରଣରେ ଅଛି ଦିନେ ଅର୍ଦ୍ଧରାତ୍ରି ପର୍ଯ୍ୟନ୍ତ ଆମେ ତାଙ୍କର ଦର୍ଶନ ପାଇବା ନିମିତ୍ତ ଉତ୍କଣ୍ଠାର ସହିତ ଅପେକ୍ଷା କରିଥିଲୁ । ତା'ପରେ ସେ ନିଜ କକ୍ଷରୁ ବାହାରି ଆସି ବାରଣ୍ଡାରେ ତାଙ୍କର ଆସନ ଗ୍ରହଣ ପୂର୍ବକ କହିଲେ ଯେ ତାଙ୍କର ଏକ ଅସାଧାରଣ ଅନୁଭୂତି ହୋଇଛି । ଏବଂ ବେଦରେ 'କୂପ' ସମ୍ବନ୍ଧରେ ବର୍ଣ୍ଣିତ ଶ୍ଳୋକ* ତାଙ୍କର ଏହି ଅନୁଭୂତିକୁ ପ୍ରମାଣ-ସିଦ୍ଧ କରୁଛି । ତା'ପରେ ସେ ଏହି ମର୍ମରେ ବ୍ୟାଖ୍ୟା କଲେ, ''ବେଦ-ବର୍ଣ୍ଣିତ 'କୂପ' ହେଉଛି ସର୍ବଦା ଅବଚେତନ ଶାରୀର-ଚେତନାର ପ୍ରତୀକ । ଯଦି ତୁମେ ଶାରୀର-ଚେତନାର ଏକେବାରେ ନିମ୍ନତଳ ଦେଶରେ ଉପନୀତ ହୁଅ – ତୁମେ ଏହି ସ୍ଥିତିରେ ସମ୍ପୂର୍ଣ୍ଣରୂପେ ଉପନୀତ ହୋଇପାର – ତେବେ, କହିବାକୁ ଗଲେ, ତୁମେ ଏକ ମହାସମୁଦ୍ରରେ ଉପନୀତ ହେବ, 'ଅପ୍ରକେତମ୍ ସଲିଲମ୍', ଅଚେତନ ଅତିମାନସ ସ୍ତର – ଏହି ସ୍ତର ଆମମାନଙ୍କ ସକାଶେ ଅଚେତନ, କିନ୍ତୁ ସ୍ୱୟଂ-ସଚେତନ ସ୍ତର – ନିମ୍ନରେ ଥିବା ଅତିମାନସ । ଊର୍ଦ୍ଧ୍ୱର ଅତିମାନସ ସ୍ତର ସଦୃଶ ଏହା ନିମ୍ନର ଅତିମାନସ ସ୍ତର । ଏହି ନିମ୍ନ ଅତିମାନସରେ ଉପନୀତ ହେବାକୁ ହେଲେ, ଯଦି ତୁମର ଯଥେଷ୍ଟ ପରିମାଣରେ ଶକ୍ତି ନଥାଏ, ତେବେ ତୁମେ ବେଦ-ବର୍ଣ୍ଣିତ 'କୂପ' ମଧ୍ୟରେ ପତିତ ହେବ । ଊର୍ଦ୍ଧ୍ୱରୁ ଯଦି ଦିବ୍ୟଜ୍ୟୋତିଃ ଏବଂ ଦିବ୍ୟସତ୍ୟର ଅବତରଣ ଘଟେ ତା'ହେଲେ ଏହି କୂପ ମଧ୍ୟଦେଇ ତୁମେ ନିମ୍ନର ସେଇ ଅତିମାନସରେ ଉପନୀତ ହୋଇପାରିବ ଏବଂ ନିଜ ମଧ୍ୟରେ ସେଇ କୂପକୁ ବି ପ୍ରତିପାଳନ କରିପାରିବ; ତା'ହେଲେ ସେହି କୂପଟି ଆଉ କୂପ ହୋଇ ରହିବ ନାହିଁ । ଏବଂ ତା'ପରେ ବେଦବର୍ଣ୍ଣିତ 'ମଧୁ', 'ମଧୁର ରସ' ମସ୍ତିଷ୍କର

* ତ୍ରିତଃ କୂପେଽବହିତୋ ଦେବାନ୍ ହବତ ଊତୟେ ।
ତଚ୍ଛୁଶ୍ରାବ ବୃହସ୍ପତିଃ କୃଣ୍ୱନ୍ନଂହୂରଣାଦୁରୁ ବିତ୍ତଂ ମେ ଅସ୍ୟ ରୋଦସୀ ॥ (ଋଗବେଦ ମଣ୍ଡଳ -୧, ସୂକ୍ତ - ୧୦୫, ମନ୍ତ୍ର - ୧୭)
କୂଅରେ ପଡ଼ିଥିବା ତ୍ରିତଃ (ଇନ୍ଦ୍ର, ଅଗ୍ନି, ତ୍ରିକାଳ) ନିଜର ସୁରକ୍ଷା ପାଇଁ ଦେବଗଣଙ୍କୁ ପ୍ରାର୍ଥନା କଲେ । ବୃହସ୍ପତି ତା' ଶୁଣି ବିପଦରୁ ଉଦ୍ଧାର କରିବା ପାଇଁ ବିସ୍ତୃତ ମାର୍ଗ ରଚନା କଲେ । ହେ ପୃଥିବୀ ଓ ସ୍ୱର୍ଗ, ମୋର ଏହି ପ୍ରାର୍ଥନା ପ୍ରତି ଧ୍ୟାନ ଦିଅ ।

ଊର୍ଦ୍ଧ୍ୱରେ ଥିବା 'ସହସ୍ରଦଳ ପଦ୍ମଚକ୍ର' ବା 'ସହସ୍ରା'କୁ ଝରି ଆସିବ । ବେଦରେ ଏହି ସହସ୍ରାଚକ୍ର କଥା ବର୍ଣ୍ଣିତ ହୋଇଛି । ଏବଂ ଏହି ଚକ୍ର ମଧ୍ୟଦେଇ 'ମଧୁ' ତୁମର ପାର୍ଥିବ ଶରୀର-ସତ୍ତା ମଧ୍ୟକୁ ଝରି ଆସିବ ।'' ଗୁରୁଙ୍କର ଏହି ନିଗୂଢ଼ ଅନୁଭୂତିର ଆତ୍ମ-ପ୍ରତ୍ୟୟମୂଳକ ବ୍ୟାଖ୍ୟା ଶୁଣି ଆମେ ସମସ୍ତେ ଏକ ଦିବ୍ୟ-ପୁଲକରେ ଶିହରିତ ହୋଇଉଠିଲୁ ।... ପରିଶେଷରେ ନଭେମ୍ବରର ଶେଷ ସପ୍ତାହ ବେଳକୁ ଏହି 'ସାନ୍ଧ୍ୟ ବୈଠକ'ର ଯବନିକା ପତନ ହୋଇଥିଲା ।...

''ଶ୍ରୀଅରବିନ୍ଦଙ୍କର ଶିଷ୍ୟରୂପେ ଗୃହୀତ ହେବା ପରେ, ଆମେ ଯେତେବେଳେ ଆମ ସାଧନାମାର୍ଗରେ ଦିଗ୍‌ନିର୍ଦ୍ଦେଶ ତାଙ୍କଠାରୁ ଚାହୁଁଥିଲୁ, ସେ କୃପାପରବଶ ହୋଇ ଆମକୁ ପ୍ରାୟ ସକାଳ ୯ଟାରେ ବ୍ୟକ୍ତିଗତ ଭାବରେ ତାଙ୍କ ସହିତ ସାକ୍ଷାତ୍‌କାରର ଅନୁମତି ଦେଉଥିଲେ । ସେ ଅତ୍ୟନ୍ତ ଧୈର୍ଯ୍ୟର ସହିତ ଆମର ସମସ୍ତ କଥା ଶ୍ରବଣ କରୁଥିଲେ; ଆମର ପ୍ରଶ୍ନସବୁର ଉତ୍ତର ଦେଉଥିଲେ ଏବଂ ଆମକୁ ଯଥାର୍ଥ ମାର୍ଗରେ ଅଗ୍ରସର କରାଇ ନେଉଥିଲେ ।''

ପୁନଶ୍ଚ ଚିଦାନନ୍ଦଙ୍କର ଦିନଲିପିରୁ କିଛି ଅଂଶ :

୨୦.୧୧.୧୯୨୬ : କେତେକ ପରିସ୍ଥିତି ଯୋଗୁଁ ମୋତେ ପଣ୍ଡିଚେରୀ ଛାଡ଼ି ଘରକୁ ଯିବାକୁ ପଡ଼ିଲା । ସେଥିପାଇଁ ମୁଁ ଗୁରୁଙ୍କ ଅନୁମତି ପ୍ରାର୍ଥନା କଲି । ସେ ଏତେ ଦରଦୀ, ଦୟାର୍ଦ୍ର, ପ୍ରେମପୂର୍ଣ୍ଣ ତଥା କରୁଣାମୟ ଥିଲେ ଯେ ମୋତେ ପଚାରିଲେ, ''ଘରକୁ ଯିବାକୁ କାହିଁକି ଚାହୁଁଛ ? ଏଠାରେ ରହିଯାଉ ନାହଁ କାହିଁକି ?'' ତାଙ୍କର ପରମ କରୁଣା ମୋତେ ଘେରି ରହିଥିବାର ମୁଁ ଅନୁଭବ କଲି ଏବଂ ଅଭିଭୂତ ହୋଇପଡ଼ିଲି । ମୋର ପରିସ୍ଥିତି ତାଙ୍କୁ ବିଶଦ ଭାବରେ ଜଣାଇବା ପରେ ସେ ଅନୁକମ୍ପାର ସହ ମୋତେ ଶୁଭାଶିଷ ଦେଲେ ।...

*

ସେହି ସମୟରେ ଶ୍ରୀମା ନିଜକୁ ପୃଷ୍ଠଭୂମିରେ ରଖୁଥିଲେ – ଭୌତିକଭାବେ । ତାଙ୍କର ପ୍ରଥମ ଦର୍ଶନରେ ତାଙ୍କର କ୍ଷୀଣତନୁ ମାତ୍ର ଅପାର୍ଥିବ ସମୁଜ୍ଜ୍ୱଳ ରୂପଶ୍ରୀରେ ମୁଁ ବିସ୍ମିତ ହୋଇଥିଲି । ତାଙ୍କର ଅଭିରାମ ନୟନଯୁଗଳ ସୀମାହୀନ ନୀଳ ସମୁଦ୍ରର ଅତଳ, ଅସୀମ ନୀଳ ଜଳରାଶି ସଦୃଶ ପ୍ରତିଭାତ ହେଉଥିଲା । ତାଙ୍କ ସମକ୍ଷରେ ମୁଁ ବିସ୍ମୟବିମୂଢ଼ ହୋଇ ଦଣ୍ଡାୟମାନ ହେଲି ଓ ଦୀର୍ଘସମୟ ଧରି ସେହି ବିସ୍ତୃତି, ସେଇ ମନୋହାରିଣୀ, ଅସୀମଙ୍କର ସେଇ ଚମତ୍କାର ନୟନ-ଯୁଗଳକୁ ନିର୍ନିମେଷ ନୟନରେ ଚାହିଁ ରହିଲି । ସେହି ନୟନ-ଯୁଗଳ ମଧ୍ୟରେ ମୁଁ ସତକୁ ସତ ହଜିଗଲି । ଏହା କ'ଣ ସେହି ପରମ ରହସ୍ୟର ଏକ ରୂପ, ସୁଦୂର ଅମରଲୋକରୁ ଅବତରି ଆସିଥିବା ଏକ ଦିବ୍ୟପରୀ ନା ଏହା ମୋର ଏକ ସୂକ୍ଷ୍ମଦର୍ଶନ ? ମୁଁ ତାଙ୍କର ପରମ ପ୍ରେମ ଓ କରୁଣାର ଘେର ମଧ୍ୟରେ ରହିଥିବାର ଅନୁଭବ କଲି । ତା'ପରେ ନିଜକୁ ପ୍ରକୃତିସ୍ଥ କରି ତାଙ୍କର ଆଶୀର୍ବାଦ ପ୍ରାର୍ଥନା କଲି । ସେ ମୋର ଆଖିକୁ ଚାହିଁ ସ୍ମିତହାସ୍ୟରେ ଆଶୀର୍ବାଦ କଲେ । କି ଅମିୟ ମଧୁର ସେ ହସ ! ସେପରି ଆଖି, ସେପରି ହସ ମୁଁ ଆଜି ପର୍ଯ୍ୟନ୍ତ ଅନ୍ୟ କୌଣସି ବ୍ୟକ୍ତିଠାରେ ଦେଖି ନାହିଁ । ଏହିସବୁ ବର୍ଷଗୁଡ଼ିକରେ ସେହି ଦୃଶ୍ୟ ମୋ ସ୍ମୃତିପଟରେ ଏବେ ବି ଖୋଦିତ ହୋଇ ରହିଛି ।...

ମୁଁ ମା'ଙ୍କର ନିର୍ଦ୍ଦେଶ ଓ ତାଙ୍କଠାରୁ ବିଦାୟ ନେବା ଲାଗି ତାଙ୍କ ସନ୍ନିଧାନକୁ ଗଲି... ।

ଶ୍ରୀମା କହିଲେ, ''ହୃଦୟରେ ସଂକେନ୍ଦ୍ରିତ ଓ ଏକାଗ୍ର ହୁଅ । ଶକ୍ତି ଆଉ ଶାନ୍ତି ପାଇଁ ଅଭୀପ୍ସା କର, ସେଇଠାରେ ଆମ ପ୍ରତି ନିଜକୁ ଉନ୍ମୀଳିତ କର... କିଛି ବାଧା ନାହିଁ । ବ୍ୟଗ୍ର ହୁଅନା । ଆଗକୁ ଆଗେଇ ଚାଲ । ଚରୈବେତି, ଚରୈବେତି । ସବୁ ଠିକ୍ ହୋଇଯିବ ।''

ଏହିପରି ଭାବରେ ଅନିଚ୍ଛା ସତ୍ତ୍ୱେ ପରିସ୍ଥିତିର ଚାପରେ ପଡ଼ି ମୁଁ ଦିବ୍ୟପ୍ରେମର ସୁଧାଧାରା ଶ୍ରୀଅରବିନ୍ଦ ଓ ମା'ଙ୍କଠାରୁ ମେଲାଣି ନେଲି । ମାଶ୍ରୀଅରବିନ୍ଦ ମୋର ମାନସପଟରେ ଅଭିନ୍ନ ଭାବରେ ପୃଥିବୀର ଊର୍ଦ୍ଧ୍ୱରେ ସ୍ଥିର, ନିଶ୍ଚଳ, ପ୍ରଶାନ୍ତ, ଦିବ୍ୟାଲୋକସ୍ନାତ ଓ ସକଳଙ୍କ ପାଇଁ ଦିବ୍ୟଶାନ୍ତି, ଦିବ୍ୟକୃପା ଓ ଦିବ୍ୟପ୍ରେମ ବିଚ୍ଛୁରଣ କରୁଥିବା ହିମାଳୟର ଦିବ୍ୟଗୌରୀଶଙ୍କର ଶୃଙ୍ଗ ସଦୃଶ ଦଣ୍ଡାୟମାନ ହୋଇ ରହିଛନ୍ତି । ସେମାନେ ଆମ ଜୀବନଯାତ୍ରା-ପଥରେ ବର୍ତ୍ତିଖୁଣ୍ଟ ସଦୃଶ ଏବଂ ମୋର ପ୍ରାର୍ଥନା ଓ ବିଶ୍ୱାସ ଯେ ସେମାନେ ସେମାନଙ୍କ କୃପା ଅନନ୍ତକାଳ ଧରି ଆମ ଉପରେ ବର୍ଷଣ କରି ଚାଲିଥିବେ ।

(କ୍ରମଶଃ)

ସଂକଳନ ଓ ଭାଷାନ୍ତର : ଗୋପାଳଚନ୍ଦ୍ର ମାହାନା ❖

সাধনা-পরম্পরা

# ରାଗାନୁଗାଭକ୍ତି ଓ ଶ୍ରୀଚୈତନ୍ୟ

## (୪)

ଶ୍ରୀଚୈତନ୍ୟ ନବଦ୍ୱୀପରେ କିଛିକାଳ ଅଧ୍ୟାପନା କରିଥିଲେ । ଗୃହସ୍ଥାଶ୍ରମରେ ପ୍ରବେଶ କରିବା ପୂର୍ବରୁ କିଛି ଅର୍ଥ ଉପାର୍ଜନ ତାଙ୍କର ଉଦ୍ଦେଶ୍ୟ ଥିଲା । ସେଠାରେ ଶିକ୍ଷକଭାବେ ଅଳ୍ପଦିନରେ ତାଙ୍କର ନାମ-ଯଶଃ ଚାରିଆଡ଼େ ବ୍ୟାପି-ଯାଇଥିଲା । ତାଙ୍କର ସ୍ୱତନ୍ତ୍ର ଏକ ବିଦ୍ୟାଳୟ ଥିଲା, ତାହା ପୁଣି ପଦ୍ମାନଦୀ ତୀରରେ । ଯେଉଁଆଡ଼େ ସିଏ ବାହାରନ୍ତି, ତାଙ୍କୁ ଘେରି ତାଙ୍କ ଛାତ୍ରମଣ୍ଡଳୀ ବି ଘୂରୁଥା'ନ୍ତି । ସେସମୟରେ ପୂର୍ବ ବଙ୍ଗ ବେଶ୍ ସମୃଦ୍ଧିଶାଳୀ ଥିଲା ଏବଂ ସେଠାରେ ଅନେକ ବିଦ୍ୟାନୁରାଗୀ ବି ଥିଲେ । ସେମାନଙ୍କ ମଧ୍ୟରେ ତପନ ମିଶ୍ର ବୋଲି ଜଣେ ଶାସ୍ତ୍ରାନୁଧ୍ୟାୟୀ ଥିଲେ ଯିଏ ବିଷ୍ଣୁଙ୍କର ଅତ୍ୟନ୍ତ ଅନୁରାଗୀ ଭକ୍ତ । ତତ୍‌ସହିତ ସେ ସାଧକ ଓ ତପସ୍ୱୀ । ମଝିରେ ମଝିରେ କେବେ ସାଧନତତ୍ତ୍ୱକୁ ନେଇ କେଉଁଠି ଅଟକିଯାଏ ତାଙ୍କର ସାଧନା, କିଛି ଅବୋଧ ରହିଯାଏ । ଦିନେ ସିଏ ସ୍ୱପ୍ନରେ ଜଣେ ଦେବତାଙ୍କୁ ଦର୍ଶନ କଲେ; ''ସକଳ ଜିଜ୍ଞାସା ତୁମର ଜଣେହିଁ ସମାଧାନ କରିପାରେ, ସେ ହେଉଛନ୍ତି ନିମାଇ ପଣ୍ଡିତ, ତାଙ୍କ ପାଖକୁ ଯାଅ'' ବୋଲି ଆଦେଶ ମିଳିଲା ତାଙ୍କଠାରୁ, ତା' ସହିତ ସେ ଏହା ବି କହିଲେ, ''ମନୁଷ୍ୟ ନହେନ ତେହେଁ ନରନାରାୟଣ, ନରରୂପେ ଲୀଳା ତା'ର ଜଗତ୍ କାରଣ ।'' ତପନ ମିଶ୍ର ଖୋଜାଖୋଜି କରି ସେଇ ବିଦ୍ୟାୟତନରେ ପହଞ୍ଚିଲେ । ଜୀବନୀକାର କହୁଛନ୍ତି, ସୋପାନ ଚଢ଼ି ସେଇ ଟୋଲରେ ପଶିବାକୁ ଯାଉଛନ୍ତି, ଦେଖିଲେ ଉଚ୍ଚ ଏକ ଆସନ ଉପରେ ଯିଏ ବସିଛନ୍ତି, ଲାଗୁଛନ୍ତି ସିଏ ଯେପରି ଦେବଗୁରୁ ବୃହସ୍ପତି ଆଉ ଶିଷ୍ୟମଣ୍ଡଳୀ ସବୁ ଯେପରି ଦେବପୁତ୍ର । ଅଧ୍ୟାପକ ଏକ ଜ୍ୟୋତିଷ୍କ ଭଳି ଜ୍ୟୋତିଷ୍ମାନ୍ ଅଥଚ ମୁଖମଣ୍ଡଳରେ ଶାନ୍ତ, ମଧୁର ଭାବ – ସେ ମଣ୍ଡଳୀଟି ସତେ ଯେପରି ସୁଧାବର୍ଷୀ ଚନ୍ଦ୍ରମାକୁ ଘେରିଥିବା ନକ୍ଷତ୍ରମାଳା । ନିମାଇ ପଣ୍ଡିତଙ୍କର ଅଙ୍ଗକାନ୍ତିରେ ପ୍ରକୋଷ୍ଠଟି ଉଦ୍ଭାସିତ, ତାଙ୍କ ନୟନଯୁଗଳ ପ୍ରସ୍ଫୁଟିତ ପଦ୍ମପତ୍ର ପରି ସୁନ୍ଦର, ବକ୍ଷଦେଶରେ ଶୁଭ୍ର ଉପବୀତ, ପରିଧେୟ ପଟ୍ଟବସ୍ତ୍ର ସହ ଏକ ଉତ୍ତରୀୟ । ସିଏ ତପନ ମିଶ୍ରଙ୍କୁ ଶ୍ରଦ୍ଧାର ସହ ବସାଇ ଆଗମନର ଉଦ୍ଦେଶ୍ୟ ପଚାରିଲେ । ମିଶ୍ର ମହାଶୟ ତାଙ୍କ ସାଧନା ଓ ଉପାସନାର କଥା ଜଣାଇ ସେଥିରେ ଯେଉଁ ସନ୍ଦେହ ରହିଯାଉଛି ସେକଥା ସହ ସ୍ୱପ୍ନାଦେଶର କଥା ବି କହିଲେ, ବିଶେଷ କରି ତାହା ଥିଲା ସାଧ୍ୟ-ସାଧନତତ୍ତ୍ୱ ସମ୍ପର୍କୀୟ । ନିମାଇ ପଣ୍ଡିତ ଉତ୍ତରରେ କହିଲେ :

ବହୁ ଶାସ୍ତ୍ରେ, ବହୁ ବାକ୍ୟେ ଚିତ୍ତେ ଭ୍ରମ ହୟ ।
ସାଧ୍ୟ-ସାଧନ ଶ୍ରେଷ୍ଠ ନା ହୟେ ନିଶ୍ଚୟ ॥

ଶ୍ରୀ ନିମାଇ କହିଲେ, ''ମହାଶୟ ! କେଉଁ ଯୁଗ ପାଇଁ କେଉଁ ସାଧନା ଉଦ୍ଦିଷ୍ଟ ଏବଂ ମାନବର ରୁଚି ଓ ଅଧିକାର ଭେଦରେ ବି ସାଧନା, କାହାର କି ପ୍ରକାର ହେବା ବିଧେୟ – ସେସବୁ ଜିନିଷ ବି ବିଚାର୍ଯ୍ୟ । ସତ୍ୟଯୁଗରେ ଧ୍ୟାନ ଓ ସତ୍ୟମୟ ଜୀବନଯାପନ, ତ୍ରେତାଯୁଗରେ ଯଜ୍ଞ ଓ ତପସ୍ୟା, ଦ୍ୱାପର-ଯୁଗରେ ସେବା ପରିଚର୍ଯ୍ୟା ଏବଂ ଗୁରୁଙ୍କଠାରୁ ଜିଜ୍ଞାସା ଓ ତା'ର ଉତ୍ତର ଏବଂ କଳିଯୁଗରେ କେବଳ ପ୍ରଭୁଙ୍କର ଲୀଳା ସ୍ମରଣ, ମୁଖରେ ନାମଜପ, ସମବେତ ଭାବେ ନାମ ସଂକୀର୍ତ୍ତନ ଓ ଶରଣାଗତିହିଁ ଅଭ୍ୟାସଯୋଗର ଉପାୟ । ତେଣୁ ଆପଣ ଯେତେ ପଣ୍ଡିତ ହେଲେ ମଧ୍ୟ ନାମସ୍ମରଣ ଓ ଜପ-ଧ୍ୟାନ ଆପଣଙ୍କ ପାଇଁ ବିଧେୟ ।''

କିଛି ସମୟ ମିଶ୍ରେ ଆପଣେ ନିମାଇଙ୍କ ସହ କଥାବାର୍ତ୍ତା କରି ଏତେ ମୁଗ୍ଧ ହୋଇଗଲେ ଯେ କହିଲେ, ''ମୁଁ ଆପଣଙ୍କ ସହ ନବଦ୍ୱୀପରେ ରହିବି, ପ୍ରତିଦିନ ଆପଣଙ୍କ ସହ ମିଳିତ ହେବି, ଜୀବନ ମୋର ସାର୍ଥକ ହେବ ।'' ନିମାଇ ସେଥିରେ ବାଧାଦେଇ କହିଲେ, ଆପଣ ସପରିବାର ବାରାଣସୀରେ ରହନ୍ତୁ । ମୁଁ ପରେ ସେଠାରେ ଆପଣଙ୍କ ସହ ମିଳିତ ହେବି; ଦକ୍ଷିଣ ଦେଶରୁ ଫେରିଲେ ସେଠାକୁ ଯିବି । ସେଇଠାରେହିଁ ଭକ୍ତିବିଷୟକ ନାନାଦି ଶାସ୍ତ୍ରାଲୋଚନା କରିବା ଏବଂ ଆପଣଙ୍କର ସକଳ ସଂଶୟ ଦୂର ହୋଇଯିବ । ସେତେବେଳଯାଏଁ ସେଠାରେ ଆପଣ ସାଧନା ଓ ସ୍ୱାଧ୍ୟାୟ କରୁଥା'ନ୍ତୁ ।''

ନିମାଇ କିଛିଦିନ ପୂର୍ବବଙ୍ଗରେ ଅଧ୍ୟାପନା କାର୍ଯ୍ୟ କଲେ । ଅନେକ ପଣ୍ଡିତ ବ୍ୟକ୍ତିଙ୍କ ସଂସ୍ପର୍ଶରେ ଆସିଲେ ଓ ଅନେକଙ୍କୁ ଦିଗ୍‌ଦର୍ଶନ ବି ଦେଲେ । ଉପାର୍ଜିତ ଅର୍ଥ ଓ ରତ୍ନ-ଆଭୂଷଣ, ବସ୍ତ୍ରାଦି ଧରି ସେ ନବଦ୍ୱୀପରେ ମାତୃ ସନ୍ନିଧାନରେ ପହଞ୍ଚିଲେ । ସେତେବେଳେ ଶୁଣିବାକୁ ପାଇଲେ ତାଙ୍କର

ବାଳିକା-ବଧୂ ଲକ୍ଷ୍ମୀ ଆଉ ଇହସଂସାରରେ ନାହିଁ । ସର୍ପଦଂଶନ ହେତୁ ତା'ର ଅକାଳ ମୃତ୍ୟୁ ହୋଇଛି ଶୁଣି ଶ୍ରୀ ନିମାଇଙ୍କ ମନରେ ଅତିଶୟ ଦୁଃଖ ହେଲା । କବିରାଜ ଲାକ୍ଷଣିକ ଭାଷାରେ କହୁଛନ୍ତି :

ପ୍ରଭୁର ବିରହସର୍ପ ଲକ୍ଷ୍ମୀରେ ଦଂଶିଲା ।
ବିରହ-ସର୍ପବିଷେ ତା'ର ପରଲୋକ ହେଲା ॥

ବିଦେଶୀ ପୁତ୍ର କାଳେ ଦୁଃଖରେ କାତର ହେବ, ଏହା ଭାବି ଶଚୀଦେବୀ ଆଗେ ଏ ଦୁଃଖଦାୟକ ସମ୍ବାଦ ପଠାଇ ନଥିଲେ । ଶ୍ରୀ ନିମାଇ ଏ ସମ୍ବାଦରେ ବିଚଳିତ ହୋଇଥିବେ ନିଶ୍ଚୟ, କିନ୍ତୁ ଈଶ୍ୱରଙ୍କ ଇଚ୍ଛା ଜାଣି ମୁହ୍ୟମାନ ହେଲେ ନାହିଁ । ବୈଷ୍ଣବ ଗୋଷ୍ଠୀଙ୍କ ସହ ଇଷ୍ଟଚିନ୍ତା, ଈଶ୍ୱର-ପ୍ରସଙ୍ଗ କରି ସମୟ ବିତାଇଲେ । ଉକ୍ତ ସମୟରେ ସେ ଥରେ ଶ୍ରୀବାସଙ୍କ ଅଙ୍ଗନରେ ଅଦ୍ୱୈତ ଆଚାର୍ଯ୍ୟଙ୍କୁ ତାଙ୍କର ଐଶ୍ୱରୀୟ ଭାବ ଅନୁରୂପ ନିଜ ରୂପଦର୍ଶନ କରାଇଥିଲେ । ଶ୍ରୀବାସ ବି ସଙ୍ଗୀମାନଙ୍କୁ ନେଇ ତାଙ୍କର ଅଭିଷେକ କରାଇଥିଲେ । ବୈଷ୍ଣବର ଲକ୍ଷଣ କିପରି ହେବା ଉଚିତ ତାହାର ବ୍ୟାଖ୍ୟା କରିଥିଲେ ଶ୍ରୀଚୈତନ୍ୟ :

ତୃଣ ହୈତେ ନୀଚ ହଇୟାଁ...ସଦା ଲଇବେ ନାମ ।
ଆପନି ନିରାଭିମାନୀ ଅନ୍ୟେ ଦିବେ ମାନ ॥
ତରୁ ସମ ସହିଷ୍ଣୁତା ବୈଷ୍ଣବ କରିବ,
ଭର୍ତ୍ସନା-ତାଡ଼ନେ କାରେ କିଛୁ ନା ବଲିବ ।...
ସଦା ନାମ ଲଇବେ ଯଥାଲାଭେତେ ସନ୍ତୋଷ ।
ଏଇମତ ଆଚାର କରି ଭକ୍ତିଧର୍ମ ପୋଷ ।*

ଏଇପରି ଭାବେ ଅଧ୍ୟାପନା ସହ ବୈଷ୍ଣବଗଣଙ୍କ ସହ ଭାବର ଆଦାନ-ପ୍ରଦାନ ଚାଲିଥିବାବେଳେ ମା'ଙ୍କ ସନିର୍ବନ୍ଧ ଅନୁରୋଧରେ ସେ ଦ୍ୱିତୀୟବାର ବିବାହ ପାଇଁ ସମ୍ମତ ହେଲେ । ବିଷ୍ଣୁପ୍ରିୟାଙ୍କ ସହ ତାଙ୍କର ବିବାହ ସମ୍ପନ୍ନ ହେଲା । ତାଙ୍କର ଜନନୀ ଚାହୁଁଥିଲେ ପୁଅ ସଂସାରୀ ହେଉ ଓ ପିତୃଶ୍ରାଦ୍ଧ କରୁ । ଏସବୁ ସତ୍ତ୍ୱେ ଗୌରାଙ୍ଗ ଭକ୍ତିଧର୍ମରେ ପୂରାପୂରି ଆପ୍ଳୁତ ହେବାକୁ ଇଚ୍ଛା କରୁଥିଲେ । ସବୁପ୍ରକାର ମାନୁଷୀ ପ୍ରେମରୁ ବିବିକ୍ତ ନହେଲେ ସେ ରାଗାନୁଗା ଭକ୍ତିର ସାଧନା କରିବେ କିପରି ? ପରମପ୍ରେମାସ୍ପଦଙ୍କ ପ୍ରତି ପ୍ରଗାଢ଼ ଅନୁରାଗକୁ ଯେଉଁ ଭକ୍ତିରୂପୀ ଭାବ ଅନୁସରଣ କରେ, ତାହାହିଁ ଅନୁଗାମିନୀ ଭକ୍ତି (ରାଗାନୁଗା ଭକ୍ତି) ଅର୍ଥାତ୍ ପ୍ରେମ ସମ୍ପର୍କୀୟ ଯେତେ ଭାବ, ସେସବୁ ମଧ୍ୟରେ ଭଗବାନଙ୍କ ପ୍ରତି ଯେଉଁ ପ୍ରୀତିର ତୁଳନା ନାହିଁ ତାହାର ଅନ୍ୟନାମ 'ମହାଭାବ' ଏବଂ ଶ୍ରୀରାଧାହିଁ ମହାଭାବରୂପିଣୀ । ଶ୍ରୀକୃଷ୍ଣଙ୍କ ପ୍ରତି ଅପ୍ରାକୃତ, ଅହୈତୁକ ପ୍ରୀତି ଉପୁଜାଇବା ପାଇଁ ପରମ ଭାଗବତ ବୈଷ୍ଣବଗଣ ସାଧନା କାଳରେ ସର୍ବାଗ୍ରେ ରାଧାଙ୍କର ଶରଣାଗତ ହେଉଥିଲେ । ସେ ଯେପରି ଗୋବିନ୍ଦଙ୍କ ପ୍ରାଣବଲ୍ଲଭା, ସେହିପରି ଭାବୁକ-ଭକ୍ତଙ୍କର ସେ ଜନନୀ, ଆଶୟଦାତ୍ରୀ, ପଥପ୍ରଦର୍ଶିକା – ଯିଏ ନିଜେ ହୋଇକରି ବାଟ ବତାଇ ଦିଅନ୍ତି । ଗୌରାଙ୍ଗ ତାଙ୍କରି ଶରଣ କାମନା କରୁଥିଲେ; ଦୀକ୍ଷିତ ହେବା ପୂର୍ବରୁହିଁ ଯଥାର୍ଥ ବୈଷ୍ଣବର ସର୍ବଲକ୍ଷଣ ତାଙ୍କଠାରେ ରହିଥିଲା ।

ଥରେ ସେସମୟରେ ଶ୍ରୀଚୈତନ୍ୟଙ୍କର ଇଚ୍ଛା ହେଲା ବୈଷ୍ଣବ ଭକ୍ତମାନଙ୍କୁ ପାଚିଲା ଆମ୍ବ ଖୁଆଇବେ । ତାଙ୍କର ମାତା ଶଚୀଦେବୀ କେବେ ପୁତ୍ର ହାତରେ ଆମ୍ବ ଟାକୁଆଟିଏ ପୋତାଇଥିଲେ । ସେ ତରୁରେ ବସନ୍ତ ଆଗମନରେ ପଲ୍ଲବ ଗଜୁରି ଉଠିଲେ, ଅତିଶୀଘ୍ର ମୁକୁଳ ଲାଗିଯାଏ ଓ ଯଥାଶୀଘ୍ର ଆମ୍ବ ଧରେ; ଆମ୍ବ ଧରୁ ଧରୁ ପାକଳ ହୋଇ ପକ୍ୱ ହେବାକୁ ଲାଗେ, ସହକାର ତରୁ ଫଳରେ ଲଦି ହୋଇଯାଏ । ସେଇ ରସାଳ ମିଷ୍ଟଫଳ ଗୌରାଙ୍ଗ ତାଙ୍କ ଅନୁଗତ ଭକ୍ତମାନଙ୍କୁ ମନ ଭରି ଖୁଆଇଲେ ଓ ଯେତେ ଖୁଆଇଲେ ବି ସେତେ ଲଦି ହେଲା । ଗୃହସ୍ଥ ହିସାବରେ ଶ୍ରୀ ନିମାଇ ଅତିଥିପରାୟଣ ଓ ପ୍ରତିବେଶୀମାନଙ୍କର ସୁବାନ୍ଧବ ଥିଲେ, ସମାଜରେ ଭଦ୍ର ସଜ୍ଜନ ଗୃହସ୍ଥ ବୋଲି ନାମ ହୋଇଗଲା ।

ମାତ୍ର ଗୋଟିଏ ଜିନିଷ ତାଙ୍କୁ ପ୍ରାଣରେ ଖୁବ୍ ବାଧୁଥିଲା : ହିନ୍ଦୁମାନଙ୍କର ମୁସଲମାନ ରାଜତ୍ୱକାଳରେ ମୁଖ ଖୋଲିବା ପାଇଁ ସାହସ ନାହିଁ, ସେମାନେ ସ୍ୱାଧୀନଭାବରେ ଉତ୍ସାହ, ଉଲ୍ଲାସରେ ଧର୍ମାଚରଣ କରିପାରୁ ନାହାନ୍ତି; ମୁକ୍ତକଣ୍ଠରେ ଇଷ୍ଟଦେବଙ୍କ ନାମୋଚ୍ଚାରଣ ଏବଂ ଉତ୍ସବ ଅନୁଷ୍ଠାନ ନିର୍ବିଘ୍ନରେ, ନିର୍ବାଧରେ କରିବାକୁ ଓ ଏକତ୍ର ସମାବେଶ ହୋଇ ନଗରକୀର୍ତ୍ତନରେ ବାହାରିବାକୁ ଏକପ୍ରକାର ବାରିତ ହେଉଥିଲେ ଏବଂ ଏଇ ସମସ୍ତ

---

* ଶ୍ରୀଚୈତନ୍ୟଙ୍କ ଉପଦେଶର ପ୍ରସିଦ୍ଧ ଶ୍ଳୋକ :
ତୃଣାଦପି ସୁନୀଚେନ ତରୋରିବ ସହିଷ୍ଣୁନା ।
ଅମାନିନା ମାନଦେନ କୀର୍ତ୍ତନୀୟଃ ସଦା ହରିଃ ॥

ଅପାରଗତାର କାରଣ, ସେମାନଙ୍କର ସେପରି କେହି ନେତୃସ୍ଥାନୀୟ ନଥିଲେ, ମୁସଲମାନ ରାଜପ୍ରତିନିଧିଙ୍କ ଆଗରେ ଯିଏ ସାହସର ସହିତ ନିର୍ଭୀକତାର କେତନ ତୋଳିଧରି ପାରିବ । ସୁତରାଂ ସେ ନଦୀୟା ନବଦ୍ୱୀପର କୀର୍ତ୍ତନ ଗୋଷ୍ଠୀଙ୍କୁ ଏକତ୍ରିତ କଲେ ଓ ଚାରି ଭାଗରେ ବିଭକ୍ତ କଲେ । ପ୍ରଥମ ଦଳର ନେତୃତ୍ୱରେ ଅଦ୍ୱୈତ ଆଚାର୍ଯ୍ୟ, ଦ୍ୱିତୀୟଟିର ଦାୟିତ୍ୱ ଦିଆଗଲା ଭକ୍ତ ହରିଦାସଙ୍କୁ, ତୃତୀୟ ଦଳଟି ଅପେକ୍ଷାକୃତ ଯୁବକ ବୈଷ୍ଣବ ମୁରାରି, ଶ୍ରୀବାସ, ସନାତନ, ସ୍ୱରୂପ ଦାମୋଦର ଆଦି ଭକ୍ତବୃନ୍ଦଙ୍କୁ ନେଇ ଗଢ଼ା ହୋଇଥିଲା । ଚତୁର୍ଥଟି ନିତ୍ୟାନନ୍ଦ ଗଦାଧରଙ୍କ ନେତୃତ୍ୱରେ ପରିଚାଳିତ ହେଲା । ଏଇ ସମସ୍ତ ସଂକୀର୍ତ୍ତନ ସମ୍ପ୍ରଦାୟର ପୁରୋଧା ହେଲେ ଯବନ ହରିଦାସ । ସେମାନଙ୍କ ଉଦ୍ଦେଶ୍ୟ : ସବୁଦଳ କୀର୍ତ୍ତନ କରି କରି କାଜିଙ୍କ କୋଠି ନିକଟରେ ରୁଣ୍ଡ ହେବେ । ଏଇସବୁ ଦଳର ସବାପଛରେ ରହିଲେ ନିମାଇ – ସେ ଉଚ୍ଚସ୍ୱରରେ ହରି, ରାମ, କୃଷ୍ଣ ଆଦି ନାମ ଉଚ୍ଚାରଣ କରି ଉଦଣ୍ଡ ନୃତ୍ୟ କରି କରି ଯାଉଥିଲେ । ଏହା ଏକପ୍ରକାର ପ୍ରତିବାଦରୂପକ ଆନ୍ଦୋଳନ । ସମସ୍ତ କୀର୍ତ୍ତନିଆଙ୍କୁ ପ୍ରରୋଚିତ କରାଯାଇଥିଲା – 'କୀର୍ତ୍ତନ ହେଉଛି ଶବ୍ଦବ୍ରହ୍ମଙ୍କର ଆବାହନ, ନାମୋଚ୍ଚାରଣ ହେଉଛି ନାମ-ମହାଯଜ୍ଞରେ ହୋତା ଓ ଉଦ୍‌ଗାତାଙ୍କର ଉଦ୍‌ଗାର । ଯଜ୍ଞପତିହିଁ ଆମକୁ ରକ୍ଷା କରିବେ, କାଜିଙ୍କୁ ଭୟ କରିବାର କୌଣସି କାରଣ ନାହିଁ ଯଦି ନିଜ ଭିତରେ କିଛି ଉତ୍ତେଜନା ସୃଷ୍ଟି କରା ନଯାଏ ।'

ଏଇ ସଂକୀର୍ତ୍ତନର ଶୋଭାଯାତ୍ରା ସାଙ୍ଗରେ ପ୍ରତିଟି ପରିବାର ସମ୍ପୃକ୍ତ ଥିଲେ । ପ୍ରତିଟି ଗୃହ ଦ୍ୱାରରେ ଚିତା ପକା ହୋଇଥିଲା, ଆମ୍ବ ଓ ଦେବଦାରୁ ପତ୍ର ଦେଇ ସଜା ହୋଇଥିଲା । ତତ୍‌ସହିତ କଦଳୀବୃକ୍ଷ ଓ ମଙ୍ଗଳଘଟ ବି ରହିଥିଲା । ଗୃହଲକ୍ଷ୍ମୀଗଣ ଶଙ୍ଖ ହୁଳିହୁଳି ଦେଉଥିଲେ । ସଂକୀର୍ତ୍ତନରେ ହିନ୍ଦୁଧର୍ମର ସବୁ ସମ୍ପ୍ରଦାୟର ଲୋକ, ଏପରିକି ଆଗ୍ରହୀ ଯବନ ବି ରହିଥିଲେ । ସେମାନେ ବି ବୁଝି ନେଇଥିଲେ ଯେ ଧର୍ମବିଶ୍ୱାସ ଉପରେ ଶାସନକର୍ତ୍ତାଙ୍କର ଅଧିକାର ନାହିଁ; ଏଇ ବିଷୟଟିକୁ ପ୍ରତିପାଦିତ କରିବାହିଁ ଶ୍ରୀଚୈତନ୍ୟଙ୍କର ଉଦ୍ଦେଶ୍ୟ ଥିଲା । ଶୋଭାଯାତ୍ରା ଯାଇ କାଜିଙ୍କ ଗୃହ ପାଖରେ ପହଞ୍ଚିଲା । ଏହାର ଆରମ୍ଭ ନିମାଇଙ୍କ ଗୃହଦ୍ୱାରଠାରୁ ଗଙ୍ଗାତୀର ଦେଇ ଗଙ୍ଗା-ନଗର, ଶିମୁଳିଆ ବାଟ ଦେଇ କାଜିଙ୍କ କୋଠି ପର୍ଯ୍ୟନ୍ତ ଲାଗି ରହିଥିଲା । କାଜିଙ୍କୁ ଜଣାଥିଲା ଏପରି ଏକ ଧର୍ମ ସଂଗଠନ ହେବାର ଅଛି ବୋଲି, ସେ ନିଜ କୋଠିର ଦୁଆର ବନ୍ଦ କରିଥିଲେ । ସେ ସେଇ ଅଞ୍ଚଳର ବାସିନ୍ଦା ଓ ତା'ର ନେତୃବୃନ୍ଦଙ୍କୁ ବ୍ୟକ୍ତିଗତଭାବେ ଜାଣିଥିଲେ । ନିମାଇ ସେଠାରେ ପହଞ୍ଚି ନୃତ୍ୟ ବନ୍ଦ କରି ନୀରବରେ ଧ୍ୟାନ କଲେ, ଅନ୍ୟ ସମସ୍ତେ ଉଚ୍ଚସ୍ୱରରେ ନାମ ସଂକୀର୍ତ୍ତନ କଲେ । ଶେଷରେ କାଜି ଅତିଷ୍ଠ ହୋଇ ବାହାରି ଆସିଲେ । ନିମାଇଙ୍କର ମାତାମହ ନୀଳାମ୍ବର ଚକ୍ରବର୍ତ୍ତୀଙ୍କ ସହ ତାଙ୍କର ବନ୍ଧୁଭାବ ଥିଲା, ସେଇ ସମ୍ପର୍କରେ ନିମାଇଙ୍କର ସେ ହେବେ ମାମୁ । ତେଣୁ ସେ ନିମାଇଙ୍କୁହିଁ ଦଳପତି ବୁଝିନେଇ ତାଙ୍କ ସହ ଆଳାପ କଲେ । ଏପରି କୋଳାହଳ କରିବାର କାରଣ କ'ଣ ପଚାରିବାରୁ ନିମାଇ କହିଲେ, ''ହିନ୍ଦୁମାନଙ୍କୁ ପୂଜା ଓ ଉତ୍ସବ କରିବାକୁ ବାଧା ଦିଆଯାଉଛି, ସେମାନଙ୍କ ଉପରେ ଉପଦ୍ରବ ଓ ଅତ୍ୟାଚାର କରାଯାଉଛି, ସେମାନଙ୍କ ପୂଜ୍ୟ ଗୋଜାତିକୁ ବଧ କରାଯାଉଛି... ଇତ୍ୟାଦିର ଅଭିଯୋଗ ନେଇ ଆମେ ନାମସଂକୀର୍ତ୍ତନ କରି ଶାନ୍ତିପୂର୍ଣ୍ଣଭାବେ ତୁମଠାରେ ପହଞ୍ଚିଛୁ । ଏହାର ପ୍ରତିକାର କରାଯାଉ ।'' କାଜି ମଧ୍ୟ ଉତ୍ତର ଦେଲେ : ''ଭଣଜା, ମୋ ଉପରେ ରାଗ କର ନାହିଁ । ତୁମ ପକ୍ଷରୁ ଅର୍ଥାତ୍ ହିନ୍ଦୁମାନଙ୍କ ତରଫରୁ ବି ତୁମ ନାମରେ ଅଭିଯୋଗ ଆସିଛି ଯେ ତୁମେ ବୈଷ୍ଣବ ଧର୍ମରେ ନୀଚକୁଳର ଲୋକଙ୍କୁ ପ୍ରଶ୍ରୟ ଦେଉଛ, ବାଛ-ବିଚାର କିଛି ରଖୁ ନାହଁ – ଉଚ୍ଚବର୍ଣ୍ଣ, ନୀଚବର୍ଣ୍ଣର ଭେଦଭାବ ଘୁଞ୍ଚାଇ ଦେଉଛ – ଇତ୍ୟାଦି ।''

ନିମାଇ ପଣ୍ଡିତ ଶାନ୍ତ ଭାବରେ କାଜିଙ୍କୁ ବୈଷ୍ଣବ-ଆନ୍ଦୋଳନର ମର୍ମ ବୁଝାଇଦେଲେ । କାଜି ନିଜ ଭୁଲ ସ୍ୱୀକାର କଲେ, ନୂଆ ନିୟମ କଲେ ଯେ ସିଏ ବଞ୍ଚିଥିବା ଯାଏଁ ନଦୀୟା-ନବଦ୍ୱୀପ ଅଞ୍ଚଳରେ ହିନ୍ଦୁ ଓ ମୁସଲମାନଙ୍କ ମଧ୍ୟରେ ବାଦବିସମ୍ବାଦ ରହିବ ନାହିଁ ଏବଂ ପ୍ରତ୍ୟେକ ନଗରବାସୀ ସ୍ୱଧର୍ମ ଆଚରଣରେ କୌଣସି ବାଧାର ସମ୍ମୁଖୀନ ହେବେ ନାହିଁ । ତା'ପରେ ସିଏ ନିମାଇଙ୍କୁ ନିଜ ସ୍ୱପ୍ନବୃତ୍ତାନ୍ତ କହି ତାଙ୍କର ଅଭୟ ଭିକ୍ଷାକଲେ । ସ୍ୱପ୍ନାବସ୍ଥାରେ ଏକ ଭୀଷଣ ନରସିଂହ ଆସି ତାଙ୍କୁ ଭୟ ଦେଖାଉଛି ଓ ପ୍ରାଣନାଶ କରିବ, ସବଂଶେ ବିନାଶ କରିବ ବୋଲି ନିଶ୍ଚୟ ଶପଥ କରିଯାଉଛି, ''କାହିଁକି ନା ମୋ ଆଦେଶରେ ମୋ ଲୋକମାନେ ଯାଇ ମୃଦଙ୍ଗ ଭାଙ୍ଗି, ଖୋଳ କରତାଳ ନଷ୍ଟ କରି ସଂକୀର୍ତ୍ତନିଆମାନଙ୍କୁ ମାରଧର କରିଥିଲେ, ଅଯଥାରେ ପୀଡ଼ା ଦେଇଥିଲେ ।'' କବିରାଜ କହୁଛନ୍ତି :

ସେଇ ରାତ୍ରେ ଏକ ସିଂହ ମହାଭୟଙ୍କର ।
ନରଦେହ ସିଂହମୁଖ ଗର୍ଜୟେ ବିସ୍ତର ॥

ଶୟନେ ଆମାର ଉପର ଲମ୍ଫ ଦିଆ ଚଢ଼ି ।
ଅଟ୍ଟ-ଅଟ୍ଟହାସେ କରେ ଦାନ୍ତ କଡ଼ମଡ଼ି ॥
ମୋର ବୁକେ ନଖ ଦିୟା ଘୋରସ୍ୱରେ ବଲେ ।
ଫାଡିମୁ ତୋମାର ବୁକ ମୃଦଙ୍ଗ ବଦଲେ ॥

ଏଇପରି ଭାବେ କାଜି ସେଇଦିନଠାରୁ ଭୟାର୍ତ୍ତ ହୋଇ ରହିଥିଲେ । ଏବେ ନିମାଇଙ୍କର ଶରଣାଗତ ହେଲେ । ନିମାଇ କହିଲେ, ''ମାମୁ, ତୁମେ ସମସ୍ତଙ୍କୁ ଆପଣାର ଭାବିଲେ ନୃସିଂହଙ୍କଠାରୁ ଭୟର କିଛି କାରଣ ରହିବ ନାହିଁ । ଯେହେତୁ ତୁମ ଆଦେଶରେ ହିନ୍ଦୁମାନେ ଅତ୍ୟାଚାରିତ ହୋଇଥିଲେ, ସେଥିପାଇଁ ହିନ୍ଦୁଙ୍କର ପୂଜିତ ବିଷ୍ଣୁଙ୍କ ଅବତାର ପ୍ରତିକାର ପାଇଁ ତୁମକୁ ଚେତେଇ ଦେଇଗଲେ । ସେ ହେଉଛନ୍ତି ନରସିଂହ ।

ହୁଏତ ମନେ ହେଉଥାଇପାରେ ଯେ ଶ୍ରୀଚୈତନ୍ୟଙ୍କଠାରେ ଧର୍ମଗତ ନିରପେକ୍ଷତା ନଥିଲା ଅବା ସେ ହିନ୍ଦୁମାନଙ୍କର ପକ୍ଷପାତୀ ହୋଇ ଆନ୍ଦୋଳନ କରିଥିଲେ । ତାଙ୍କର ବିଦ୍ରୋହର କାରଣ ଥିଲା ଶାସନକର୍ତ୍ତା ବା କାଜିଙ୍କର ଲୋକଙ୍କ ଧର୍ମବିଶ୍ୱାସରେ ହସ୍ତକ୍ଷେପ କରିବାକୁ ନେଇ ଏବଂ ସେଥିରେ ସେ ଯବନ ହରିଦାସଙ୍କୁ ଅନ୍ତର୍ଭୁକ୍ତ କରିଥିଲେ । ହରିଦାସଙ୍କର ଜନ୍ମ ମୁସଲମାନ ପରିବାରରେ, କିନ୍ତୁ ରୁଚିଥିଲା କୃଷ୍ଣ, ରାମ ଆଦି ଈଶ୍ୱରଙ୍କ ଅବତାର ବା ବିଭୂତିଙ୍କଠାରେ ଏବଂ ତାଙ୍କର ଏଇ ଅନୁରାଗ ଓ ଧର୍ମବିଶ୍ୱାସ ପାଇଁ ନବାବଙ୍କ ଆଦେଶରେ ତାଙ୍କୁ ବହୁ ନିର୍ଯାତନା ସହିବାକୁ ପଡ଼ିଥିଲା । ସେଇ ମୁସଲମାନ ଭକ୍ତଙ୍କୁ ନିଜର ମଣ୍ଡଳୀରେ ଗ୍ରହଣ କରି ନାମ ସେ ଦେଇଥିଲେ 'ହରିଦାସ' ବୋଲି, ଏପରିକି ତାଙ୍କରି ପୌରୋହିତ୍ୟରେ ଖାଲି ବଙ୍ଗବାସୀ ନୁହନ୍ତି, ଉତ୍କଳୀୟ ବୈଷ୍ଣବଗଣ ମଧ୍ୟ ତାଙ୍କୁ ଜଗନ୍ନାଥଙ୍କ ଅନନ୍ୟ ଭକ୍ତଭାବେ ମାନିନେଇଥିଲେ । ଏହାଛଡ଼ା କାଜିଙ୍କ ପ୍ରତି ତାଙ୍କର ବ୍ୟକ୍ତିଗତ କୌଣସି ବିଦ୍ୱେଷ ନଥିଲା, ଯେଉଁ ମୁହୂର୍ତ୍ତରେ କାଜି ନରମ ହୋଇ ନିମାଇଙ୍କ ଓ ତାଙ୍କ ଅନୁଗାମୀମାନଙ୍କର କଥା ରକ୍ଷା କରିବାକୁ ପ୍ରତିଶ୍ରୁତି ଦେଲେ, ସେଇ ମୁହୂର୍ତ୍ତରେ ସବୁ ଆପୋସମୀମାଂସା ହୋଇଗଲା । କାଜିଙ୍କଠାରୁ ନିର୍ଭୟ ପାଇସାରିବା ପରେ ମୁସଲମାନ ସମ୍ପ୍ରଦାୟରୁ କେହି କେହି ଖୋଲାଖୋଲି ଭାବେ ହିନ୍ଦୁମାନଙ୍କ ସହ ସଂକୀର୍ତ୍ତନରେ ଯୋଗଦେଲେ । ଲୋକଙ୍କ ମଧ୍ୟରେ ଧର୍ମକୁ ନେଇ ବାଦ-ବିବାଦ ବେଶୀଦିନ ରହେ ନାହିଁ, ଯଦି ତାହାର ପଶ୍ଚାତରେ ଶାସନକର୍ତ୍ତାଙ୍କ ଅନୁମୋଦନ ନଥାଏ ।

ନିଜେ କୌଣସି ମତର ପ୍ରତିଷ୍ଠାତା ବୋଲି ସେ କେବେ ଦାବି କରି ନାହାନ୍ତି, କିନ୍ତୁ ଯାହା ତାଙ୍କ ରୁଚିର, ଆଦର୍ଶର, ସ୍ୱଭାବର ବିପରୀତ, ସେକଥା ପ୍ରକାଶ କରିବାକୁ ସେ ଦ୍ୱିଧାବୋଧ କରୁ ନଥିଲେ, କହୁଥିଲେ ଯିଏ ଯେଉଁଠି ବି ଯେତେ ପ୍ରାଚୁର୍ଯ୍ୟରେ ଥାଉ ନା କାହିଁକି ଭକ୍ତିବୃକ୍ଷର ଫଳ ସାଙ୍ଗରେ ସେ ପ୍ରାଚୁର୍ଯ୍ୟର ତୁଳନା ହୋଇପାରିବ ନାହିଁ । ଏଇ ଭକ୍ତିରେ ଉପାସ୍ୟ ଉପାସକଙ୍କ ଭିତରେ ଏମିତି ଘନିଷ୍ଠ, ଏମିତି ଅନ୍ତରଙ୍ଗ ମିଳନ ଅନୁଭୂତ ହୁଏ ଯେ କିଏ ଉପାସ୍ୟ କିଏ ଉପାସକ ଜଣାପଡ଼େ ନାହିଁ । ଏଇ କଥାଟି ଶ୍ରୀଚୈତନ୍ୟ ବାରବାର ଭାଗବତରୁ ଉଦ୍ଧୃତ କରି କହୁଥିଲେ : 'ହେ ପ୍ରଭୋ ! ତାହାଙ୍କୁହିଁ ଆର୍ଯ୍ୟ ବୋଲି କୁହାଯିବ, ଯାହାର ରସନାଗ୍ରେ ତୁମର ନାମ ବିଦ୍ୟମାନ । ସିଏ ଜନ୍ମସୂତ୍ରରେ ଚଣ୍ଡାଳ ହେଲେ ବି ଶ୍ରେଷ୍ଠ । ଯେଉଁମାନେ ଆପଣଙ୍କ ନାମ ଗାନ କରନ୍ତି – ସେମାନେ ଅଖିଳ ତପସ୍ୟା କରିଥା'ନ୍ତି, ସର୍ବବିଧ ହୋମ କରିଥା'ନ୍ତି ଓ ସର୍ବତୀର୍ଥରେ ସ୍ନାନ କରିଥା'ନ୍ତି – ଅତଏବ ସେଇମାନେହିଁ 'ଆର୍ଯ୍ୟ' ବୋଲି ଅଭିହିତ ହୁଅନ୍ତି, ଲୋକ ସମାଜରେ ସେଇମାନେହିଁ ନମସ୍ୟ ଓ ଶ୍ରେଷ୍ଠ ଯାହାର ମୁଖରେ ସର୍ବଦା ପ୍ରଭୁଙ୍କ ନାମ ରହିଥାଏ ।

ନିମାଇଙ୍କ ମତରେ 'ଆର୍ଯ୍ୟ'ର ସଂଜ୍ଞା ଯଦି ଏହାହିଁ ହୁଏ, ତେବେ 'ବୈଷ୍ଣବ'ଙ୍କ ସମ୍ପର୍କରେ ବି ସେ ସେଇପରି ଉଦାର ହୋଇଥିବେ । କୃଷ୍ଣଦାସ ଲେଖିଛନ୍ତି, ''ଶ୍ରୀବାସଙ୍କର ଦରଜି ଯବନ ଥିଲା, ମାତ୍ର ସେ ଗୌରାଙ୍ଗଙ୍କର ଅନୁଗତ ଥିଲା । ଆପଣାର ମନେ କରି ସେ ତାକୁ ନିଜର ସ୍ୱରୂପ-ଦର୍ଶନ ଦେଇଥିଲେ ।'' ସିଏ ଯବନ ହୋଇ ମଧ୍ୟ ପ୍ରଭୁଙ୍କ ଚରଣଲାଭ କରିଥିଲା – ସେ ନା ଥିଲା ଶିକ୍ଷିତ, ନା ଥିଲା ହିନ୍ଦୁ, କିନ୍ତୁ ସଂସ୍କାର ତା'ର ଉନ୍ନତ ଥିଲା ।

'ଶ୍ରୀଚୈତନ୍ୟ ଚରିତାମୃତ' ଯାହା କହିଛନ୍ତି ଦୁଇ-ତିନିଜଣ ଯବନଙ୍କ ସମ୍ବନ୍ଧରେ, ଏଠାରେ ସେଗୁଡ଼ିକ ଉଲ୍ଲେଖ କରୁଛୁ, ଯେଉଁଥିରୁ ବିଶ୍ୱମ୍ଭରଙ୍କର ଚରିତ୍ରର ମହାନତା ପ୍ରକାଶ ପାଇବ ।

ଶ୍ରୀବାସେର୍ ବସ୍ତ୍ର ସିଏଁ ଦରଜି ଯବନ ।
ପ୍ରଭୁ ତା'ରେ କରାଇଲ ନିଜ ରୂପ ଦରଶନ ॥

*

ସେ ହରିଦାସଙ୍କୁ କହିଥିଲେ ପ୍ରଥମଥର ପୁରୀଧାମକୁ ନ ନେଇ ପାରିବାରୁ :

ତୋମା ଲାଗି ଜଗନ୍ନାଥେ କରିବ ନିବେଦନ ।
ତୋମା ଲଇଁୟା ଯାବ ଆମି ଶ୍ରୀପୁରୁଷୋତ୍ତମ ॥

ହରିଦାସେର୍ ସିଦ୍ଧି ଅଦ୍ଭୁତ ସେ ସବ୍ ।
ଆପନି ସେ ମହାପ୍ରଭୁ ଯାଁର କୈଲ ମହୋତ୍ସବ ॥

*

କାଜିଙ୍କୁ ବରାଭୟ ଦେବାପରେ ସେଇ କାଜି ତାଙ୍କୁ ଯେପରି ଦେଖିଥିଲେ, ତାହା ଏଠାରେ ଉଦ୍ଧୃତ କରୁଛୁ :

ହିନ୍ଦୁର ଈଶ୍ୱର ବଡ଼ ଯେଇ ନାରାୟଣ ।
ସେଇ ତୁମି ହଓ, ଲୟ ମୋର ମନ ॥
ତୋମାର ପ୍ରସାଦେ ମୋର ଘୁଚିଲ କୁମତି ।
ଏଇ କୃପାକର ଯେନ ତୋମାତେ ରହୁ ଭକ୍ତି ॥

କାଜିଙ୍କଠାରୁ ବିଦାୟ ନେଇ ନିମାଇ ଯେତେବେଳେ ଗୃହକୁ ବାହୁଡ଼ିଲେ, ସେତେବେଳେ ନବଦ୍ୱୀପବାସୀ ତାଙ୍କୁ ସ୍ୱାଗତ କଲେ, ଏହାକୁ ସେମାନେ 'କାଜିବିଜୟ' ଆଖ୍ୟା ଦେଲେ, ଯେଉଁଥିରେ ତାଙ୍କ ନିର୍ଭୀକ ସ୍ପଷ୍ଟବାଦିତାହିଁ ତାଙ୍କ ଉପସ୍ଥିତିର ମୁଖ୍ୟ ଅସ୍ତ୍ର ଥିଲା । କୀର୍ତ୍ତନଦଳ ସବୁ ନବ ଉଦ୍ଦୀପନା ଲାଭ କଲେ । ବିଶ୍ୱମ୍ଭରଙ୍କର ଆଉ ଏକ ମହାନୁଭବତା ଥିଲା ଯେ କୌଣସି କାର୍ଯ୍ୟର କୃତିତ୍ୱ ନିଜେ ନେଉ ନଥିଲେ । ସେ ନିଜକୁ କହୁଥିଲେ ମାଳାକାର, ଅର୍ଥାତ୍ ମାଳୀ । ଯେଉଁ 'ରାଗାନୁଗା ଭକ୍ତି'କୁ ସିଏ ଭକ୍ତିଦେବୀଙ୍କର ଶିରୋଭୂଷା ମନେକରୁଥିଲେ, ତାହାର ମହିମା ଗାନ କଲାବେଳେ ନିଜକୁ ସେ ଭକ୍ତି ଉଦ୍ୟାନର ମାଳୀ ରୂପେ ବର୍ଣ୍ଣନା କରିଛନ୍ତି । କବିରାଜଙ୍କ ଭାଷାରେ ସିଏ ଭକ୍ତିକଳ୍ପତରୁର ବୀଜ ରୋପଣକାରୀ ।

ଜୟ ଜୟ ମାଧବପୁରୀ କୃଷ୍ଣ ପ୍ରେମପୁର ।
ଭକ୍ତି କଳ୍ପତରୁର୍ ତିହେଁ ପ୍ରଥମ ଅଙ୍କୁର ॥
ଶ୍ରୀଈଶ୍ୱରପୁରୀ ରୂପେ ଅଙ୍କୁର ପୁଷ୍ଟ ହୈଲ ।
ଆପନେ ଚୈତନ୍ୟ ମାଳୀ ସ୍କନ୍ଧ ଉପୁଜିଲ ॥...
ଶାଖାର ଉପରେ ବୃକ୍ଷ ହୈଲ ଦୁଇ ସ୍କନ୍ଧେ ।
ଏକ ଅଦ୍ୱୈତ ନାମ ଆର ନିତ୍ୟାନନ୍ଦ ॥...
ଉଡୁମ୍ବର ବୃକ୍ଷ ଯୈଛେ ଫଳ ସର୍ବଅଙ୍ଗେ ।
ଏଇମତ ଭକ୍ତି ବୃକ୍ଷେ ସର୍ବତ୍ର ଫଳ ଲାଗେ ॥

ଏଇ କଳ୍ପତରୁକୁ ଚୈତନ୍ୟଦେବ ନିଜେ ରୋପଣ କରିଥିଲେ, ତତ୍ପରେ ଶାଖା-ପ୍ରଶାଖାରୂପେ ସେ ସମସାମୟିକ ଭକ୍ତଗଣଙ୍କ ନାମ ନେଇଛନ୍ତି – ଏହାର ତାଲିକା ଅତି ଦୀର୍ଘ । ସେ ନିଜେ ହୋଇଥିଲେ ବିଶାଳକାଣ୍ଡ ଯେଉଁଥିରୁ ପ୍ରସାରିତ ହୋଇଥିଲା ଶାଖାପ୍ରଶାଖା ଓ ତାହାର ପତ୍ରପୁଷ୍ପ ତଥା ଫଳ-ସମ୍ଭାର । ଭକ୍ତି-କଳ୍ପତରୁରେ ସେ ଶ୍ରୀ ମାଧବେନ୍ଦ୍ର ପୁରୀଙ୍କଠାରୁ ନେଇ ସମସାମୟିକ ଅଦ୍ୱୈତ ଆଚାର୍ଯ୍ୟ, ଈଶ୍ୱରପୁରୀ ନିତ୍ୟାନନ୍ଦଙ୍କ ନାମ ସହ ତାଙ୍କର ସଖା ଅନୁଗତ ଭକ୍ତଗଣଙ୍କର ନାମୋଲ୍ଲେଖ କରିଛନ୍ତି । ଏତଦ୍‌ବ୍ୟତୀତ ତାଙ୍କର ଅନୁଗମନ କରି ଯେଉଁମାନେ ରାଗାନୁଗାଭକ୍ତିପଥକୁ ଆଶ୍ରୟ କରି ସାଧନା କରିବେ, ସେସମସ୍ତ ଭକ୍ତଶିରୋମଣିମାନଙ୍କୁ ସେ ସମ୍ମାନର ସହ ନାମୋଲ୍ଲେଖ କରିଛନ୍ତି ।

ବିଶ୍ୱମ୍ଭର ଜାଣିଥିଲେ ଯେ ତାଙ୍କ ବ୍ୟତୀତ ରାଧାପ୍ରେମର ରହସ୍ୟ, ବ୍ରଜରମଣୀଙ୍କର ସଖୀଭାବର ତାତ୍ପର୍ଯ୍ୟ କେହି ଅନୁଭବ କରିପାରିବେ ନାହିଁ ଏବଂ ସେଇ ରହସ୍ୟକୁ ସୃଷ୍ଟିରେ ପ୍ରଚାର କରିବାକୁହିଁ ତାଙ୍କର ଆଗମନ । ସେଇ ତତ୍ତ୍ୱକୁ ବ୍ୟାଖ୍ୟା ଦ୍ୱାରା ବୁଝାଇହେବ ନାହିଁ, ତର୍କ ଦ୍ୱାରା ପ୍ରତିଷ୍ଠିତ କରିହେବ ନାହିଁ; କେବଳ ଏକାତ୍ମତା ଦ୍ୱାରା, ଘନିଷ୍ଠ ଅନ୍ତରଙ୍ଗତା ଦ୍ୱାରା ଅନୁଭବ କରିହେବ । ଏଇ ଅନୁଭବ ପାଇଁ କିଛି ଭେଦର ଆଭାସ ଦରକାର ହୋଇପାରେ ଜୀବର ପରମଙ୍କ ସହ ମିଳନର ଅକାଙ୍କ୍ଷା, ପ୍ରେମିକାର ପ୍ରେମାସ୍ପଦଙ୍କଠାରେ ସମ୍ପୂର୍ଣ୍ଣ ଆତ୍ମସମର୍ପଣ । ଏହାର ପ୍ରଥମ ପାହାଚ ଆତ୍ମବିସ୍ମୃତି, ଦ୍ୱିତୀୟଟି ସମ୍ପୂର୍ଣ୍ଣ ଏକୀଭୂତ ହୋଇଯିବା । ଭକ୍ତି-ଭାବନାର ନାନା ପର୍ଯ୍ୟାୟ ରହିଛି ଯାହା ଚୈତନ୍ୟଦେବ ଓ ରାୟ ରାମାନନ୍ଦଙ୍କ ପରସ୍ପରର ପ୍ରଶ୍ନୋତ୍ତରରେ ଆମେ ଦେଖିବାକୁ ପାଇବା । ଶ୍ରୀରାଧା ହେଉଛନ୍ତି ଆତ୍ମସମର୍ପଣର ସମ୍ପୂର୍ଣ୍ଣ ପ୍ରତିମା, କୃଷ୍ଣଙ୍କ ସହ ମିଳିତ ହେବା ପାଇଁ ଯେଉଁ ବ୍ୟାକୁଳତା ତାହା ଉପରେ ରାଗାନୁଗା ଭକ୍ତି ପ୍ରତିଷ୍ଠିତ ଯାହା ଶ୍ରୀଚୈତନ୍ୟ ନିଜ ଜୀବନର ପ୍ରତିଟି କ୍ଷଣ ଉପଲବ୍ଧି କରୁଥିଲେ, କେବେ ସିଏ ଗୌରହରି, କେବେ ସେ ଦ୍ୱିଜୋତ୍ତମ, କେବେ ସେ ସନ୍ନ୍ୟାସୀ, କେବେ 'ଶ୍ୟାମବଂଶୀମୁଖ' ରାଧିକା, ପୁଣି କେବେ ସିଏ ଶ୍ରୀରାଧାଙ୍କ ପ୍ରତି ଅନୁରକ୍ତ ସ୍ୱୟଂ ଗୋପୀନାଥ – ସାଧାରଣ ଭକ୍ତ ତାହାର ଅନ୍ତ ପାଇବେ ନାହିଁ । ସେଥିପାଇଁ କୃଷ୍ଣଦାସ ଗୋସାଇଁ କହୁଛନ୍ତି :

ତେହଁ କୃଷ୍ଣ ତେହଁ ଗୋପୀ ପରମ ବିରୋଧ ।
ଅଚିନ୍ତ୍ୟ ଚରିତ୍ର ପ୍ରଭୁ ଅତି ସୁଦୁର୍ବୋଧ ॥

ପ୍ରକୃତରେ ତାଙ୍କର ଦିନକୁଦିନ ବିରହ ବେଦନା ବଢୁଥିଲା, ସେଥିପାଇଁ ବିଲ୍ୱମଙ୍ଗଳଙ୍କର ଅନୁଭୂତି ସମପର୍ଯ୍ୟାୟର ହୋଇଥିବାରୁ ତାଙ୍କୁ ଅଭିଭୂତ କରିପାରିଥିଲା ପରବର୍ତ୍ତୀ କାଳରେ । ତାଙ୍କର ମନର ଦଶା ବି ଏଇପରି ଥିଲା :

ସେ ସର୍ବଦା କହୁଥିଲେ 'ହେ ହରି ! ତୁମେ ଅନାଥର

ବାନ୍ଧବ ଓ କରୁଣାର ଅପାର ସାଗର ! ତୁମ ଅଦର୍ଶନ ହେତୁ ଅହୋରାତ୍ର ମଧ୍ୟଗତ ଏଇ ଯେଉଁ ଲବ, କ୍ଷଣ, ମୁହୂର୍ତ୍ତ ଆଦି ସମସ୍ତ କାଳହିଁ ମୂଲ୍ୟହୀନ ଓ ନିରର୍ଥକ ! ହାୟ, ହାୟ ! ତୁମ ବିନା ଏଇ କୋଟି କଳ୍ପତୁଲ୍ୟ ସାରହୀନ ଜୀବନକାଳ ମୁଁ କେମିତି ବିତାଇବି !'

ଏଇପରି ଅଧ୍ୟାପନା କରି ଓ ବୈଷ୍ଣବଗଣଙ୍କ ସହ ଆନନ୍ଦରେ କାଳଯାପନ କରିପାରିଥା'ନ୍ତେ ନବଦ୍ୱୀପରେ, କ'ଣ ପାଇଁ ଦୀକ୍ଷା ଓ ସନ୍ନ୍ୟାସ ସେ ନେଲେ, ସେ କଥା ଭାବିଲେ ଉତ୍ତର ଦିଆଯାଇପାରେ ଯେ ବାହାରକୁ ସେ ସୁଖୀ ତଥା କର୍ମବ୍ୟସ୍ତ ରହିଥିବାଭଳି ବୋଧହେଉଥିଲେ ବି ଅନ୍ତରରେ ସେ ଏକାନ୍ତ ନିଃସଙ୍ଗ ବୋଧ କରୁଥିଲେ କୃଷ୍ଣଙ୍କ ସହ ମିଳନ ନହେବା ପର୍ଯ୍ୟନ୍ତ । ତେଣୁ ଗୟାଧାମରେ ପୁନରାୟ ଭଗବାନ୍ ଈଶ୍ୱରପୁରୀଙ୍କ ସହ ସାକ୍ଷାତ୍ ହେବାରୁ ସେ ବୈଷ୍ଣବଧର୍ମରେ ଦୀକ୍ଷା ଗ୍ରହଣ କରିବାର ଅଭିଳାଷ ଜଣାଇଲେ । ଏଇ ସଂକଳ୍ପ କେବେହେଁ ଅକସ୍ମାତ୍ ଘଟେ ନାହିଁ ଯାହା ଜୀବନର ଆଭିମୁଖ୍ୟକୁ ପୂରାପୂରି ବଦଳାଇ ଦିଏ । ନୂଆ ଜୀବନ-ଦର୍ଶନ ପାଇଁ ଭିତରେ ଭିତରେ ସେ ନିଜକୁ ପ୍ରସ୍ତୁତ କରୁଥିଲେ । ତାଙ୍କର ଏ ବିରହବ୍ୟଥା ବେଳେ ବେଳେ ପ୍ରକାଶ ପାଉଥିଲା – ସାଙ୍ଗସାଥୀ ମେଳରେ । ନିଜକୁ ପଶ୍ଚାତରେ ରଖି ଅନ୍ୟମାନଙ୍କୁ ମାନ-ମର୍ଯ୍ୟାଦା ଦେବା ତାଙ୍କର ଚରିତ୍ରର ବୈଶିଷ୍ଟ୍ୟ ଥିଲା । ଥରେ ସେ ନବଦ୍ୱୀପର ବୈଷ୍ଣବଗୋଷ୍ଠୀ ମଧ୍ୟରେ ପ୍ରବେଶ କରିବାକୁ ଯାଉଥିଲାବେଳେ ଶୁଣିଲେ ଭକ୍ତଗଣ କୃଷ୍ଣ ପ୍ରସଙ୍ଗ ନକରି ତାଙ୍କରହିଁ ଗୁଣଗାରିମାର ବିଷୟ ଆଲୋଚନା ଓ ପ୍ରଶଂସା କରୁଛନ୍ତି; ଏହା କାନରେ ପଡ଼ିବାମାତ୍ରେ ସେ କ୍ରୋଧପରବଶ ହୋଇ ସେମାନଙ୍କୁ ଭର୍ତ୍ସନା କଲେ, ''ସାମାନ୍ୟ ମାନବର ପ୍ରଶଂସାରେ ଏତେ ବିହ୍ୱଳ ତୁମେମାନେ ଯେ ଶ୍ରୀଭଗବାନ୍‌ଙ୍କ ଲୀଳାପ୍ରସଙ୍ଗ ନକରି ବୃଥା କାଳକ୍ଷେପ କରୁଛ ବୋଲି ବୁଝିପାରୁ ନାହଁ !''

ଶ୍ରୀଗୌରାଙ୍ଗଙ୍କର ନିଜ ସମ୍ପର୍କରେ ସର୍ବଦା ଦୈନ୍ୟଭାବ ଥିବାର ଲକ୍ଷ୍ୟ କରି ଥରେ ଭକ୍ତ ଶ୍ରୀନିବାସ ବି ଅଭିମାନରେ ଓଲଟା ନିଃସଙ୍କୋଚରେ, ସ୍ୱଷ୍ଟ ଭାବରେ ତାଙ୍କ ମୁଖ ଉପରେ ଶୁଣାଇଦେଲେ :

ସୂର୍ଯ୍ୟ ଯେନ ଉଦୟ କରି ଚାହେ ଲୁଙ୍କାଇତେ ।
ବୁଝିତେ ନା ପାରି ତୋମାର ଐଛନ୍ ଚରିତେ ।।

(ଶ୍ରୀଚୈ. ଚରିତାମୃତ – ମଧ୍ୟଲୀଳା)

ମହାପୁରୁଷଙ୍କୁ ଅବତାର ଭାବେ ଗ୍ରହଣ କଲେ ମନରୁ ବହୁ ସଂଶୟ ଆପଣାଛାଏଁ ଦୂର ହୋଇଯାଏ । ମାତ୍ର ମନୁଷ୍ୟ ଭାବରେ ଯେ ସେ କେତେ ମହତ୍, କେତେ ଉଦାର ସେକଥା ବୁଝିବା ଏବଂ ଭୂମାପୁରୁଷରୂପେ ତାଙ୍କର ମହତ୍ତ୍ୱ ଯେ କେତେ ଗଭୀର, କେତେ ବିପୁଳ, ଏହା ବୁଝିବା ଓ ହୃଦୟଙ୍ଗମ କରିବା ଆମ ଭଳି ସାଧାରଣ ମାନବଙ୍କ ପକ୍ଷରେ କଠିନ; କାରଣ ଆମର ଭାବନାର ବହୁ ଊର୍ଦ୍ଧ୍ୱରେ ବିଦ୍ୟମାନ ସେ, ଯେତିକି ବା ଅନୁଭବରେ ଆସେ, ମାନୁଷୀଭାଷା ତାକୁ ବ୍ୟକ୍ତ କରିବାକୁ ଅକ୍ଷମ ହୁଏ ।

(କ୍ରମଶଃ)

ସଂଗ୍ରହ ଓ ଉପସ୍ଥାପନା : କୃଷ୍ଣାଦେବୀ ✤

କାର୍ଯ୍ୟ କରିବାର କ୍ଷେତ୍ରରେ, ତୁମେ ଯେଉଁ ମୁହୂର୍ତ୍ତରେ କାର୍ଯ୍ୟଟିକୁ କରିବାକୁ ଯାଉଛ, ସେହି ବର୍ତ୍ତମାନ ମୁହୂର୍ତ୍ତଟି ହେଉଛି ସବୁଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ । ଅତୀତ ସେତେବେଳେ ତୁମ ଲାଗି ଏକ ବାଧା ହୋଇ ମୋଟେ ଠିଆ ହୋଇ ନ ଥିବ ଏବଂ ଭବିଷ୍ୟତ ମଧ୍ୟ ତୁମକୁ ଆଉ କୁଆଡ଼େ ଟାଣିନେଇ ଯାଉ ନ ଥିବ ।

*୨୧ ଡିସେମ୍ବର ୧୯୫୪* — ଶ୍ରୀମା

# ବାରଟି ଇନ୍ଦ୍ରିୟ

## ଶ୍ରୀମା

*ପ୍ରଶ୍ନ : ବାରଟି ଇନ୍ଦ୍ରିୟ କ'ଣ ?**

ଆମ୍ଭମାନଙ୍କୁ ପାଞ୍ଚଗୋଟି ଇନ୍ଦ୍ରିୟ ଦିଆହୋଇଛି, ନୁହେଁ କି ? ସେ ଯାହାହେଉ ଆଉ ଗୋଟିଏ ଇନ୍ଦ୍ରିୟ ଅଛି ଯାହାର କି ଯଥାର୍ଥରେ ଚେତନା ସହିତ ସମ୍ପର୍କ ରହିଛି । ତୁମକୁ ଏକଥା କୁହାଯାଇଛି କି ନାହିଁ ମୁଁ ଜାଣେ ନାହିଁ । କିନ୍ତୁ ଜଣେ ବ୍ୟକ୍ତି ଯେ'କି ଅନ୍ଧ, ଉଦାହରଣସ୍ୱରୂପ ଯେ'କି ଦେଖିପାରେ ନାହିଁ, ସେ କିଛି ଦୂରରେ ଥିବା ଏକ ପଦାର୍ଥକୁ ନ ଛୁଇଁ ମଧ୍ୟ ଏକପ୍ରକାର ବିକଶିତ ଇନ୍ଦ୍ରିୟବୋଧ ଦ୍ୱାରା ଜାଣିପାରେ ଯାହାକି ସ୍ପର୍ଶ ନୁହେଁ କାରଣ ସେ ତାହା ଉପଲବ୍ଧି କରେ ନାହିଁ, ତାହା ଦୃଷ୍ଟିଶକ୍ତି ନୁହେଁ କାରଣ ସେ ତାକୁ ଦେଖେ ନାହିଁ, କିନ୍ତୁ ତାହା ଏକ ସଂଯୋଗ – ଏପରି ଏକ ଜିନିଷ ଯାହା ଶୁଣିବା ବିନା, ଦେଖିବା ବିନା, କିଂବା ଛୁଇଁବା ବିନା ତା'କୁ ସଂପର୍କ-ସ୍ଥାପନ କରିବାରେ ସାହାଯ୍ୟ କରେ । ଆମ୍ଭେମାନେ ଯେଉଁସବୁ ଇନ୍ଦ୍ରିୟକୁ ଅଭ୍ୟାସବଶତଃ ବ୍ୟବହାର କରିଥାଉ ତାହା ବ୍ୟତୀତ ଏହା ହେଉଛି ସବୁଠାରୁ ଉନ୍ନତ ଇନ୍ଦ୍ରିୟମାନଙ୍କ ମଧ୍ୟରୁ ଅନ୍ୟତମ । ଆଉ ଗୋଟିଏ ଇନ୍ଦ୍ରିୟ ଅଛି : ଏକପ୍ରକାର ନିକଟରୁ ଜାଣିପାରୁଥିବା ଇନ୍ଦ୍ରିୟ : ଯେତେବେଳେ ବ୍ୟକ୍ତି କୌଣସି ପଦାର୍ଥର ପାଖକୁ ଆସେ ସେ ଅନୁଭବ କରେ ଯେପରିକି ସେ ତାକୁ ଛୁଇଁ ପାରୁଛି । ଅନ୍ୟ ଏକ ଇନ୍ଦ୍ରିୟ ଅଛି ଯାହାକି ଶାରୀରିକ ହେଲେ ମଧ୍ୟ ବହୁଦୂରରେ ଥିବା ଘଟଣାବଳୀ ସହିତ ତୁମକୁ ସମ୍ପର୍କିତ କରାଏ; ଏହା ହେଉଛି ଏକପ୍ରକାର ଶାରୀରିକ ଇନ୍ଦ୍ରିୟ କାରଣ ଏହା ଜଡ଼ ଜଗତର ଅଟେ, ଏହା ସଂପୂର୍ଣ୍ଣରୂପେ ମନଃସ୍ତରର ନୁହେଁ : ସେଠାରେ ଏକ ପ୍ରକାର ଇନ୍ଦ୍ରିୟବୋଧ ଥାଏ । କେତେକ ବ୍ୟକ୍ତି ଅଛନ୍ତି ଯାହାଙ୍କର ବହୁଦୂରରେ ଘଟୁଥିବା ଘଟଣାବଳୀ ବିଷୟରେ ଏକ ପ୍ରକାର ଅନୁଭବ ହୋଇଥାଏ । ତୁମେ ଭୁଲିଯାଅ ନାହିଁ ଯେ ଦୈହିକ ଚେତନାରେ ଅନେକ ପ୍ରକାର ସ୍ତର ଥାଏ : ତାହା ହେଲା ଦୈହିକ ପ୍ରାଣ ଏବଂ ଦୈହିକ ମନ ଯାହା ପୂରାପୂରି ଭୌତିକ ନୁହେଁ । ଜଡ଼ସ୍ତରରେ ଦୂରଦୃଷ୍ଟି ହେଉଛି ମଧ୍ୟ ଏକ ଭୌତିକ ଚେତନା ।... ତେଣୁ ଆମର ଏପରି କିଛି ଅଛି ଯାହାକି ଅଳ୍ପଦୂରରେ ଦେଖିପାରେ, ଆଉକିଛି ଅଛି ଯାହାକି ଖୁବ୍ ଦୂରରେ ଘଟୁଥିବା ଜିନିଷ ଦେଖିପାରେ ଏବଂ ଆଉ କିଛି ଅଛି ଯାହାକି ଆଗରେ କ'ଣ ଘଟିବ ତାହା ମଧ୍ୟ ଜାଣିପାରେ; ଏ ସବୁ ମିଶିଲେ ତିନିଟି ହେଉଛି । ଏମାନେ ହେଉଛନ୍ତି ଆମର ଇନ୍ଦ୍ରିୟର ଏକ ପ୍ରକାର ଉନ୍ନତ ଅବସ୍ଥା । ଉଦାହରଣସ୍ୱରୂପ ଦୂରରେ ଥାଇ ଶୁଣିବା – କେତେକ ବ୍ୟକ୍ତି ଅଛନ୍ତି ଯେଉଁମାନେ କି ବହୁଦୂରରୁ ଗୋଳମାଳର ଶବ୍ଦ ଶୁଣିପାରନ୍ତି, ଯେଉଁମାନେ କି ଦୂରରୁ ବାସନା ବାରିପାରନ୍ତି । ଏସବୁ ହେଉଛି ଏହି ଇନ୍ଦ୍ରିୟମାନଙ୍କର ଏକପ୍ରକାର ପରିପୂର୍ଣ୍ଣତା ।

*ପ୍ରଶ୍ନ : ପାଣିର ସନ୍ଧାନ ପାଇବା ପାଇଁ କେଉଁ ଇନ୍ଦ୍ରିୟକୁ ବ୍ୟବହାର କରାଯାଏ ?*

ବିଭିନ୍ନ ବ୍ୟକ୍ତିଙ୍କ ପକ୍ଷରେ ଉପଲବ୍ଧି ଭିନ୍ନ ଭିନ୍ନ ପ୍ରକାରର ହୋଇଥାଏ । କେତେକଙ୍କ ପାଇଁ ଏପରି ହୁଏ ଯେ ଯେପରିକି ସେମାନେ ପାଣି ଦେଖିପାରୁଥିଲେ; ଅନ୍ୟମାନଙ୍କ ପାଇଁ ଯେପରିକି ସେମାନେ ପାଣିର ବାସନା ପାଉଥିଲେ; ଏବଂ ଆହୁରି କେତେକଙ୍କ ପାଇଁ ଏହା ମାନସିକ ସ୍ତରରୁ ଏକପ୍ରକାର ସହଜାତ ଜ୍ଞାନ; କିନ୍ତୁ ଏହା ଏକ ଶାରୀରିକ ଅନୁଭୂତି ନୁହେଁ, ଏହା ଏକ ପ୍ରକାର ପ୍ରତ୍ୟକ୍ଷ ଜ୍ଞାନ ପରି । ଏଠାରେ ଜଣେ ବ୍ୟକ୍ତି ଥିଲେ ଯେକି କହୁଥିଲେ ସେ ବାସନା ବାରି ପାଣି କେଉଁଠି ପଡ଼ିବ ଜାଣିପାରୁଥିଲେ; ତାଙ୍କର ଗୋଟିଏ ଯନ୍ତ୍ର ଥିଲା । କିନ୍ତୁ ତାହା କେବଳ ଏକ ବାହାନା ... ଏହା ଏକ ଛଡ଼ ପରି ଯାହାକି ବଙ୍କା ହୋଇଯାଏ; ତୁମେ ଯେତେଦୂର ନିଷ୍କ୍ରିୟ ହେବାକୁ ଚେଷ୍ଟା କରନା କାହିଁକି, ତୁମର ଯେତେବେଳେ ଅନୁଭୂତି ହେବ ଯେ ସେଠାରେ କିଛି ନା କିଛି ଅଛି ସେତେବେଳେ ତୁମେ ସର୍ବଦା ସାମାନ୍ୟ ଗତି କରିବ । ମୁଁ ଏପରି ପରୀକ୍ଷା ବହୁତ ଥର କରିଛି : ତୁମେ ଛଡ଼ଟିକୁ ଜଣକୁ ଦିଅ, ତାକୁ ଚାଲିବାକୁ କୁହ; ତୁମେ ନୀରବ ଥାଅ, ସେ ବ୍ୟକ୍ତିଟି ମଧ୍ୟ ନୀରବ ରହୁ, ସମସ୍ତ ଏକାଗ୍ରତା ସହିତ ନୀରବ ରହ; ତା'ପରେ ହଠାତ୍ ତୁମେ ଦୃଢ଼ତାର ସହିତ ଚିନ୍ତାକର : ''ଏହିଠାରେ ପାଣି

* ୧୯ ମାର୍ଚ୍ଚ ୧୯୫୧ରେ ଶ୍ରୀମା'ଙ୍କର କଥୋପକଥନ ବେଳେ ସେ ବାରଗୋଟି ଇନ୍ଦ୍ରିୟ କଥା କହିଥିଲେ ।

ଅଛି ଏବଂ ଗୋଟିଏ ପାଦ ଡେଇଁପଡ଼ । ଏହା ଦ୍ୱାରା ଛଡ଼ଟି ସାମାନ୍ୟ ହଲିଯାଏ – ଏଥିରୁ ପରିଷ୍କାର ଜଣାପଡୁଛି ଯେ ଏହା ହେଉଛି ତୁମେ ପାଇଥିବା ସୂଚନା । କୌଣସି ଧାରଣା ନ ଥାଇ କେବଳ ପରୀକ୍ଷା କରିବା ନିମନ୍ତେ ମୁଁ ଥରେ ଏପରି ଭାବିଥିଲି; କିନ୍ତୁ ଛଡ଼ ଧରିଥିବା ବ୍ୟକ୍ତିର ହାତରେ ଥିବା ଛଡ଼ଟି ତଳକୁ ଚାଲି ଆସିଥିଲା; ସେ ତା'ର ଅବଚେତନାରେ ଏପରି ସୂଚନା ପାଇଥିଲା ।

*ପ୍ରଶ୍ନ : ଯଦି ବ୍ୟକ୍ତି ଯଥେଷ୍ଟ ନୀରବ ରହେ, ତେବେ ସ୍ନାୟୁମାନେ କ'ଣ ଜଳର ସ୍ପନ୍ଦନ ପାଇ ପାରନ୍ତି ?*

କିନ୍ତୁ ପାଣି ସେଠାରେ ନ ଥିଲା ! ମୁଁ ହେଉଛି ସେହି ବ୍ୟକ୍ତି ଯିଏକି **ଭାବୁଥିଲା** ଯେ ସେଠାରେ ପାଣି ଅଛି (ସେଠାରେ ପାଣି ଥାଇପାରେ, ମୁଁ ଜାଣି ନଥିଲି, ମୁଁ ସେମାନଙ୍କୁ ଖୋଳିବାକୁ କିଂବା ଦେଖିବାକୁ  କହି ନଥିଲି) । କିନ୍ତୁ ଏହା ପରୀକ୍ଷା ଦ୍ୱାରା ପ୍ରମାଣିତ ହେଲା ଯେ ମୋର ଚିନ୍ତାଧାରାହିଁ ଛଡ଼ ଧରିଥିବା ଲୋକର ଅଙ୍ଗୁଳିକୁ ପ୍ରଭାବିତ କରିଥିଲା, ଏବଂ ସେ ଛଡ଼ଟି ତଳକୁ ନଇଁ ଆସିଥିଲା ।... ତୁମେ ଅବଶ୍ୟ କହିପାର ସେଠାରେ ପାଣି ଥିଲା ବୋଲି ମୁଁ ଏପରି ଚିନ୍ତା କରିଥିଲି ।

*ପ୍ରଶ୍ନ : ଅନେକ ପଶୁ ଅଛନ୍ତି ଯେଉଁମାନଙ୍କର କି ବହୁତ ଉନ୍ନତ ଧରଣର ଇନ୍ଦ୍ରିୟ ରହିଛି । ନୁହେଁ କି ?*

ଓଃ ! ହଁ ଅନେକ ପଶୁ ଅଛନ୍ତି ଯେଉଁମାନେ କି ଆମ୍ଭମାନଙ୍କଠାରୁ ବହୁତ ଉନ୍ନତ ।

*ପ୍ରଶ୍ନକର୍ତ୍ତା : ମୁଁ ଗୋଟିଏ ହାତୀକୁ ଜାଣିଥିଲି ଯେ କି ଆମେ ବାଘ ଶିକାର କରୁଥିବାବେଳେ ଆମ୍ଭମାନଙ୍କୁ ସିଧା ପାଣି ପାଖକୁ ନେଇଯାଇଥିଲା ।*

ପଶୁମାନଙ୍କର ମଣିଷଙ୍କ ଅପେକ୍ଷା ଅଧିକ ଉନ୍ନତ ଇନ୍ଦ୍ରିୟଜ୍ଞାନ ରହିଛି । ଉଦାହରଣସ୍ୱରୂପ ଗୋଟିଏ କୁକୁର ଯେପରି ପଦାଙ୍କ ଅନୁସରଣ କରେ, ମଣିଷ ସେପରି କରିପାରିବ କି ? ଏହା ମୁଁ ତୁମକୁ ଚ୍ୟାଲେଞ୍ଜ କରୁଛି ।

ଏହାର ଅର୍ଥ ହେଲା ବକ୍ରାକାର ବିବର୍ତ୍ତନ ଧାରାରେ ପଶୁମାନେ (ଯେଉଁମାନେକି ଆମ୍ଭମାନଙ୍କ ସଦୃଶ) ଏବଂ ଯାହାଙ୍କୁ କି ଆମ୍ଭେମାନେ ''ଉନ୍ନତତର'' ପଶୁ ବୋଲି କହିଥାଉ, ସେମାନେ ସେହି ଜାତିର ପଶୁମାନଙ୍କର ଜୀବନୀ ଶକ୍ତି ଦ୍ୱାରା ନିୟନ୍ତ୍ରିତ ହୋଇଥାନ୍ତି, ଯାହାକି ଏକ ଉନ୍ନତ ସଚେତନ ଚେତନା । ମହୁମାଛି, ପିମ୍ପୁଡ଼ି ଏହିପ୍ରକାର ଜୀବନଶକ୍ତିକୁ ମାନି ଚଳନ୍ତି ଯାହାରକି ଏକ ସ୍ୱତନ୍ତ୍ର ଗୁଣଧର୍ମ ରହିଛି । ଯାହାକୁ ପଶୁମାନଙ୍କର ପ୍ରବୃତ୍ତି ବୋଲି କୁହାଯାଏ । ତାହା ହେଉଛି ସେହି ଜାତିର ପ୍ରାଣୀମାନଙ୍କର ଜୀବନୀ ଶକ୍ତି ପ୍ରତି ଆଜ୍ଞାନୁବର୍ତ୍ତିତା, ଯାହାକି ଜାଣିଥାଏ କ'ଣ କରିବା ଉଚିତ ଏବଂ କ'ଣ ନ କରିବା ଉଚିତ । ଏହିପରି ଅନେକ ଉଦାହରଣ ରହିଛି । ତୁମେ ଗାଈକୁ ଗୋଟିଏ ଘାସ ପଡ଼ିଆରେ ଛାଡ଼ିଦିଅ । ସେ ଚାରିଆଡ଼େ ବୁଲିବ, ଶୁଙ୍ଘିବ, ଏବଂ ହଠାତ୍ ପୁଳାଏ ଘାସ ଖାଇବାକୁ ଆରମ୍ଭ କରିବ । ତା'ପରେ ପୁଣି ସେ ବୁଲିବ, ଶୁଙ୍ଘିବ, ଏବଂ ଆଉ ପୁଳାଏ ଘାସ ଖାଇବ ଏବଂ ଏହିପରି ଚାଲିଥିବ । ଏପରି ଅବସ୍ଥାରେ କୌଣସି ଗାଈ ବିଷାକ୍ତ ଘାସ ଖାଇବାର କେହି କେବେ ଜାଣିଛ କି ? କିନ୍ତୁ ଗୋଟାଏ ଗୁହାଳରେ ଏ ବିଚରା ପଶୁକୁ ବନ୍ଧକରି ରଖ, ତା' ସାମନାରେ କିଛି ଘାସ ଥୋଇ ଦିଅ, ସେ ବିଚରା ପ୍ରାଣୀଟି ଯେକି ତା'ର ସ୍ୱାଭାବିକ ପ୍ରବୃତ୍ତି ହରାଇଥାଏ, କାରଣ ବର୍ତ୍ତମାନ ତା'କୁ ମଣିଷକୁ (କ୍ଷମା କରିବ) ମାନିବାକୁ ପଡୁଛି, ସେ ଅନ୍ୟାନ୍ୟ ଘାସ ସହିତ ବିଷାକ୍ତ ଘାସ ମଧ୍ୟ ଖାଏ । ଆମର ଏଠାରେ ତିନୋଟି ଏହିପରି ଘଟଣା ଘଟିଯାଇଛି, ଯେଉଁଥିରେକି ତିନୋଟି ଗାଈ ବିଷାକ୍ତ ଘାସ ଖାଇ ମରିଗଲେ । ଏହି ହତଭାଗ୍ୟ ପଶୁମାନେ ଅନ୍ୟ ପଶୁମାନଙ୍କ ଭଳି ମଣିଷର ପ୍ରାଧାନ୍ୟ ପ୍ରତି ଏକ ପ୍ରକାର ସମ୍ମାନ (ଯାହାକୁ କି ମୁଁ କହିପାରେ ନ୍ୟାୟସଙ୍ଗତ ନୁହେଁ) ଦେଖାଇ ଥାଆନ୍ତି – ଯଦି ଗାଈ ସାମନାରେ ମଣିଷ ବିଷାକ୍ତ ଘାସ ରଖି ତାକୁ ଖାଇବାକୁ କହେ ତେବେ ସେ ଖାଇଦିଏ । କିନ୍ତୁ ତାକୁ ଯଦି ଛାଡ଼ି ଦିଆଯାଏ ଅର୍ଥାତ୍ ତାକୁ ନିଜକୁ ଓ ତା'ର ଜାତିର ଜୀବନୀ ଶକ୍ତିକୁ ଯଦି ବାଧା ଦିଆ ନ ଯାଏ ତେବେ ତାହା ସେ କେବେହେଁ କରିବ ନାହିଁ । ସବୁ ପଶୁମାନେ ଯେଉଁମାନେ କି ମଣିଷର ଅତି ନିକଟବର୍ତ୍ତୀ ସେମାନେ ତାଙ୍କର ନିଜସ୍ୱ ପ୍ରବୃତ୍ତି ହରାଇ ଥାଆନ୍ତି, କାରଣ ମଣିଷ ସେମାନଙ୍କୁ ବିନା ପରିଶ୍ରମରେ ଖାଇବାକୁ ଖାଦ୍ୟ ଓ ରହିବାକୁ ବାସସ୍ଥାନ ଦେଉଥିବାରୁ ମଣିଷ ପ୍ରତି ସେମାନଙ୍କର ଏକ ଭକ୍ତିପୂର୍ଣ୍ଣ ଶ୍ରଦ୍ଧା ଥାଏ – ଏବଂ କିଛିଟା ଭୟ ମଧ୍ୟ ଥାଏ । କାରଣ ସେମାନେ ଜାଣନ୍ତି ସେମାନଙ୍କୁ ମଣିଷ ଯାହା କରିବାକୁ କହେ, ଯଦି ସେମାନେ ନ କରିବେ ତେବେ ସେମାନେ ମାଡ଼ ଖାଇବେ !

ବଡ଼ ଆଶ୍ଚର୍ଯ୍ୟର ବିଷୟ ଯେ ସେମାନେ ସେମାନଙ୍କର ନିଜସ୍ୱ ଶକ୍ତି ହରାଇ ବସନ୍ତି । ଉଦାହରଣସ୍ୱରୂପ ମେଣ୍ଢା ଜଗୁଥିବା କୁକୁର ଯେକି ମଣିଷଠାରୁ ଦୂରରେ ମେଣ୍ଢାପଲ ସହିତ ରହିଥାଏ (ସେ ମଝିରେ ମଝିରେ ଘରକୁ ଆସେ ଏବଂ ତା'ର ମୁନିବକୁ ଭଲଭାବରେ ଜାଣିଥିଲେ ମଧ୍ୟ ତାକୁ ଅଧିକାଂଶ ସମୟ ଦେଖେ ନାହିଁ) ଯଦି ସେହି କୁକୁରକୁ ସାପ କାମୁଡ଼େ ତାହା ହେଲେ ସେ ଗୋଟାଏ କୋଣରେ ପଡ଼ି କ୍ଷତ ଜାଗାକୁ ଚାଟିଥାଏ ଏବଂ

ସେ ଭଲହେବା ପର୍ଯ୍ୟନ୍ତ ଆଉ ଯାହାକିଛି ଦରକାର ତାହା କରିଥାଏ । ସେହି କୁକୁର ଯଦି ତୁମ ପାଖରେ ରହିଥାଏ, ତା'କୁ ସାପ କାମୁଡ଼ିଲେ ସେ ନୀରବରେ ମରିଥାଏ ।

ମୋର ଗୋଟିଏ ଖୁବ୍ ସୁନ୍ଦର ବିଲେଇ ଥିଲା, ପୂରାପୂରି ଭଦ୍ର, ଗୋଟିଏ ଚମତ୍କାର ବିଲେଇ । ସେ ଏହି ଘର ଭିତରେ ଜନ୍ମ ହୋଇଥିଲା ଏବଂ ବିଲେଇମାନଙ୍କର ଯେଉଁ ପ୍ରକାର ଅଭ୍ୟାସ ଥାଏ, ତା'ର ମଧ୍ୟ ତାହା ଥିଲା, ଅର୍ଥାତ୍ ଯଦି କିଛି ସେଠାରେ ଚାଲୁଥାଏ ସେ ତାହା ସାଙ୍ଗରେ ଖେଳୁଥିଲା । ଏହିପରି ଥରେ ଘର ଭିତରେ ଗୋଟିଏ ବଡ଼ କଙ୍କଡ଼ାବିଛା ଚାଲୁଥିଲା; ଅଭ୍ୟାସବଶତଃ ବିଲେଇଟି କଙ୍କଡ଼ାବିଛା ସହିତ ଖେଳିବାକୁ ଲାଗିଲା । ଏବଂ କଙ୍କଡ଼ାବିଛା ତାକୁ ଦଂଶନ କଲା । କିନ୍ତୁ ସେ ବିଲେଇଟି ଅତି ଅସାଧାରଣ ଥିଲା । ସେ ମୋ ପାଖକୁ ଏକରକମ ମୁମୂର୍ଷୁ ଅବସ୍ଥାରେ ଆସିଲା । କିନ୍ତୁ ତା'ର ପଞ୍ଝାଟିକୁ, ଯେଉଁଠାରେ କି ସେ କାମୁଡ଼ା ଖାଇଥିଲା, ତାହା ମୋତେ ଦେଖାଇଥିଲା – ସେ ଜାଗାଟି ବେଶ୍ ଫୁଲିଯାଇଥିଲା । ମୁଁ ସେହି ସୁନ୍ଦର ବିଲେଇଟିକୁ ଗୋଟିଏ ଟେବୁଲ୍ ଉପରେ ରଖି ଶ୍ରୀଅରବିନ୍ଦଙ୍କୁ ଡାକିଲି । ତାଙ୍କୁ ମୁଁ କହିଲି, ''କିକିକୁ କଙ୍କଡ଼ାବିଛା କାମୁଡ଼ିଛି । ତାକୁ ଭଲ କରିବାକୁ ହେବ'' । ବିଲେଇଟି ତା'ର ବେକ ଦେଖାଇ ଦେଲା ଏବଂ ଶ୍ରୀଅରବିନ୍ଦଙ୍କ ଆଡ଼କୁ ଚାହିଁ ରହିଲା । ତା'ର ଆଖି ଛଳଛଳ ଦେଖାଯାଉଥିଲା । ଶ୍ରୀଅରବିନ୍ଦ ତା' ସାମନାରେ ବସିଥିଲେ ଏବଂ ତାକୁ ମଧ୍ୟ ଚାହିଁଥିଲେ । ତା'ପରେ ଆମେ ଦେଖିବାକୁ ପାଇଲୁ ସେ ଛୋଟ ବିଲେଇଟି କ୍ରମଶଃ ଭଲ ହେବାକୁ ଲାଗିଲା । ଘଣ୍ଟାଏ ସେଠି ଶୋଇ ରହିବା ପରେ ସେ ସଂପୂର୍ଣ୍ଣ ଆରୋଗ୍ୟ ଲାଭ କରି ଡେଇଁକରି ସେଠାରୁ ଦଉଡ଼ି ପଳାଇଲା ।... ସେ ସମୟରେ ଶ୍ରୀଅରବିନ୍ଦ ଯେଉଁ ରୁମ୍‌ରେ ଶୋଉଥିଲେ, ସେଠାରେ ନିୟମିତ ଧ୍ୟାନ କରିବାର ଅଭ୍ୟାସ ମୋର ଥିଲା । (ଯେଉଁ ରୁମ୍ କି ବର୍ତ୍ତମାନ 'କ' ବ୍ୟବହାର କରୁଛନ୍ତି) ଏବଂ ପ୍ରତିଦିନ ନିୟମିତରୂପେ ସେହି ଏକପ୍ରକାର ଲୋକମାନେ ଧ୍ୟାନ ପାଇଁ ଆସୁଥିଲେ । ସବୁକିଛି ବ୍ୟବସ୍ଥା କରାଯାଉଥିଲା; କିନ୍ତୁ ସେଠାରେ ଗୋଟିଏ ଆର୍ମଚେୟାର ଥିଲା, ଯାହା ଉପରେ କି ଏହି ବିଲେଇଟି ସର୍ବଦା ବସି ରହୁଥିଲା ! ଆଉ କେହି ସେଥିରେ ବସିବା ପାଇଁ ସେ ଅପେକ୍ଷା କରୁ ନ ଥିଲା । ସେ ନିଜେ ପ୍ରଥମେ ସେଠାରେ ବସିପଡୁଥିଲା । ଶୋଇଲାବେଳେ ବିଲେଇମାନେ ଯେପରି ରହନ୍ତି ସେ ତାହା କରୁ ନ ଥିଲା : ସେ ଧ୍ୟାନସ୍ଥ ହୋଇ ରହୁଥିଲା, ସେ ତା'ପରେ ଉଠି ପଡୁଥିଲା । ନିଶ୍ଚିତରୂପେ ସେ କିଛି ଦିବ୍ୟସ୍ୱପ୍ନ ଦେଖୁଥିଲା । ଏବଂ ସେ ମଧ୍ୟ ଅଳ୍ପ ଅଳ୍ପ ଶବ୍ଦ କରୁଥିଲା । ସେ ଗଭୀର ଧ୍ୟାନସ୍ଥ ରହୁଥିଲା । ସେ ଘଣ୍ଟା ଘଣ୍ଟା ଧରି ଏହିପରି ଅବସ୍ଥାରେ ରହୁଥିଲା । ଯେତେବେଳେ ଏହି ଅବସ୍ଥାରୁ ସେ ସାଧାରଣ ଅବସ୍ଥାକୁ ଫେରି ଆସୁଥିଲା ସେତେବେଳେ ସେ ଖାଇବାକୁ ଇଚ୍ଛା କରୁ ନ ଥିଲା । ତାକୁ ଉଠେଇ ଦିଆହେଉଥିଲା ଏବଂ ଖାଇବାକୁ ଦିଆଯାଉଥିଲା । କିନ୍ତୁ ସେ ଖାଉ ନ ଥିଲା ! ସେ ତା'ର ଚୌକି ଉପରକୁ ଚାଲି ଯାଉଥିଲା । ଏବଂ ପୁଣି ଥରେ ଧ୍ୟାନସ୍ଥ ହେଉଥିଲା ! ଗୋଟିଏ ଛୋଟ ବିଲେଇ ପକ୍ଷରେ ଏହା ବହୁତ ବିପଜ୍ଜନକ ମନେ ହେଉଥିଲା । ... କିନ୍ତୁ ସେ ଗୋଟିଏ ସାଧାରଣ ବିଲେଇ ନ ଥିଲା ।

ମୋ କଥା ଶେଷ କରିବାକୁ ଯିବା ପୂର୍ବରୁ ମୁଁ କହୁଛି ଯେ ଯଦି ଗୋଟିଏ ପଶୁକୁ ମଣିଷଠାରୁ ଦୂରରେ ରଖି ତା'ର ସାଧାରଣ ଅବସ୍ଥାରେ ଛାଡ଼ିଦିଅ ସେ ତା'ର ଜାତିର ପ୍ରଧାନ ଗୁଣକୁ ମାନି ଚଳିଥାଏ । ତାହାର ଏକ ନିର୍ଦ୍ଦିଷ୍ଟ ପ୍ରବୃତ୍ତି ଥାଏ ଏବଂ ସେ କୌଣସି ବୋକାମି କରେ ନାହିଁ । କିନ୍ତୁ ତୁମେ ତାକୁ ଯଦି ନେଇଯାଅ ଏବଂ ତୁମ ପାଖରେ ରଖ, ତା'ହେଲେ ସେ ତା'ର ପ୍ରବୃତ୍ତିକୁ ହରାଇ ବସେ, ଏବଂ ସେତେବେଳେ ତୁମକୁହିଁ ତା'ର ଯତ୍ନ ନେବାକୁ ପଡ଼େ । କାରଣ ସେ ତା'ପରେ ଜାଣିପାରେ ନାହିଁ ତାକୁ କ'ଣ କରିବାକୁ ହେବ ବା ହେବ ନାହିଁ । ମୁଁ ଗୋଟିଏ ପରୀକ୍ଷା କରିବା ପାଇଁ ବିଲେଇଙ୍କ ବିଷୟରେ ଆଗ୍ରହୀ ଥିଲି । ଏହାକୁ ଏକପ୍ରକାର ବିପରୀତ ରୂପ-ଗୁଣ ପରିବର୍ତ୍ତନ କୁହାଯାଇପାରେ ଅର୍ଥାତ୍ ମୃତ୍ୟୁ ପରେ ଆତ୍ମାର ଅନ୍ୟ ଏକ ଶରୀରକୁ ଗମନ ବିଷୟରେ ପରୀକ୍ଷା କରି ଦେଖିବା ପାଇଁ ଯେ ଏହା ତାଙ୍କର ପଶୁ ହିସାବରେ ଶେଷ ଜନ୍ମ କି ନୁହେଁ ଏବଂ ସେମାନେ ପରବର୍ତ୍ତୀ ଜୀବନରେ ମାନବ-ଶରୀରରେ ପ୍ରବେଶ କରିବା ପାଇଁ ପ୍ରସ୍ତୁତ ହୋଇଛନ୍ତି କି ନାହିଁ । ଏହି ପରୀକ୍ଷା ସମ୍ପୂର୍ଣ୍ଣରୂପେ ସଫଳ ହୋଇଥିଲା । ମୋ ପାଖରେ ତିନୋଟି ସଂପୂର୍ଣ୍ଣ ଜ୍ୱଳନ୍ତ ଉଦାହରଣ ରହିଥିଲା; ମାନବ ଶରୀରରେ ପ୍ରବେଶ କରିବା ପାଇଁ ଯଥେଷ୍ଟ ସଚେତନ ଥିବା ଚୈତ୍ୟ ସତ୍ତା ସହିତ ସେମାନେ ତାଙ୍କର ଶରୀରତ୍ୟାଗ କରିଥିଲେ । କିନ୍ତୁ ସାଧାରଣତଃ ମଣିଷମାନେ ଏପରି କରନ୍ତି ନାହିଁ; ସେମାନେ ଯାହା କରିଥା'ନ୍ତି ତଦ୍ୱାରା ସେମାନେ ପଶୁମାନଙ୍କର ଚେତନା କିଂବା କହିବାକୁ ଗଲେ ପ୍ରବୃତ୍ତିକୁ ନଷ୍ଟ କରିଦିଅନ୍ତି ।

(୨୨ ମାର୍ଚ୍ଚ, ୧୯୫୧)

ଅନୁବାଦ : ଶ୍ରୀମତୀ ପ୍ରୀତି ପଟ୍ଟନାୟକ ✤

# ସଂପାଦକୀୟ ....

ଏକ ଦିବ୍ୟ ଆଲୋକରେ ବିଧୌତ ସେ ପଥ ଅତି ସ୍ୱଚ୍ଛ, ଅତ୍ୟନ୍ତ ସୁଗମ; ପୁଣି ଏକ ରହସ୍ୟମୟ ଅନ୍ଧକାରରେ ଆବୃତ ସେ ପଥ ଅତ୍ୟନ୍ତ ଦୁରୂହ, ଜଟିଳ ଓ ଅତ୍ୟନ୍ତ ଦୁର୍ଗମ ।

ଯଦି ଆମର ସମସ୍ତ ଜୀବନ ହୁଏ ଏକ ବିରାମହୀନ ଚାଲିବା, ତେବେ ସେ ପଥର ସଂକେତ କ'ଣ ? ସେ ଲକ୍ଷ୍ୟର ସ୍ୱରୂପ କ'ଣ ? ସେ ଯାତ୍ରାର ଶେଷ କେଉଁଠି ? ତାହାର ଆରମ୍ଭ କେବେ ? କିଏ ଦେବ ଏହାର ସଠିକ୍ ଉତ୍ତର ?

କେଉଁ ସିଦ୍ଧକାମ ସାର୍ଥକଙ୍କ କଣ୍ଠରୁ ଶୁଣିବାକୁ ମିଳେ, "ମୁଁ ସେହି ଆଦିତ୍ୟବର୍ଣ୍ଣ ମହାନ୍ ପୁରୁଷଙ୍କୁ ଜାଣେ, ଯାହାଙ୍କୁ ଜାଣିଲେ ସମସ୍ତ ମୃତ୍ୟୁକୁ ଅତିକ୍ରମ କରିହେବ, ଏହାଛଡ଼ା ଯାତ୍ରାର ଆଉ କୌଣସି ପଥ ନାହିଁ" – ସ୍ୱରରେ ଲକ୍ଷ୍ୟପ୍ରାପ୍ତିର ଗଭୀର ପ୍ରତ୍ୟୟ ।

ପୁଣି କେଉଁ ହତାଶ ଜର୍ଜରିତ ବିଷଣ୍ଣ ଅଥଚ ବିଦଗ୍ଧ କଣ୍ଠରୁ ଶୁଣିବାକୁ ମିଳେ କୌଣସି ଲକ୍ଷ୍ୟ ନାହିଁ, କୌଣସି ପଥ ନାହିଁ, କୌଣସି ଯାତ୍ରା ନାହିଁ; ସମସ୍ତ ସୃଷ୍ଟି ଓ ଜୀବନ ଏକ ଅର୍ଥହୀନ ମିଥ୍ୟାର ବାରଂବାର ନିଷ୍ଫଳ ପୁନରାବୃତ୍ତି ମାତ୍ର ।

ଆଉ କିଏ ଆସି କହିଗଲେ ଏହି ଜଗତ୍ ଓ ଜୀବନ, ପଥ ଓ ଗତି ସବୁକିଛି ଅଳୀକ ଓ ସ୍ୱପ୍ନ । କିନ୍ତୁ ଜଗତ୍‌ରୂପକ ଏହି ଭ୍ରମ ଦୂର ହୋଇଗଲେ ଜୀବନରୂପକ ଏହି ସ୍ୱପ୍ନରୁ ଉଠିପଡ଼ିଲେ ଆମେ ଜାଗ୍ରତ୍ ହେବୁ ଏକ ପରମ ସତ୍ୟରେ ଯେଉଁ ସତ୍ୟ – ନିତ୍ୟ, ଅବିନାଶୀ, ଅକ୍ଷୟ, ଚିରନ୍ତନ । କିନ୍ତୁ ଏ ସୃଷ୍ଟି ସହ ବା ଜୀବନ ସହ ତା'ର କିଛି ସମ୍ପର୍କ ନାହିଁ, ସ୍ଥାନ ଓ କାଳରେ ସେ ଜନ୍ମ ହୁଏ ନାହିଁ, ତା'ର ମୃତ୍ୟୁ ବି ନାହିଁ । ସେ କୌଣସି ସୃଷ୍ଟି କରେ ନାହିଁ, କୌଣସି କର୍ମ କରେ ନାହିଁ; ନାମ, ରୂପ, ଗୁଣ ଆଦିର ଅତୀତ ସେ ସତ୍ୟ, ତାକୁ ଆତ୍ମା କୁହ ବା ବ୍ରହ୍ମ କୁହ । ସେହି ସତ୍ୟ ସମ୍ପର୍କରେ ଜ୍ଞାନଲାଭ କରିଲେହିଁ ଆମ ଭିତରୁ ସଂସାର ଓ ଜଗତ୍‌ରୂପକ ଭ୍ରମ ଦୂର ହେବ ଏବଂ ଆମେ ବୁଝିପାରିବୁ ଏ ସଂସାର କେବେ ନଥିଲା ବା ନାହିଁ, ତାହା କେବଳ ମରୀଚିକା ପରି ମନର ଏକ ବିଭ୍ରାନ୍ତି ମାତ୍ର । – ଜୀବନ-ସମସ୍ୟାର ବେଶ୍ ଏକ ସହଜ ସମାଧାନ ଅର୍ଥାତ୍ ଜୀବନ ଓ ସୃଷ୍ଟି ଆଦିର ଯେତେବେଳେ କୌଣସି ଅସ୍ତିତ୍ୱ ନାହିଁ ତେଣୁ ଦୁଃଖ, ଦ୍ୱନ୍ଦ୍ୱ ଓ ଶୋକ ଆଦି ବା ଆସିଲା କେଉଁଠୁ ? ସେ ମଧ୍ୟ ଆମ ମନର କଳ୍ପନା; ବାସ୍ତବରେ ଆମେ ହେଉଛୁ ଅଜର, ଅମର ଅକ୍ଷୟ, ଅଜନ୍ମା, ନିଷ୍କ୍ରିୟ ଆତ୍ମା ମାତ୍ର ।

ମାୟାବାଦର ଏହି ମୁକ୍ତି ସଙ୍ଗକୁ ନିର୍ବାଣପନ୍ଥୀ ବୌଦ୍ଧମାନେ ଦେଇଗଲେ ଲକ୍ଷ୍ୟର ଆଉ ଏକ ପରିଚୟ । ସେମାନେ କହିଲେ ଏ ଜୀବନ ମିଥ୍ୟା ନୁହେଁ; ଏହା ବାସ୍ତବ କିନ୍ତୁ ଜନ୍ମ-ଜରା-ମୃତ୍ୟୁ ଜର୍ଜରିତ ଏହି ଜୀବନର ଅର୍ଥ ହେଉଛି ଦୁଃଖ । କାମନାର ଆବର୍ତ୍ତରେ ବି ଘୂର୍ଣ୍ଣିତ ଏହି ଜୀବନ ମଣିଷକୁ ଦୁଃଖଭୋଗ ଛଡ଼ା ଆଉ କିଛି ଦେଇପାରିବ ନାହିଁ । ଅସ୍ତିତ୍ୱ ମାନେହିଁ ଦୁଃଖ । ତେଣୁ ଏହା ଏକ ପରମ 'ନାସ୍ତି' ଭିତରେ ଲିଭିଯିବାର ଏକମାତ୍ର ବାଟ । ସେ ଲିଭିଯିବାରେ ହୁଏତ ରହିଛି ଏକ ଅନିର୍ବଚନୀୟ ଆନନ୍ଦର ଅନୁଭୂତି କିନ୍ତୁ ସେଠାରେ କୌଣସି ଜୀବନ ନାହିଁ, କୌଣସି ସୃଷ୍ଟି ନାହିଁ, ଈଶ୍ୱର, ଆତ୍ମା ବା ବ୍ରହ୍ମ କେହିବି ନାହାନ୍ତି, ଅଛି କେବଳ ନିର୍ବାଣ ଓ ଅନସ୍ତି ।

ଲକ୍ଷ୍ୟ ସମ୍ପର୍କରେ ଜୀବନବାଦୀ ଓ ଭୋଗବାଦୀ-ମାନଙ୍କର ବକ୍ତବ୍ୟ ବି ଶୁଣାଯାଏ – ଆଧୁନିକ ସଭ୍ୟତାରେ ସେମାନଙ୍କର ଆଧିପତ୍ୟ ଅଖଣ୍ଡ ଜୀବନ ବ୍ୟତୀତ ଆଉ କୌଣସି ସତ୍ୟ ନାହିଁ : ଈଶ୍ୱର, ବ୍ରହ୍ମ, ଆତ୍ମା, ନିର୍ବାଣ ଆଦି ସବୁକିଛି ଖାଲି କଳ୍ପନାର ବିଳାସ ମାତ୍ର । ଜୀବନରୂପକ ପ୍ରଶ୍ନର ଏକମାତ୍ର ଉତ୍ତର ହେଉଛି ଜୀବନ । ଏହି ଜୀବନହିଁ ଏକମାତ୍ର ବାସ୍ତବ ଓ ସତ୍ୟ । ତେଣୁ ଯେତେଦିନ ରହିଛ ଭୋଗ କରିଯାଅ – ଯାବତ୍ ଜୀବେତ୍ ସୁଖଂ ଜୀବେତ୍ – କାମନାବାସନାର ବିନାଶ ନୁହେଁ ତାହାକୁ ଚରିତାର୍ଥ କରିବାରେହିଁ ଜୀବନର ସାର୍ଥକତା ।

ଏହିପରି ଭାବେ ସତ୍ୟ ସମ୍ପର୍କରେ, ସତ୍ୟର ପଥ ସମ୍ପର୍କରେ ଆମର ପୂର୍ବଜମାନେ ଆମ ପାଇଁ ରଖି ଯାଇଛନ୍ତି ନିଜ ନିଜର ଅନୁଭୂତି, ଦର୍ଶନ ଓ ବିଚାରର ଅମୂଲ୍ୟ ସମ୍ପଦ, ଯାହାକୁ ଆମେ ନିଜ ଲକ୍ଷ୍ୟ ଓ ଯାତ୍ରାପଥରେ ସଂକେତରୂପେ ଗ୍ରହଣ କରିପାରୁ । କିନ୍ତୁ ଏହିସବୁ ଦ୍ରଷ୍ଟା, ମନୀଷୀ ବା ଅବତାର ମହାପୁରୁଷଙ୍କ ସାଧନା ଓ ସିଦ୍ଧି ଭିତରଦେଇ ମଣିଷର ଚେତନା ଆଜିପର୍ଯ୍ୟନ୍ତ ନିଜ ଲକ୍ଷ୍ୟ ଓ ପଥର ଯେଉଁ ପରିଚୟ ପାଇଛି, ଆମେ ସେତିକିରେ ସନ୍ତୁଷ୍ଟ ରହିଲେ ଚଳିବ ନାହିଁ । ଆମକୁ ଆଜି ଚାଲିବାକୁ ହେବ ନିଜ ଲକ୍ଷ୍ୟ ଓ ପଥର ଆହୁରି ପୂର୍ଣ୍ଣତମ ଉପଲବ୍ଧିର ଅଭୀପ୍ସା ନେଇ । ଯେଉଁ ଦର୍ଶନ ଭିତରେ, ଯେଉଁ ସାଧନା ଭିତରେ ସତ୍ୟର ଏହି ପୂର୍ଣ୍ଣତମ ରୂପକୁ ଉପଲବ୍ଧି ଓ ପ୍ରକାଶ କରିବା ପାଇଁ ଆହ୍ୱାନ ରହିଛି, ସେଇ ଆହ୍ୱାନର ଉତ୍ତର ଆମକୁ ଦେବାକୁ ହେବ ।

ପୂର୍ଣ୍ଣ ସତ୍ୟର ସାଧକ ପାଇଁ ଗୋଟିଏ ପଥ ସହିତ ଆଉ ଗୋଟିଏ ପଥର, ଗୋଟିଏ ଲକ୍ଷ୍ୟ ସହିତ ଆଉ ଗୋଟିଏ ଲକ୍ଷ୍ୟର କୌଣସି ବିବାଦ ନାହିଁ । ଜ୍ଞାନ ସହିତ କର୍ମର, କର୍ମ ସହିତ ଭକ୍ତିର କୌଣସି ବିରୋଧ ନାହିଁ; ବ୍ରହ୍ମର ସଗୁଣରୂପ ସହ ନିର୍ଗୁଣ ରୂପର, ଦ୍ୱୈତସହ ଅଦ୍ୱୈତର ଜୀବନବାଦ ସହ ମାୟାବାଦର କୌଣସି ବିରୋଧ ନାହିଁ । କାରଣ ସେ ସତ୍ୟର ଏପରି ଏକ ପୂର୍ଣ୍ଣତମ ରୂପକୁ ଦେଖିବାକୁ ଚେଷ୍ଟାକରେ ଯେଉଁଠି କି ପ୍ରତ୍ୟେକ ଅନୁଭୂତି, ଦର୍ଶନ ନିଜ ନିଜର ସ୍ଥାନରେ ରହିଛନ୍ତି । କିନ୍ତୁ କୌଣସି ଗୋଟିକ ପାଖରେ ଅଟକି ନଯାଇ ପ୍ରତ୍ୟେକଟିର ମହତ୍ତ୍ୱ ତଥା ସୀମାକୁ ଦେଖିପାରି ସେ ଉଠିଚାଲେ ଚେତନାର ସେଇ ଉଚ୍ଚତମ ଶିଖରକୁ ଯେଉଁଠାରେ ସେ ଦେଖିପାରେ ଏଗୁଡ଼ିକର ଅପୂର୍ବ ସମନ୍ୱୟ । ତା'ର ଦୃଷ୍ଟିରେ ବ୍ରହ୍ମ ସତ୍ୟ କିନ୍ତୁ ଜଗତ୍ ମିଥ୍ୟା ନୁହେଁ, ବ୍ରହ୍ମରହିଁ ତାହା ଏକ ପ୍ରକାଶ; ଚେତନା ସତ୍ୟ କିନ୍ତୁ ଜଡ଼ ମିଥ୍ୟା ନୁହେଁ — ଜଡ଼ର ନିଶ୍ଚେତନା ଭେଦକରି ତା'ର ଦୃଷ୍ଟି ଦେଖିପାରେ ତା' ଭିତରେ ଚେତନାର ଗୋପନ ବିବର୍ତ୍ତନ । ଜୀବନ ସତ୍ୟ ବୋଲି ଯେ ଜୀବନର ଊର୍ଦ୍ଧ୍ୱରେ ଆଉ କୌଣସି ସତ୍ୟ ନାହିଁ ଏପରି ନୁହେଁ, ବା ଜୀବନର ଊର୍ଦ୍ଧ୍ୱରେ ଏକ ପରମ ସତ୍ୟ ରହିଛି ବୋଲି ଯେ ଜୀବନ ମିଥ୍ୟା ବା ସ୍ୱପ୍ନ ହେବ, ଏପରି ହେବାକୁ ବାଧ୍ୟ ନୁହଁ । ସେଇ ପରମସତ୍ୟହିଁ ଜୀବନକୁ ସୃଷ୍ଟି କରିଛି, ତା' ଭିତରେ ସେ ରହିଛି, ଏପରିକି ଆହୁରି ନିରୀକ୍ଷଣ କରି ଦେଖିଲେ ସେହି ପରମ ସତ୍ୟହିଁ ସ୍ୱୟଂ ଜୀବନର ରୂପ ନେଇଛି, ଜୀବନର ସମସ୍ତ ସୀମା ଓ ଅପୂର୍ଣ୍ଣତାକୁ ଗ୍ରହଣ କରିଛି, ଜୀବନର କ୍ରମବିବର୍ତ୍ତନ ଭିତରେ ନିଜର ଅସୀମ ପୂର୍ଣ୍ଣତାକୁ ପ୍ରକାଶ କରିବ ବୋଲି । ଜୀବନ ହେଉଛି ସେଇ ସତ୍ୟର ଲୀଳାଭୂମି, ପ୍ରକାଶର କ୍ଷେତ୍ର । ତେଣୁ ପୂର୍ଣ୍ଣସତ୍ୟର ସାଧକ ଜୀବନର ଦୁଃଖ, ଦ୍ୱନ୍ଦ୍ୱ, ଜରା ଓ ମୃତ୍ୟୁ ଦେଖି ମୁହ୍ୟମାନ ହୋଇ ନିର୍ବାଣର ପ୍ରଶାନ୍ତି ଭିତରକୁ ପଳାଇ ଯିବାକୁ ଚାହେଁ ନାହିଁ । ସମସ୍ତ ଦୁଃଖ-ଦ୍ୱନ୍ଦ୍ୱ, ରୋଗ, ଶୋକର ଅନ୍ତରାଳରେ ସେ ଦେଖିପାରେ ଏକ ଅମୃତମୟ ଜୀବନର ଯୋଜନା, ଯାହାକି ଦିନେ ନା ଦିନେ ନିଜକୁ ପ୍ରକାଶ କରିବ ପୂର୍ଣ୍ଣଭାବରେ ।

ପୂର୍ଣ୍ଣସତ୍ୟର ସାଧକ ନିଜ ଲକ୍ଷ୍ୟ ସମ୍ବନ୍ଧରେ ସଚେତନ ହୋଇଗଲା ପରେ, ସତ୍ୟର ପଥରେ ଚାଲିବା ପାଇଁ ନିଜ ସଂକଳ୍ପରେ ଦୃଢ଼, ଏକନିଷ୍ଠ ହୋଇଗଲା ପରେ ତେଣିକି ତା' ପାଇଁ ସବୁକିଛି ହୋଇଉଠେ ଯାତ୍ରାର ଅଗ୍ର ପଦକ୍ଷେପ । ଏପରିକି ତା'ର ସମସ୍ତ ପତନ, ସମସ୍ତ ବ୍ୟର୍ଥତା ଓ ସମସ୍ତ ବିଫଳତା ହୋଇଉଠେ ଏକ ପୂର୍ଣ୍ଣତର ଉତ୍ଥାନ, ସାର୍ଥକତା ଓ ସଫଳତାର ସୋପାନ ।

ତା'ପାଇଁ ସମସ୍ତ ଜୀବନ ହୋଇଉଠେ ସତ୍ୟର ପଥ । ଜୀବନ ଓ ସଂସାରର ପ୍ରତ୍ୟେକଟି ଘଟଣା ତାକୁ ଦିଏ ପଥର ସଂକେତ । ଯଦି ନିଜ ପଥର ପ୍ରଥମ ସନ୍ଧାନ ସେ ପାଇଥାଏ ଆତ୍ମାର ନିର୍ଜନତା ଭିତରେ ତଥାପି କର୍ମର କୋଳାହଳ ଭିତରେ ସେ ତାହା ହରାଏ ନାହିଁ ବରଂ କର୍ମକୁ ସେ ବରଣ କରିନିଏ ନିଜର ପଦକ୍ଷେପକୁ ଆହୁରି ଦୃଢ଼ କରିବା ପାଇଁ । ଯଦି ଜୀବନର ସଂଗ୍ରାମ ଭିତରୁ ସେ ପାଇଥାଏ ତା'ର ଯାତ୍ରାର ପ୍ରଥମ ଇସାରା, ତଥାପି ନିର୍ବାଣର ପ୍ରଶାନ୍ତି ତାକୁ ପଥଚ୍ୟୁତ କରେ ନାହିଁ । ତା'ର ଯାତ୍ରାର ଲକ୍ଷ୍ୟ, ତାହା ଖାଲି ଏକ ନିର୍ଗୁଣ, ନୈର୍ବ୍ୟକ୍ତିକ ବ୍ରହ୍ମ ନୁହେଁ, ସେ ହେଉଛନ୍ତି ଏକାଧାରରେ ସଗୁଣ, ନିର୍ଗୁଣ, ସର୍ବଗୁଣ ଓ ଗୁଣାତୀତ ପରମବ୍ୟକ୍ତି, ପରମପୁରୁଷ । ସେ କେବଳ ସାକ୍ଷିପୁରୁଷ ଓ ପରମଦ୍ରଷ୍ଟା ନୁହନ୍ତି ସେ ମଧ୍ୟ ପରମସ୍ରଷ୍ଟା, ପରମ ବିଧାୟକ ଓ ଦିବ୍ୟଚାଳକ, ଯେ କି ଅନନ୍ତ ପ୍ରେମ ନେଇ ସଖାରୂପେ, ସୁହୃଦ୍‌ରୂପେ, ଗୁରୁ ଓ ଜନନୀରୂପେ, ପରମ ପ୍ରେମିକ ରୂପେ ଆମ ହାତଧରି ବାଟ କଢ଼ାଇ ନିଅନ୍ତି ସେଇ ପରମ ଲକ୍ଷ୍ୟ ଦିଗରେ — ତାଙ୍କ ସହ ଦିବ୍ୟମିଳନର ପଥରେ ।

ଯେଉଁ ମୁହୂର୍ତ୍ତରେ ଆମେ ରୂପାନ୍ତରକାରୀ ଆଲୋକକୁ ପ୍ରତ୍ୟକ୍ଷ କରିବୁ ଓ ତା' ପାଖରେ ଅକୁଣ୍ଠ ଭାବରେ ନିଜକୁ ଦେଇଦେବୁ, ତତ୍‌କ୍ଷଣାତ୍, ସୁନିର୍ଦ୍ଦିଷ୍ଟ ଭାବରେ ଆମେ ସଚେତ ହୋଇଉଠିବୁ କେଉଁଥି ପାଇଁ ଆମେ ସୃଷ୍ଟ ହୋଇଛୁ ଓ ପୃଥିବୀ ଉପରେ କ'ଣ ଆମ ଜୀବନର ଲକ୍ଷ୍ୟ ।

— ଶ୍ରୀମା

To work for the Divine is to pray with the body.

(*MCW, Vol 14,* p. 299) – THE MOTHER

*With best compliments from :*

**SRI HANUMAN FLOUR MILL**

**MAITAPUR, BALASORE (ORISSA)**

One can progress through meditation, but through work provided it is done in the right spirit one can progress ten times more.

(*6 April 1954*) – THE MOTHER

*With best compliments from :*

**SRI JAGANNATH RICE MILL**

**MAITAPUR, BALASORE (ORISSA)**